

'କକ୍‌ଟେଲ୍ ୨'ରେ ଦୀପିକା
▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-301 ◆WEDNESDAY ◆29 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୦୧ ◆ବୁଧବାର ◆୨୯ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ବିଜେପି ମନ୍ତ୍ରୀ ନୀତେଶ ରାଣେଙ୍କୁ ମାସେ ଜେଲ୍‌ଦଣ୍ଡ

■ ସିନ୍ଧୁଦୁର୍ଗ, ୨୮।୪ (ଏଜେନ୍ସି): ମହାରାଷ୍ଟ୍ର ସରକାରରେ ଥିବା ବିବାଦୀୟ ମନ୍ତ୍ରୀ ତଥା ବିଜେପି ନେତା ନୀତେଶ ରାଣେଙ୍କୁ କାର୍ଯ୍ୟରତ ଜଣେ ସରକାରୀ ଇଞ୍ଜିନିୟରଙ୍କ ଉପରକୁ କାଦୁଅ ଫିଙ୍ଗିବା ମାମଲାରେ ସିନ୍ଧୁଦୁର୍ଗ କୋର୍ଟ ସୋମବାର ଏକ ମାସର ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ତେବେ ଉଚ୍ଚ ନ୍ୟାୟାଳୟରେ ଅପିଲ୍ କରିବା ପାଇଁ କୋର୍ଟ ବର୍ତ୍ତମାନ ଏହି ସଜା ଉପରେ ରୋକ୍ ଲଗାଇଛନ୍ତି। ମୁମ୍ବାଇ-ଗୋଆ ହାଇୱେ ସମ୍ପ୍ରସାରଣ କାର୍ଯ୍ୟର ଅନୁଧ୍ୟାନ ପାଇଁ ସେତେବେଳେ କଂଗ୍ରେସରେ ଥିବା ନୀତେଶ ରାଣେ ଇଞ୍ଜିନିୟର ପ୍ରକାଶ ଶେଡେକରଙ୍କୁ ଡକାଇଥିଲେ।



**ଇଞ୍ଜିନିୟରଙ୍କ ଉପରକୁ କାଦୁଅ ଫିଙ୍ଗିବା ମାମଲାରେ କୋର୍ଟ ରାୟ**

ରାସ୍ତାର ଖରାପ ଅବସ୍ଥାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ନୀତେଶ ଓ ତାଙ୍କ ସମର୍ଥକମାନେ ଇଞ୍ଜିନିୟରଙ୍କ ଉପରକୁ ବାଲ୍ଟିରେ କାଦୁଅ ଫିଙ୍ଗିଥିଲେ। କେବଳ ସେତିକି ନୁହେଁ, ତାଙ୍କୁ ଏକ ଖୁଣ୍ଟରେ ବାନ୍ଧି କାଦୁଅ ପାଣିରେ ଚାଲିବାକୁ ବାଧ କରିଥିଲେ। ଅତିରିକ୍ତ ସେସନ୍ସ ଜଜ୍ ଭିଏସ୍ ଦେଶମୁଖ କହିଛନ୍ତି ଯେ, ଜଣେ ଜନପ୍ରତିନିଧି ହୋଇ ଆଇନକୁ ନିଜ ▶ପୃଷ୍ଠା-୭

## ସିବିଆଇ ଯୁଗ୍ମ ନିର୍ଦ୍ଦେଶକଙ୍କୁ ୩ ମାସ ଜେଲ୍ ଦଣ୍ଡାଦେଶ

■ ନୂଆଦିଲ୍ଲୀ, ୨୮।୪ (ଏଜେନ୍ସି): ଜଣେ ଭାରତୀୟ ରାଜସ୍ୱ ସେବା ଅଧିକାରୀଙ୍କ ଘରେ ବେଆଇନ ପ୍ରବେଶ ଏବଂ ମାଡ଼ ମାରିବା ଅଭିଯୋଗରେ ଦିଲ୍ଲୀର ଏକ କୋର୍ଟ ସିବିଆଇର ଜଣେ ଯୁଗ୍ମ ନିର୍ଦ୍ଦେଶକ ଓ ଜଣେ ଅବସରପ୍ରାପ୍ତ ଅଧିକାରୀଙ୍କୁ ୩ ମାସର ଜେଲ୍ ଦଣ୍ଡ ଶୁଣାଇଛନ୍ତି। ଏହି ରାୟ ପ୍ରାୟ ୨୫ ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଆଇନଗତ ଲଢେଇ ପରେ ଆସିଛି। ଏହି ମାମଲା ପ୍ରାୟ ଦୁଇ ଦଶନ୍ଧି ପୂର୍ବର, ଅର୍ଥାତ୍ ୧୯ ଅକ୍ଟୋବର ୨୦୦୦ ମସିହାର। କୋର୍ଟ ବର୍ତ୍ତମାନର ସିବିଆଇ ଯୁଗ୍ମ ନିର୍ଦ୍ଦେଶକ ରମନୀଶ ଏବଂ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଭିକେ ପା।ଣ୍ଡେଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆଇଆରଏସ୍ ଅଧିକାରୀ ଅଶୋକ କୁମାର ଅଗ୍ରୱାଲ ଅଭିଯୋଗ କରିଥିଲେ



**୨୫ ବର୍ଷ ପରେ ମିଳିଲା ନ୍ୟାୟ**

**ଆଇଆରଏସ୍ ଅଧିକାରୀଙ୍କୁ ମାଡ଼ ମାରିଥିଲେ**

ଯେ, ରେଡ୍ ସମୟରେ ସିବିଆଇ ଟିମ୍ ତାଙ୍କ ଘରେ ପଶିଥିଲେ ଏବଂ ଗିରଫ ସମୟରେ ତାଙ୍କୁ ଆକ୍ରମଣ କରିଥିଲେ। ଜୁଡିସିଆଲ ମାଜିଷ୍ଟ୍ରେଟ୍ ଉଭୟଙ୍କୁ ୩ ମାସ ଜେଲ୍ ଦଣ୍ଡ ସହ ୫୦-୫୦ ହଜାର ଟଙ୍କା ଜରିମାନା ମଧ୍ୟ ଲଗାଇଛନ୍ତି।

### ବିମାନ ପେଟ୍ରୋଲ୍ ମୂଲ୍ୟ ବୃଦ୍ଧି; ଚାପରେ କମ୍ପାନୀ

## ସଙ୍କଟରେ ବିମାନ ସେବା

■ ନୂଆଦିଲ୍ଲୀ, ୨୮।୪ (ଏଜେନ୍ସି): ଉଚ୍ଚ ଇନ୍ଧନ ମୂଲ୍ୟ ଏବଂ ଭୂ-ରାଜନୈତିକ ଅସ୍ଥିରତା ଯୋଗୁଁ ଦେଶର ବିମାନ ଶିଳ୍ପ ଏହାର ଅସ୍ତିତ୍ୱକୁ ନେଇ ବର୍ତ୍ତମାନ ସଂଘର୍ଷ କରୁଛି। ପଶ୍ଚିମ ଏସିଆରେ ଜାରି ଉତ୍ତେଜନା ଏବଂ ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ୍) ମୂଲ୍ୟରେ ବୃଦ୍ଧି ଯୋଗୁ ବିମାନ କମ୍ପାନୀଗୁଡିକ ଏକ ବଡ଼ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଦେଶର ପ୍ରମୁଖ ବିମାନ କମ୍ପାନୀଗୁଡିକୁ ନେଇ ଗଠିତ ସଂଘ ଫେଡେରେସନ ଅଫ୍ ଇଣ୍ଡିଆନ୍ ଏୟାରଲାଇନ୍ସ (ଏଫ୍ଆଇଏ) ଉତ୍ପାଦ ଶୁଳ୍କ ଏବଂ ଭାଟ୍ କମ୍ କରିବାକୁ ସରକାରଙ୍କ ନିକଟରେ ଦାବି କରିଛି। ସଂଘ ଚେତାବନୀ ଦେଇଛି ଯେ, ଯଦି ସମୟୋଚିତ ପଦକ୍ଷେପ ନିଆ ନ ଯାଏ ତେବେ ବିମାନ ଉଡ଼ାଣ ବନ୍ଦ କରିଦିଆଯିବ। ନିକଟରେ ଏଫ୍ଆଇଏ , ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ସ୍ପାଇସଜେଟ୍ ପକ୍ଷରୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଏ ନେଇ ଚିଠି ଲେଖାଯାଇଛି। ଏହି ଚିଠିରେ ବିମାନ କମ୍ପାନୀଗୁଡ଼ିକ ସେମାନଙ୍କର ପ୍ରମୁଖ ଚିନ୍ତା ଏବଂ ଦାବି ଉଲ୍ଲେଖ କରିଛନ୍ତି।




ଉତ୍ପାଦ ଶୁଳ୍କ, ଭାଟ୍ କମ୍ କରିବାକୁ ଦାବି

ଏଠାରେ ସୂଚନାଯୋଗ୍ୟ ଯେ, ଏକ ବିମାନ କମ୍ପାନୀର ମୋଟ ପରିଚାଳନା ଖର୍ଚ୍ଚର ପ୍ରାୟ ୪୦% ଏଟିଏଫ୍। ଉଚ୍ଚ ଇନ୍ଧନ ମୂଲ୍ୟ ଏବଂ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ହ୍ରାସ ହେତୁ ବିମାନ କମ୍ପାନୀଙ୍କ ଖର୍ଚ୍ଚ ଢ଼େର ବଢ଼ିଯାଇଛି। ଏହାକୁ ଦୃଷ୍ଟିରେ ରଖି, ବିମାନ କମ୍ପାନୀଗୁଡ଼ିକ ଏଟିଏଫ୍ ଉପରେ ୧୧% ଉତ୍ପାଦ ଶୁଳ୍କକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଆହୁରି ମଧ୍ୟ ସରକାରୀ ଏବଂ ଘରୋଇ ବିମାନ ଉଡ଼ାଣ ପାଇଁ ଏକ ସମାନ ମୂଲ୍ୟ ନିର୍ଦ୍ଧାରଣ ବ୍ୟବସ୍ଥା ପନଃସ୍ଥାପନ କରିବାକୁ ସଂଘ କହିଛି। ପଶ୍ଚିମ ଏସିଆରେ ଅଶାନ୍ତି ଯୋଗୁଁ ଅନେକ ରୁଟ୍‌ରେ ପ୍ରତିବନ୍ଧକ ଲାଗୁ କରାଯାଇଥିବାରୁ ବିମାନଗୁଡ଼ିକୁ ଲମ୍ବା ରୁଟ୍ ଦେଇ ଉଡ଼ାଣ କରିବାକୁ ପଡୁଛି। ପରିଣାମସ୍ୱରୂପ କମ୍ପାନୀଗୁଡିକର ପରିଚାଳନା ଖର୍ଚ୍ଚ ବହୁତ ବଢ଼ିଯାଇଛି। ବର୍ତ୍ତମାନ ବିମାନ କମ୍ପାନୀଗୁଡ଼ିକ ପାଇଁ ଏକ ପ୍ରମୁଖ ସମସ୍ୟା ହେଉଛି, ମୂଲ୍ୟ ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଅସନ୍ତୁଳନ। ଏଫ୍ଆଇଏ ତଥ୍ୟ ଅନୁଯାୟୀ, ଗତ ମାସରେ ସରକାର ଘରୋଇ ବିମାନ ପାଇଁ ଏଟିଏଫ୍ ମୂଲ୍ୟ ବୃଦ୍ଧିକୁ ୧୫ ଟଙ୍କା ପ୍ରତି ଲିଟର ପର୍ଯ୍ୟନ୍ତ ସୀମିତ କରିଥିଲେ। ବିପରୀତରେ, ଅନ୍ତର୍ଜାତୀୟ ବିମାନ କମ୍ପାନୀଗୁଡ଼ିକ ପାଇଁ ଏଟିଏଫ୍ ମୂଲ୍ୟ ପ୍ରତି ଲିଟର ୭୩ ଟଙ୍କା ବୃଦ୍ଧି କରାଯାଇଥିଲା। ଏଟିଏଫ୍ ମୂଲ୍ୟରେ ଏପରି ଅଯଥା ବୃଦ୍ଧି ବିରୁଦ୍ଧରେ ମନ୍ତ୍ରଣାଳୟକୁ ସଂଘ ଚେତାବନୀ ଦେଇଛି। ଏହା ବିମାନ କମ୍ପାନୀଗୁଡ଼ିକୁ ବହୁତ କ୍ଷତି ପହଞ୍ଚାଉଛି। ଏମିତି ପରିସ୍ଥିତି ଜାରି ରହିଲେ ବିମାନ କମ୍ପାନୀଗୁଡ଼ିକ ବନ୍ଦ ହୋଇଯାଇପାରେ। ଯଦି ବର୍ତ୍ତମାନର ମୂଲ୍ୟ ବୃଦ୍ଧି ପାଇବା ଜାରି ରହେ, ତେବେ ଘରୋଇ ଏବଂ ଆନ୍ତର୍ଜାତୀୟ ବିମାନ କମ୍ପାନୀଗୁଡ଼ିକୁ ପରିଚାଳନା କରିବା ଅସମ୍ଭବ ହୋଇଯିବ। ଯାହା ସମଗ୍ର ବିମାନ ଶିଳ୍ପକୁ ଏକ ଗଭୀର ସଙ୍କଟ ଭିତରକୁ ଠେଲିଦେବ।

# ପଶ୍ଚିମବଙ୍ଗରେ ଶେଷ ଲଢ଼େଇ ଆଜି

## ୧୪୨ ଆସନ, ୧୪୪୮ ପ୍ରାର୍ଥୀ, ୩.୨ କୋଟି ଭୋଟର

■ କୋଲକାତା, ୨୮।୪ (ଏଜେନ୍ସି): ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନ ପାଇଁ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଆସନ୍ତାକାଲି ହେବାକୁ ଯାଉଛି। ପ୍ରବଳ ଉତ୍ତେଜନା ମଧ୍ୟରେ ୧୪୨ଟି ଆସନରେ ହେବାକୁ ଥିବା ନିର୍ବାଚନରେ ୧୪୪୮ ଜଣ ପ୍ରାର୍ଥୀ ମଇଦାନରେ ଅଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ତଥା

**୪୦ ହଜାର ମତଦାନ କେନ୍ଦ୍ରରେ ଅଢ଼େଇ ଲକ୍ଷ କେନ୍ଦ୍ରୀୟ ଯବାନ**

**ୟୁପି ଆଇପିଏସ୍‌ଙ୍କୁ ନେଇ ହଙ୍ଗାମା**

ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ, ତାଙ୍କ କ୍ୟାବିନେଟର ଅଧିକାଂଶ ମନ୍ତ୍ରୀ ଏବଂ ରାଜ୍ୟ ବିଧାନସଭାରେ ବିରୋଧୀ ଦଳର ନେତା ତଥା ବିଜେପିର ଶୁଭେନ୍ଦୁ ଅଧିକାରୀ। ଭବାନୀପୁର ନିର୍ବାଚନମଣ୍ଡଳୀରେ ମମତାଙ୍କୁ ଟକ୍କର ଦେଉଛନ୍ତି ତାଙ୍କର ପୂର୍ବତନ ସହଯୋଗୀ ତଥା ବିଜେପି ପ୍ରାର୍ଥୀ ଅଧିକାରୀ। ବିବାଦୀୟ ଏସ୍ଆଇଆର




ମଧ୍ୟରେ ହେଉଥିବା ଅନ୍ତିମ ପର୍ଯ୍ୟାୟ ମତଦାନରେ ୪୦ ହଜାର ବୁଥ୍‌ରେ ପ୍ରାୟ ୩ କୋଟି ୨୨ ଲକ୍ଷ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ।

ରାଜ୍ୟରେ କ୍ରମାଗତ ଚତୁର୍ଥ ଥର ଲାଗି କ୍ଷମତା ବଜାୟ ରଖିବା ଲକ୍ଷ୍ୟରେ ମମତା ଥିବା ବେଳେ ତାଙ୍କୁ ଗାଦିଚ୍ୟୁତ କରିବା ପାଇଁ ବିଜେପି ସମସ୍ତ ଶକ୍ତି ଖଟାଇଛି। ତେବେ ଉତ୍ତର ପ୍ରଦେଶର ଜଣେ ଆଇପିଏସ୍ ଅଧିକାରୀଙ୍କୁ ନେଇ ପଶ୍ଚିମ ବଙ୍ଗରେ ବଡ଼ ଧରଣର ବିବାଦ ସୃଷ୍ଟି ହୋଇଛି। ଉତ୍ତର ପ୍ରଦେଶର ▶ପୃଷ୍ଠା-୭

### ଭୋଟ୍‌ଦାନରୁ ବଞ୍ଚିତ ହେବେ ୧୨ ଲକ୍ଷରୁ ଊର୍ଦ୍ଧ୍ୱ

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଲକ୍ଷ ଲକ୍ଷ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବାରୁ ବଞ୍ଚିତ ହେବେ। ପ୍ରାୟ ୧୨.୯ ଲକ୍ଷ ଆବେଦନ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିର୍ଦ୍ଧାରିତ ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଏପର୍ଯ୍ୟନ୍ତ ମାତ୍ର ୧,୪୬୮ ଜଣ ଭୋଟରଙ୍କୁ ଅନୁମତି ମିଳିଥିବା ବେଳେ ୬ଟି ଆବେଦନକୁ ଖାରଜ କରାଯାଇଛି। ଦକ୍ଷିଣ କୋଲକାତାର ଜୋକାସ୍ଥିତ ଆପେଲେଟ୍ ଟ୍ରିବ୍ୟୁନାଲଗୁଡିକରେ କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ଏପର୍ଯ୍ୟନ୍ତ ସମୁଦାୟ ୧୪ ଲକ୍ଷ ଆବେଦନ ମଧ୍ୟରୁ ମାତ୍ର ୧୩୯ଟିର ସମ୍ପୂର୍ଣ୍ଣ ସମାଧାନ ହୋଇଛି, ଯାହା ଫଳରେ ଅଧିକାଂଶ ଲୋକ ଚଳିତ ନିର୍ବାଚନରେ ଭୋଟ୍ ଦେବାରୁ ବଞ୍ଚିତ ହେବେ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ କେବଳ ଆବେଦନ ପେଣ୍ଡିଂ ଥିବା ଆଧାରରେ କେହି ଭୋଟ୍ ଦେଇପାରିବେ ନାହିଁ। କୋଲକାତାର ପ୍ରଚଣ୍ଡ ଖରାରେ ହଜାର ହଜାର ଭୋଟର ଟ୍ରିବ୍ୟୁନାଲ ବାହାରେ ଧାଡ଼ି ବାନ୍ଧି ନିଜର ମତାଧିକାର ଫେରିପାଇବାକୁ ଅପେକ୍ଷା କରି ରହିଛନ୍ତି।

## ଉଜ୍ଜବାଲିରେ ୧୬୪୭ କୋଟିର ଗ୍ରୀଡ୍ ପ୍ରକଳ୍ପର ଶିଳାନ୍ୟାସ

■ କେନ୍ଦୁଝର/ଯୋଡ଼ା, ୨୮।୪ (ସମିସ): କେନ୍ଦୁଝର ଜିଲ୍ଲାକୁ ଏକ ସମୃଦ୍ଧ ଶିଳ୍ପ ହବ୍‌ରେ ପରିଣତ କରିବା ଲକ୍ଷ୍ୟରେ ଆଜି ମୁଖ୍ୟମନ୍ତ୍ରୀ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ବିଲ ଅଞ୍ଚଳର ଉଜ୍ଜବାଲିଠାରେ ୧୬୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୪୨୦/୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ପୂର୍ବ-ଭାରତର ଦ୍ୱିତୀୟ ଜାମସେଦପୁର ଭାବେ ଗଢ଼ି ତୋଳିବାକୁ ଘୋଷଣା କରିଛନ୍ତି। ଏହାସହ କାର୍ଯ୍ୟକ୍ରମରେ ୫ଟି ନୂଆ ଟ୍ରାନ୍ସମିସନ୍ ଲାଇନ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା କେନ୍ଦୁଝର ସଦର, ତେଲକୋଇ, ଝୁମ୍ପୁରା, ଯୋଡ଼ା ଏବଂ ବଡ଼ବିଲ ଅଞ୍ଚଳର ପ୍ରାୟ ୭.୧୭ଲକ୍ଷ ଉପଭୋକ୍ତା ଉପକୃତ ହେବେ। ବିକଶିତ ସମାଜର ପରିଚୟ ହେଉଛି



**୭ ଲକ୍ଷରୁ ଅଧିକ ଉପଭୋକ୍ତା ପାଇବେ ନିରବଚ୍ଛିନ୍ନ ବିଦ୍ୟୁତ୍**

**୨୦୩୬ ସୁଦ୍ଧା ରାଜ୍ୟରେ ନିର୍ମିତ ହେବ ଆହୁରି ୩୪ଟି ନୂଆ ଗ୍ରୀଡ୍**

**ବିଦ୍ୟୁତ୍ କାଟ୍ ହେବନି; 'ହଟ୍‌ଲାଇନ ମେଣ୍ଟେନାନ୍‌ସ' ମାଧ୍ୟମରେ ମରାମତି**

ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା। ଖଣିଜ ସମ୍ପଦରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରିବା ପାଇଁ ଆମେ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଦର୍ଶାଇଛନ୍ତି ଯେ ଯୋଡ଼ା ଓ ତୁରୁମୁଙ୍ଗା-ରାଇରଙ୍ଗପୁର ଲାଇନ ମାଧ୍ୟମରେ ୪୦୦ କେଭି ନିରବଚ୍ଛିନ୍ନ ବିଦ୍ୟୁତ୍ ସଂଯୋଗ ରହିବ। ବଡ଼ବିଲ ଓ ପଲାଶପଙ୍ଗା ଗ୍ରୀଡ୍‌ର ଉନ୍ନତୀକରଣ ତଥା ପ୍ରାଥମିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଏକ 'ହଟ୍‌ଲାଇନ ମେଣ୍ଟେନାନ୍‌ସ' ମାଧ୍ୟମରେ ତାରରେ ବିଦ୍ୟୁତ୍ ପ୍ରବାହିତ ହେଉଥିବା ସମୟରେ ମଧ୍ୟ ମରାମତି କାମ କରାଯାଇପାରିବ। ଏଣିକି ମରାମତି ପାଇଁ ଆଉ ବିଦ୍ୟୁତ୍ କାଟ୍ କରିବାର ଆବଶ୍ୟକତା ପଡ଼ିବ ନାହିଁ।

ରାଜ୍ୟର ମଞ୍ଚେଶ୍ୱରଠାରେ ନିର୍ମିତ ନୂତନ ଏସ୍ଏଲ୍‌ଡିସି ରାଜ୍ୟର ବିଦ୍ୟୁତ୍ ପରିଚାଳନା ପାଇଁ 'ହାର୍ଟ' ସଦୃଶ କାର୍ଯ୍ୟ କରିବ। ଏହାସହ ଏସଏଏମ୍‌ଏସ ପ୍ରକଳ୍ପ ▶ପୃଷ୍ଠା-୭

## ଦୁଃଖରେ ୬ ଲକ୍ଷରୁ ଊର୍ଦ୍ଧ୍ୱ କେନ୍ଦୁପତ୍ର କର୍ମଚାରୀ

### ଦର ଧାର୍ଯ୍ୟ ହେଲାନି, ଘୋଷଣା ହେଲାନି ବୋନସ-ମଜୁରୀ

■ ଭୁବନେଶ୍ୱର, ୨୮।୪ (ସମିସ): ରାଜ୍ୟର କେନ୍ଦୁପତ୍ର ଉତ୍ପାଦିତ ୧୯ ଟି ଡିଭିଜନରେ ଏପ୍ରିଲ ୧୦ ତାରିଖରୁ କେନ୍ଦୁପତ୍ର ସଂଗ୍ରହ ଆରମ୍ଭ ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ ସରକାର କେନ୍ଦୁପତ୍ର କେରି ଦର ଧାର୍ଯ୍ୟ କରି ପାରି ନାହାନ୍ତି। ଏହାସହିତ ତୋଳାଳୀ, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକ ମାନଙ୍କୁ କେନ୍ଦୁପତ୍ର ସଂଗ୍ରହ ପୂର୍ବରୁ ଦିଆଯାଇଥିବା ବୋନସ ମଧ୍ୟ ଘୋଷଣା କରାଯାଇ ନାହିଁ। କର୍ମଚାରୀଙ୍କ ପାଇଁ ମାସିକ ମଜୁରୀ ମଧ୍ୟ ଧାର୍ଯ୍ୟ ହୋଇନାହିଁ। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି କେନ୍ଦୁପତ୍ର କର୍ମଚାରୀ। ଏହାର ପ୍ରତିବାଦରେ ୧ ତାରିଖରେ କର୍ମଚାରୀମାନେ କଳାବ୍ୟାଚ ପିନ୍ଧିବା ସହ ୨ ତାରିଖରେ ପଶ୍ଚିମ ଓଡ଼ିଶାର ୨ ହଜାର ପଞ୍ଚାୟତରେ ଗଣଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

ଏହି ପ୍ରସଙ୍ଗରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ କୁମାର ମହାନ୍ତି ଗଭୀର ଉଦବେଗ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ, ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସରକାର କେନ୍ଦୁପତ୍ର କେରି ପ୍ରତି ଦର ଓ ବୋନସ ଘୋଷଣା କରି ନ ଥିବା ଏକ ଐତିହାସିକ ରେକର୍ଡ। ସର୍ବନିମ୍ନ ମଜୁରୀ ୨୦୨୪ ମସିହା ଜୁଲାଇ ୧୮ ତାରିଖରୁ ସରକାର ଘୋଷଣା କରିଥିଲେ ମଧ୍ୟ ସେହି ଅନୁପାତରେ ପ୍ରାୟ ଦୁଇ ବର୍ଷ ହେବ ସେମାନଙ୍କ ମାସିକ ମଜୁରୀ ମଧ୍ୟ ନିର୍ଦ୍ଧାରିତ ହୋଇ ପାରିନାହିଁ। ବନ୍ଧେଇ ଶ୍ରମିକ ମାନଙ୍କ ମଧ୍ୟ ବଣ୍ଡଲ ପ୍ରତି ଦର ବୃଦ୍ଧି ହୋଇନାହିଁ। ମୃତ୍ୟୁ କାଳୀନ

**ପ୍ରତିବାଦରେ ମେ' ୧ରେ କଳାବ୍ୟାଚ ପିନ୍ଧିବେ କର୍ମଚାରୀ**

**୨ରେ ପଞ୍ଚାୟତରେ ଗଣ ଧାରଣା ଦେବେ କେନ୍ଦୁପତ୍ର ତୋଳାଳି**



ଆର୍ଥିକ ସହାୟତାର ବୃଦ୍ଧି ହେଉନାହିଁ। ଏହି ସବୁ ଘୋଷଣା ସାଧାରଣତଃ ପୂର୍ବରୁ ଫେବୃଆରୀ କିମ୍ବା ମାର୍ଚ୍ଚ ମାସରେ ଘୋଷଣା ହୋଇଥାଏ। ଆର୍ଥିକ ସହାୟତା ମଧ୍ୟ ମିଳିଥାଏ। ଆହୁରି ମଧ୍ୟ ବର୍ତ୍ତମାନର ସରକାରୀ ଦଳ ଗତ ୨୦୨୪ ମସିହା ନିର୍ବାଚନରେ କେନ୍ଦୁପତ୍ର କେରି ପ୍ରତି ଦର ୨ ଟଙ୍କା ଏବଂ ବୋନସ ବୃଦ୍ଧିର ମଧ୍ୟ ଘୋଷଣା କରିଥିଲେ। କିନ୍ତୁ ▶ପୃଷ୍ଠା-୭

### ଥମିବା ପୂର୍ବରୁ ଜାଳିଲା ତାତି; ରାଜ୍ୟରେ ପାରା ଟପିଲା ୪୫

## ଝାରସୁଗୁଡ଼ା ବିଶ୍ୱର ତୃତୀୟ ଉତ୍ତପ୍ତ ସହର

■ ଭୁବନେଶ୍ୱର, ୨୮।୪ (ସମିସ): କାଳବୈଶାଖୀ ପୂର୍ବରୁ ରାଜ୍ୟରେ ତାତି ଭାଙ୍ଗିଛି ରେକର୍ଡ। ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିଛି। ମଙ୍ଗଳବାର ୪୫.୩ ଡିଗ୍ରୀ ତାପମାତ୍ରା ସହ ଝାରସୁଗୁଡ଼ା ଦେଶର ଦ୍ୱିତୀୟ ଓ ବିଶ୍ୱର ତୃତୀୟ ଉତ୍ତପ୍ତ ସହରରେ ପରିଣତ ହୋଇଛି। ଗତ ସପ୍ତାହେ ହେବ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇ ଆସୁଛି। ବିଶେଷ କରି ପଶ୍ଚିମ ଓଡ଼ିଶାରେ ତାପମାତ୍ରା ଅଧିକ ରହୁଥିବା ବେଳେ ଅନେକ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ମଙ୍ଗଳବାର ରାଜ୍ୟର ମୋଟ୍ ୧୩ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ବୌଦ୍ଧରେ ତାପମାତ୍ରା ୪୩.୭, ସମ୍ବଲପୁରରେ ତାପମାତ୍ରା ୪୩.୫, ହୀରାକୁଦ ୪୩.୪, ବରଗଡ଼ରେ ତାପମାତ୍ରା ୪୨.୯ ଡିଗ୍ରୀ ରେକର୍ଡ କରାଯାଇଛି।

**କାଳବୈଶାଖୀ ଲାଗି ୧୪ ଜିଲ୍ଲାକୁ ଆଲର୍ଟ**

**ଭୀଷଣ ବଜ୍ରପାତ, ଅଶାନ୍ତ ରହିବ ସମୁଦ୍ର**

**ସମୁଦ୍ର ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ**



ଅନ୍ୟପକ୍ଷରେ ଆସନ୍ତାକାଲିଠାରୁ ରାଜ୍ୟରେ ଭୀଷଣ କାଳବୈଶାଖୀ ଆଶଙ୍କା କରିଛି ପାଣିପାଗ ବିଭାଗ। ରାଜ୍ୟକୁ ଏବେ ପ୍ରଚୁର ମାତ୍ରାରେ ବଙ୍ଗୋପସାଗରୀୟ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଛି। ଏହା ଉତ୍ତପ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସିବା ଯୋଗୁଁ ଭୀଷଣ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ଓ ପବନ ପାଇଁ ପାଗ ଅନୁକୂଳ କରିଛି। ଏହି କ୍ରମରେ ଆସନ୍ତା ୩-୪ ଦିନ ▶ପୃଷ୍ଠା-୭

# ଜୁନ୍ ୧୨ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮।୪ (ସମିସ): ଓଡ଼ିଶାରେ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଖୁବ୍ ଶୀଘ୍ର ହେବ। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଏ ସଂକ୍ରାନ୍ତରେ ସବୁଜ ସଙ୍କେତ ଦେଇଛନ୍ତି ଦଳର ଶୀର୍ଷ ନେତୃତ୍ୱ। ବିଭିନ୍ନ ବିଭାଗର କାର୍ଯ୍ୟ ଓ ମନ୍ତ୍ରୀମାନଙ୍କ ଦକ୍ଷତା ଆକଳନ କରି ଏକ ସାନି ରିପୋର୍ଟ ପ୍ରସ୍ତୁତ କରିବାକୁ ପରାମର୍ଶ ଦିଆଯାଇଛି। ତେବେ କେଉଁ ଆଧାରରେ ମନ୍ତ୍ରୀମାନଙ୍କ ଦକ୍ଷତା ଓ କାର୍ଯ୍ୟକୁ ଆକଳନ କରାଯିବ ସେ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏହି ରିପୋର୍ଟ ମିଳିବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କେବେ ହେବ ତାହା ସ୍ଥିର କରାଯିବ। ତେବେ ଜୁନ୍ ୧୨ ତାରିଖରେ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବ୍ୟବହିତ ପ।।ରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଆପାତତଃ ନିଷ୍ପତ୍ତି ହୋ।

ଦିଲ୍ଲୀରେ ଦଳର ଶୀର୍ଷ ନେତୃତ୍ୱସ୍ତରରେ ଚାଲିଥିବା ବିଚାରବିମର୍ଶ ଅନୁସାରେ ଓଡ଼ିଶାରେ

**ମନ୍ତ୍ରୀଙ୍କ ଦକ୍ଷତା ରିପୋର୍ଟ ଦେବେ ମୁଖ୍ୟମନ୍ତ୍ରୀ**

**ପରିବର୍ତ୍ତନ ହେବେ ଅଧ ଡଜନରୁ ଊର୍ଦ୍ଧ୍ୱ ମନ୍ତ୍ରୀ**

**ବଦଳିପାରେ ଅଧିକାଂଶ ମନ୍ତ୍ରୀଙ୍କ ବିଭାଗ**



ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ମନ୍ତ୍ରିମଣ୍ଡଳ ପରିବର୍ତ୍ତନର ଲାଗି ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ କେତେକ ଦିଗକୁ ଦୃଷ୍ଟି ଦେବାକୁ ମଧ୍ୟ କେନ୍ଦ୍ରୀୟ ନେତୃତ୍ୱ ପରାମର୍ଶ ଦେଇଛନ୍ତି। ଯେଉଁ ଜିଲ୍ଲାଗୁଡ଼ିକୁ ମନ୍ତ୍ରୀପଦ ମିଳିନାହିଁ, ସମ୍ପ୍ରସାରଣ ସମୟରେ ସେହି ଜିଲ୍ଲାଗୁଡ଼ିକୁ ପ୍ରଥମେ ଗୁରୁତ୍ୱ ଦେବାକୁ କୁହାଯାଇଛି। ଅନୁରୂପ ଭାବରେ ଯେଉଁ ମନ୍ତ୍ରୀମାନଙ୍କର କାର୍ଯ୍ୟ ସନ୍ତୋଷଜନକ ହୋଇନାହିଁ ବା ସାଧାରଣ ଲୋକମାନଙ୍କ ସମସ୍ୟା ଦୂର କରିବାରେ ଯେଉଁ ବିଭାଗ ବିଫଳ ହୋଇଛି, ସେହି ବିଭାଗର ମନ୍ତ୍ରୀମାନଙ୍କୁ ପରିବର୍ତ୍ତନ କରିବା ବା ସେମାନଙ୍କୁ ବାଦ ଦେବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଅପରପକ୍ଷରେ ସାଧାରଣ ଲୋକ ସ୍ୱାର୍ଥସମ୍ବଳିତ ପ୍ରସଙ୍ଗ ଜଡ଼ିତ ଥିବା ବିଭାଗଗୁଡ଼ିକ ମଧ୍ୟରୁ କୌଣସି ମନ୍ତ୍ରୀଙ୍କ ନିକଟରେ ଯେପରି ଏକାଧିକ ବିଭାଗ ରହିବ ନାହିଁ; ସେଥିପ୍ରତି ଦୃଷ୍ଟି ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି।

ଅତୀତରେ ଗୁଜରାଟ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଆସାମ ଓ ଉତ୍ତରପ୍ରଦେଶରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରାୟ ଦୁଇ ବର୍ଷରେ କରାଯାଇଥିବା ଦେଖାଯାଇଛି। ମଝିରେ ମଝିରେ ଜରୁରୀ ସ୍ଥିତି ଓ ଆବଶ୍ୟକତାନୁସାରେ ଜଣେ ଦୁଇ ଜଣ ନୂଆ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିଲେ ହେଁ ପୂର୍ଣ୍ଣାଙ୍ଗ ସମ୍ପ୍ରସାରଣ ପ୍ରାୟ ଦୁଇ ବର୍ଷରେ କରାଯାଇଥିବା ଦୃଷ୍ଟାନ୍ତ ରହିଛି। ଛତିଶଗଡ଼, ଆସାମରେ ଏହି ଢ଼ାଞ୍ଚା ପ୍ରୟୋଗ କରାଯାଇଛି ଏବଂ ଉତ୍ତରପ୍ରଦେଶରେ ଯୋଗୀ ସରକାରଙ୍କ ଦ୍ୱିତୀୟ ପାଳିରେ ବି ▶ପୃଷ୍ଠା-୭

## କାଳବୈଶାଖୀର ତାଣ୍ଡବ

# ବ୍ରହ୍ମପୁରରେ ଦୁଇ ଘଣ୍ଟା ଛେଚିଲା

ବ୍ରହ୍ମପୁର,୨୮ ।୪(ସମିସ)



ସହରରେ ଦିନ ତମାମ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ପାଣିପାଗରେ ହଠାତ୍ ପରିବର୍ତ୍ତନ ହୋଇଛି । ଏହାର ପ୍ରଭାବରେ ସହରରେ ଦୁଇ ଘଣ୍ଟା ଧରି ପ୍ରବଳ ବର୍ଷା ହୋଇଥିଲା । ମଧ୍ୟାହ୍ନ ସମୟରେ ତୀବ୍ର ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ, ଅପରାହ୍ନରେ ଆକାଶ ଘନ ମେଘାଚ୍ଛନ୍ନ ହୋଇ ବର୍ଷା ଆରମ୍ଭ ହୋଇଥିଲା । ଏହି ଅକାଳ ବର୍ଷା ଫଳରେ ସହରର ହରିଡ଼ାଖଣ୍ଡି, ପାଣିଗ୍ରାହୀପେଣ୍ଠ, ପୁରୁଣା ବ୍ରହ୍ମପୁର, ଗଜପତିନଗର ଓ ହାଉସିଂ ବୋର୍ଡ ଅଞ୍ଚଳରେ ନାଳନର୍ଦ୍ଦମାର ପାଣି ରାସ୍ତାରେ ଜମିଥିଲା । କିଛି ସ୍ଥାନରେ ଜଳଜମି ଯାତାୟାତରେ ବାଧା ଉପୁଜି ହୋଇଥିଲା । ଏହା ସହିତ କିଛି ଅଞ୍ଚଳରେ ଗଛ ଭାଙ୍ଗି ପଡ଼ିଥିବାରୁ ସ୍ଥାନୀୟ ଲୋକମାନେ ଅସୁବିଧାରେ ପଡ଼ିଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଭାଙ୍ଗି ପଡ଼ିଥିବା ଗଛକୁ କାଟି ରାସ୍ତା ସଫା କରିଥିଲେ ଏବଂ ଯାତାୟାତକୁ ସ୍ୱାଭାବିକ କରିଥିଲେ ।

## ବଜ୍ରପାତରେ ମହିଳା ମୃତ

ରଙ୍ଗେଇଲୁଣ୍ଡା,୨୮ ।୪(ସମିସ): ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅନ୍ତର୍ଗତ ଦାସପୁରୁ ଗ୍ରାମରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ଜଣଙ୍କ ହେଲେ ଉକ୍ତ ଗ୍ରାମର ଶୁକୁଟି ବେହେରା (୪୭) । ମଙ୍ଗଳବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ଲାଗି ରହିଥିବା ବେଳେ ସେ ଘରର ବାରିପଟେ କାମ କରୁଥିଲେ । ଏତିକିବେଳେ ବଜ୍ରପାତର ପ୍ରଚଣ୍ଡ ଶବ୍ଦରେ ସେ ଘର ଦୁଆର ମୁହଁରେ ଅଚେତ୍ ହୋଇ ତଳେ ପଡ଼ିଯାଇଥିଲେ । ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ।

## ଦିଗପହଣ୍ଡିରେ କୁଆପଥର ବର୍ଷା

ଦିଗପହଣ୍ଡି,୨୮ ।୪(ସମିସ): ଦିଗପହଣ୍ଡି ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ ଟାରୁ ସାଢ଼େ ୫ଟା ଯାଏ କାଳବୈଶାଖୀ ହୋଇଥିଲା । ଏହା ପ୍ରଭାବରେ ଘନ ଘନ ବଜ୍ରପାତ ସାଙ୍ଗକୁ ଝଡ଼ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା । କିଛି ଅଞ୍ଚଳରେ କୁଆପଥର ବର୍ଷା ହୋଇଛି । ଝଡ଼ବର୍ଷା ଯୋଗୁଁ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବନ୍ଦ ରହିଥିଲା । କୌଣସି ବଡ଼ ଧରଣର କ୍ଷୟକ୍ଷତି ସୂଚନା ମିଳିନଥିଲେ ମଧ୍ୟ ଅନେକ ଗ୍ରାମାଞ୍ଚଳରେ ଭୀଷଣ ପବନ ଯୋଗୁଁ ଚାଳ ଓ ଟିଣ ଛପର ଉଡ଼ିଯାଇଛି । ଅନେକ ଗ୍ରାମର ରାସ୍ତା କଡ଼ରେ ଥିବା ଗଛ ଉପୁଡ଼ି ପଡ଼ିବା ସହ ଗଛ ଡାଳ ଭାଙ୍ଗି ପଡ଼ିବାରୁ ରାସ୍ତା ଅବରୋଧ ହୋଇଥିଲା । କୁଆପଥର ମାଡ଼ରେ ଗ୍ରାମାଞ୍ଚଳ ମାନଙ୍କରେ ପନିପରିବା ଓ ଆମ୍ବ ଫସଲ ନଷ୍ଟ ହୋଇଛି ।

## ଛାର୍‌ଖାର୍ କଲା କାଳବୈଶାଖୀ



ବେଲଗୁଣ୍ଠା,୨୮ ।୪(ସମିସ): ବେଲଗୁଣ୍ଠା ସହର ସମେତ ଆଖପାଖ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି । ପ୍ରବଳ ବେଗରେ ପବନ ଓ ଘଡ଼ଘଡ଼ି ସହ ବର୍ଷା ଯୋଗୁଁ ବହୁ ସ୍ଥାନରେ ଗଛ ଓ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଥିଲା । ଫଳରେ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି । ମଙ୍ଗଳବାର ମଧ୍ୟାହ୍ନପରେ ହଠାତ୍ ପାଗ ପରିବର୍ତ୍ତନ ହୋଇଥିଲା ଏବଂ ପ୍ରବଳ ପବନ ଯୋଗୁ ରାସ୍ତାକଡ଼ରେ ଥିବା ବଡ଼ ବଡ଼ ଗଛ ଗୁଡ଼ିକ ଭାଙ୍ଗି ରାସ୍ତା ଉପରେ ପଡ଼ିଥିବାରୁ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଛି । ଏଥିସହ ବହୁ ସଂଖ୍ୟାରେ ବିଦ୍ୟୁତ୍ ଖୁଣ୍ଟ ଧରାଶାୟୀ ହୋଇଥିବାରୁ ସମ୍ପୂର୍ଣ୍ଣ ଅଞ୍ଚଳରେ ବିଦ୍ୟୁତ ସେବା ବିଚ୍ଛିନ୍ନ ହୋଇଯାଇଛି । କୋଳୀ ସାହିର ରଜନୀ ମହାପାତ୍ରଙ୍କ ଘର ଉପରେ ଥିବା ସୋଲାର ପ୍ୟାନେଲଟି ମଧ୍ୟ ପବନରେ ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇଯାଇଛି । ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ସେବା ସ୍ୱାଭାବିକ ହୋଇନଥିବା ବେଳେ ବିଭିନ୍ନ ସ୍ଥାନରେ ରାସ୍ତା ସଫା କରାଯାଉଛି । କାଳବୈଶାଖୀର ତାଣ୍ଡବ ଯୋଗୁଁ ଅଞ୍ଚଳବାସୀ ଏବେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

## ମାଙ୍କଡ଼ ଆକ୍ରମଣରେ ୩ ଆହତ

ବୁଗୁଡ଼ା,୨୮ ।୪(ସମିସ): ବୁଗୁଡ଼ାରେ ୨ ଦିନ ହେଲା ଗୋଟିଏ ହନୁ ମାଙ୍କଡ଼ ଆତଙ୍କ ଚଳାଇଛି । ମଙ୍ଗଳବାର ଆଦିପୁର ଗ୍ରାମର ଟ୍ରଲି ଚାଳକ ନାରାୟଣ ରାଉତଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଛି । ସବୁଦିନ ଭଳି ମଙ୍ଗଳବାର ସକାଳେ ତାଙ୍କର ବୃଦ୍ଧା ମା'କୁ ନିଜ ଟ୍ରଲିରେ ବସାଇ ବୁଗୁଡ଼ା ମେଡିକାଲ ଛକ ନିକଟରେ ଟ୍ରଲି ରଖିଥିଲେ । ଏତିକିବେଳେ ହଠାତ ଏକ ହନୁ ମାଙ୍କଡ଼ ନାରାୟଣଙ୍କ ଉପରକୁ ଡେଇଁ ପଡି ତାଙ୍କ ମୁହଁ ଓ ଦେହକୁ କାମୁଡି ପକାଇଥିଲା । ସ୍ଥାନୀୟ ଲୋକେ ହୋହଲ୍ଲା କରି ମାଙ୍କଡ଼ କବଳରୁ ନାରାୟଣଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲ ନେଇଥିଲେ । ସୋମବାର ଉକ୍ତ ମାଙ୍କଡ଼ଟି ବ୍ଲକ ଛକର ଟିପୁ ଦାଶଙ୍କୁ କାମୁଡି ରକ୍ତାକ୍ତ କରିଥିବା ବେଳେ ବୁଗୁଡ଼ା ହାଇସ୍କୁଲ ଛକ ନିକଟରେ ପାନ ଦୋକାନ କରିଥିବା ପ୍ରମୋଦ ମିଶ୍ରଙ୍କୁ ମଧ୍ୟ କାମୁଡ଼ି ଦେଇଥିଲା । ସେହିପରି ଅପରାହ୍ନରେ ବୁଗୁଡ଼ା ବସଷ୍ଟାଣ୍ଡରେ ଜଣେ ବାଇକ ଆରୋହୀଙ୍କ ମୁଣ୍ଡରେ ଗୁଡ଼ାଇ ଥିବା ଟାୱଲ ଟାଣି ନେଇ ଆକ୍ରମଣ କରିବାକୁ ଉଦ୍ୟମ ବେଳେ ଲୋକେ ପାଟି କରିବାରୁ ଛାଡ଼ି ପଳାଇଥିଲା । ଅପରପକ୍ଷେ ମଙ୍ଗଳବାର ସକାଳ ଠାରୁ ବନ ବିଭାଗର ଏକ ଟିମ ଉକ୍ତ ମାଙ୍କଡ଼କୁ ଧରିବାକୁ ଚେଷ୍ଟା ଜାରି ରଖିଥିଲେ ହେଁ ସଫଳ ହୋଇନାହାନ୍ତି । ଉକ୍ତ ମାଙ୍କଡ଼କୁ ଧରିବା ପାଇଁ ଟ୍ରାଙ୍କୁଲାଇଜର ଟିମ୍ ଡକାଇବାକୁ ଯୋଜନା କରାଯାଉଥିବା ନେଇ ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁ କହିଛନ୍ତି ।

## ମୃତକଙ୍କ ପରିବାରକୁ ସହାୟତା



ପୋଲସରା,୨୮ ।୪(ସମିସ): ପୋଲସରା ଥାନା ଅନ୍ତର୍ଗତ ତୁଙ୍ଗାପଡା ଗ୍ରାମରେ ଗତ ୧୨ ତାରିଖ ବିଦ୍ୟୁତ ଆଘାତରେ ଟିପିଏସ୍‌ଓଡିଏଲର ଠିକା କର୍ମଚାରୀ ସୁଶାନ୍ତ ଗୌଡଙ୍କ ମୃତ୍ୟୁ ଘଟିଥିଲା । ମୃତ ସୁଶାନ୍ତଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଥିଲେ । ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ଗଞ୍ଜାମ ଜିଲ୍ଲାପାଳଙ୍କୁ ଯୋଗାଯୋଗ କରି ସହାୟତା ଯୋଗାଇଦେବାକୁ କହିଥିଲେ । ଯାହାକୁ ନେଇ ମଙ୍ଗଳବାର ରେଡକ୍ରସ ପାଣ୍ଠିରୁ ଆସିଥିବା ୩୦ ହଜାର ଟଙ୍କାର ଏକ ଚେକ୍ ପୋଲସରା ତହସିଲଦାର ଦୀପ୍ତିମୟୀ ପାତ୍ର ମୃତକଙ୍କ ମା' ଝୁନୁ ଗୌଡ଼ ଓ ଭାଇ ନିଲୁ ଗୌଡ଼ଙ୍କୁ ପ୍ରଦାନ କରିଥିଲେ । ସେହିପରି ଗତ ୨୬ ତାରିଖରେ ରାମକୃଷ୍ଣ ପଟ୍ଟନାୟକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରତିଷ୍ଠାତା ତଦସା ତପସ୍ୱିନୀ ପଟ୍ଟନାୟକ, ଉତ୍ତମ କୁମାର ଦାସ ଓ ଟ୍ରଷ୍ଟର ଅନ୍ୟ ସଦସ୍ୟମାନେ ପହଞ୍ଚି ମୃତ ସୁଶାନ୍ତଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା କରିଥିଲେ ।

## ଫୁଲବାଣୀ କେଭିକୁ କବାଡ଼ିରେ ହାଟ୍ରିକ ରୌପ୍ୟ



ଫୁଲବାଣୀ,୨୮।୪(ସମିସ): ଭୁବନେଶ୍ୱରରେ ଅନୁଷ୍ଠିତ ଆଞ୍ଚଳିକ କ୍ରୀଡ଼ା ପ୍ରତିଯୋଗିତାର କବାଡିରେ ରୌପ୍ୟ ପଦକ ଜିତିଛି ଫୁଲବାଣୀ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ । ଲଗାତାର ତୃତୀୟ ଥର ପାଇଁ ଏହି ସଫଳତା ହାସଲ କରିଛନ୍ତି ବିଦ୍ୟାଳୟର ପ୍ରତିଯୋଗୀ । କ୍ୟାପଟେନ ସମୟ ରଞ୍ଜନ ଦିଗାଲଙ୍କ ନେତୃତ୍ୱରେ ଛାତ୍ର ପ୍ରିନ୍ସ ରଘୁବୀର ପ୍ରଧାନ, ରଣିତ କୁମାର ଦାଶ, ମୁକେଶ ସାହୁ, ରାଜବୀର ପଟ୍ଟନାୟକ, କୁମାର ଅର୍ଣ୍ଣବ, ଜସମିନ୍ଦର ଆହିଲ ଏବଂ ଏମ୍. କେ ସ୍ୱାଗତ ଏହି ଦଳରେ ସାମିଲ ଥିଲେ । ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଶିବମ କୁମାର ପାଣ୍ଡେଙ୍କ ମାର୍ଗଦର୍ଶନରେ ଦଳ ସଫଳତା ଅର୍ଜନ କରିଛି । ଏହା ସହିତ ପ୍ରିନ୍ସ ରଘୁବୀର ପ୍ରଧାନ ଜାତୀୟ କ୍ରୀଡ଼ା ମହୋତ୍ସବ ପାଇଁ ମନୋନୀତ ହୋଇ ବେଙ୍ଗାଲୁରୁରେ ଦଳର ପ୍ରତିନିଧିତ୍ୱ କରିଛନ୍ତି । ଏହି ସଫଳତା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।

## ଦୁଇ ହତ୍ୟା ମାମଲାରେ ୨ ଗିରଫ

### ନାବାଳକ ଗଲା ବାଲସୁଧାର ଗୃହ

ପୋଲସରା,୨୮ ।୪(ସମିସ): ପୋଲସରା ଥାନା ଅଞ୍ଚଳରେ ମାତ୍ର ୮ ଦିନ ବ୍ୟବଧାନରେ ଦୁଇଟି ହତ୍ୟାକାଣ୍ଡ ଘଟିଥିଲା । ପ୍ରଥମେ ମାଳତେନ୍ତୁଳିଆର ରାଜଦୀପ ସାହୁଙ୍କୁ ଅପହରଣ ଓ ପରେ ତଣ୍ଟି ଚିପି ହତ୍ୟା କରାଯାଇଥିଲା । ଏହି ମାମଲାରେ ମୃତକଙ୍କ ସମ୍ପର୍କୀୟ ଭାଇ ସୁବ୍ରତ ସାହୁକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ହେଲେ ହତ୍ୟାକାଣ୍ଡରେ ସମ୍ପୃକ୍ତ ବିଶ୍ୱାସ ପଟ୍ଟନାୟକ ଫେରାର ଥିଲା । ପୋଲସରା ଥାନାର ଏକ ସ୍ୱତନ୍ତ୍ର ଟିମ ଆନ୍ଧ୍ରପ୍ରଦେଶର ତୁନି ଷ୍ଟେସନ ନିକଟରୁ ତାକୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ସେପଟେ ଏହି ଘଟଣାରେ ନଂ.୨୧୪/୨୬ ମାମଲା ରୁଜୁ ହୋଇଥିଲା ବେଳେ ତଦନ୍ତ ପାଇଁ ସୁବ୍ରତକୁ ପୁଲିସ ଦୁଇ ଦିନିଆ ରିମାଣ୍ଡରେ ଆଣିଥିଲା । ସୋମବାର ରିମାଣ୍ଡ ଅବଧି ଶେଷ ପରେ ତାକୁ ପୁଣି ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ପୁଣିଥରେ ସୁବ୍ରତକୁ ରିମାଣ୍ଡରେ ଆଣି ସିନ୍ ରିକ୍ରିଏସନ କରାଯିବ ବୋଲି ପୁରୁଷୋତ୍ତମପୁର ଏସଡିପିଓ ସୁଜିତ କୁମାର ନାୟକ ସୂଚନା ଦେଇଛନ୍ତି ।

ସେହିପରି ବାଲିଘାଇରେ ଗତ ଶନିବାର ବିଳମ୍ବିତ ରାତିରେ ବର ଶୋଭାଯାତ୍ରାବେଳେ ନାଗିନ୍ ଗୀତ ବଜାଇବାକୁ ନେଇ ଘଟିଥିଲା ଏକ ଜଘନ୍ୟ ହତ୍ୟାକାଣ୍ଡ । ବଡ଼ଭାଇ ରିଙ୍କୁ ଜେନାର ବାହାଘର ଶୋଭାଯାତ୍ରା ବେଳେ ସାନଭାଇ ଆକାଶ ଜେନାଙ୍କୁ ହତ୍ୟା କରିଥିଲେ ଡିଜେ ଚାଳକ ଓ ତାଙ୍କ ସହଯୋଗୀ । ପରେ ଅଭିଯୁକ୍ତଙ୍କୁ ଧରି କଠୋର ଦଣ୍ଡ ଦେବା ପାଇଁ ଗ୍ରାମବାସୀ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ । ସୋମବାର ପୋଲସରା ପୁଲିସ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ପୋଲସରା ଥାନା ରାଣୀପଡା ଗ୍ରାମର ମିଥୁନ ଜେନା(୨୨) ଓ ବାଲିଘାଇ ଗ୍ରାମର ଜଣେ ୧୭ ବର୍ଷର ନାବାଳକ । ନାବାଳକକୁ ବ୍ରହ୍ମପୁର ବାଲସୁଧାର ଗୃହକୁ ପଠାଯାଇଛି । ଏଥିସହ ଅତିଶୀଘ୍ର ଉଭୟ ହତ୍ୟାକାଣ୍ଡରେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ କୌଶିକ ମାଝୀ ସୂଚନା ଦେଇଛନ୍ତି ।

## ଆଇନଜୀବୀ ଦିବସ ପାଳିତ



ଆସିକା,୨୮ ।୪(ସମିସ): ଆସିକା ଓକିଲ ସଙ୍ଘ ପକ୍ଷରୁ ମଧୁସୂଦନ ଦାସଙ୍କ ଜନ୍ମ ଦିବସ ସହିତ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି । ଓକିଲ ସଙ୍ଘର ସଭାପତି ଛବିଳରାମ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଚିତ୍ତ ରଞ୍ଜନ ଦାସ, ଉପସଭାପତି ସୂର୍ଯ୍ୟ ପ୍ରକାଶ ରାଓ, ଯୁଗ୍ମ ସମ୍ପାଦକ ଅଜିତ ମୁନି, କୋଷାଧ୍ୟକ୍ଷ ରାଘବ ନାହାକ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଦିନରେ ଆସିକା ବାରର ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ନାଥ ଶର୍ମା, ସୁରେନ୍ଦ୍ର ନାଥ ପଣ୍ଡା, ସଞ୍ଜୟ ପାତ୍ର, ପ୍ରଭାତ ପାଢ଼ୀ, ଅଜିତ ଚୌଧୁରୀ, ନାରାୟଣ ମୁନି, ଇନ୍ଦ୍ର ମୋହନ ସ୍ୱାଇଁ, ପ୍ରସନ୍ନ ବିଷୋୟୀ, ପଞ୍ଚାନନ ପୋଲାଇ, ଲଳିତ ମୋହନ ଦାସଙ୍କ ସମେତ ଅନ୍ୟ କେତେଜଣ ଆଇନଜୀବୀଙ୍କୁ ସମ୍ମାନିତ କରାଯାଇଥିଲା । ଶିବ ଶଙ୍କର ପାତ୍ର, ସନ୍ତୋଷ ପାଣିଗ୍ରାହୀ, ବିଦେଶୀ ନାୟକ, ପ୍ରଭାତ ପାଢ଼ୀ, ସନ୍ତୋଷ ମିଶ୍ର, ଯଜ୍ଞେଶ୍ୱର ଆଚାରୀ, ଦ୍ୱାରିକା ପରିଡା, ଶିବ ମହାନ୍ତି, ମୋହନ ରାଓ ଦୋରାଙ୍କ ସମେତ ବହୁ ଆଇନଜୀବୀ ଯୋଗ ଦେଇଥିଲେ ।

## କେରାଣ୍ଡିମାଳ ଜଙ୍ଗଲରେ ପୁଲିସ ଓ ଅବକାରୀ ଚଢ଼ଉ

### ବିପୁଳ ଦେଶୀମଦ ଜବତ; ୫ ଗିରଫ



ଦିଗପହଣ୍ଡି,୨୮ ।୪(ସମିସ): ଦିଗପହଣ୍ଡି ଥାନା କୁମ୍ଭଝରି ଗ୍ରାମ ନିକଟ ଦୁର୍ଗମ କେରାଣ୍ଡିମାଳ ଜଙ୍ଗଲରେ ମଙ୍ଗଳବାର ଭୋରରେ ଚୋରା ମଦ ଧରପଗଡ ପାଇଁ ଦିଗପହଣ୍ଡି ଥାନା ଆଇଆଇସି କିଶୋର କୁମାର ସାମଲଙ୍କ ନେତୃତ୍ୱରେ ପୁଲିସ ଟିମ୍ ଏବଂ ବ୍ରହ୍ମପୁର ସଦର ଅବକାରୀ ଇନ୍ସପେକ୍ଟର ବି.ମନୋଜ କୁମାର, ଷ୍ଟ୍ରାଇକିଂ ଫୋର୍ସ ଏସ.ଆଇ ମନୀଷା ଭୋଳ, ଗୋଇନ୍ଦା ଇନ୍ସପେକ୍ଟର ବ୍ରଜ କିଶୋର ବିଦ୍ଧାଣି, ଏଏସଆଇ ଉମାରାଣୀ ମହାନ୍ତି, ଦିଗପହଣ୍ଡି ଅବକାରୀ ଥାନା ଏଏସଆଇ ଏନ୍. ତ୍ରିପତି ସଦଳବଳ ଅତର୍କିତ ଚଢ଼ଉ କରି ୭୪୪ ଲିଟର ଦେଶୀମଦ ଜବତ କରିବା ସହ ୮୪୦୦ ଲିଟର ମଦ ପୋଚ ନଷ୍ଟ କରିଥିବା ଜଣାପଡିଛି । ଏହି ସମୟରେ ପୁଲିସ କୁମ୍ଭଝରି ଗ୍ରାମର ମାର୍କଣ୍ଡ ମଲ୍ଲିକ(୬୦) ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୩୦ ଲିଟର ଅପମିଶ୍ରିତ ଦେଶୀ ରନ୍ଧାମଦ ଜବତ କରିଥିଲେ । ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସହ ଅପରାହ୍ନରେ ବ୍ରହ୍ମପୁର ସଦର କୋର୍ଟକୁ ଚାଲାଣ କରାଯାଇଛି । ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି । ସେହିପରି ବ୍ରହ୍ମପୁର ସଦର ଅବକାରୀ ଇନ୍ସପେକ୍ଟର କୁମ୍ଭଝରି ଗ୍ରାମ ତଳସାହିର ରଘୁନାଥ ମଲ୍ଲିକ(୪୩) ଏବଂ ଅଶୋକ କୁମାର ମଲ୍ଲିକ(୩୨)ଙ୍କ ଠାରୁ ୪୦ ଲିଟର ଅପମିଶ୍ରିତ ଦେଶୀମଦ ଜବତ କରି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଜାମିନ ଆବେଦନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି । ଷ୍ଟ୍ରାଇକିଂ ଫୋର୍ସ ଏସ.ଆଇ ତଳ କୁମ୍ଭଝରି ଗ୍ରାମର ସୁରେନ୍ଦ୍ର ମଲ୍ଲିକ(୫୦)ଙ୍କ ନିକଟରୁ ୨୫ ଲିଟର ଅପମିଶ୍ରିତ ଦେଶୀମଦ ଜବତ କରିବା ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଅବକାରୀ ଗୋଇନ୍ଦା ଇନ୍ସପେକ୍ଟର କୁମ୍ଭ ଝରି ବନ୍ଧ ସାହିର ମହିଳା ଲକ୍ଷ୍ମୀ ମଲ୍ଲିକ(୨୮)ଙ୍କ ନିକଟରୁ ୧୯ ଲିଟର ଅପମିଶ୍ରିତ ଦେଶୀମଦ ଜବତ କରି ତାଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଛନ୍ତି । ଅଭିଯୁକ୍ତ ମାନଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି । ଜଙ୍ଗଲ ମଧ୍ୟରୁ ଚୋରା ଚାଲାଣ ପାଇଁ ମହଜୁଦ ଥିବା ୬୩୦ ଲିଟର ଅପମିଶ୍ରିତ ଦେଶୀମଦକୁ ଅବକାରୀ କର୍ମଚାରୀ ଜବତ କରିଥିବା ଜଣାପଡିଛି । ଉକ୍ତ ପାହାଡ଼ିଆ ଜଙ୍ଗଲରେ କିଛି ବ୍ୟକ୍ତି ଅପମିଶ୍ରିତ ବିଷାକ୍ତ ମଦ ପ୍ରସ୍ତୁତ କରି ବିଭିନ୍ନ ଗ୍ରାମକୁ ବେଆଇନ ଭାବେ ଯୋଗାଇ ଆସୁଥିବା ପୁଲିସ ଏବଂ ଅବକାରୀ ବିଭାଗକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୋରରୁ ଚଢ଼ଉ କରାଯାଇଥିଲା । ସେହି ସମୟରେ ଅଭିଯୁକ୍ତମାନଙ୍କୁ କାବୁ କରାଯାଇଥିବା ବେଳେ ଅନ୍ୟ କିଛି ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି ।

## ବିପୁଳ ପରିମାଣର ବିଦେଶୀ ମଦ ଜବତ

ଜଗନ୍ନାଥପ୍ରସାଦ,୨୮ ।୪(ସମିସ): ଜଗନ୍ନାଥପ୍ରସାଦ ଥାନା ପକ୍ଷରୁ ସୋମବାର ବିଳମ୍ବିତ ରାତିରେ ବିଡ଼ିପୁର ଅଞ୍ଚଳରେ ଚଢ଼ଉ କରାଯାଇ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଛି । ବରଗାଁ ଗ୍ରାମର ରାମମୂର୍ତ୍ତି ସାହୁଙ୍କ ପୁଅ କାଳିଆ ସାହୁ ବିଡ଼ିପୁର ବଜାରରେ ଏକ ଢ଼ାବା କରି ବେଆଇନ ଭାବେ ଚୋରା ମଦ ବିକ୍ରି କରୁଥିଲେ । ପୁଲିସ ଗତକାଲି ଢ଼ାବାରେ ଚଢ଼ଉ ବେଳେ ସେଠାରୁ କାଳିଆ ଫେରାର ହୋଇଯାଇଥିଲା । ସ୍ଥାନୀୟ ପୁଲିସ ଢ଼ାବା ମାଲିକ କାଳିଆ ବିଡ଼ିପୁର କଲେଜ ନିକଟରେ ଏକ ନୂତନ କୋଠାଘର ଭିତରେ ବହୁ ପରିମାଣର ଚୋରା ମଦ ରଖିଥିବା ଜାଣିବାକୁ ପାଇଥିଲା । ମାଜିଷ୍ଟ୍ରେଟ ମୋହନ ମଲ୍ଲିକ, ତହସିଲଦାର ଅଶୋକ କୁମାର ମୁଦୁଲି, ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା, ଅତିରିକ୍ତ ଥାନାଧିକାରୀ ଅନିଲ କୁମାର ଦେବତା, ଏଏସଆଇ ପ୍ରିୟ ରଞ୍ଜନ ମିଶ୍ରଙ୍କ ଉପସ୍ଥିତରେ କୋଠାଘର ଭଙ୍ଗାଯାଇ ତଲାସୀ ବେଳେ ସେଠାରୁ ୪୫୯. ୧୮୦ ଲିଟର ବିଦେଶୀ ମଦ ଜବତ କରିଛି । ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଥିବା ବେଳେ ହାବିଲଦାର ଦିଲ୍ଲୀପ କୁମାର ରଣା, ମହେଶ୍ୱର ନାୟକ, ଦାମଦୋର ମଣ୍ଡଳ ପ୍ରମୁଖ ଚଢ଼ଉରେ ସାମିଲ ଥିଲେ ।

## ଅତିରିକ୍ତ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ



ଛତ୍ରପୁର,୨୮ ।୪(ସମିସ): ୨୦୦୦ ମସିହା ବ୍ୟାଚର ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ସଚ୍ଚିଦାନନ୍ଦ ନାୟକ ମଙ୍ଗଳବାର ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଭାବେ ଅବସ୍ଥାପିତ ଥିଲେ । ଦାୟିତ୍ୱ ଗ୍ରହଣ ଅବସରରେ ସେ ଗଣମାଧ୍ୟମକୁ ସୌଜନ୍ୟମୂଳକ ସାକ୍ଷାତରେ କହିଛନ୍ତି, ସରକାରଙ୍କ ସମସ୍ତ ଉନ୍ନୟନ ଯୋଜନାର ସଫଳ କାର୍ଯ୍ୟକାରିତାକୁ ଗୁରୁତ୍ୱ ଦିଆଯିବ । ଦାୟିତ୍ୱ ଗ୍ରହଣ ପରେ ପ୍ରଥମେ ଗଞ୍ଜାମ ଜିଲ୍ଲାପାଳଙ୍କୁ ଭେଟିଥିଲେ । ପରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ । ସୂଚନାଥାଉକି, ପୂର୍ବରୁ ଅତିରିକ୍ତ ଜିଲ୍ଲାପାଳ ଭାବେ ଥିବା ଡ଼ଃ. ପ୍ରମୋଦ କୁମାର ପୃଷ୍ଟି ନବରଙ୍ଗପୁର ଜିଲ୍ଲାକୁ ବଦଳି ହୋଇଛି ।

## ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ



ରାୟଗଡ଼,୨୮।୪(ସମିସ): ସ୍ଥାନୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଜାତୀୟ ସ୍ୱାସ୍ଥ୍ୟ ମିସନର ନିର୍ଦ୍ଦେଶିକା ଡ. ଡି. ବୃନ୍ଦା ପରିଦର୍ଶନ କରି ନବନିର୍ମିତ ଖୋଲା ଜିମ୍ ପାର୍କର ଶୁଭ ଉଦ୍‌ଘାଟନ କରିଥିଲେ । ଏହାସହ ନିର୍ଦ୍ଦେଶିକା ବିଦ୍ୟାଳୟର ପାରିପାର୍ଶ୍ୱିକ ସ୍ୱଚ୍ଛତା ଏବଂ ଛାତ୍ରଛାତ୍ରୀ ନିବାସର ପରିଚାଳନା ବ୍ୟବସ୍ଥାକୁ ନିକଟରୁ ପରଖିଥିଲେ । ବିଦ୍ୟାଳୟର ଅନ୍ତେବାସୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସେବା ଏବଂ ସୁବିଧା ସୁଯୋଗର ସେ ସମୀକ୍ଷା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ କୁମାର ସାହୁକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ସେ ପ୍ରଶଂସା କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନୋନଗା, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ସଲୋମନ୍ ରାଇକା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶାନ୍ତନୁ ପାଢ଼ୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ବାରିକ ଏବଂ ମଙ୍ଗଳ ସଂପ୍ରସାରଣ ଅଧିକାରୀ ବିଷ୍ଣୁ ପ୍ରସାଦ ସେଠୀ ଉପସ୍ଥିତ ଥିଲେ ।

## ଗଜପତିରେ ଜାତୀୟ ସ୍ୱାସ୍ଥ୍ୟ ମିସନ ନିର୍ଦ୍ଦେଶିକା

### ବିଭିନ୍ନ ବିଭାଗକୁ ନେଇ ସମୀକ୍ଷା ବୈଠକ



ପାରଳାଖେମୁଣ୍ଡି,୨୮।୪(ସମିସ): ଜିଲ୍ଲା ନୋଡାଲ ସଚିବ ତଥା ଜାତୀୟ ସ୍ୱାସ୍ଥ୍ୟ ମିସନ ନିର୍ଦ୍ଦେଶକ ଡ. ଡି. ବନ୍ଦା ଦିନିକିଆ ଗଜପତି ଗସ୍ତରେ ଆସି ମୋହନା, ଆର୍.ଉଦୟଗିରି ଓ ରାୟଗଡ଼ ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହିତ ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ମୋହନା ବ୍ଲକ ଆଲିଗଣ୍ଡାରେ ନିର୍ମାଣ ହେଉଥିବା ମେଗା ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା କରିବା ସହ ଚନ୍ଦ୍ରଗିର ପଞ୍ଚାୟତ କାର୍ଯ୍ୟାଳୟର ଜିପି ସୁବିଧା କେନ୍ଦ୍ର ଏବଂ ବିଏନଆରଜିଏସକେ କୋଠା, ମଡେଲ ପଞ୍ଚାୟତ ଅଫିସ ଓ ମହିଳା ପ୍ରତୀକ୍ଷା ଗୃହ ପରିଦର୍ଶନ କରିଥିଲେ । ସେହିପରି ରା.ଉଦୟଗିରି ବ୍ଲକ୍‌ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମହେନ୍ଦ୍ରଗଡରେ ଥିବା ଗ୍ରାମୀଣ ଆବାସ ଅଧୀନରେ ପ୍ରଧାନମନ୍ତ୍ରୀ-ଜନମନ ଯୋଜନା, ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ରାୟଗଡ଼ ବ୍ଲକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମିଶନ୍ ଶକ୍ତି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସିଲେଇ ୟୁନିଟ୍ ପରିଦର୍ଶନ କରି ଆଲୋଚନା କରିଥିଲେ । ସନ୍ଧ୍ୟାରେ ପାରଳାଖେମୁଣ୍ଡିରେ ପହଞ୍ଚି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ସମସ୍ତ ବିଭାଗର କାର୍ଯ୍ୟକାରୀ ହେଉଥିବା ବିକାଶମୂଳକ ଯୋଜନାକୁ ନେଇ ସମୀକ୍ଷା କରିଥିଲେ । ଉକ୍ତ ସମୀକ୍ଷା ବୈଠକରେ ଆକାଂକ୍ଷା କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ, ସମାଜମଙ୍ଗଳ, ଶିକ୍ଷା, ପ୍ରାଣୀସମ୍ପଦ, କୃଷି ବିଭାଗ, ମିଶନ ଶକ୍ତି, ସୁଭଦ୍ରା ଯୋଜନା ଭଳି ବିଭିନ୍ନ ବିଭାଗର କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ । ଜିଲ୍ଲା ପ୍ରଶାସନ ଗୋଟିଏ ଟିମ୍ ଭାବେ କାର୍ଯ୍ୟ କରି ସମସ୍ତ ଦାୟିତ୍ୱକୁ ସଫଳତାର ସହ ସମ୍ପାଦନ କରିଥିବାରୁ ଜିଲ୍ଲା ନୋଡାଲ ସଚିବ-ତଥା-ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଖୁସି ବ୍ୟକ୍ତ କରିଥିଲେ । ଆଜିର ଏହି ସମୀକ୍ଷା ବୈଠକରେ ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢ଼ୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡିର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ରଙ୍କ ସମେତ ସମସ୍ତ ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ ।

## ରାଜପଥରେ ଟ୍ରାଫିକ୍ କଟକଣା ଢ଼ିଲା

# ଧାଡ଼ି ଭାଙ୍ଗି ରଙ୍ଗରୁଟ୍‌ରେ ଆଇରନ୍ ବୋଝେଇ ଟ୍ରକ୍

ମାର୍ଶାଘାଇ,୨୮।୪(ସମିସ)



ପାରାଦୀପ-ଚଣ୍ଡିଖୋଲ ୫୩ନଂ ଜାତୀୟ ରାଜପଥରେ ଦୈନିକ ହଜାର ହଜାର ଆଇରନ ବୋଝେଇ ଟ୍ରକ୍ ପାରାଦୀପ ବନ୍ଦରକୁ ଲୁହାପଥର ପରିବହନ ହେଉଛି। ଯୋଡ଼ା, ବଡ଼ବିଲ ସମେତ ଅନ୍ୟ ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ ଟ୍ରକ ବନ୍ଦରରେ ମାଲ ଖଲାସ କରିବାକୁ ରାଜପଥରେ ୩/୪ ଦିନ ୪୦ ଡିଗ୍ରୀ ତାତିରେ ଧାଡ଼ିରେ ଅପେକ୍ଷା କରୁଛନ୍ତି। କେତେକ ଚାଳକ ଦିନ ଦିନ ଧରି ଅପେକ୍ଷା କରିବା ଦ୍ୱାରା ଦଲାଲଙ୍କ ସହଯୋଗରେ ଧାଡ଼ି ଭାଙ୍ଗି ଆଗକୁ ଯାଉଛନ୍ତି। ଫଳରେ ଅନେକ ସ୍ଥାନରେ ୮ ଲେନ ରାସ୍ତା ଅବରୋଧ ଯୋଗୁଁ ସାଧାରଣ ଲୋକ ଓ ଆମ୍ବୁଲାନ୍ସ ଚଳାଚଳରେ ସମସ୍ୟା ହେଉଛି। ବନ୍ଦରରେ ଲୁହାପଥର ପ୍ରବେଶରେ ବିଳମ୍ବ ଯୋଗୁଁ ହଜାର ହଜାର ଆଇରନ ବୋଝେଇ ଟ୍ରକ ରାଜପଥରେ ଅପେକ୍ଷା କରୁଛନ୍ତି। ପାରାଦୀପରୁ ମାର୍ଶାଘାଇ ପର୍ଯ୍ୟନ୍ତ ରାଜପଥ ଉପରେ ଆଇରନ ବୋଝେଇ ଟ୍ରକ ୮ ଥାକିଆ ରାସ୍ତାକୁ ଜାମ କରୁଥିବା ନେଇ ଅଭିଯୋଗ ହେଉଛି। ଟ୍ରାଫିକ ପରିଚାଳନାରେ ତ୍ରୁଟିକୁ ସାଧାରଣ ଲୋକେ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। କିଛି ଦଲାଲଙ୍କ ମାଧ୍ୟମରେ ଆଇରନ ବୋଝେଇ ଟ୍ରକ ଟ୍ରାଫିକ୍ ନିୟମ ଭାଙ୍ଗି ରଙ୍ଗରୁଟରେ ବନ୍ଦର ପ୍ରବେଶ କରି ମାଲ ପହଞ୍ଚାଇବାକୁ ଅସାଧୁ ମେଣ୍ଟ ସାହାଯ୍ୟରେ ରାସ୍ତା ଜାମ ହେଉଥିବା ଅଭିଯୋଗ ହେଉଛି। ରାଜପଥରେ ଦଲାଲଙ୍କ ସକ୍ରିୟତାକୁ ପୁଲିସ କାର୍ଯ୍ୟାନୁଷ୍ଠାନ ଢିଲା ଯୋଗୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଉଛି। ଗୁରୁତର ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ, ଟ୍ୟାକ୍ସି, ବାଇକ୍ ଆରୋହୀ ରାଜପଥରେ ଚଳାଚଳରେ ଗୁରୁତର ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି। ମାର୍ଶାଘାଇ ପୁଲିସର ଟ୍ରାଫିକ ପଚିଚାଳନା ଓ ରାତ୍ରକାଳୀନ ପାଟ୍ରୋଲିଂ ଢିଲାକୁ ସ୍ଥାନୀୟ ଲୋକେ ଦାୟୀ କରୁଛନ୍ତି।

**ସାଧାରଣ ଲୋକ ଓ ଆମ୍ବୁଲାନ୍ସ ଚଳାଚଳରେ ଗୁରୁତର ସମସ୍ୟା**

ଯଦୁପୁର, କଳାଗଡ଼ ଛକରେ ଦଲାଲ ସକ୍ରିୟ ଯୋଗୁଁ କେତେକ ଆଇରନ ବୋଝେଇ ଟ୍ରକ ଦଲାଲଙ୍କ ମାଧ୍ୟମରେ ରଙ୍ଗରୁଟ ଆପଣାଉଥିବାରୁ ରାଜପଥରେ ଟ୍ରାଫିକ୍ ସମସ୍ୟା ଦେଖାଦେଉଥିବା ଅଭିଯୋଗ ହେଉଛି। ଅନେକ ସମୟରେ ଟ୍ରାଫିକ୍ ନିୟମ ଭଙ୍ଗକରି ଅବୁଝା ଟ୍ରକ୍ ଚାଳକ ଲାଇନ୍ ଭଙ୍ଗକରି ଭୁଲ ରାସ୍ତାରେ ଅଚାନକ ଦ୍ରୁତଗତିରେ ନେବା ଦ୍ୱାରା ରାଜପଥ ଜାମ୍ ହେବା ସହ ଦୁର୍ଘଟଣାରେ ନିରୀହ ଲୋକଙ୍କ ଜୀବନ ଯାଉଛି। ରାଜପଥରେ ଅନେକ ଟ୍ରକ୍ ମାଲିକ ଭିତିରି ବୁଝାମଣା କରି ଲାଇନ୍‌ରୁ ବାହାରି ବେଆଇନ୍ ଭାବେ ପାରାଦୀପ ଅଭିମୁଖେ ମାଲ ପରିବହନ କରିବାକୁ ଯାଉଥିବାବେଳେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ମାର୍ଶାଘାଇ ଥାନା ଅଧିକାରୀ ତପନ ନାୟକଙ୍କୁ ପଚାରିବାରୁ ପାରାଦୀପ ପୋର୍ଟରେ ବାରକୋର୍ଡ ସମସ୍ୟାରୁ ଏଣ୍ଟ୍ରିରେ ବିଳମ୍ବିତ ହେଉଛି। ଫଳରେ ରାଜପଥରେ ୪/୫ ଦିନ ପର୍ଯ୍ୟନ୍ତ ଅପେକ୍ଷାରତ ଆଇରନ ଟ୍ରକ ଧାଡ଼ିଭାଙ୍ଗି ଟ୍ରାଫିକ୍ ସମସ୍ୟା କରୁଛନ୍ତି। ପୁଲିସ ୩୦ ଜଣ ଚାଳକଙ୍କ ବିରୋଧରେ ମାମଲା ଦାଏର କରିଛି। ଆଗକୁ ଟ୍ରାଫିକ ସମସ୍ୟା ନ ହେବା ପାଇଁ ଥାନା ଛକରୁ ଆଇରନ ଟ୍ରକ୍ ଅଟକାଇ ପର୍ଯ୍ୟାୟକ୍ରମେ ଛଡ଼ାଯିବାର ବ୍ୟବସ୍ଥା କରାଯାଇଥିବା କହିଛନ୍ତି।

## ମଧୁବାବୁ ଥିଲେ ଓଡ଼ିଆ ଅସ୍ମିତାର ପ୍ରତୀକ



**ପଟ୍ଟାମୁଣ୍ଡାଇ, ୨୮।୪(ସମିସ):** ମଧୁବାବୁ ଥିଲେ ଓଡ଼ିଆ ଅସ୍ମିତାର ପ୍ରତୀକ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଓଡିଆ ଭାଷା ଆନ୍ଦୋଳନର ସେ ଥିଲେ କର୍ଣ୍ଣଧାର ବୋଲି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ଅରଡାଠାରେ ଅନୁଷ୍ଠିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ପ୍ରକାଶ କରିଛନ୍ତି। ବରିଷ୍ଠ ଯୁବ ଆଇନଜୀବୀ ମନୋଜ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶ୍ରୀ ଚୌଧୁରୀ କହିଲେ, ମଧୁବାବୁଙ୍କ ଆଦର୍ଶରେ ଯୁବପିଢି ଅନୁପ୍ରାଣିତ ହେଲେ କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢିବି ଉକ୍ତିର ଯଥାର୍ଥତା ପ୍ରତିପାଦିତ ହୋଇପାରିବ। ଆଇନଜୀବୀ ହୃଦାନନ୍ଦ ମହାନ୍ତି ମୁଖ୍ୟବକ୍ତା, କାଉନସିଲର ସୁବାସ ମଲିକ, ସମାଜସେବୀ ଶୈଳେନ୍ଦ୍ର ମହାନ୍ତି, ସାମ୍ବାଦିକ ଲକ୍ଷ୍ମୀଧର ବାରିକ, ବାକ୍ତାରପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ପତି, କାଉନସିଲର ପ୍ରତିନିଧି ଦୀପକ ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ମହାନ୍ତି, ସତ୍ୟାନନ୍ଦ ଦାଶ, ବିଜୟ ଓଝା, ରମେଶ ଦାଶ, ରଶ୍ମିରଞ୍ଜନ ନାୟକ, ପ୍ରଦୀପ ମହାନ୍ତି, ଶାରଦା ପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସୁବ୍ରତ ଦାଶ ଧନ୍ୟବାଦ ଦେଇଥିଲେ।

**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ଓକିଲ ସଂଘ କାର୍ଯ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ସଭାପତି ଆଇନଜୀବୀ ସୂର୍ଯ୍ୟରଞ୍ଜନ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଅଧ୍ୟକ୍ଷ ଆଇନଜୀବୀ ଡଃ ନରହରୀ ଲେଙ୍କା ମୁଖ୍ୟଅତିଥି, ବିଜୟ ରାଉତ ମୁଖ୍ୟବକ୍ତା ଓ ରାମକୃଷ୍ଣ ଦାଶ ଓ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିବା ସହିତ ଆଇନଜୀବୀ ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଓକିଲ



ସଂଘ ଉପସଭାପତି ଗୋପିନାଥ ତ୍ରିପାଠୀ, ସମ୍ପାଦକ ରବିନ୍ଦ୍ର ଦାଶ, ସହସମ୍ପାଦକ ସତ୍ୟନାରାୟଣ ନାୟକ, କୋଷାଧ୍ୟକ୍ଷ ଗୀତାଞ୍ଜଳି ପୃଷ୍ଟି ଓ ପାଠାଗାର ସମ୍ପାଦକ ସିନାରାଣୀ ଓଝା ପ୍ରମୁଖ ଯୋଗ ଦେଇଥିଲେ। ଆଇନଜୀବୀ ତପନ ମିଶ୍ର, ଅଶ୍ୱିନୀ ବେହେରା, ହୃଦାନନ୍ଦ ମହାନ୍ତି, ଭବାନୀ ପଣ୍ଡା, ଶରତ ମଲିକ, ଏମ୍ ଏଫ୍ ବେଗ ପ୍ରମୁଖ ଉପସ୍ଥିତ ଥିଲେ। ସହସମ୍ପାଦକ ସତ୍ୟନାରାୟଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇର ଅଗ୍ରଣୀ ସାରସ୍ୱତାନୁଷ୍ଠାନ ପ୍ରତିଭା ସମ୍ମାନ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠାନର ସଭାପତି ପ୍ରାଧ୍ୟାପକ ଡଃ ନୀଳମଣି ଲେଙ୍କାଙ୍କ ସଭାପତିତ୍ୱରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଚାରୋଟି କବିତା



ସଂକଳନ ଉନ୍ମୋଚିତ ହୋଇଯାଇଛି। ପ୍ରଥମେ ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ବିଶିଷ୍ଟ ପ୍ରାବନ୍ଧିକ ଓ କବି ପ୍ରାଧ୍ୟାପକ ଡଃ ନୀଳମଣି ଲେଙ୍କାଙ୍କ କବିତା ସଂକଳନ "ମାଙ୍କଡ଼ ନାଚ' ଓ "ଚଉଦର ଆରପଟେ' ପ୍ରାଧ୍ୟାପିକା ତଥା କବୟିତ୍ରୀ ଡଃ ଚିତ୍ରାକାନ୍ତି ସେଠୀଙ୍କ କବିତା ସଂକଳନ "ଅନ୍ଧାରର ମୃତ୍ୟୁ' ଓ "ମାଟିରୁ ଆକାଶ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉନ୍ମୋଚନ ଉତ୍ସବରେ ବିଶିଷ୍ଟକବି ତଥା ପରିବେଶବିତ୍ ଡଃ ଉତ୍କଳ ଗୌରବ ମଧୁସୂଦନ ଦାସ ଆମ ଓଡ଼ିଆ ଜାତିର ଅସ୍ମିତା ବୋଲି ଦୃଢୋକ୍ତି ପ୍ରକାଶ କରି ଜୀବନକୁ ବାଦ୍ ଦେଇ କବିତା ରଚନା ସମ୍ଭବ ନୁହେଁ। କବିଙ୍କ ଅନୁଭୂତି, ଭାବ ଓ ଆବେଗରେ କବିତା ସବୁକାଳେ ବନ୍ଧାପଡ଼ିଯାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ମୀନା କୁମାରୀ ସିଂହ ଓ ପ୍ରାଧ୍ୟାପିକା ଡଃ ଚିତ୍ରାକାନ୍ତି ସେଠୀ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଡଃ ଲକ୍ଷ୍ମଣ କୁମାର ଦାଶ କବିତା ପୁସ୍ତକଗୁଡ଼ିକୁ ସମୀକ୍ଷା କରିଥିଲେ। ଶିକ୍ଷାବିତ୍ ସାଇ ପ୍ରଭୁପାଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିହାପଡ଼ା ପଞ୍ଚାୟତ ପୁରସ୍କୃତ



**ପଟ୍ଟାମୁଣ୍ଡାଇ,୨୮।୪(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସରେ ଡିହାପଡ଼ା ପଞ୍ଚାୟତ ପୁରସ୍କୃତ ହୋଇଛି। ପଞ୍ଚାୟତିରାଜ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି, ବିଡିଓ ଶୀତଲ ଅଗ୍ରୱାଲ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ବ୍ଲକ୍ ସହନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଳିକ ଓ ପ୍ରସନ୍ନ ରାଉତ, ସହକାରୀ ଯନ୍ତ୍ରୀ ବିନାୟକ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିକାଶମୂଳକ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଡିହାପଡ଼ା ପଂଚାୟତ ସରପଞ୍ଚ ଶତ୍ରୁଘ୍ନ ମଲିକ, ସମିତି ସଭ୍ୟା ରେଣୁକା ସେଠୀ, କନିଷ୍ଠ ଯନ୍ତ୍ରୀ ଜ୍ଞାନଞ୍ଜୟ ବେହେରା, ପିଇଓ ରଂଜିତ ପରିଡା, ଏଡିଇଓ ମଳୟ ପ୍ରଧାନଙ୍କୁ ପୁରସ୍କୃତ କରିଥିଲେ।

## ଗୋ-ସମ୍ମାନ ଆହ୍ୱାନ ଅଭିଯାନ

**ଡେରାବିଶ, ୨୮।୪(ସମିସ):** ଡେରାବିଶ ବ୍ଲକର ହିନ୍ଦୁ ସମାଜ ସଂଗଠନ ପକ୍ଷରୁ ଦେଶରେ ଗୋହତ୍ୟା ସମ୍ପୂର୍ଣ୍ଣ ବନ୍ଦ କରିବା ଓ ଗୋମାତାଙ୍କୁ ରାଷ୍ଟ୍ରସ୍ତରୀୟ ସମ୍ମାନ ଦେବା ନିମନ୍ତେ ଏକ




ପ୍ରାର୍ଥନାପତ୍ର ଡେରାବିଶ ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସମାଜରେ ଗୋମାତାଙ୍କୁ ସ୍ୱତନ୍ତ୍ର ସମ୍ମାନ ଦେବା ସହିତ ଗୋହତ୍ୟାକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ଗୋମାତାଙ୍କ ପାଇଁ ସରକାରୀ ଜାଗାରେ ଗୋଶାଳା ପ୍ରତିଷ୍ଠା କରିବା, ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଚାରଣ ଭୂମି ସଂରକ୍ଷଣ କରିବା ଆଦି ଦାବି ନେଇ ସାରା ଭାରତ ବର୍ଷରେ ଚାଲିଥିବା ଏହି ଅଭିଯାନରେ ଡେରାବିଶ ବ୍ଲକ୍‌ର ହିନ୍ଦୁ ସାମଜ ନିଜକୁ ସାମିଲ କରିଛି। ବ୍ଲକ୍‌ର ୧୧୦୦୦ ବ୍ୟକ୍ତିଙ୍କ ଦସ୍ତଖତ ସମ୍ବଳିତ ଏହି ପ୍ରାର୍ଥନାପତ୍ରକୁ ଡେରାବିଶ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଶଶାଙ୍କ ଜେନା, ମାଧବ ପ୍ରଧାନ, ଅଭିଜିତ ଦାସ, ପ୍ରଦୀପ୍ତ ସ୍ୱାଇଁ, ଶୁଭମ ନାୟକ, ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ସାମିଲ ଥିଲେ।

## ଥାଲାସେମିଆ ଶିଶୁଙ୍କୁ ସ୍ୱେଚ୍ଛାସେବୀଙ୍କ ରକ୍ତଦାନ



**ଡେରାବିଶ,୨୮।୪(ସମିସ):** ବସପୁର ପଞ୍ଚାୟତ ଅନ୍ତର୍ଗତ ଆରିପଦାସ୍ଥ ଜଗନ୍ନାଥ ଚାରିଟି ଫାଉଣ୍ଡେସନ୍ ପକ୍ଷରୁ ଆଜି ଜଣେ ଥାଲାସେମିଆ ପୀଡ଼ିତ ଗରିବ ପରିବାରର ଶିଶୁଙ୍କୁ ରକ୍ତଦାନ କରାଯାଇଛି। କାଉପଡ଼ା ପଞ୍ଚାୟତ ଥକେଇନେଉଳି ଗ୍ରାମର ମାନସିକ ଭିନ୍ନକ୍ଷମ ଗଗୁନି ସେଠୀଙ୍କ ଶିଶୁପୁତ୍ର ସାଇରାମ (୧୦) ଓ ଝିଅ ରାଜନନ୍ଦନୀ (୬) ଉଭୟ ଥାଲାସେମିଆରେ ପୀଡ଼ିତ ଅଛନ୍ତି। ଏହି ଦୁଇ ଶିଶୁଙ୍କୁ ନିୟମିତ ବ୍ୟବଧାନରେ ରକ୍ତର ଆବଶ୍ୟକତା ହେଉଥିବାବେଳେ ଆର୍ଥିକ ଅନାଟନ ସେମାନଙ୍କ ଚିକିତ୍ସାରେ ବାଧକ ସାଜିଛି। ଆଜି ଫାଉଣ୍ଡେସନର ସଦସ୍ୟ ଧୀରେନ ନାୟକ ଓ ରୁପେଶ ବାରିକ କଟକ ମେଡ଼ିକାଲରେ ପହଂଚି ଉଭୟ ଶିଶୁଙ୍କୁ ରକ୍ତଦାନ କରିଛନ୍ତି।

## ପ୍ରଗତିଶୀଳ ମହିଳା ସମିତିର ଦାବିପତ୍ର

**ରାଜକନିକା,୨୮।୪(ସମିସ):** ଆଜି ରାଜକନିକା ବ୍ଲକ୍‌ରେ ଚାଲିଥିବା ବହୁବିଧ ଦୁର୍ନୀତି, ଏସଏଚଜି ଗ୍ରୁପକୁ ସବସିଡି ପ୍ରଦାନରେ ପାତରଅନ୍ତର, ଲୋକ ପ୍ରତିନିଧିଙ୍କ



ଅଗୋଚରରେ ବହୁ ପ୍ରକଳ୍ପର ଅନୁମୋଦନ ଓ କାର୍ଯ୍ୟାନ୍ୱୟନ ଭଳି ଅନିୟମିତତା ପ୍ରତିବାଦରେ ପ୍ରଗତିଶୀଳ ମହିଳା ସମିତିର ଏକ ପ୍ରତିନିଧି ଦଳ ଶୋଭାଯାତ୍ରାରେ ଆସି ରାଜକନିକା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଗବେଷକ ନିରଞ୍ଜନ ମେକାପଙ୍କ ବିୟୋଗ



**କେନ୍ଦ୍ରାପଡ଼ା,୨୮।୪(ସମିସ):** ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଉପରେ ଦୀର୍ଘଦିନ ଧରି ଗବେଷଣା କରୁଥିବା ବିଶିଷ୍ଟ ଗବେଷକ ଓ ସାହିତ୍ୟିକ ନିରଞ୍ଜନ ମେକାପଙ୍କ ହୃଦଘାତରେ ବିୟୋଗ ଘଟିଛି। ମୃତ୍ୟୁବେଳେ ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ଦୁଇକନ୍ୟା ଓ ଏକମାତ୍ର ପୁତ୍ର ଉପସ୍ଥିତ ଥିଲେ। ଏ ଦୁଃଖଦ ସମ୍ବାଦ ପ୍ରଚାର ହେବା ପରେ କେନ୍ଦ୍ରାପଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ସାହିତ୍ୟିକ, ସମାଜସେବୀ ଓ ପ୍ରଶାସନିକ ବ୍ୟକ୍ତି ଇଚ୍ଛାପୁର ନିକଟ ମଧଖଣ୍ଡିସ୍ଥ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ପୌରାଧ୍ୟକ୍ଷା ସରିତା ସାହୁ, ରଞ୍ଜିତ ସାହୁ, ବିଜେପି ନେତ୍ରୀ ଡା. ଜ୍ୟୋସ୍ନାରାଣୀ ଜେନା, ପୂର୍ବତନ ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ବିଜେପି ନେତା ସୁନାକର ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ପ୍ରଫେସର ନନ୍ଦକିଶୋର ପରିଡ଼ା, ଡା. ବିଶ୍ୱପ୍ରକାଶ କାନୁନଗୋ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ବଳଦେବଜୀଉ ଦେବୋତ୍ତର ନ୍ୟାସର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଡା. ଚୈତନ ପରିଡ଼ା, ସମାଜସେବୀ ପ୍ରଦୀପ ମହାନ୍ତି, ସାହିତ୍ୟିକ ବାସୁଦେବ ଦାସ ପ୍ରମୁଖ ଶୋକ ପ୍ରକାଶ କରିଥିଲେ। ନିରଞ୍ଜନ ମେକାପ ତାଙ୍କ ଜୀବନକାଳରେ ଅନେକ ଗବେଷଣାମୂଳକ ଓ ଐତିହ୍ୟମୂଳକ ପୁସ୍ତକ ରଚନା କରିଥିଲେ। ଏଥିମଧ୍ୟରେ "କେନ୍ଦ୍ରାପଡ଼ା ରସାବଳି', "ଶ୍ରୀବଳଦେବଜୀଉ ଓ ତୁଳସୀକ୍ଷେତ୍ର', "ଇତିହାସ ଅର୍ଗଳୀରେ ବଡ଼କୋଠା ଓ ନରେନ୍ଦ୍ର ପରିବାର', "ଇତିହାସ ପୃଷ୍ଠାରେ ଉଡ୍ର ସଭ୍ୟତା', "ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦଚନ୍ଦ୍ର', "କୁଜଙ୍ଗ ଇତିହାସ' ଓ "ଜଗତଜନନୀ ମା' ଶାରଳା ଓ ଆର୍ଯ୍ୟପୁତ୍ର' ପ୍ରମୁଖ ଅତ୍ୟନ୍ତ ପ୍ରଶଂସିତ। ଏଥିସହ ଭିନ୍ନଭିନ୍ନ ପତ୍ରପତ୍ରିକା ଓ ସମ୍ବାଦପତ୍ରରେ ତାଙ୍କର ୫୦୦ରୁ ଅଧିକ ଆଲେଖ୍ୟ ଓ ପ୍ରବନ୍ଧ ପ୍ରକାଶିତ ହୋଇଛି। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ହୋଇଥିବାବେଳେ ପୁତ୍ର ନିଳାଦ୍ରୀ ମୁଖାଗ୍ନି ଦେଇଥିଲେ।

## ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳନ



**ରାଜନଗର,୨୮।୪(ସମିସ):** ରାଜନଗର ବ୍ଲକ୍ ଆମ୍ବେଦକର ମହିଳା ବିକାଶ ଟ୍ରଷ୍ଟ ଓ ଆମ୍ବେଦକର ଲୋହିଆ ବିଚାର ମଞ୍ଚ (ମହିଳା ଶାଖା) ପକ୍ଷରୁ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଓ ୪ର୍ଥ ବାର୍ଷିକ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ମୁଖ୍ୟବକ୍ତା ଅତିରିକ୍ତ ତହସିଲଦାର ଆଶିଷ ଜେନା, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ରାଜ୍ୟ ଆମ୍ବେଦକର ଲୋହିଆ ବିଚାର ମଞ୍ଚ ସଂଗଠକ ଅଭିମନ୍ୟୁ ସେଠୀ, ଜିଲ୍ଲା ଆମ୍ବେଦକର ଲୋହିଆ ବିଚାର ମଞ୍ଚ ସଭାନେତ୍ରୀ ପ୍ରମିଳା ସେଠୀ, ଜିଲ୍ଲାଗୋଖା ମହାସଂଘ ସଭାପତି ବସନ୍ତ କୁମାର ସେଠୀ, ରାଜନଗର ବାର୍ ଆସୋସିଏସନ ସଭାପତି ଉମେଶ ଚନ୍ଦ୍ର ଦାସ, ଆମ୍ବେଦକର ଲୋହିଆ ବିଚାର ମଞ୍ଚ ସମ୍ପାଦକ ଈଶ୍ୱର ମଲିକ, ବାମନ ଜେନା, ସାଗରିକା ମଲ୍ଲିକ, ସାରତୀ ସେଠୀ, ଅଂଜଳି ମଲିକ, କନକଲତା ସେଠି ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିବା ସହିତ ବ୍ଲକ କନଫରେନ୍ସ ହଲ୍‌ରେ ଆୟୋଜିତ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରମିଳା ସେଠୀ, ସୀତା ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ଦାନପୁର ପଞ୍ଚାୟତ ଶକ୍ତିକେନ୍ଦ୍ର ବୈଠକ

**ଡେରାବିଶ,୨୮।୪(ସମସ):** ଦାନପୁର ପଞ୍ଚାୟତର ଗହଗା ନରସିଂହପୁର ଜୟଚଣ୍ଡୀ ଠାକୁରାଣୀଙ୍କ ପୀଠରେ ଦାନପୁର ପଞ୍ଚାୟତ ପକ୍ଷରୁ ଶକ୍ତିକେନ୍ଦ୍ର ବୈଠକ ଅମରେନ୍ଦ୍ର ରଥଙ୍କ ସଭାପତିତ୍ୱରେ ପଞ୍ଚାୟତର ବିଭିନ୍ନ ବୁଥ୍ ସଭାପତି ଓ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଳୀୟ ବିଭିନ୍ନ ସାଂଗଠନିକ ସମ୍ପର୍କରେ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ଅନୁମୋଦିତ ହୋଇଥିଲା। ବୈଠକରେ ବିନୟାନନ୍ଦ ସାହୁ, ସ୍ୱାମୀ ଶ୍ରୀନିବାସ, ଚିତ୍ତରଞ୍ଜନ ପଣ୍ଡା, ଦେବେନ୍ଦ୍ର ମଲିକ, ଅମ୍ବିକା ଗାହାଣ, ରାମଚନ୍ଦ୍ର ବେହେରା, ସନାତନ ଦାସ, ଅକ୍ଷୟ ଘଡେଇ ପ୍ରମୁଖ ଯୋଗ ଦେଇଥିଲେ।

## ନେତାଜୀ କ୍ଳବ୍ ସଦସ୍ୟଙ୍କ ପରଲୋକ

**ରାଜକନିକା, ୨୮।୪(ସମିସ):** ରାଜକନିକା ବ୍ଲକ ଅନ୍ତର୍ଗତ ତରାସ ଗ୍ରାମର ନେତାଜୀ କ୍ଲବର ବରିଷ୍ଠ ସଦସ୍ୟ ମଳୟ ନାୟକଙ୍କ ପରଲୋକ ଘଟିଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ବହୁଦିନ ଧରି ଲିଭର ସମ୍ବନ୍ଧୀୟ ରୋଗରେ ପୀଡ଼ିତ ଥିଲେ। ମଙ୍ଗଳବାର ଭୋର ୩ଟା ସମୟରେ ବାଲେଶ୍ୱରସ୍ଥ ବାସଭବନରେ ତାଙ୍କର ମୃତ୍ୟୁ ଘଟିଛି। ସେ ଜଣେ ସୁଦକ୍ଷ ଫୁଟବଲ୍ ଖେଳାଳି ଭାବେ ଅଞ୍ଚଳରେ ପରିଚିତ ଥିଲେ। ଆଜି ସକାଳ ୧୦ଟା ସମୟରେ ତାଙ୍କ ମୃତଦେହ ନେତାଜୀ କ୍ଲବ ପ୍ରାଙ୍ଗଣରେ ପହଞ୍ଚିବା ପରେ କ୍ଲବର ସମସ୍ତ ସଦସ୍ୟ ଓ ସ୍ଥାନୀୟ ଲୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ରାଜକନିକା ପଞ୍ଚାୟତସମିତି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



**ରାଜକନିକା,୨୮।୪(ସମିସ):** ଆଜି ରାଜକନିକା ବ୍ଲକ ପଞ୍ଚାୟତ ସମିତି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମ ରାଜକନିକା ବ୍ଲକ ପରିସରରୁ ଆରମ୍ଭ ହୋଇ ପରେ ଥାନା ପାଖରୁ ଅଶୋକ ବଜାର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା, ଅଶୋକ ବଜାର ତହସିଲ ଅଫିସ ପରିସର, ଆରଏନ ହାଇସ୍କୁଲ ପରିସର ସଫେଇ କରାଯାଇଥିଲା। ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ରାଉତ, ରାଜକନିକା ମଣ୍ଡଳ ଉନ୍ନୟନ ଅଧିକାରୀ କୈଳାସ ମହାଳିକ, କନିକା ତହସିଲଦାର ଭାନୁମତୀ ମାଝୀ, ରାଜକନିକା ଥାନାଧିକାରୀ ସଞ୍ଜୟ ମଲିକ, ରାଜକନିକା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ଦାସଙ୍କ ସମେତ ରାଜକନିକା ବ୍ଲକ, ଥାନା, ତହସିଲ, ମେଡିକାଲ ଓ ଅନ୍ୟାନ୍ୟ ଅଫିସ କର୍ମଚାରୀଙ୍କ ସମେତ ପଞ୍ଚାୟତ ପ୍ରତିନିଧି ସହଯୋଗ କରିଥିଲେ। ରାଜକନିକା ବିଡିଓ ରାସ୍ତା ପାର୍ଶ୍ୱରେ ଥିବା ସମସ୍ତ ଦୋକାନୀଙ୍କୁ ଏଣେତେଣେ ଅଳିଆ ନ ଫୋପାଡ଼ି ଡଷ୍ଟବିନରେ ପକାଇବା ଓ ରାସ୍ତା ଉପରେ ଗାଡ଼ି ପାର୍କିଂ ନ କରିବା ପାଇଁ ସଚେତନ କରିଥିଲେ।

## ଗୋପାଳପୁରରେ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ମହାକାଳପଡ଼ା,୨୮।୪(ସମିସ):** ମହାକାଳପଡା ପଞ୍ଚାୟତର ସଦର ମହକୁମା ଗୋପାଳପୁର ଗ୍ରାମରେ ନବନିର୍ମିତ ଓଁ ଶ୍ରୀଶ୍ରୀ ଚିନ୍ତାମଣିଶ୍ୱରାୟ ମହାଦେବ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ଉତ୍ସବର ପ୍ରଥମ ଦିବସ ସୋମବାର ଅଙ୍କୁରାରୋପଣ।ଧୀବାସ, ମଙ୍ଗଳବାର ପ୍ରାତଃ କଳସ



ଯାତ୍ରା, ଘଟସ୍ଥାପନ ଓ ଅନ୍ୟାନ୍ୟ ପୂଜା ଯଥାବିଧି ଅନୁଷ୍ଠିତ ହେଉଛି। ପୂର୍ବାହ୍ନରେ କଳସ ଶୋଭାଯାତ୍ରା ମନ୍ଦିର ପ୍ରାଙ୍ଗଣରୁ ବାହାରି ଚଡାଇଗୁଆଁ, ଶିଖରପଟଣା, ଗୌଡ଼ବାଡ଼ପୁର ଗାଁ ପରିକ୍ରମା କରି ଗୋପାଳପୁର ଘାଟରେ ପହଞ୍ଚିଥିଲା। ପୂଜାର୍ଚ୍ଚନା କରାଯାଇ ୧୦୮ ପୂର୍ଣ୍ଣ କଳସ ଧରି ମହିଳା ଓ ପୁରୁଷ ମନ୍ଦିରରେ ଘଟ ସ୍ଥାପନ କରାଇଛନ୍ତି। ୧୯୯୨ରେ ଗ୍ରାମସ୍ଥ ସ୍ୱର୍ଗତ ମୁରଲୀଧର ସ୍ୱାଇଁ ଶିବ ମନ୍ଦିରର ଶୁଭାରମ୍ଭ କରିଥିଲେ। କିନ୍ତୁ ମନ୍ଦିର ନିର୍ମାଣ ଚାଲିଥିବାବେଳେ ତାଙ୍କର ଦେହାନ୍ତ ଘଟିଥିଲା। ପରବର୍ତ୍ତୀ କାଳରେ ତାଙ୍କ ପୁତ୍ର ପ୍ରମୋଦ ସ୍ୱାଇଁଙ୍କ ସହଯୋଗ ଓ ଗ୍ରାମବାସୀଙ୍କ ପ୍ରୟାସରେ ମନ୍ଦିର ନିର୍ମାଣ ସଫଳ ହୋଇପାରିଛି। ଏହି ପ୍ରତିଷ୍ଠା ଉତ୍ସବରେ ସ୍ୱର୍ଗତ ସ୍ୱାଇଁଙ୍କ ଜ୍ୟେଷ୍ଠ ଜାମାତା ମହେନ୍ଦ୍ର ରାଉତ ଓ ଜ୍ୟେଷ୍ଠ କନ୍ୟା ରାଜଲକ୍ଷ୍ମୀ ସ୍ୱାଇଁ କର୍ତ୍ତାକର୍ତ୍ତୀ ଭାବେ ଯୋଗ ଦେଇଛନ୍ତି। ଗାଁର ମୁରବି ପ୍ରତାପ ପାଇକରାୟ, ଧୃଷ୍ଟନ୍ତ ପାଇକରାୟ, ଗୟାଧର ପ୍ରଧାନ, ଦିଲ୍ଲୀପ ଦାସ, ଦିଲ୍ଲୀପ ରାଉତ, ଅମୂଲ୍ୟ ରାଉତ ପ୍ରମୁଖ ସହଯୋଗ କରୁଛନ୍ତି।

● ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ମାଟି ପକାଇ ପାଣି ନିଷ୍କାସନ ବାଟ ବନ୍ଦ

# ବର୍ଷା ପାଣିରେ ବୁଡ଼ିବ ଗାଁ; ଗ୍ରାମବାସୀଙ୍କ ଅସନ୍ତୋଷ

**କେନ୍ଦ୍ରାପଡ଼ା,୨୮।୪(ସମିସ):** ବର୍ଷାଋତୁ ଆସିବା ପୂର୍ବରୁ ହିଁ ଗ୍ରାମବାସୀଙ୍କ ମଧ୍ୟରେ ଜନ୍ମ ନେଇଛି ଭୟ। କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅଧୀନ ମଧୁସୂଦନପୁର ଅଞ୍ଚଳରେ ଜଣେ ବ୍ୟକ୍ତି ନିଜ ସ୍ୱାର୍ଥ ପାଇଁ ଗ୍ରାମର ପ୍ରମୁଖ ପାଣି ନିଷ୍କାସନ ବାଟକୁ ମାଟି ପକାଇ ବନ୍ଦ କରିଦେଇଥିବା ଅଭିଯୋଗ ହୋଇଛି। ଫଳରେ ଆଗାମୀ ବର୍ଷାଋତୁରେ ସମଗ୍ର ଗ୍ରାମ ଭିତରେ ପାଣି ପଶିଯିବା ଆଶଙ୍କା ଦେଖାଦେଇଛି। ପାଣି ନିଷ୍କାସନ ବନ୍ଦ ହୋଇଯାଇଥିବାରୁ ବର୍ଷାଦିନେ ଘରେ ଆଣ୍ଠୁଏ ପର୍ଯ୍ୟନ୍ତ ପାଣି ପଶିବା ସ୍ଥିତି ସୃଷ୍ଟି ହେବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଏହାକୁ ବିରୋଧ କରିବାକୁ ଯାଇଥିବାବେଳେ ଉକ୍ତ ବ୍ୟକ୍ତି ସେମାନଙ୍କୁ ମିଥ୍ୟା ମାମଲାରେ ଫସାଇବା ସହ ଧମକ ଦେଉଥିବା ଓ କେତେକ ଘଟଣାରେ ମାରପିଟ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ପୂର୍ବରୁ ସ୍ଥାନୀୟ ତହସିଲଦାର, ପୁଲିସ ଓ ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଆଜି ଏହାକୁ ନେଇ ଗ୍ରାମବାସୀ ଅବରୋଧ ହୋଇଥିବା ଜଳାଶୟ



ସ୍ଥଳରେ ଏକତ୍ରିତ ହୋଇ ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ। ସେମାନେ ତତ୍କାଳ ପାଣି ନିଷ୍କାସନ ବାଟ ଖୋଲିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଯଦି ପ୍ରଶାସନ ପଦକ୍ଷେପ ଗ୍ରହଣ ନ କରେ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଯୋଗାଣ ବିଭାଗରେ ଅଚଳାବସ୍ଥା

# ଇ-କେୱାଇସିର ତିନି ମାସ ପରେ ବି ମିଳୁନି ଚାଉଳ

ପଞ୍ଚୁପାଣ୍ଡବ,୨୮।୪(ସମିସ)

ଡେରାବିଶ ବ୍ଲକ ଯୋଗାଣ ବିଭାଗର କେତେକ ଅଧିକାରୀଙ୍କ ପାଇଁ ଏକପ୍ରକାର ଅଚଳାବସ୍ଥା ଦେଖାଦେଇଥିବା ଅଭିଯୋଗ ହେଉଛି। ଏହି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ଦୈନିକ ଲୋକେ ବିଭିନ୍ନ କାମ ପାଇଁ ଆସି ନିରାଶ ହୋଇ ଫେରୁଥିବା ଅଭିଯୋଗ ହେଉଛି। ସରକାର ମଲା ଲୋକ ଓ ଭୂତ କାର୍ଡ କାଟିବା ପାଇଁ ଅଣ୍ଟା ଭିଡୁଥିଲେ ବି ପ୍ରଶାସନିକ ଅଧିକାରୀଙ୍କ ଅବହେଳା ପାଇଁ ମଲା ଲୋକଙ୍କ ବଦଳରେ ଜିଅନ୍ତା ଲୋକଙ୍କ କାର୍ଡ କାଟୁଥିବା ଦେଖିବାକୁ ମିଳୁଛି। ବର୍ଷ ବର୍ଷ ଧରି ନୂତନ କାର୍ଡ ଓ ପରିବାର ସାଙ୍ଗରେ ଅନ୍ୟ ଜଣଙ୍କୁ ସାମିଲ କରିବା ପାଇଁ ବ୍ଲକକୁ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ସରକାରଙ୍କ ପକ୍ଷରୁ କେତେକ ଯୋଗ୍ୟ ହିତାଧିକାରୀ ଇକେୱାଇସି ସମୟ ସୀମା ଭିତରେ କରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଚାଉଳ ପାଇ ନ ଥିବା ଅଭିଯୋଗ ହେଉଛି। ଏମିତି ଦେଖିବାକୁ ମିଳିଛି ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମରେ। ୧୭୦୨୦୪୧୧୨୧୪ ରାସନ କାର୍ଡରେ ପରିବାରର ପାଞ୍ଚଜଣ ରାସନ ପାଉଥିଲେ। ଏଥିମଧ୍ୟରୁ ହାନୁ ସାହା ଦାଦନ ଖଟିବାକୁ ଯାଇଥିବାରୁ ତାଙ୍କୁ ରାସନ ମିଳି ନ ଥିଲା। ସରକାରଙ୍କ ସମୟ ସୀମା ଭିତରେ ସେ ଗ୍ରାମରେ ପହଞ୍ଚି ସଦାନନ୍ଦପୁର ଡିଲର ଦାୟିତ୍ୱରେ ଥିବା ପୀତାମ୍ବର ନାୟକଙ୍କ ଘରକୁ ଯାଇ ଇକେୱାଇସି କରିଥିଲେ। ତେବେ ତିନି ମାସ ପୂରିଲା କିନ୍ତୁ ରାସନ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ଡିଲରରୁ ବ୍ଲକ ଦୌଡ଼ି ଦୌଡ଼ି ନିରାଶ ହୋଇଥିବା ଅଭିଯୋଗ ହୋଇଛି। ପୁଅକୁ ୮ ବର୍ଷ ପୂରିବ ଏହି କାର୍ଡରେ ସାମିଲ କରିବା ପାଇଁ ବର୍ଷେ ହେବ ଅନ୍‌ଲାଇନରେ ଦରଖାସ୍ତ କରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ପରିବାରଙ୍କ କାର୍ଡରେ ସାମିଲ ହୋଇପାରିଲାନାହିଁ। ଏମିତି ସମସ୍ୟାରେ ପଡ଼ି ଶତାଧିକ ଯୋଗ୍ୟ ହିତାଧିକାରୀ ବ୍ଲକ୍‌କୁ ଦୌଡ଼ି ଦୌଡ଼ି ନିରାଶ ହୋଇଥିବା ଅଭିଯୋଗ ହେଉଛି। ଏହି ବ୍ଲକରେ ବିଭିନ୍ନ ବିଭାଗରେ ଉତ୍କୋଚ ଦେଇ କିଛି ଦଲାଲ କାମ କରୁଥିବାବେଳେ ସାଧାରଣ ଲୋକ ହଇରାଣ ହେଉଥିବା ଅଭିଯୋଗ ହେଉଛି।

୨୮/୪/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧୩,୦୨,୭୦୧/- ସୁନା: ୦୧.୫୦୦ ଗ୍ରାମ୍ ରୁପା: ୧୦୨.୦୦୦ ଗ୍ରାମ୍





# ଭାଙ୍ଗି ଦେଲେ ୨ ସୁଲଭ ଶୌଚାଳୟ

ପୁରୀ,୨୭।୪(ସମିସ)




ବିକଳ୍ପ ବ୍ୟବସ୍ଥା ନ କରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ବସ୍‌ଷ୍ଟାଣ୍ଡରେ ଥିବା ସୁଲଭ ଶୌଚାଳୟ ଭାଙ୍ଗି ଦିଆଯାଇଛି। ଫଳରେ ପ୍ରତିଦିନ ହଜାର ହଜାର ଯାତ୍ରୀ, ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ପରିଶ୍ରା ପାଇଁ ହଡ଼ବଡ଼ିକଳ ହେଉଛନ୍ତି। ସବୁଠୁ ଅଧିକ ହଇରାଣ ହେଉଛନ୍ତି ମହିଳା ଓ ବୟସ୍କ ବ୍ୟକ୍ତି।

ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ଏବଂ ଧାର୍ମିକ ସହର। ଏଠାକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଟ୍ରେନ୍ ଓ ବସ୍ ଯୋଗେ ଆସିଥା'ନ୍ତି। ଏତଦ୍‌ବ୍ୟତୀତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଲୋକେ ବସ୍‌ରେ ଆସନ୍ତି। ତଥ୍ୟ ଅନୁଯାୟୀ ପୁରୀକୁ ଏବେ ବର୍ଷକୁ ପାଖାପାଖି ସାଢ଼େ ୪ କୋଟି ପର୍ଯ୍ୟଟକ ଆସୁଛନ୍ତି। ହେଲେ

## ଡାକ୍ତରଖାନା ଓ ବସ୍‌ଷ୍ଟାଣ୍ଡରେ ଯାତ୍ରୀ, ରୋଗୀ ସମ୍ପର୍କୀୟ ହନ୍ତସନ୍ତ

ବଡ଼ଦାଣ୍ଡରେ ଏବେ ବି ଆବଶ୍ୟକୀୟ ଶୌଚାଳୟ ନାହିଁ। ଅନେକ ବର୍ଷ ତଳେ ସୁଲଭ ଇଣ୍ଟରନ୍ୟାସନାଲ ବସ୍‌ଷ୍ଟାଣ୍ଡ ପ୍ରବେଶ ପଥ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ବଗଲା ଧର୍ମଶାଳା ପ୍ରବେଶ ପଥରେ ଗୋଟିଏ ଲେଖାଏଁ ଶୌଚାଳୟ। ବଗଲା ଶୌଚାଳୟ ଅନେକ ଦିନରୁ ଏକପ୍ରକାର ଜବରଦଖଲ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରବେଶ ପଥ (ରକ୍ତ ଭଣ୍ଡାର ନିକଟରେ)ରେ ରୋଗୀଙ୍କ ସମ୍ପର୍କୀୟଙ୍କର ଯେଉଁ ଶୌଚାଳୟ ଏକମାତ୍ର ଭରସା ଥିଲା ତାହାକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଛି। ସେଠାରେ ଏବେ ନିଅଁ ପଡୁଛି। ଏଣୁ ରୋଗୀଙ୍କ ଆତ୍ମୀୟମାନେ ଏବେ ରାତି ଅଧରୁ ବଡ଼ଦାଣ୍ଡ ନଳାରେ ଝାଡ଼ା, ପରିଶ୍ରା କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବିଭିନ୍ନ ପ୍ରକାର ପରୀକ୍ଷା ପାଇଁ ସକାଳୁ ରୋଗୀଙ୍କ ଲମ୍ବା ଧାଡ଼ି ଲାଗିଥାଏ। ଏମାନଙ୍କ ମଧ୍ୟରେ ଅଧିକାଂଶ ବରିଷ୍ଠ ନାଗରିକ ଯେଉଁମାନେ ମଧୁମେହ ରୋଗରେ ପୀଡ଼ିତ ସେମାନେ ସୁଗାର ଟେଷ୍ଟ ପାଇଁ ଆସିଥା'ନ୍ତି। ଅଧିକାଂଶ ପରିଶ୍ରା ଲାଗିବା ମାତ୍ରେ ଅପେକ୍ଷା କରିପାରନ୍ତି ନାହିଁ। ସେହିଭଳି ଧାଡ଼ିରେ ଛିଡ଼ା ହେଉଥିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ଏହି ସୁଲଭ ଶୌଚାଳୟ ବେଶ୍ ଉପାଦେୟ ହେଉଥିଲା। କିନ୍ତୁ ମାସେରୁ ଊର୍ଦ୍ଧ୍ୱ ହେବ ଏହାକୁ ଭାଙ୍ଗି ଦିଆଯାଇଛି। ଫଳରେ ରୋଗୀ, ସମ୍ପର୍କୀୟ ବିଶେଷକରି ମହିଳାମାନେ ପରିଶ୍ରା କରିବା ପାଇଁ ହନ୍ତସନ୍ତ ହେଉଛନ୍ତି। ତାହାଠାରୁ ଆହୁରି ଦୟନୀୟ ହୋଇଛି ବିଭିନ୍ନ ଜିଲ୍ଲାରୁ ବସ୍ ଯୋଗେ ଆସୁଥିବା ଯାତ୍ରୀଙ୍କ ଅବସ୍ଥା। ଶୌଚ ହେବା ପାଇଁ ବସ୍‌ଷ୍ଟାଣ୍ଡ ମୁହଁରେ ଥିବା ଶୌଚାଳୟକୁ ନିକଟରେ ଭାଙ୍ଗି ଦିଆଯାଇ ନବନିର୍ମାଣର ବ୍ୟବସ୍ଥା ହେଉଛି। କିନ୍ତୁ ଅସ୍ଥାୟୀ ଟଏଲେଟ୍ କିମ୍ବା ମୋବାଇଲ୍ ଟଏଲେଟ୍‌ର ବ୍ୟବସ୍ଥା କରାଯାଇ ନାହିଁ। ଏହାର ପରିଣତି ସ୍ୱରୂପ, ମହିଳାମାନେ ଶରଧାବାଲି ଉପରେ ଶାଢ଼ି ଘେରାଇ ପରିଶ୍ରା କରିବାକୁ ଏକପ୍ରକାର ବାଧ୍ୟ ହେଉଛନ୍ତି। ଶହଶହ ଯାତ୍ରୀ ବଡ଼ନଳାରେ ଝାଡ଼ା ପରିଶ୍ରା କରୁଛନ୍ତି। ପ୍ରଶ୍ନ ଉଠୁଛି ଭାଙ୍ଗିବା ପୂର୍ବରୁ ପ୍ରତିଦିନ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଏବଂ ଯାତ୍ରୀଙ୍କ ପାଇଁ ଦୁଇଟି ଶୌଚାଳୟ ନିର୍ମାଣ କରିବା କ'ଣ ପ୍ରଥମ ଆବଶ୍ୟକତା ନ ଥିଲା? ନା' ଜାଗାର ଅଭାବ ଥିଲା? ଆଗକୁ ରଥଯାତ୍ରା। ଦେଶ ବିଦେଶରୁ ଅନେକ ଭକ୍ତ ଆସିବେ, ସେତେବେଳକୁ ଏସବୁ କାମ ସଠିକ୍ ଭାବରେ ସରିଥିବ ତ? ସେ ନିର୍ମାଣ ରଥଯାତ୍ରା ସମୟରେ କୌଣସି ଅଘଟଣ ଘଟାଇବ ନାହିଁ ତ? ମହାନଗର ହେବାର ଆରମ୍ଭରୁ ପୁରୀ ପାଇଁ ଏବେଠାରୁ ଏମିତି ଅନେକ ପ୍ରଶ୍ନ। ଅନ୍ୟପକ୍ଷରେ ପ୍ରତିଦିନ ମେଡିକାଲ ଏବଂ ବସ୍‌ଷ୍ଟାଣ୍ଡରେ ଲୋକେ ହଇରାଣ ହେଉଛନ୍ତି।

ନିମାପଡ଼ାର ସାବିତ୍ରୀ ସାହୁ କହିଛନ୍ତି, ବସ୍‌ଷ୍ଟାଣ୍ଡରେ ୨ ଘଣ୍ଟା ହେଲା ବସ୍ ଅପେକ୍ଷାରେ ଅଛି। ମହିଳାମାନେ କୁଆଡ଼େ ଯିବୁ? ଖୋଲା ସ୍ଥାନକୁ ଯିବା ସମ୍ଭବ ନୁହେଁ। ଭାଙ୍ଗିବା ଆଗରୁ ଟିକେ ଭାବିଥାନ୍ତେ। ଏଇଟା କ'ଣ ସରକାରଙ୍କ ସ୍ୱଚ୍ଛ ଭାରତ? ସେହିପରି ବ୍ରହ୍ମଗିରିର ସନ୍ତୋଷ ପାତ୍ର କହିଛନ୍ତି, ଡାକ୍ତରଖାନାକୁ ଆସୁଥିବା ଡାଇବେଟିସ୍ ରୋଗୀ ଅଧିକ ସମସ୍ୟା ଭୋଗୁଛନ୍ତି। ରକ୍ତ ପରୀକ୍ଷା ପାଇଁ ହେଉ କିମ୍ବା ଅନ୍ୟ କୌଣସି ପାଇଁ ଆସିଥିବାବେଳେ ସେମାନଙ୍କୁ ବାରମ୍ବାର ବାଥରୁମ୍ ଯିବାକୁ ପଡ଼େ। ରାସ୍ତାକଡ଼ କିମ୍ବା ଡ୍ରେନ୍‌ରେ ପରିଶ୍ରା କଲେ ସଂକ୍ରାମକ ରୋଗ ସମ୍ଭାବନା ରହିଛି। ଅଟୋଚାଳକ ପ୍ରଶାନ୍ତ ସାହୁ କହିଛନ୍ତି, ବସ୍‌ଷ୍ଟାଣ୍ଡ ଶୌଚାଳୟ ଦିନକୁ ଦୁଇ ହଜାରରୁ ଅଧିକ ଲୋକ ବ୍ୟବହାର କରୁଥିଲେ। ଏବେ ସମସ୍ତେ ଦୋକାନ ପଛପଟେ, କାନ୍ଥ କଡ଼ରେ ପରିଶ୍ରା କରୁଛନ୍ତି। ଗନ୍ଧରେ ଛିଡ଼ା ହେବା କଷ୍ଟ। ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ପୁରୀ ପ୍ରତି କ'ଣ ଭାବନା ରହିବ ବୋଲି ସେ ପ୍ରଶ୍ନ କରିଛନ୍ତି।

# ଜୟନ୍ତୀରେ ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ,୨୮।୪(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏହି ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସେଭ୍ କୋଷ୍ଟାଲ ଲାଇଫ୍, ଓଡ଼ିଶା ଯୁବ ଚେତନା ସଂଗଠନ, ନିର୍ମାଲ୍ୟ ଅନୁଷ୍ଠାନ ପକ୍ଷରୁ ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖ ମଧୁସୂଦନ ପାର୍କ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିକୁ ସଫା କରାଯାଇ ମାଲ୍ୟାର୍ପଣ କରାଯାଇଛି। ଏହି ଅବସରରେ ସେଭ୍ କୋଷ୍ଟାଲ ଲାଇଫ୍‌ର ମୁଖ୍ୟ ପ୍ରକୃତିବନ୍ଧୁ ସରୋଜ କୁମାର ଜେନା, ଓଡ଼ିଶା ଯୁବ ଚେତନା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର, ନିର୍ମାଲ୍ୟର ସଭାପତି ଡ. ବିଶ୍ୱନାଥ ମିଶ୍ର ପ୍ରମୁଖ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଓଡ଼ିଶା ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ଓଡ଼ିଆ ଜାତି ପ୍ରତି ତାଙ୍କର ଗୌରବମୟ ଅବଦାନର ସ୍ମୃତିଚାରଣ କରିଥିଲେ। ସେହିପରି ପୁରୀ କୋର୍ଟ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ



ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ସେଭ୍ କୋଷ୍ଟାଲ ଲାଇଫ୍ ମୁଖ୍ୟ ପ୍ରକୃତି ବନ୍ଧୁ ଶ୍ରୀ ଜେନା, ଓଡ଼ିଶା ଯୁବ ଚେତନା ସଂଗଠନର ରାଜ୍ୟ ସଭାପତି ଶ୍ରୀ ମିଶ୍ର, ପୁରୀ ଓକିଲ ସଂଘ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ଉପସଭାପତି ପ୍ରଦୀପ କୁମାର ଦାସ ପ୍ରମୁଖ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# 'ଦୟାନିଧି ସଙ୍ଗୀତ ସୁଧା'ର ଭକ୍ତି ସଙ୍ଗୀତ

ପୁରୀ,୨୮।୪(ସମିସ): ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଅବସରରେ ପ୍ରତିଦିନ ନରେନ୍ଦ୍ର ପୁଷ୍କରିଣୀ ସନ୍ନିକଟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତିସଙ୍ଗୀତ ସମାରୋହ ଅନୁଷ୍ଠିତ ହେଉଛି। ସୋମବାର ପୁରୀର "ଦୟାନିଧି ସଙ୍ଗୀତ ସୁଧା' ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ଗୁରୁ ପ୍ରକାଶ କୁମାର ରଥଙ୍କ ନିର୍ଦ୍ଦେଶନାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପାରମ୍ପରିକ ଓଡ଼ିଶୀ, ଛାନ୍ଦ, ଭଜନ ଏବଂ ଚନ୍ଦନ ଗୀତ ପରିବେଷଣ କରି ଜଗନ୍ନାଥ ପ୍ରେମୀ ଭକ୍ତଗଣ ତଥା ଶ୍ରୋତାଙ୍କ ମନ ମୋହିନେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ହେଲେ କଲ୍ୟାଣମୟୀ ନାୟକ, ବନ୍ଦନା ଦାଶ, ଡ. ଇପ୍ସିତା ଦାଶ, ଡ. ନିହାର ତ୍ରିପାଠୀ, ଶୁଭଶ୍ରୀ ପ୍ରଧାନ, ସମ୍ପିତା ପାତ୍ର, ଶ୍ୱେତା ସାଗରିକା ପାଇକ, ପ୍ରିତମ୍ ବରାଡ଼, ଦିବ୍ୟଜ୍ୟୋତି ଦାଶ ଏବଂ ଆୟୁଷ ଅଂଶୁମାନ ନାୟକ। ବାଦ୍ୟଯନ୍ତ୍ରରେ ସହଯୋଗିତା କରିଥିଲେ ଗୁରୁ ଜଗନ୍ନାଥ ମିଶ୍ର, ଗୁରୁ ହରିଶ ଚନ୍ଦ୍ର ଦାସ, ଗୁରୁ ଶାରଦା ପ୍ରସନ୍ନ ମିଶ୍ର ଏବଂ ଦେବାଶିଷ ଦାସ। ଅନୁଷ୍ଠାନ ତରଫରୁ ଶ୍ରୀମନ୍ଦିର ପ୍ରଶାସନକୁ ଧନ୍ୟବାଦ ଦିଆଯାଇଥିଲା।

ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ପ୍ରସ୍ତୁତି ବୈଠକ

# ଶୃଙ୍ଖଳିତ ଭାବେ ପାଳନ ପାଇଁ ସହଯୋଗ ଲୋଡ଼ିଲା ପ୍ରଶାସନ



ପୁରୀ,୨୮।୪(ସମିସ): ଅସ୍ତରଙ୍ଗ ବ୍ଲକ୍‌ର ଐତିହାସିକ ଲବଣ ସତ୍ୟାଗ୍ରହ ପୀଠ କୁହୁଡ଼ିଠାରେ ପ୍ରତିବର୍ଷ ମେ' ୨୧ ତାରିଖରେ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ୯୬ତମ ରାଜ୍ୟସ୍ତରୀୟ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହକୁ ଶାନ୍ତିଶୃଙ୍ଖଳାର ସହ ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତା ସଂଗ୍ରାମରେ ଲବଣ ସତ୍ୟାଗ୍ରହର ଭୂମିକା ଅତିବ ଗୁରୁତ୍ୱପୂର୍ଣ୍ଣ। ମହାତ୍ମା ଗାନ୍ଧୀଙ୍କ ଡକରାରେ ଲକ୍ଷ ଲକ୍ଷ ସଂଗ୍ରାମୀ ଏଥିରେ ସ୍ୱତଃପ୍ରବୃତ୍ତ ଭାବେ ଯୋଗଦେଇଥିଲେ। ସେମାନଙ୍କ ତ୍ୟାଗ ଓ ବଳିଦାନର ଫଳ ଆମ ଦେଶର ସ୍ୱାଧୀନତା, ଯାହା ଆମେ ଉପଭୋଗ କରୁଛନ୍ତି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା କହିବା ସହ ଏହି ଦିବସକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ ପାଇଁ ସେ ପରାମର୍ଶ ଦେଇଥିଲେ।

ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ମିଳିତ ସହଯୋଗରେ ଏହା ପ୍ରତ୍ୟେକ ବର୍ଷ କୁହୁଡ଼ିଠାରେ ପାଳିତ ହେଉଛି। ଏବର୍ଷ ଏହାକୁ ଅନୁରୂପ ଭାବେ ସମସ୍ତଙ୍କ ସହଯୋଗରେ ପାଳନ କରାଯିବାର ବ୍ୟବସ୍ଥା ହେଉଛି ବୋଲି ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମୀୟ ପଟ୍ଟନାୟକ କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ନିଷ୍ପତ୍ତି ଅନୁସାରେ ମେ' ୨୧ ତାରିଖ ସକାଳ ୭ଟାରେ ବ୍ଲକ୍ ନିକଟରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି, ବ୍ଲକ୍ ପରିସରରେ ଥିବା ସ୍ମୃତିସ୍ତମ୍ଭଠାରେ ମାଲ୍ୟାର୍ପଣ ପରେ ଏକ ଶୋଭାଯାତ୍ରା କୁହୁଡ଼ିଠାରେ ପହଞ୍ଚିବ। ସେଠାରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପରେ ଲବଣ ସତ୍ୟାଗ୍ରହ ସମାରୋହ ଅନୁଷ୍ଠିତ ହେବ। ରାସ୍ତା ମରାମତି, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ, ଚିକିତ୍ସା, ଅଗ୍ନି ନିର୍ବାପକ, ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ପାର୍କିଂ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା ଆୟୋଜନ, କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ଆୟୋଜିତ ହେବ। ଏହାର ସୁବନ୍ଦୋବସ୍ତ ସଠିକ୍ ସମୟସୀମା ମଧ୍ୟରେ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ମାମିନୀ ପରିଡ଼ା, ଅତିରିକ୍ତ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ ପ୍ରମୁଖ ଜିଲ୍ଲାସ୍ତରୀୟ ଓ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପୁରୀ ଓକିଲ ସଂଘର ରକ୍ତଦାନ ଶିବିର

ପୁରୀ,୨୮।୪(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀକୁ ପୁରୀ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଆଡ଼ମ୍ବର ସହକାରେ ପାଳନ କରାଯାଇଛି। ମହାପୁରୁଷଙ୍କ ପୁଣ୍ୟତିଥି ଅବସରରେ ସକାଳ ୮ଟାରେ ସଂଘର କାର୍ଯ୍ୟକର୍ତ୍ତାମାନେ ସଭାଗୃହରେ ଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପୁଷ୍ପ ମାଲ୍ୟାର୍ପଣ ପ୍ରଦାନ କରିବା ସହିତ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ଓ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ



ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସଂଘ ପକ୍ଷରୁ ରକ୍ତଦାନ ଶିବିର ସଂଘର ସଭାଗୃହରେ ଆୟୋଜନ କରାଯାଇଥିଲା। ଅନେକ ଆଇନଜୀବୀ ରକ୍ତଦାନ କରିଥିଲେ। ଏଥିରେ ମୋଟ୍ ୨୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ଓକିଲ ସଂଘ ସଭାପତି ପ୍ରେମାନନ୍ଦ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ସଂଘର ସମ୍ପାଦକ ଶରତ କୁମାର ରାୟଗୁରୁ, ଉପସଭାପତି ପ୍ରଦୀପ କୁମାର ଦାସ, ଯୁଗ୍ମ ସମ୍ପାଦକ ତପନ କୁମାର ବାରିକି, ଅସୀମ କୁମାର ବାନାର୍ଜୀ ଓ ସୋମନାଥ ରଣା ଉପସ୍ଥିତ ଥିଲେ। ସଂଘର କାର୍ଯ୍ୟକାରୀ ସଦସ୍ୟ ଦେବାଶିଷ ଦାଶ, ବିଜୟ ସାହୁ, କର୍ଣ୍ଣବୀର ମହାପାତ୍ର, ନମିତା ସାମଲ, ଶିବାନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସନ୍ଧ୍ୟା ସମୟରେ ସଂଘ ସଭାଗୃହରେ ସମ୍ବର୍ଦ୍ଧନା ସଭା ସହିତ ପୁରସ୍କାର ବିତରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି କରାଯାଇଥିଲା।

# ଇଲେକ୍ଟ୍ରି ବାଣ ବିସ୍ଫୋରଣରେ ଯୁବକ ମୃତ

ପୁରୀ,୨୮।୪(ସମିସ): ସ୍ତ୍ରୀ ୬ ମାସର ଗର୍ଭବତୀ। ପୁଣି ମଙ୍ଗଳବାର ଥିଲା ଭଉଣୀର ବାହାଘର। ଏଭଳି ସମୟରେ ଇଲେକ୍ଟ୍ରି ବାଣ ବିସ୍ଫୋରଣରେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଉଛନ୍ତି ମଙ୍ଗଳାଘାଟ ପାଇକ ସାହିର ସାନୁ ମଲ୍ଲିକ। ସେ ଖଣ୍ଡିଆବନ୍ଧର ଏକ ବିବାହ ମଣ୍ଡପରେ ଇଲେକ୍ଟ୍ରି ବାଣ ପ୍ରସ୍ତୁତ କରୁଥିବାବେଳେ ସୋମବାର ରାତିରେ ଘଟିଥିଲା ବିସ୍ଫୋରଣ। ଏଥିରେ ତାଙ୍କର ଦୁଇହାତ ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ତାଙ୍କୁ ତୁରନ୍ତ ପ୍ରଥମେ ସଦର ମୁଖ୍ୟ ଚିକିତ୍ସାଳୟ ଓ ପରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସଦର ଥାନା ପୁଲିସ ହସ୍ପିଟାଲରେ ପହଞ୍ଚି ତଦନ୍ତ କରିଛି।

ମଙ୍ଗଳାଘାଟ ପାଇକ ସାହିର ସାନୁ ପୁରୀ ବେଳାଭୂମିରେ ଘୋଡ଼ା ଚଳାଇ ଜୀବିକା ନିର୍ବାହ କରୁଥିଲେ। ଗତ କିଛିମାସ ହେବ ସେ ପ୍ରେମ ବିବାହ କରି ଘର ଛାଡ଼ି ସ୍ତ୍ରୀ ସୁଭଦ୍ରାଙ୍କ ସହ ମଶାଣିଚଣ୍ଡୀ ଛକରେ ଭଡ଼ାରେ ରହୁଥିଲେ। ସୋମବାର ସ୍ତ୍ରୀଙ୍କୁ ଶଶୁର ଘରେ ଛାଡ଼ି ସାନୁ ଖଣ୍ଡିଆବନ୍ଧର ଏକ ବିବାହ ମଣ୍ଡପରେ ଇଲେକ୍ଟ୍ରି ବାଣ ପ୍ରସ୍ତୁତ ପାଇଁ ଯାଇଥିଲେ। ମଙ୍ଗଳବାର ଭଉଣୀର ବିବାହ ଥିବାରୁ କିଛି ଅର୍ଥ ଉପାର୍ଜନ ପାଇଁ ସେ ଏହି କାମ ନିମନ୍ତେ ଯାଇଥିଲେ। ସ୍ତ୍ରୀ ସହ ସୋମବାର ରାତି ସାଢ଼େ ୧୦ଟାରେ ଶେଷଥର ପାଇଁ କଥା ହୋଇଥିଲେ। ହଠାତ୍ ମଙ୍ଗଳବାର ପରିବାର ଲୋକେ ଖବର ପାଇଥିଲେ ତାଙ୍କ ପୁଅର ମୃତଦେହ ସଦର ମୁଖ୍ୟ ଚିକିତ୍ସାଳୟ ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି। ଖବର ପାଇ ସ୍ତ୍ରୀ ଓ ପରିବାର ଲୋକେ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ତାଙ୍କ ପୁଅକୁ କେହି ମାରି ଦେଇଥିବା ବାପା ଅଭିଯୋଗ କରୁଥିବାବେଳେ ସ୍ତ୍ରୀ କହିଛନ୍ତି ସ୍ୱାମୀଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କୁ କେହି ଖବର ଦେଇନାହାନ୍ତି।

ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟର ରାଜ୍ୟସ୍ତରୀୟ ଆଲୋଚନାଚକ୍ର

# ବିଶ୍ୱରେ ଦାରୁବ୍ରହ୍ମଙ୍କ ସେବାର ଐତିହ୍ୟ ଅତୁଳନୀୟ



ପୁରୀ,୨୮।୪(ସମିସ): ପୁରାଣ ବର୍ଣ୍ଣନାନୁଯାୟୀ ଶ୍ରୀମନ୍ଦିରର ସେବା ଓ ସେବକ ପରମ୍ପରା ଅଦ୍ୱିତୀୟ। ବଡ଼ଦେଉଳର ଭବ୍ୟ ରତ୍ନସିଂହାସନରେ ସ୍ମରଣାତୀତକାଳରୁ ବିରାଜିତ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥାଦି ଚତୁର୍ଦ୍ଧାବିଗ୍ରହଙ୍କ ନୀତି, ଭୋଗ, ବେଶ, ଯାନିଯାତ୍ରା ଓ ସେବା ଇତ୍ୟାଦି ଅବର୍ଣ୍ଣନୀୟ। କପିଳ ସଂହିତାର ୫ମ ଅଧ୍ୟାୟ ୧୬ ଶ୍ଳୋକରେ କୁହାଯାଇଛି ଯେ, ସବୁ କ୍ଷେତ୍ର ମଧ୍ୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ହେଉଛି ଶ୍ରେଷ୍ଠ ଓ ସମସ୍ତ ଦେବତାଙ୍କ ମଧ୍ୟରେ ଶ୍ରେଷ୍ଠତମ ହେଉଛନ୍ତି ଶ୍ରୀପୁରୁଷୋତ୍ତମ। ଶ୍ରୀଜଗନ୍ନାଥଙ୍କ ଆଦ୍ୟରୂପ ପ୍ରଭୁ ନୀଳମାଧବଙ୍କ ସେବରେ ଦ୍ୱିବିଧ ସେବକ ଥିବାବେଳେ ବର୍ତ୍ତବ୍ରହ୍ମରୂପୀ ଚତୁର୍ଦ୍ଧାବିଗ୍ରହଙ୍କ ସେବାରେ ଶତାଧିକ ସେବକ ନିୟୋଜିତ। ସତ୍ୟଯୁଗରେ ଆଚାର୍ଯ୍ୟ, ବ୍ରହ୍ମା, ଚରୁହୋତା ଓ ପାତ୍ରୀ ହୋତା ଏହି ୪ଜଣ ପୂଜକଙ୍କ ସାହାଯ୍ୟରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ପ୍ରମୁଖ ସେବାରାଧନା କରିଥିବା ପୁରାଣରୁ ଜଣାଯାଏ ବୋଲି ନୀଳାଦ୍ରି ଭକ୍ତ ନିବାସ ସମ୍ମିଳନୀ କକ୍ଷରେ ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ଓ ସେବକ ପରମ୍ପରାର ଐତିହ୍ୟ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଟ୍ରଷ୍ଟ ସଭାପତି ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ଶ୍ରୀଜଗନ୍ନାଥ ଧ୍ୟାନ ମନ୍ତ୍ରପାଠ ପୂର୍ବକ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ତଳୁଛ ନୀଳକଣ୍ଠ ମହାପାତ୍ର, ବଡ଼ ଓଡ଼ିଆ ମଠର ମହନ୍ତ ବଂଶୀଧର ଦାସଗୋସ୍ୱାମୀ ଯୋଗଦେଇଥିଲେ। ଆଲୋଚ୍ୟ ପ୍ରସଙ୍ଗରେ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ ବରିଷ୍ଠ ବିଦ୍ୱାନ ଡ. ଶ୍ରୀନିବାସ ଆଚାର୍ଯ୍ୟ। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ସାମନ୍ତରା, ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ମାଧବ ଚନ୍ଦ୍ର ମହାପାତ୍ର, ସୁଦର୍ଶନ ପୂଜାପଣ୍ଡା ସାମନ୍ତ, ମଦନମୋହନ ଦଉମହାପାତ୍ର, ଭଗବାନ ସୁଆର, ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ଡ. ଶରତ ଚନ୍ଦ୍ର ମହାନ୍ତି, ସୂର୍ଯ୍ୟନାରାୟଣ ମହାପାତ୍ର, ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ ମହାରାଜ, ସ୍ୱାମୀ ଶୁଭାନନ୍ଦ ପୁରୀ, ସତ୍ୟାନନ୍ଦ ମହାରାଜ, ଜଗନ୍ନାଥ ପୂଜାପଣ୍ଡା ସାମନ୍ତ ପ୍ରମୁଖ ସେବାର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଟ୍ରଷ୍ଟ ସଚିବ ନନ୍ଦକିଶୋର ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ କାର୍ଯ୍ୟକାରୀ ସଭାପତି ଡ. ଭାସ୍କର ମିଶ୍ର ଏବଂ ସଂଗଠନ ସମ୍ପାଦକ ବିଶ୍ୱନାଥ ସାମନ୍ତରା। ପ୍ରାରମ୍ଭରେ ବରିଷ୍ଠ ସେବକ ରାଧାନାଥ ପ୍ରତିହାରୀ, ସମାଜସେବୀ ମନୋଜ ରଥ, ସର୍ବେଶ୍ୱର ବଇଠାରୁ, ଶତରୂପା ପ୍ରମୁଖ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତି ସଙ୍ଗୀତ ଗାନ କରିଥିଲେ। ବରିଷ୍ଠ ବିଦ୍ୱାନ ଡ. ନରେଶ ଚନ୍ଦ୍ର ଦାଶ ଧ୍ୟାନମନ୍ତ୍ର ଆବୃତ୍ତି କରିଥିଲେ। ଶ୍ରୀମନ୍ଦିରର ବରିଷ୍ଠ ସେବକମାନେ ସେବାର ଅନେକ ଅନାଲୋଚିତ ତଥ୍ୟ ଉପସ୍ଥାପନ କରିଥିଲେ। ଟ୍ରଷ୍ଟର ପୂର୍ଣ୍ଣଚନ୍ଦ୍ର ଦାସ, ଦେବେନ୍ଦ୍ର ଦାସ, ରାଧାବଲ୍ଲଭ ସିଂହ, ରବିନାରାୟଣ ମହାପାତ୍ର, କୃଷ୍ଣଚନ୍ଦ୍ର ରଥ, ମିଲନ୍ ସାହୁ, ଅରୁଣ ଲେଙ୍କା, ରବୀନ୍ଦ୍ର ସାମଲ, ସୁମିତ୍ରା ଜେନା, ବିଜୟ କୁମାର ପାତ୍ର, ମିହିର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ପିକେଡିଏ ସଚିବଙ୍କୁ ଦାବିପତ୍ର ଦେଲା ପୁରୀ ବିକାଶ ପରିଷଦ

# ରଥଯାତ୍ରା ପୂର୍ବରୁ ଶ୍ରୀଜଗନ୍ନାଥ ମେଡିକାଲ କାର୍ଯ୍ୟକ୍ଷମ କର

ପୁରୀ,୨୮।୪(ସମିସ)



ରଥଯାତ୍ରା ପୂର୍ବରୁ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ୬୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛି ପୁରୀ ବିକାଶ ପରିଷଦ। ମଙ୍ଗଳବାର ଏ ନେଇ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସହ ପରିଷଦ କର୍ମକର୍ତ୍ତା ଆଲୋଚନା କରିଛନ୍ତି। ଏଥିସହ ତୁରନ୍ତ ଗୃହ ନିର୍ମାଣ ନକ୍ସା ଅନୁମୋଦନ କରିବାକୁ ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ (ପିକେଡିଏ) ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମେ' ମାସ ଶେଷ ସୁଦ୍ଧା ନବନିର୍ମିତ ୬୫୦ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ ଓ ହସ୍ପିଟାଲର ଗୃହ ନିର୍ମାଣ ନକ୍ସା ଅନୁମୋଦନ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏହାଛଡ଼ା ସେଠାରେ ଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ଆବଶ୍ୟକ ଅର୍ଥ ମଞ୍ଜୁର କରାଯାଇଥିବା ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି।

ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲ ନିକଟ ବାଲୁଖଣ୍ଡ ରାଜସ୍ୱ ମୌଜାର ୮ ଏକର ଜମିରେ ୬୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ନିର୍ମାଣ କରାଯାଇଛି। ଗତବର୍ଷ ଫେବୃଆରୀ ମାସରୁ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହାଛଡ଼ା ରାଜ୍ୟ ସରକାର ୧୧୦ ଜଣ ପ୍ରଫେସର ଓ ଡାକ୍ତର ସେଠାରେ ନିଯୁକ୍ତି ଦେଇଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ଗୃହ ନିର୍ମାଣ ନକ୍ସା ପିକେଡିଏ ଦ୍ୱାରା ଅନୁମୋଦନ କରାଯାଇନାହିଁ କିମ୍ବା ନୂତନ କୋଠାକୁ ଟାଟା ପାୱାର ବିଦ୍ୟୁତ୍ ସଂଯୋଗ ଦେଇନାହିଁ। ବନଖଣ୍ଡ ଅଧିକାରୀ ଆପତ୍ତି ବିହୀନ ପ୍ରମାଣପତ୍ର ପ୍ରଦାନ କରିନାହାନ୍ତି। ଏହିସବୁ କାରଣ ଯୋଗୁଁ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ୬୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ପୁରୀ ଜିଲ୍ଲାର ପ୍ରାୟ ୧୬ ଲକ୍ଷ ଅଧିବାସୀଙ୍କ ସମେତ ପୁରୀ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କୁ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। ତେଣୁ ପୁରୀ ବିକାଶ ପରିଷଦ ସଭାପତି ଜଗନ୍ନାଥ ବସ୍ତିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ପିକେଡିଏ ସଚିବ ଦିଲ୍ଲୀପ କୁମାର ମହାରଣାଙ୍କୁ ସାକ୍ଷାତ୍ କରି ଆଲୋଚନା କରିଛନ୍ତି। ଯଥାଶୀଘ୍ର ୬୫୦ ଶଯ୍ୟା ବିଶିଷ୍ଟ ନୂତନ ଚିକିତ୍ସାଳୟର ଗୃହ ନିର୍ମାଣ ନକ୍ସା ଅନୁମୋଦନ କରିବାକୁ ସେମାନେ ଦାବି କରିଛନ୍ତି। ଶ୍ରୀ ମହାରଣା କହିଛନ୍ତି, ଗୃହ ନିର୍ମାଣ ନକ୍ସା ଅନୁମୋଦନ ପାଇଁ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ହୋଇଛି। ବାଲୁଖଣ୍ଡ ଅଭୟାରଣ୍ୟର ୫୦୦ ମିଟର ମଧ୍ୟରେ ଏହି ଚିକିତ୍ସାଳୟ ନିର୍ମାଣ କରାଯାଇଥିବାରୁ ବନଖଣ୍ଡ ଅଧିକାରୀଙ୍କ ଆପତ୍ତି ବିହୀନ ପ୍ରମାଣପତ୍ରକୁ ଅପେକ୍ଷା କରାଯାଇଛି। ନଚେତ୍ ସର୍ତ୍ତମୂଳକ ଭାବେ ୬୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ପାଇଁ ଗୃହ ନିର୍ମାଣ ନକ୍ସା ଅନୁମୋଦନ କରାଯିବ ବୋଲି ସେ କହିଛନ୍ତି।

ସେହିପରି ପୁରୀ-କୋଣାର୍କ ରାଜପଥଠାରୁ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲକୁ ସଂଯୋଗ କରିଥିବା ରାସ୍ତା ସମ୍ପ୍ରସାରଣ ଓ ବିକାଶ, ରାସ୍ତାରେ ଉଜ୍ୱଳ ଆଲୋକ ବ୍ୟବସ୍ଥା କରାଯିବାକୁ ପରିଷଦ ଦାବି କରିଛି। ପରିଷଦ ସଭାପତି ଶ୍ରୀ ବସ୍ତିଆ, ଉପସଭାପତି ସୁକାନ୍ତ ପଣ୍ଡା, ଉପଦେଷ୍ଟା ଚକ୍ରଧର ମହାପାତ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ଗୋବିନ୍ଦ ଦାସ ଘୋଷ, ପ୍ରାନ୍ତସିନୀ ଜେନା ଓ ଶୁଭଶ୍ରୀ ଦାସ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ନବନିର୍ମିତ ୬୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବିକରି ମୁଖ୍ୟମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କ ପାଖକୁ ଦାବିପତ୍ର ପଠାଯାଉଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

ସକାଳ
THE SAKALA



# ଗୋରେଖନାଥଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

ରଘୁନାଥପୁର,୨୮।୪(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଗତ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥିବା ଅଷ୍ଟଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ସମ୍ପନ୍ନ ହୋଇଛି। ପୂର୍ଣ୍ଣାହୁତି ଅବସରରେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ ସୂଚନା ମିଳିଛି। ରାତି ୧୧ ଟାରେ ପୂର୍ଣ୍ଣାହୁତି କାର୍ଯ୍ୟ ଶେଷ ହୋଇଥିଲା। ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ତତ୍ତ୍ୱାବଧାନ ତଥା ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜାଙ୍କ ପରିଚାଳନାରେ ସମସ୍ତ କାର୍ଯ୍ୟ ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା। ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ ଓ ଅତିରିକ୍ତ ତହସିଲଦାର ମନୋଜ କୁମାର ବେହେରା ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିବା ବେଳେ ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ କୁମାର ଦାସ ଆଇନ ଶୃଙ୍ଖଳ ଦାୟିତ୍ୱକୁ ତଦାରଖ କରିଥିଲେ। ତିର୍ତ୍ତୋଲ ଆଇଆଇସି ବଂଶୀଧର ପ୍ରଧାନ ଉପସ୍ଥିତ ରହି ପୁଲିସ ବ୍ୟବସ୍ଥାକୁ ପରିଚାଳନା କରିଥିଲେ। ଗୋରେଖ ବାହିନୀ ସଭାପତି ଆଲୋକ ପଣ୍ଡା, ବିଜ୍ଞାନ ଦାସ, ବିଜୟ କୁମାର ସ୍ୱାଇଁ ଓ ଉପସ୍ଥିତ ଥିବା ଯୁବକ ସଂଘର ସଦସ୍ୟମାନେ ସହଯୋଗ କରୁଥିଲେ। ଏହି ଅବସରରେ ପୀଠରେ ମୀନାବଜାର, ସୌଖିନ ଘରକରଣା ଜିନିଷ ବିକ୍ରି ହେବା ସହ ପିଲାମାନଙ୍କ ପାଇଁ ଦୋଳି, ଚକ୍ରି ଆଦି ପଡ଼ିଥିଲା। ରାତିରେ ଯାତ୍ରା ପରିବେଷଣ କରାଯାଇଥିଲା। ଭିଡକୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ପକ୍ଷରୁ ଆନୁସଙ୍ଗିକ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ତେବେ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁଁ ଉପସ୍ଥିତ ଜନତା ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ଅନନ୍ତ ବାସୁଦେବ ମନ୍ଦିରର ବାର୍ଷିକ ଉତ୍ସବ

ଜଗତସିଂହପୁର,୨୮।୪(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପଳସା ସ୍ଥିତ ଶ୍ରୀଶ୍ରୀ ଅନନ୍ତ ବାସୁଦେବ ମନ୍ଦିର ପ୍ରତିଷ୍ଠାର ୫ମ ବାର୍ଷିକ ଉତ୍ସବ ତଥା ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଗ୍ରାମବାସୀଙ୍କ ସହଯୋଗରେ ଭାବ ଭକ୍ତିର ସହିତ ପାଳିତ ହୋଇଯାଇଛି। ୩ ଦିନ ଧରି ଆୟୋଜିତ ଏହି ଉତ୍ସବ ଅବସରରେ ଚତୁର୍ଥ ପ୍ରହରୀ ନାମଯଜ୍ଞ, କଳସ ଯାତ୍ରା ଏବଂ ଭଜନସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଶେଷଦିନ ଗ୍ରାମର କୁନିକୁନି ଶିଶୁମାନଙ୍କ ଦ୍ୱାରା କାଠି ଲଉଡ଼ି ଖେଳ ସହିତ କ୍ରିଷ୍ଣା କଲଚରାଲ ଗ୍ରୁପର ପରିଚାଳିକା ସୁଶ୍ରୀ କ୍ରିଷ୍ଣା ଦତ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଭଜନ ଓ ଜଣାଣ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଗୁଡିକୁ ପଳସା ଗ୍ରାମର ସଭାପତି ଲିଙ୍ଗରାଜ ଦାସ, ସମ୍ପାଦକ ସଞ୍ଜୟ କୁମାର ଲେଙ୍କା, କୋଷାଧ୍ୟକ୍ଷ ଓଁକାର ଲେଙ୍କା, ପରାମର୍ଶଦାତା ଗୋବର୍ଦ୍ଧନ ସ୍ୱାଇଁ, ଚିତ୍ରସେନ ଲେଙ୍କା, ରାମଚନ୍ଦ୍ର ଲେଙ୍କା, ଅଦ୍ୱୈତ ବେହେରା, ବିଭୁତି ଭୂଷଣ ଲେଙ୍କା, ଉମେଶ ଚନ୍ଦ୍ର ରାଉତ ଓ ଅଭିମନ୍ୟୁ ରାଉତ ପ୍ରମୁଖ ସକ୍ରିୟ ସହଯୋଗ କରି ବାର୍ଷିକ ଉତ୍ସବକୁ ସଫଳ କରିଥିଲେ।

## ବିଭିନ୍ନ ସ୍ଥାନରେ ମଧୁବାବୁଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ

# 'ଯୁବ ଆଇନଜୀବୀ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ଉଚିତ୍'




ଜଗତସିଂହପୁର,୨୮।୪(ସମିସ)

ଜଗତସିଂହପୁର ଜିଲ୍ଲା ଓକିଲ ସଂଘ ପକ୍ଷରୁ ଜିଲ୍ଲା କୋର୍ଟ ପରିସରରେ ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଓକିଲ ସଂଘର ସଭାପତି ଆଇନଜୀବୀ ରବୀନ୍ଦ୍ର କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ଓ ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମଧୁସୂଦନ ଦାସଙ୍କ ଜୀବନୀ, ତାଙ୍କ ଓକିଲାତି ପେଶା ଓ ସମାଜସେବା ବିଷୟରେ ଆଲୋକପାତ କରିଥିଲେ। ଯୁବ ଆଇନଜୀବୀମାନେ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଦୀନେଶ ଚନ୍ଦ୍ର ରାୟ ମଧୁବାବୁଙ୍କ ଜୀବନଶୈଳୀ ଓ ତାଙ୍କ ଆଦର୍ଶ ବିଷୟରେ ଆଲୋଚନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ହରପ୍ରସାଦ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ରବୀନ୍ଦ୍ରନାଥ ମହାନ୍ତି, ଗୋରାଚାନ୍ଦ୍ କାନୁନଗୋ ଓ ଅତ୍ୟୁଲ୍ ଚନ୍ଦ୍ର ଦାସ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପରିବାର ଅଦାଲତ ବିଚାରପତି ରଶ୍ମିତା ଦଳାଇ, ଏସ୍‌ଡିଜେଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ୍, ଜେଏମ୍‌ଏଫ୍‌ସି ଅଙ୍କିତ୍ କୁମାର ଦେବାଙ୍ଗ, ବରିଷ୍ଠ ଆଇନଜୀବୀ ଭଜହରି କର, ସୌରୀପ୍ରସାଦ ସ୍ୱାଇଁ, ଗଗନ ଚନ୍ଦ୍ର ଦାଶ ଓ ପିତାମ୍ବର ପଣ୍ଡା ଅଭିଭାଷଣ ରଖିଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ନନ୍ଦ ଓ ଲଳିତ କୁମାର ପରିଡ଼ାଙ୍କୁ ମଧୁସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଉପସଭାପତି ଆଇନଜୀବୀ ସୂର୍ଯ୍ୟନାରାୟଣ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂପାଦକ ସରୋଜ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ନରେଶ ଦାସ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଆଜିର କାର୍ଯ୍ୟକ୍ରମକୁ ଯୁଗ୍ମ ସମ୍ପାଦକ ଦୁର୍ଯ୍ୟୋଧନ ରାଉତ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ରାୟ, କାର୍ଯ୍ୟକାରିଣୀ ସଦସ୍ୟ ସ୍ମୃତି ରଞ୍ଜନ ପଣ୍ଡା, ଆଦିତ୍ୟ କୁମାର ବେହେରା, ଧୀରେନ୍ଦ୍ରନାଥ ବେହେରା, ସଦସ୍ୟା କସ୍ତୁରୀ ପ୍ରିୟଦର୍ଶିନୀ ମଲ୍ଲ, ରାଜଶ୍ରୀ ମହାନ୍ତି, ରୋଜାଲିନ୍ ସାହୁ, ରୋଜାଲିନ୍ ଲେଙ୍କା ପରିଚାଳନା କରିଥିଲେ। ପ୍ରତ୍ୟୁଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତୀରେ ଜିଲ୍ଲା ଓକିଲ ସଂଘ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।

**ତିର୍ତ୍ତୋଲ** : ଝଙ୍କଡ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସାରଳା ରୋଡ ତେନ୍ତୁଳିପଦା ସାରଳା ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଜାତୀୟ କବି ବୀରକିଶୋରଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସଂସଦର ସଭାପତି ସଂସ୍କୃତି ଗବେଷକ ମହେନ୍ଦ୍ର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରାଧାପିକା ଡ଼. ବିଷ୍ଣୁପ୍ରିୟା ଦାସ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ରବି ନାରାୟଣ ପଣ୍ଡା ଓ ସମ୍ମାନିତ ଅତିଥି କବି ଦିଗମ୍ବର ରାଉତ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟିକ ପ୍ରଭାତ କୁମାର ପରିଜାଙ୍କ ରଚିତ ଗଳ୍ପ ପୁସ୍ତକ 'ଗପ ପଢ଼ ଚରିତ୍ର ଗଢ଼' ଉନ୍ମୋଚିତ ହୋଇଥିଲା। ଶେଷରେ କୋଷାଧ୍ୟକ୍ଷ ଝୁଲରାମ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଅଶୋକ ଲେଙ୍କା, ସବିତା ନାୟକ, ଅଞ୍ଜନା ମହାନ୍ତି, ଧର୍ମାନନ୍ଦ ମଲ୍ଲିକ, ନିତ୍ୟାନନ୍ଦ ନାୟକ, ବିକାଶ ପରିଜା, ଆଶିଷ ପରିଜା, ଅନିଲ ମହାନ୍ତି ପ୍ରମୁଖ କଥା ଓ କବିତା ରେ ମଧୁ ବାବୁଙ୍କ ଉପରେ ଆଲୋଚନା କରିଥିଲେ। ସଂସଦର ସମ୍ପାଦକ ଗୋଲକ ବିହାରୀ ପଲାଇ ସ୍ୱାଗତ ଭାଷଣ ଦେଇଥିବାବେଳେ ସଂଗଠନ ସମ୍ପାଦକ ପଣ୍ଡିତ ବାସବ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ହେମନ୍ତ କୁମାର ନାୟକ ଧନ୍ୟବାଦ୍ ଦେଇଥିଲେ।



**ପାରାଦୀପ** : ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର କର୍ଣ୍ଣଧାର, କୁଳବୃଦ୍ଧ, ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜୟନ୍ତୀ ପାରାଦୀପ ବାର୍ ଆସୋସିଏସନ୍ ଓ ପାରାଦୀପ ପୌରପାଳିକା ପକ୍ଷରୁ ମିଳିତ ଭାବେ ପାଳିତ ହୋଇଯାଇଛି। ସକାଳେ ଦୋଛକିଠାରେ ଥିବା ମଧୁ ପାର୍କ ପରିସରରେ ଥିବା ମଧୁବାବୁଙ୍କ ପୂର୍ଣ୍ଣ ଅବୟବରେ ମାଲ୍ୟାର୍ପଣ ହୋଇଥିଲା। ପାରାଦୀପ ବାର୍ ଆସୋସିଏସନ୍ ସଭାପତି ତପନ କୁମାର ଦାଶଙ୍କ ସମେତ ଆସୋସିଏସନର ସମସ୍ତ ସଦସ୍ୟ ଓ ପୌର ପରିଷଦର କାଉନସିଲର ମାନେ ଯୋଗ ଦେଇ ମଧୁବାବୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୌର ପ୍ରଶାସନ ସମ୍ମିଳନୀ କକ୍ଷ ପରିସରରେ ଆଇନଜୀବୀ ଦିବସ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ରବୀନ୍ଦ୍ର କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ପୌରୋହିତ୍ୟ କରିଥିଲେ ଆସୋସିଏସନ୍ ଉପସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ। ଅନ୍ୟ ମାନଙ୍କ ମଧ୍ୟରେ ଉପସଭାପତି କୈଳାସ ଚନ୍ଦ୍ର ସାହୁ, ପୌରନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ କୁମାର ସେଠୀ, ବାର୍ ଆସୋସିଏସନ୍ ସମ୍ପାଦକ ପ୍ରଶାନ୍ତ କୁମାର ଦାସ, କାର୍ଯ୍ୟକାରିଣୀ କମିଟି ସଦସ୍ୟ ସଂଜୟ କୁମାର ମିଶ୍ର ଓ ପ୍ରଭାକର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଓଡିଶାର ନାମ ପରିବର୍ତ୍ତନ କରି ଏହାକୁ ଉତ୍କଳ କରିବାକୁ ପାରାଦୀପ ବାର୍ ଆସୋସିଏସନ୍ ପକ୍ଷରୁ ଦାବୀ କରାଯାଇଥିଲା। ଏହା ପ୍ରଥମେ ପାରାଦୀପରୁ ଆରମ୍ଭ ହେବ ତଥା ପାରାଦୀପ ବାର୍ ଆସୋସିଏସନ୍ ପକ୍ଷରୁ ରାଜ୍ୟ ସରକାରଙ୍କ ସମେତ କେନ୍ଦ୍ର ସରକାରଙ୍କ ନିକଟରେ ଏସମ୍ପର୍କରେ ଦାବୀପତ୍ର ପ୍ରଦାନ କରାଯିବା ନେଇ ସଭାପତି ଶ୍ରୀ ଦାଶ କହିଥିଲେ।



**ପାରାଦୀପ** : ଉତ୍କଳ ସମ୍ମିଳନୀ ପାରାଦୀପ ପକ୍ଷରୁ ନୂଆ ଷଣ୍ଢକୁଦ ୱାର୍ଡ ନମ୍ବର ୧୭ରେ ଉତ୍କଳ ଗୌରବ ମଧୁବାବୁଙ୍କ ୧୭୭ତମ ଜୟନ୍ତୀ ପାଳନ କରାଯାଇଥିଲା। ଉତ୍କଳ ସମ୍ମିଳନୀ ପାରାଦୀପର ସଭାପତି ଧ୍ରୁବଚରଣ ମହାପାତ୍ରଙ୍କ ପୌରୋହିତରେ ଏହି ଜୟନ୍ତୀ ଆୟୋଜିତ ହୋଇଥିଲା। ଉକ୍ତ ସମାବେଶରେ ଉତ୍କଳ ସମିଳନୀର ସମ୍ପାଦକ ସାରଦା ପ୍ରସନ ନାୟକ, ଉପସଭାପତି କବିୟିତ୍ରୀ ତୁଳସୀ ବରାଳ, ମହିଳା କଲ୍ୟାଣ ଟ୍ରଷ୍ଟର ସଭାପତି ଉର୍ମିଳା ମହାନ୍ତି, କବୟିତ୍ରୀ ନଳିନୀ ପ୍ରଭା ସାହୁ, ଉତ୍କଳ ସମିଳନୀର କାର୍ଯ୍ୟକାରୀ ସଭ୍ୟା ମୂର୍ଚ୍ଛନା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ମହିଳା ଶକ୍ତି ଟ୍ରଷ୍ଟର ସମ୍ପାଦିକା ନୀଳିମା ପ୍ରିୟଦର୍ଶିନି ଧନ୍ୟବାଦ ଅର୍ପଣ କରିଥିଲେ। କବି ଲଗ୍ନଜିତ ରାଉତ ସ୍ୱରଚିତ କବିତା ପାଠ କରିଥିଲେ।



**ପାରାଦୀପ** : ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ବଡ଼ପଡ଼ିଆ ସ୍ଥିତ ପାରାଦୀପ ପୋର୍ଟ ୱାର୍କରସ ୟୁନିୟନ ସଭା ଗୃହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ ଯୋଗ ଦେଇ ମଧୁବାବୁଙ୍କ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରଶାନ୍ତ କୁମାର ରାଉତ, ସାରସ୍ୱତ ପରିକ୍ରମା ସଭାପତି କବି ଗୋଲାପ ରାଣୀ ସାହୁ, ପାରାଦୀପ ସାହିତ୍ୟ ସଂସଦ ସଭାପତି ତୁଳସୀ ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମୋନାଲିସା ସମ୍ପାଦିକା ସଂଘମିତ୍ରା ସ୍ୱାଇଁ, କବି ଉର୍ମିଳା ମହାନ୍ତି, ଟୁନି ଖୋଜି, କଳ୍ପନା ବେହେରା, ବିଶ୍ୱଜିତ ସାମଲ, ବୈବଲ୍ୟ କୌଶିକ ପରିଡ଼ା, ଅବିନାଶ ଦାସ ପ୍ରମୁଖ ଉପସ୍ଥିତ ରହି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମୃତି ଚାରଣ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ନୃସିଂହ ଚରଣ ବାରିକ।

**ପାରାଦୀପ** : କୁଜଙ୍ଗ ଓକିଲ ସଂଘ ତରଫରୁ ମଧୁ ବାବୁଙ୍କ ୧୭୮ତମ ଜୟନ୍ତୀ ଓ ଲୟର୍ସ ଡେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜେଏମ୍‌ଏଫ୍‌ସି ରାଜେଶ ମିଶ୍ର, ବାର୍ ଆସୋସିଏସନ୍‌ର ସଭାପତି ସଞ୍ଜୟ କୁମାର ବେହେରା, ସମ୍ପାଦକ ରଞ୍ଜିତ କୁମାର ବିଶ୍ୱାଳ, ସହ ସମ୍ପାଦକ ପ୍ରିୟମ୍ବଦା ପାଣି ଯୋଗଦେଇ କୋର୍ଟ ପରିସରରେ ସ୍ଥାପିତ ମଧୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ପରେ ପରେ ଓକିଲ ସଂଘ ତରଫରୁ ସଂଘ ସଭା ଗୃହ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ସଂଘର ସଭାପତି ସଞ୍ଜୟ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜେଏମ୍‌ଏଫ୍‌ସି. ରାଜେଶ ନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ, ଅମୃତ ଦାସ, ରମେଶ ଚନ୍ଦ୍ର ଦାସ, ଭାଗୀରଥି ମହାପାତ୍ର, ପ୍ରଣୟ ପରିଜା, ସୁବର୍ଣ୍ଣ ମିଶ୍ର, ଶ୍ରୀଧର ମିଶ୍ର, ପ୍ରିୟମ୍ବଦା ପାଣି, କରୁଣାକର ସାହୁ, ରଶ୍ମି ରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଓଡିଶା ପ୍ରଦେଶ ଗଠନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୈଳାଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ୍ ପ୍ରଦାନ କରିଥିଲେ।



# ବଟ ନଦୀରେ ମାଛ ମଡ଼କ

ପାରାଦୀପ, ୨୮।୪ (ସମିସ): ପାରାଦୀପରେ ଏବେ ପାଣି ପ୍ରଦୂଷଣର ମାତ୍ରା ଦିନକୁ ଦିନ ବଢିବାରେ ଲାଗିଛି। ବାରମ୍ବାର ବିଭିନ୍ନ ନଦୀରେ ଦେଖିବାକୁ ମିଳିଥିବା ମାଛ ମଡ଼କ ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି। ପ୍ରଥମେ ମାଛ ଗୁଡିକ ଛଟପଟ ହୋଇ ମରୁଛନ୍ତି। କ୍ୱିଣ୍ଟାଲ କ୍ୱିଣ୍ଟାଲ ମାଛ ଏଭଳି ମରି ଭାସୁଥିବା ଦେଖିବାକୁ ମିଳୁଛି। ଗତ ଦୁଇ ସପ୍ତାହ ତଳେ କପିଳ ଜୋରରେ ମାଛ ମଡକ ହୋଇଥିବା ବେଳେ ପୁଣି ଆଜି ବଟ ନଦୀ ଏଭଳି ମାଛ ମଡକ ହେବା ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଥିଯୋଗୁଁ ଚାଇନା କଉ, ରୋହୀ, ଭାକୁର ପ୍ରଭୃତି ଭଳିକି ଭଳି ଛୋଟବଡ ମାଛ ମରି ନଦୀ ପାଣିରେ ଭାସୁଛନ୍ତି। ମଲା ମାଛ ପଚି ସଢ଼ି ଏତେ ଜୋରରେ ଦୁର୍ଗନ୍ଧ ହେଉଛି ଯେ, ନଦୀ ପାଖ ରାସ୍ତା ଦେଇ ଯିବା ଆସିବା ବେଳେ ନାକରେ ହାତ ଦେବାକୁ ପଡୁଛି। ମାତ୍ର ସେଥିପ୍ରତି ପ୍ରଶାସନର ନିଘା ନଥିବା ଅଭିଯୋଗ ହେଉଛି। ନଦୀ ଜଳରେ ଶିଳ୍ପରୁ ନିର୍ଗତ କେମିକାଲ ମିଶିବାରୁ ମାଛ ମରୁଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି। ତେବେ ଏହାର ତଦନ୍ତ କରିବାକୁ ଦାବି ହେଉଛି।



# ପ୍ରଶାନ୍ତ ଶତପଥୀଙ୍କୁ ସଂସ୍କୃତି ରଥୀ ସମ୍ମାନ



ବାଲିକୁଦା,୨୮।୪(ସମିସ): ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ ଅଲିକଣା ଗ୍ରାମର ଅଧ୍ୟାପକ ପ୍ରଶାନ୍ତ ଶତପଥିଙ୍କୁ ସଂସ୍କୃତି ରଥୀ ସମ୍ମାନ ପ୍ରଦାନ କରାଯାଇଛି। ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଓଡ଼ିଶା, ଜୟଦେବ ସଂସ୍କୃତି ବିକାଶ ପରିଷଦ ଓ ବିଶ୍ୱଦେବ ସମାଜ ଆନୁକୂଲ୍ୟରେ କଟ କଳାବିକାଶ କେନ୍ଦ୍ରରେ ଆୟୋଜିତ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ପ୍ରଶାନ୍ତକୁମାର କର, ନ୍ୟାୟମୂର୍ତ୍ତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, ଡବ୍ଲ୍ୟୁଏଚ୍‌ଓର ମୁଖ୍ୟ ଉପଦେଷ୍ଟା ନିହାରରଞ୍ଜନ ରାୟ, ସାଂସଦ ରବୀନ୍ଦ୍ର ବେହେରା, ପ୍ରାକ୍ତନ ଅର୍ଥମନ୍ତ୍ରୀ ଶଶୀଭୁଷଣ ବେହେରା, ବିଧାୟକ ଅଗସ୍ତି ବେହେରା, ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାଶ, ସାହିତ୍ୟିକ ନଟବର ଶତପଥି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ବଟଶ୍ରୀକ୍ଷେତ୍ର ବାର୍ଷିକ ଉତ୍ସବର 'ସୁଦର୍ଶନ ସନ୍ଧ୍ୟା'



ଜଗତସିଂହପୁର,୨୮।୪(ସମିସ): ଜଗତସିଂହପୁର ସଦର ବ୍ଲକ ପାଟେଣୀଗାଁ ସ୍ଥିତ ବଟଶ୍ରୀକ୍ଷେତ୍ର ଊନବିଂଶ ବାର୍ଷିକ ଉତ୍ସବର ସୁଦର୍ଶନ ସନ୍ଧ୍ୟା ପାଳିତ ହୋଇଯାଇଛି। ଦକ୍ଷତା ବିକାଶ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ଡ. ବଟକିଶୋର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା ଡ. ମିହିର ପଟ୍ଟନାୟକ ଯୋଗଦେଇ କହିଲେ ଯେ ଭାବ, ଭକ୍ତି ଓ ଆଚରଣ ମାଧ୍ୟମରେ ଆମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ଓ ଦର୍ଶନକୁ ବୁଝିପାରିବା ଏବଂ ତାଙ୍କୁ ପାଇପାରିବା। ଭକ୍ତଲାଗି ମହାପ୍ରଭୁ ଲୀଳାମୟ ସାଜନ୍ତି ଏବଂ ସମସ୍ତଙ୍କୁ ପ୍ରେମ ପ୍ରଦାନ କରନ୍ତି ବୋଲି ସେ ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ରୂପେ ସଂସ୍କୃତି ଗବେଷକ ପଣ୍ଡିତ ଅନନ୍ତ ଗୋପାଳ ପଣ୍ଡା, ଯୋଗଦେଇ କହିଲେ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ମଣିଷକୁ ଦିବ୍ୟଜୀବନର ଅଧିକାରୀ କରାଇଥାଏ। ସମ୍ମାନିତ ଅତିଥି ଭାବେ ଡ. ପୀତବାସ ରାଉତରାୟ ଓ ଇଂ. ରଶ୍ମିରଞ୍ଜନ ରାୟ ଯୋଗ ଦେଇଥିଲେ। 'ସୁଦର୍ଶନ ସନ୍ଧ୍ୟା'ର ଏହି ଭବ୍ୟ ଉତ୍ସବରେ ରାହାମା ଆନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବର ଆବାହକ ଡ. ସୁନାକର ବେହେରାଙ୍କୁ 'ଶ୍ରୀସୁଦର୍ଶନ ସମ୍ମାନ-୨୦୨୬'ପ୍ରଦାନ କରାଯାଇଥିଲା। ସଭାରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଡ. ଅଭୟ ନାୟକ, ବେଦପାଠ କରିଥିଲେ ପଣ୍ଡିତ ନୀଳକଣ୍ଠ ଶତପଥି। ମଞ୍ଚ ସଞ୍ଚାଳନ ତଥା ଧନ୍ୟଯବାଦ ଦେଇଥିଲେ ସଂଜମ କିଶୋର ମହାନ୍ତି। ଶେଷରେ ଖୋର୍ଦ୍ଧାର 'ନୀଳଶୈଳ ନୃତ୍ୟାଞ୍ଜଳି'ର କଳାକାର ମାନଙ୍କ ଦ୍ୱାରା ମାହାରୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା।

## କ୍ୟାନ୍‌ଫେଷ୍ଟ ଉଦ୍‌ଯାପିତ

# ନାଟକ 'ଖାମୋଶ! ଅଦାଲତ ଜାରି ହୈ!' ମଞ୍ଚସ୍ଥ



ପାରାଦୀପ,୨୮।୪(ସମିସ)

ପାରାଦୀପ ବନ୍ଦର ଜୟଦେବ ସଦନରେ କ୍ୟାନମାସ୍ ଦ୍ୱାରା ଆୟୋଜିତ ଆଠ ଦିନ ବ୍ୟାପୀ ୨୩ତମ ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନଫେଷ୍ଟ-୨୦୨୬ ଆଜି ଉଦଯାପିତ ହୋଇଛି। ଉଦଯାପନୀ ସନ୍ଧ୍ୟାରେ ଦିଲ୍ଲୀ ସ୍ଥିତ ଶ୍ରୀରାମ ସେଣ୍ଟର ଅଫ୍ ପର୍ଫର୍ମି ଆର୍ଟସ୍ ଦ୍ୱାରା ହିନ୍ଦୀ ନାଟକ "ଖାମୋଶ! ଅଦାଲତ ଜାରି ହୈ!' ନାଟକ ଆୟୋଜିତ ହୋଇଥିଲା। ନାଟକଟି ବିଜୟ ତେନ୍ଦୁଲକରଙ୍କ ଦ୍ୱାରା ଲେଖାଯାଇଛି ଏବଂ ପ୍ରସିଦ୍ଧ ନିର୍ଦ୍ଦେଶକ ଅବତାର ସାହାଣୀଙ୍କ ଦ୍ୱାରା ନିର୍ଦ୍ଦେଶିତ। ଉଦ୍‌ଯାପନୀ ଉତ୍ସବରେ ପାରାଦୀପ ବନ୍ଦର ସିଏମ୍‌ଇ ସୁଶୀଲ ନାହାକ, ବରିଷ୍ଠ ଉପ ଟ୍ରାଫିକ ମ୍ୟାନେଜର ଅକ୍ଷୟ ସାହୁ, ପିପିଏଲ ମୁଖ୍ୟ ପାଲାନିସାମି, କଟକର ବିଜୁ ପଟ୍ଟନାୟକ ଫିଲ୍ମ ଏବଂ ଟେଲିଭିଜନ ପ୍ରତିଷ୍ଠାନର ଅଧକ୍ଷ ହିମାଂଶୁ ଖଟୁଆ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପ୍ରାକ୍ତନ ସଚିବ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇ ଥିଏଟରକୁ ଜୀବନ୍ତ ରଖିବା ଏବଂ ପାରାଦୀପ ଟାଉନସିପର ବାସିନ୍ଦାଙ୍କୁ ଭିନ୍ନ ସ୍ୱାଦ ଏବଂ ସଂସ୍କୃତିର ନାଟକ ଦେଖିବାର ସୁଯୋଗ ଦେବା ପାଇଁ କ୍ୟାନମାସ୍‌ର ପ୍ରୟାସକୁ ପ୍ରଶଂସା କରିଥିଲେ। ଶେଷରେ କ୍ୟାନମାସ୍ ସଚିବ ଶ୍ରୀମାନ ନାରାୟଣ ମିଶ୍ର ସମସ୍ତ ଦର୍ଶକ, କ୍ୟାନମାସ୍ ସଦସ୍ୟ, ପ୍ରାୟୋଜକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦଳେଇଘାଇ ଛକରେ ଜଳଛତ୍ର

ବିରିଡି,୨୮।୪(ସମିସ): ବିରିଡ଼ି ବ୍ଲକ ଉତ୍ତରଶାସବ ପଞ୍ଚାୟତ ଦଳେଇଘାଇ ଛକରେ ସମାଜସେବୀ ଗଣେଶ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଜଳଛତ୍ର ଖୋଲାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବାଟୋଇଙ୍କ ଶୋଷ ମେଣ୍ଟାଇବା ପାଇଁ ଏହାର ବ୍ୟବସ୍ଥା କରାଯାଇଛି। ଏହାକୁ ସରପଞ୍ଚ ସୁରେନ୍ଦ୍ର ନାଥ ଶତପଥୀ, ସମିତି ସଭ୍ୟ ସବ୍ୟସାଚୀ ଶତପଥି, ସମବାୟ ସମିତି ସଭାପତି ଅକ୍ଷୟ ବ୍ରହ୍ମା ଉଦଘାଟନ କରିବା ସହ ସମସ୍ତଙ୍କୁ ଦହି ପଣା ବଣ୍ଟନ କରିଥିଲେ। ଏଥିରେ ସମାଜସେବୀ ମନୋରଞ୍ଜନ ଓଝା, ପ୍ରତିମା ମହାରଣା, ଦିବାକର ସାହୁ, ବିଭୁ ପ୍ରସାଦ ଦାଶ, ଆଲୋକ କୁମାର ଭୋଇ, ବସନ୍ତ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# କାଦମ୍ବିନୀ ପରିଜାଙ୍କୁ ବିଶ୍ୱଦେବ ସମ୍ମାନ




ବିରିଡି,୨୮।୪(ସମିସ): ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ବୁଢାପଡା ଗ୍ରାମର ସାହିତ୍ୟିକା ଡ. କାଦମ୍ବିନୀ ପରିଜାଙ୍କୁ ଜାତୀୟ ବିଶ୍ୱଦେବ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କର ଉଚ୍ଚସ୍ତରୀୟ ଲେଖା, ସାହିତ୍ୟ କୃତି ଓ ସମାଜସେବାକ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ତାଙ୍କୁ ରାଜ୍ୟ କଳା ଗବେଷଣା ପ୍ରଶିକ୍ଷଣ ପରିଷଦ, ଜୟଦେବ ସଂସ୍କୃତି ପରିଷଦ ଓ ବିଶ୍ୱଦେବ ସମାଜ ଆନୁକୂଲ୍ୟରେ କଟକ କଳାବିକାଶ କେନ୍ଦ୍ର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ପ୍ରଶାନ୍ତକୁମାର କର, ନ୍ୟାୟମୂର୍ତ୍ତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, ଡବ୍ଲ୍ୟୁଏଚ୍‌ଓର ମୁଖ୍ୟ ଉପଦେଷ୍ଟା ନିହାରରଞ୍ଜନ ରାୟ, ସାଂସଦ ରବୀନ୍ଦ୍ର ବେହେରା, ପ୍ରାକ୍ତନ ଅର୍ଥମନ୍ତ୍ରୀ ଶଶୀଭୁଷଣ ବେହେରା, ବିଧାୟକ ଅଗସ୍ତି ବେହେରା, ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାଶ, ସାହିତ୍ୟିକ ନଟବର ଶତପଥି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ବାଙ୍ଗରା ଷ୍ଟେସନ ଓ ଉଡ଼ନ୍ତା ପୋଲ ନିର୍ମାଣରେ ବିଳମ୍ବ

ବାଲେଶ୍ୱର,୨୮।୪(ସମିସ)




**ପ୍ରତିବାଦରେ ବାଙ୍ଗରା ରେଳ ଷ୍ଟେସନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଫେରାଦ**

ସଦର ଉପକଣ୍ଠ ବାଙ୍ଗରା ଠାରେ ବାଙ୍ଗରା ପାସେଞ୍ଜର ଟ୍ରେନ ଷ୍ଟେସନ ଓ ରେଳ ଫାଟକ ଉଡ଼ନ୍ତା ପୋଲ ନିର୍ମାଣ ନେଇ ବାଙ୍ଗରା ରେଳ ଷ୍ଟେସନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୨୦୧୭ ମସିହା ଠାରୁ କେନ୍ଦ୍ର ରେଳ ମନ୍ତ୍ରାଳୟ ପାଖରେ ଦାବି କରି ଆସୁଛି। ବାରମ୍ବାର କମିଟି ପକ୍ଷରୁ ରେଲରୋକ, ଧାରଣା ପରେ ଖଡ଼ଗପୁର ଡିଆରଏମଙ୍କ ସହିତ ୨୦୨୪ ମାର୍ଚ୍ଚ ମାସରେ ଆଲୋଚନା ହୋଇ ଦୁଇ ଥର ରେଳ ସର୍ଭେ ହୋଇଛି ଏବଂ ଖୁବଶୀଘ୍ର ତୃତୀୟ ରେଳ ଧାରଣା କାର୍ଯ୍ୟ ଶେଷ ହେବାପରେ ରେଳ ଷ୍ଟେସନ କାର୍ଯ୍ୟ ଆରମ୍ଭ ହେବ ବୋଲି ଦୃଢ଼ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ପ୍ରସ୍ତାବିତ ପାସେଞ୍ଜର ଟ୍ରେନ ରହଣି ଓ ବାଙ୍ଗରା ରେଳ ଫାଟକ ଉପରେ ଉଡ଼ନ୍ତା ପୋଲ ନିର୍ମାଣ ପାଇଁ କୌଣସି ବିଧିବଦ୍ଧ ଭାବେ ଅର୍ଥ ମଞ୍ଜୁର ନହେବା ସହ ଟେଣ୍ଡର ଆହ୍ୱାନ କରାଯାଉନାହିଁ। ଏବେ ବାଙ୍ଗରା ରେଳ ଫାଟକ ପ୍ରତି ଦଶ ମିନିଟ ଅନ୍ତରରେ ବନ୍ଦ ରହି ପଥିକ, ସ୍କୁଲ କଲେଜ ପିଲା, ଆମ୍ବୁଲାନ୍ସ, ଯାନବାହାନ ଆଦି ଛିଡା ହୋଇ ବହୁତ ହଇରାଣ ହେଉଛନ୍ତି। ଏଣୁ ଅବିଳମ୍ବେ ରେଳ ଷ୍ଟେସନ ଓ ଉଡ଼ନ୍ତା ପୋଲ ନିର୍ମାଣ ଦାବି ନେଇ ବାଙ୍ଗରା ରେଳ ଷ୍ଟେସନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କମିଟି ଆବାହକ ବିଧାନ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଆଜି କମିଟି କର୍ମକର୍ତ୍ତାଙ୍କ ସହିତ ପଶ୍ଚିମ ବଙ୍ଗ ଖଡ଼ଗପୁର ଯାଇ ଦକ୍ଷିଣ ପୂର୍ବ ରେଳ ଡିଭିଜନର ମୁଖ୍ୟ ଡିଆରଏମଙ୍କ ନିକଟରେ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ବାଙ୍ଗରା, କୁରୁଡ଼ା, ପାଖର ସାଉଁ, ପଦ୍ମିପୁର, ବାରିଙ୍ଗିଆ, ପାଞ୍ଚୁଡ଼ିହା, ଯୁଧିଷ୍ଠିରପୁର, ଶାସଙ୍ଗ, ପାଟଣା, ସାରଗାଁ, ପଦ୍ମପୁର, ବର୍ଦ୍ଧନପୁର, ନୂଆପୁର ଶାସନ, ଖାନନଗର, ରସାଲପୁର, ରଣସାହି, ବଡକିଆ ଅଞ୍ଚଳର ପ୍ରାୟ ୨୫ ହଜାରରୁ ଉର୍ଦ୍ଧ୍ୱ ପଥିକ ମାନେ ବହୁ ଯନ୍ତ୍ରଣା ଭୋଗୁଛନ୍ତି, ବାଙ୍ଗରା ଠାରେ ଦୁଇ ଗୋଟି ମହାବିଦ୍ୟାଳୟ ଏ ବି ଏ କଲେଜର ବହୁ ବିଦ୍ୟାର୍ଥୀ ଏହି ବିଦ୍ୟାଳୟକୁ ପ୍ରତିଦିନ ୨ ହଜାର ପରୀକ୍ଷାର୍ଥୀ ପ୍ରବେଶିକା ପରୀକ୍ଷା ଦେବାକୁ ଆସି ହଇରାଣ ହେଉଛନ୍ତି। ବାଲେଶ୍ୱର ରେଳ ଷ୍ଟେସନରୁ ଏଠାକୁ ଆସିବା ପାଇଁ ହଇରାଣ ହୁଅନ୍ତି। ଏଣୁ ବାଙ୍ଗରା ଠାରେ ରେଳ ଷ୍ଟେସନ ହେଲେ ସ୍ଥାନୀୟ ୨୩ ଟି ପଞ୍ଚାୟତର ବାସିନ୍ଦା ଉପକୃତ ହେବେ। ଡିଆରଏମଙ୍କ ସହ ଏହି ଆଲୋଚନାରେ କମିଟି ସଭାପତି ସତ୍ୟନାରାୟଣ ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ଗଙ୍ଗା ସିଂ, ସାଧାରଣ ସମ୍ପାଦକ ଅଞ୍ଜନ କୁମାର ନାୟକ, ହରେକୃଷ୍ଣ ନାୟକ, ଦୀପକ ନାୟକ, ନିରଞ୍ଜନ ଦାସ, ଶଶାଙ୍କ ଶେଖର ନାୟକ ଭାଗ ନେଇ ରେଳବାଇ କର୍ତ୍ତୃପକ୍ଷଙ୍କ ଚେତାବନି ଦେଇଛନ୍ତି। ଯଦି ଏକ ମାସ ମଧ୍ୟରେ ରେଳ ଷ୍ଟେସନ କାର୍ଯ୍ୟ ଆରମ୍ଭ ନହୁଏ ତେବେ ବାଙ୍ଗରା ଠାରେ ୫ ଘଣ୍ଟା ରେଲରୋକ ହେବ।

● ବାଲେଶ୍ୱରରେ ନିଶାସକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ

## ନାବାଳକକୁ କଟୁରିରେ ଆକ୍ରମଣ, ଅବସ୍ଥା ସଂକଟାପନ୍ନ

ବାଲେଶ୍ୱର, ୨୮।୪ (ସମିସ): ବାଲେଶ୍ୱର ସଦର ବ୍ଲକ ବୁଆଳ ପଞ୍ଚାୟତ ପାରବାପା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଜଣେ ନିଶାସକ୍ତ ଯୁବକଙ୍କ ଆକ୍ରମଣରେ ୧୭ ବର୍ଷର ଜଣେ ନାବାଳକ ଗୁରୁତର ହୋଇ ଏବେ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି। ଗୁରୁତର ନାବାଳକ ଜଣକ ହେଉଛନ୍ତି ସେହି ଗ୍ରାମର ମୁରଲୀ ବାରିକ। ମୁରଲୀ କ୍ରିକେଟ ଖେଳି ଘରକୁ ଫେରୁଥିବା ସମୟରେ ଜୈନିକ ନିଶାସକ୍ତ ଯୁବକ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ସେ ଏକ ଚେଲେଙ୍ଗା କଟୁରୀରେ ମୁରଲୀଙ୍କୁ ଆଖିବୁଜା ହାଣି ପକାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୁରଲୀ ସେଠାରେ ପଡ଼ି ରହିଥିବା ବେଳେ ଖବର ପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ପ୍ରଥମେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କ ଅବସ୍ଥା ଅତି ସଂକଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲ କୁ ସ୍ଥାନାନ୍ତର କରିଛନ୍ତି। ନିଶାଗ୍ରସ୍ତ ଅବସ୍ଥାରେ ଯୁବକ ଜଣକ ଏପରି କାଣ୍ଡ ଘଟାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ସହ ଭୟର ବାତାବରଣ ଖେଳିଯାଇଛି। ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜମିବାଡ଼ି ଗଣ୍ଡଗୋଳ, ଜଣେ ଗିରଫ

ସୋର, ୨୮।୪ (ସମିସ): ଅନନ୍ତପୁର ଥାନା ଖରାସାହାପୁର ଗ୍ରାମରେ ଜମିବାଡ଼ି ବିବାଦକୁ ଗଣ୍ଡଗୋଳ ଘଟଣାରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଗ୍ରାମର ସ୍ୱର୍ଗତ କରୁଣାକର ମହାଲିକ ଏବଂ ବାସୁଦେବ ମହାଲିକଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ଗତ ମାର୍ଚ୍ଚ ମାସରେ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ କରୁଣାକରଙ୍କ ପୁଅ ସଂଗ୍ରାମ ମହାଲିକ (୩୩) ବାସୁଦେବ ମହାଲିକଙ୍କୁ ଏକ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ବାସୁଦେବ ଗୁରୁତର ଆହତ ହୋଇଥିଲେ। ବାସୁଦେବ ମେଡିକାଲରୁ ଚିକିତ୍ସିତ ହୋଇ ଫେରିବା ପରେ ଅନନ୍ତପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ୪୩/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗତକାଲି ବିଳମ୍ବିତ ରାତିରେ ସଂଗ୍ରାମ ଖରାସାହାପୁର ଛକରେ ଥିବା ଖବର ପାଇ ଅନନ୍ତପୁର ପୁଲିସ ଚଢ଼ାଉ କରି ତାକୁ ଗିରଫ କରିଥିଲା। ଆଜି ମଧ୍ୟାହ୍ନରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ବସ୍ କଣ୍ଡକ୍ଟରଙ୍କ ଅସ୍ୱାଭାବିକ ମୃତ୍ୟୁ

ପାଣିକୋଇଲି,୨୮।୪(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ କରଦା ଗ୍ରାମର ବସ କଣ୍ଡକ୍ଟର ଭାବେ କାର୍ଯ୍ୟକରୁଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏନେଇ ପରିବାର ପକ୍ଷରୁ ଥାନାରେ ଜଣାଇବା ପରେ ଏକ ଅପମୃତ୍ୟୁ ମାମଲା ୧୧/୨୬ ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ପ୍ରକାଶଯେ କରଦା ଗ୍ରାମର ଧରଣୀଧର ପଣ୍ଡାଙ୍କ ପୁଅ ପ୍ରଫୁଲ୍ଲ ପଣ୍ଡା(୫୯) ବସ୍ କଣ୍ଡକ୍ଟର ଭାବେ କାର୍ଯ୍ୟକରନ୍ତି। ସୋମବାର ରାତ୍ରିରେ କାମ ସାରି ଘରକୁ ଫେରୁଥିବା ବେଳେ ଜାରକା ନିକଟରେ ସେ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ସେଠାରୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ତାଙ୍କ ସାନ ଭାଇ ପ୍ରମୋଦ କୁମାର ପଣ୍ଡା ଥାନାରେ ଜଣାଇବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ତଦନ୍ତାଧିକାରୀ ସବଇନ୍ସପେକ୍ଟର ସୁଶ୍ରୀ ମିନତୀ ବେହେରା ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ପଞ୍ଚନାମା କରାଇ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛନ୍ତି।

● ସ୍ତ୍ରୀକୁ ପୋଡ଼ି ମାରିବା ଘଟଣା

## ଶାଶୂ ଓ ସମ୍ପର୍କୀୟ ଭାଉଜ କୋର୍ଟଚାଲାଣ

ଦାନଗଦି/ଯଖପୁରା,୨୮।୪(ସମିସ): କଳିଙ୍ଗନଗର ଥାନା ପିଙ୍ଗଳ ଗ୍ରାମରେ ସ୍ତ୍ରୀକୁ ନିଆଁରେ ପୋଡ଼ମାରିବା ଘଟଣାରେ ସ୍ୱାମୀକୁ ପୁଲିସ ଗତ ରବିବାର ଗିରଫ କରିଥିବା ବେଳେ ଆଜି ଅନ୍ୟ ଦୁଇଜଣ ସହଯୋଗୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଶାଶୁ ଟୁମୀ ଦାସ (୫୫, ତୁଳସୀ) ଓ ସମ୍ପର୍କୀୟ ଭାଉଜ କଳ୍ପନା ବେହେରା ଓରଫ ଜେମା (୩୨)। ଉଭୟଙ୍କ ଘର ବଡ଼ ପିଙ୍ଗଳ ଗ୍ରାମରେ। ପୂର୍ବରୁ ରବିବାର ଅଭିଯୁକ୍ତ ସ୍ୱାମୀ ଧର୍ମରାଜ ଦାସକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ କେସ ନମ୍ବର ୧୦୫/୨୦୨୬ରେ ମଧ ଆଜି ଦୁଇ ସହଯୋଗୀ ମହିଳାଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଯୌତୁକ ଜନିତ କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ବୋହୂ ସିଲିକୁ ନିଆଁ ଲଗାଇ ପୋଡ଼ି ମାରିବାରେ ଏମାନେ ସହଯୋଗ କରିଥିବା ନେଇ ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

## ନାବାଳିକା ଅସଦାଚରଣ; ଜଣେ ଗିରଫ

କଯାଁଗୋଲା/ମଙ୍ଗଳପୁର,୨୮।୪(ସମିସ): ବାହାଘର ବରଯାତ୍ରୀ ଯିବା ବେଳେ ଜଣେ ନାବାଳିକାକୁ ଅସଦାଚରଣ କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଛି।



ଗତକାଲି ବରଯାତ୍ରୀ ଦଳ ଗ୍ରାମରେ ଜଣେ ନାବାଳିକାକୁ ଅସଦାଚରଣ କରିଥିବା ବେଳେ ନାବଳିକାର ମାଆ ମଙ୍ଗଳପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ୧୧୧/୨୬ରେ ଏକ ମାମଲା ରୁଜୁ କରିଥିଲା। ତଦନ୍ତ ଅଧିକାରିଣୀ ଅନିତା ପ୍ରଧାନ ଘଟଣାର ତଦନ୍ତ କରି ଅଭିଯୁକ୍ତ ଗୁଣ୍ଡିଚା ଗ୍ରାମର ଆକାଶ ଜେନାକୁ ଗିରଫ କରିଥିବା ଥାନା ଅଧିକାରୀ ରଞ୍ଜନ କୁମାର ବେହେରା ସୂଚନା ଦେଇଛନ୍ତି।

## ସାଂସଦଙ୍କ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ପରିଦର୍ଶନ



ଦାନଗଦି/ସୁକିନ୍ଦା,୨୮।୪(ସମିସ): ଯାଜପୁର ସାଂସଦ ଡ. ରବିନାରାୟଣ ବେହେରା ଆଜି ସୁକିନ୍ଦାସ୍ଥିତ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ଇସ୍ପାତ ମନ୍ତ୍ରଣାଳୟ, ଭାରତ ସରକାର) ପରିଦର୍ଶନ କରିଛନ୍ତି। ତାଙ୍କ ଗସ୍ତ ସମୟରେ ସେ ନିର୍ଦ୍ଦେଶକ ଏବଂ କର୍ମଚାରୀମାନଙ୍କ ସହିତ ଏକ ବୈଠକ କରିଥିଲେ। ଯେଉଁଠାରେ ସେ ପ୍ରତିଷ୍ଠାନର ଚାଲୁଥିବା କାର୍ଯ୍ୟକଳାପ ସମୀକ୍ଷା କରିଥିଲେ ଏବଂ ଏହାର ଭବିଷ୍ୟତ ଯୋଜନା ବିଷୟରେ ଆଲୋଚନା କରିଥିଲେ। ସାଂସଦ ଏହାର ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବାରେ ତାଙ୍କର ପୂର୍ଣ୍ଣ ସମର୍ଥନ ପ୍ରତିଶ୍ରୁତି ଦେଇଥିଲେ। ସେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସମର୍ଥନକୁ ସହଜ କରିବା ସହିତ ତାଙ୍କ ପକ୍ଷରୁ ସମସ୍ତ ପ୍ରକାରର ସହଯୋଗ ଯୋଗାଇବାକୁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ।

## ସଙ୍କୁଳ ସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର

ପାଣିକୋଇଲି,୨୮।୪(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ମୂଳାପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଲିଙ୍ଗେଶ୍ୱର ବିହାର ଠାରେ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସଙ୍କୁଳ ସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ମହାସମାରୋହରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସଭାପତି ବାସୁଦେବ ପରିଡା, ମୁଖ୍ୟବକ୍ତା ଭାବେ ସଙ୍କୁଳ ପ୍ରମୁଖ ଅଶୋକ କୁମାର ଶତପଥି, ସମ୍ମାନୀତ ଅତିଥି ଭାବେ ସଙ୍କୁଳ ସଂଯୋଜକ ତ୍ରିଲୋଚନ ପ୍ରଧାନ, ରମେଶ ଚନ୍ଦ୍ର ସାହୁ, ଲିଟଂଗଶ୍ୱର କମିଟି ସମ୍ପାଦକ ବିଷ୍ଣୁ ଚରଣ ଧଳ, ଶିଶୁ ବିଦ୍ୟା ମନ୍ଦିର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲ୍ଲୀପ କୁମାର ଧଳ, ଯୁଗ୍ମ ସମ୍ପାଦକ ରାଜ କିଶୋର ମଲ୍ଲିକ, ଉପସଭାପତି ଶଙ୍କର୍ଷଣ ପରିଡା, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଜାତୀୟ ଶିକ୍ଷାନିତୀ ୨୦୨୦ର କାର୍ଯ୍ୟକାରୀତାରେ ଗୁରୁଜୀ/ଗୁରୁମାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ମୋଟ ୫ଟି ବିଦ୍ୟାଳୟର ୧୮୦ ଜଣ ଗୁରୁଜୀ/ଗୁରୁମା ଓ ସମସ୍ତ ପ୍ରଧାନ ଆଚାର୍ଯ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଲିଙ୍ଗେଶ୍ୱର ଶିଶୁ ମନ୍ଦିର କମିଟିର ସମସ୍ତ କର୍ମକର୍ତା ଓ ସଦସ୍ୟମାନେ ସହଯୋଗ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ଉଦଯାପନୀ ୩୦ ତାରିଖ କରାଯିବ।

## ନିୟନ୍ତ୍ରଣରେ ରହୁନି ସାଇବର ଅପରାଧ | ସର୍ବସ୍ୱାନ୍ତ ହେଉଛନ୍ତି ଜନତା

କଯାଁଗୋଲା,୨୮।୪(ସମିସ): ନିୟନ୍ତ୍ରଣରେ ରହୁନି ସାଇବର ଅପରାଧ। ଫଳସ୍ୱରୂପ ସାଧାରଣ ଜନତା ଏହାର ଶିକାର ହୋଇ ସର୍ବସ୍ୱାନ୍ତ ହେଉଛନ୍ତି। କଳାଧନକୁ ଧଳା କରିବା, ଡିଜିଟାଲ ମାଧ୍ୟମରେ ପ୍ରଲୋଭନ ଦେଖାଇ ଲୋକଙ୍କ ଠାରୁ ବିଭିନ୍ନ ବ୍ୟକ୍ତିଗତ ତଥ୍ୟ ହାସଲ କରି ସେମାନଙ୍କ ବ୍ୟାଙ୍କ ଖାତା ଓ ଅନ୍ୟାନ୍ୟ ଉତ୍ସରୁ ଟଙ୍କା ଲୁଟ୍ କରିବା ଏବଂ ବିଭିନ୍ନ ସଫ୍ଟୱେୟାର ମାଧ୍ୟମରେ ଟଙ୍କା ଲୁଟ କରିବା ସବୁଠାରୁ ବଡ଼ ଅପରାଧ ଭାବରେ ଉଭା ହୋଇଛି। ଇଣ୍ଟରନେଟ୍ ବ୍ୟବହାର ଯେତିକି ବଢ଼ିଚାଲିଛି। ସେତିକି ବଢିଛି ସାଇବର ଅପରାଧ। ଯଦିଓ ଇଣ୍ଟରନେଟ ବ୍ୟବହାର ସାଧାରଣଙ୍କ ଜୀବନରେ ଅନେକଟା ପରିବର୍ତ୍ତନ ଆଣିବାରେ ସହାୟକ ହୋଇଛି। କିନ୍ତୁ ସଚେତନତାର ଅଭାବ ଯୋଗୁଁ ଅଧିକାଂଶ ସାଇବର ଅପରାଧର ଶିକାର ହୋଇଛନ୍ତି। ସାଇବର ଅପରାଧ ନିୟନ୍ତ୍ରଣ କରିବାକୁ ସବୁଠାରୁ ବଡ଼କଥା ହେଉଛି ଦେଶର ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟ କିପରି ସୁରକ୍ଷିତ କରାଯାଇ ପାରିବ। ସେ ଦିଗରେ ଖାଲି ସରକାର ନୁହେଁ, ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ। ନଚେତ୍ ଏହି ସଂଖ୍ୟାକୁ ନିୟନ୍ତ୍ରଣରେ ରଖା ଯାଇ ପାରିବ ନାହିଁ ଓ ବିଶେଷଜ୍ଞଙ୍କ ମତ ଅନଲାଇନ୍ ଟ୍ରାଫିକ୍ ବୃଦ୍ଧି, ସଚେତନତା ଅଭାବ ଏବଂ ସାଇବର ଅପରାଧ ମାମଲାରେ ଅନୁସନ୍ଧାନର ଅସୁବିଧା ଯୋଗୁ ଅପରାଧିମାନେ ନିଜର ସାମରାଜ୍ୟ ବିସ୍ତା କରି ଚାଲିଛନ୍ତି। ଏହି ସମସ୍ତ କାରଣ ଗୁଡ଼ିକ ଲୋକଙ୍କୁ ଠକିବାକୁ ନୂଆ ନୂଆ ମାଧ୍ୟମ। ଠକମାନେ ବାରମ୍ବାର ତରିକା ପରିବର୍ତ୍ତନ କରୁଛନ୍ତି। ସାଇବର ଠକାମୀରୁ ନିଜକୁ ରକ୍ଷା କରିବାର ଏକମାତ୍ର ଚାବି ହେଉଛି ସଚେତନତା। ଏନେଇ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ କହିଛନ୍ତି ଯେ ଜନସାଧାରଣ ସଚେତନ ହେବା ଅତ୍ୟନ୍ତ ଆବଶ୍ୟକ ଅଛି। ଯଦି ଜନସାଧାରଣ ସାଇବର ଅପରାଧ ରେ ସଙ୍ଗେ ସଙ୍ଗେ ସଠିକ ସମୟ (ସୁବର୍ଣ୍ଣ ସମୟ) ଥାନା ଓ ସାଇବର ଥାନା ଆଇନ ଆଶ୍ରୟ ନେଇ ପାରିଲେ ହଡ଼ପ ହୋଇଯାଇଥିବା ଟଙ୍କା ଉଦ୍ଧାର ହୋଇପରନ୍ତା। ଏ ଦିଗରେ ସମସ୍ତେ ସଚେତନ ହେଲେ ସାଇବର ଅପରାଧରୁ ରକ୍ଷା ପାଇପାରିବା ବୋଲି କହିଛନ୍ତି।



## ଗୁପ୍ତରେ ବାଲି ରଖି ଚାଲାଣ କରୁଛନ୍ତି ବେପାରୀ

ବାରିକପୁର,୨୮।୪(ସମିସ): ଲଘୁ ଖଣିଜ ପଦାର୍ଥ ଉତ୍ତୋଳନ ଓ ପରିବହନ ଆଇନ ଅନୁଯାୟୀ ଭଣ୍ଡାରିପୋଖରୀରେ ବେଆଇନ ବାଲି ଚାଲାଣକୁ ରୋକିବା ପାଇଁ ପ୍ରଶାସନର ଚେଷ୍ଟା ବିଫଳ ହେଉଥିବା ଦେଖାଯାଉଛି। କେବଳ ସରକାରୀ ଚାକିରି ଆଧାରରେ ନଦୀପଠାକୁ ଆସି ବାଲି ଗାଡ଼ିକୁ ଗୋଡ଼ାଗୋଡ଼ି କରି ପରିବହନ ପଥରେ ନାଳ ଖୋଳି ଦେଇ ଅଧିକାରୀମାନେ ନିଜ ଦାୟିତ୍ୱରୁ ଓହରିଯାଉଛନ୍ତି। ପ୍ରଶାସନିକ ଧରପଗଡ଼ ଯୋଗୁଁ ଯଦିଓ କିଛିଦିନ ବାଲି ଚାଲାଣ ବନ୍ଦ ରହୁଛି କିନ୍ତୁ ପରେ ପରିସ୍ଥିତି ସ୍ୱାଭାବିକ ହେଉଛି। ବାଲି ମାଫିଆମାନେ ବିକଳ୍ପ ପଥ ଦେଇ ନଦୀରୁ ବାଲି ଆଣି ଗୁପ୍ତ ସ୍ଥାନରେ ରଖୁଛନ୍ତି। ବିଶେଷ କରି ଗାଁ ବାଡ଼ି ତଳ, ଆମ୍ବ ତୋଟା, ଜରାଜୀର୍ଣ୍ଣ ସଂକୀର୍ଣ୍ଣ ରାସ୍ତା ପାର୍ଶ୍ୱରେ ଟ୍ରିପ୍ ଟ୍ରିପ୍ ବାଲି ଗଚ୍ଛିତ ରଖାଯାଉଛି। ସମୟ ଦେଖି ଗଚ୍ଛିତ ଥିବା ବାଲିକୁ ଚାଲାଣ କରାଯାଉଛି। ଏପଟେ ଖଣି, ତହସିଲ୍ ଓ ପୁଲିସ ବିଭାଗ ଅଧିକାରୀମାନେ ସିଧା ରାସ୍ତାରେ ନଦୀପଠାକୁ ଯାଉଥିବାବେଳେ ଗୁପ୍ତ ସ୍ଥାନରେ ବାଲି ରହୁଥିବା ସ୍ଥାନକୁ ଯାଇପାରୁନାହାନ୍ତି। ଫଳରେ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ଜାରି ରହୁଛି। ପ୍ରଶାସନ କେତୋଟି ନିହାତି ବାଲି ସୈରାତକୁ ନିଲାମ ଦେବାରେ ବାରମ୍ବାର ବିଫଳ ହେଉଥିବା ଯୋଗୁଁ ଚୋରା ଚାଲାଣ ବଢୁଥିବା କୁହାଯାଇଛି। ସରକାରୀ ଉନ୍ନୟନମୂଳକ କାର୍ଯ୍ୟ ଓ ଜନସାଧାରଣଙ୍କ ବାସଗୃହ ନିର୍ମାଣ ପାଇଁ ବାଲିର ଢେର୍ ଆବଶ୍ୟକତା ରହିଛି। ତେଣୁ ଏଭଳି ସ୍ଥିତିରେ ଯେକୌଣସି ବାଟେ ହେଉ ବାଲିର ବେଆଇନ ଚାଲାଣ ଏକ ସ୍ୱାଭାବିକ ପ୍ରକ୍ରିୟାରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ।



**ନାଳ ଖୋଳା ଯୋଜନା ବ୍ୟର୍ଥ**

## କଂଗ୍ରେସ କମିଟି ସଭାପତିଙ୍କୁ ସମ୍ବର୍ଦ୍ଧନା ସଭା ଓ କର୍ମୀ ସମ୍ମିଳନୀ

ଭଦ୍ରକ,୨୮।୪(ସମିସ): ଚାନ୍ଦବାଲି ନଗର କଂଗ୍ରେସ କମିଟିର ନୂତନ ସଭାପତି ଭାବେ ମନୋରଞ୍ଜନ ସାହୁଙ୍କୁ ନବନିଯୁକ୍ତ କରାଯାଇଛି। ଏହି ଅବସରରେ ଚାନ୍ଦବାଲି କଂଗ୍ରେସର ନିର୍ବାଚନମଣ୍ଡଳୀ ନେତା ଅମିୟ କୁମାର ମହାପାତ୍ର ତାଙ୍କ ନେତୃତ୍ୱରେ ଚାନ୍ଦବାଲି ନଗର କଂଗ୍ରେସ ଆହୁରି ସକ୍ରିୟ ହେବ ବୋଲି ଆଶା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଳର ବହୁ ସଦସ୍ୟ ଓ କର୍ମୀ ଉପସ୍ଥିତ ରହି ନୂତନ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା କଂଗ୍ରେସର ସଦସ୍ୟା ସୁଲୋଚନା ନାୟକ, ଚାନ୍ଦବାଲି ବ୍ଲକ୍ ଓ ନଗରର ପୂର୍ବତନ ସଭାପତି ବୃନ୍ଦାବନ ମହାଳିକ, ବରିଷ୍ଠ ନେତା ରାଧାକାନ୍ତ ପାତ୍ରୀ, ନିର୍ମଳ ତାଡ୍ରୁ, ନିର୍ମଳ ରାଉତ, ସୁରେନ୍ଦ୍ର ମହାନ୍ତି, ନାରିନେତ୍ରୀ ପୂର୍ଣ୍ଣିମା ନାୟକ ଏବଂ ଯୁବନେତା ଅମିୟ ସାହୁ, ପାଣ୍ଡୁ ଭାଇ, ଏସ୍‌କେ କାଦିର, ଏସ୍‌କେ ରାଜୁ, ପପୁଙ୍କ ସମେତ ବହୁ ସଂଖ୍ୟକ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ନିର୍ବାଚନମଣ୍ଡଳୀର ପ୍ରମୁଖ ନେତା ଅମିୟ ମହାପାତ୍ରଙ୍କ ସମେତ କଂଗ୍ରେସ କର୍ମୀମାନେ ସମ୍ବର୍ଦ୍ଧନା ଜଣାଇଛନ୍ତି। ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ମନୋରଞ୍ଜନ ସାହୁ କହିଛନ୍ତି ଯେ ସେ ଦଳକୁ ଆହୁରି ସୁଦୃଢ଼ କରିବା ସହିତ ସ୍ଥାନୀୟ ସମସ୍ୟାଗୁଡ଼ିକୁ ଗୁରୁତ୍ୱ ଦେଇ କାମ କରିବେ। ସେହିପରି



## ଚୋରା ପଥର ବୋଝେଇ ୨ ଡମ୍ଫର ଜବତ

ସୋର,୨୮।୪ (ସମିସ): ସୋର ଥାନା ମାଣତ୍ରୀ ଛକ ନିକଟରୁ ଗତକାଲି ବିଳମ୍ବିତ ରାତିରେ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୨ଟି ବେଆଇନ ପଥର ବୋଝେଇ ଡମ୍ଫର ଜବତ କରାଯାଇଛି। ସୁଚନା ଅନୁସାରେ ଗତକାଲି ରାତିରେ ବାଗୁଡି ପଥର ଖାଦାନରୁ ପଥର ଚୋରା ଚାଲାଣ ହେଉଥିବା ଖବର ପାଇ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଚଢ଼ଉ କରିଥିଲେ। ଏହି ସମୟରେ ବାଗୁଡିରୁ ପଥର ବୋଝେଇ କରି ସୋର ଅଭିମୁଖେ ଆସୁଥିବା ଓଡି୦୧ଡବ୍ଲୁ ୬୦୨୪ ଓ ଓଆର ୨୨ସି ୨୦୨୯ ନମ୍ବର ବିଶିଷ୍ଟ ୨ଟି ଡମ୍ଫରକୁ ଜବତ କରିଥିଲେ। ପରେ ଜବତ ଗାଡି ୨ଟିକୁ ସୋର ଥାନା ପରିସରରେ ରଖାଯାଇଥିବା ଜଣାପଡିଛି। ଚଢ଼ଉ ହେଉଥିବା ଖବର ପାଇ ଅନେକ ଗାଡି ଫେରାର ହୋଇଯାଇଥିଲେ।

## ସାହିତ୍ୟ ପରିଷଦରେ କଥାକାର ମନୋଜ ଦାସଙ୍କ ଶ୍ରାଦ୍ଧୋତ୍ସବ



ବାଲେଶ୍ୱର,୨୮।୪(ସମିସ): ଫକୀରମୋହନ ସାହିତ୍ୟ ପରିଷଦ ଓ 'ମନୋଜାୟନ'ର ମିଳିତ ଆନୁକୂଲ୍ୟରେ ସାରସ୍ୱତ ସାଧକ, ଆଧୁନିକ ସାହିତ୍ୟର ବିଷ୍ଣୁଶର୍ମା ମନୋଜ ଦାସଙ୍କ ଷଷ୍ଠ ପୁଣ୍ୟତିଥି କବିତୀର୍ଥ ଶାନ୍ତିକାନନ ପରିଷଦର ସଭାଗୃହରେ ପାଳିତ ହୋଇଯାଇଛି। ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ସଭାର ପୌରୋହିତ୍ୟ କରିଥିଲେ। ଗପ ହେଲେବି ସତ୍ୟ ପରି ମନୋଜ ଦାସଙ୍କ ଗପ ହେଉଛି ସାହିତ୍ୟ ଓ ସତ ହେଉଛି ଜୀବନ। ମୁଖ୍ୟଅତିଥି ଏବଂ ବକ୍ତା ରୂପେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଦେବାଶିଷ ପାତ୍ର ଯୋଗଦେଇ କିମ୍ବଦନ୍ତୀ କଥାକାର ମନୋଜ ଦାସଙ୍କ ଉପରେ ଚର୍ଚ୍ଚା କରିଥିଲେ। ପରିଷଦ ସମ୍ପାଦକ ଡ.ରତ୍ନାକର ସିଂହ ପ୍ରାକ କଥନ ଉପସ୍ଥାପନ କରିଥିବାବେଳେ ଯୁଗ୍ମ ସମ୍ପାଦକ ରାଜେଶ ଗିରି ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ମୁଖ୍ୟଅତିଥିଙ୍କ କରକମଳରେ ବିଷୁବରେ ପ୍ରଦତ୍ତ ଅବଶିଷ୍ଟ ନାଟ୍ୟ କଳାକାର ପୁରସ୍କାର ଅର୍ଚ୍ଚନା କର, ମାମିନା ମହାପାତ୍ର ଓ ମମତା ଦାସଙ୍କୁ ପ୍ରଦାନ କରାଯାଇଥିଲା। ବୈଠକର ପ୍ରାରମ୍ଭରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ମନୋଜ ଦାସଙ୍କ ଉପରେ ପର୍ଯ୍ୟବେସିତ ସଙ୍ଗୀତକୁ କଲ୍ୟାଣୀ ନନ୍ଦଙ୍କ ସଂଯୋଜନାରେ ଅର୍ଚ୍ଚନା କର, ତାନଶ୍ରୀ ପାଣିଗ୍ରାହୀ, ପୁଷ୍ପଲତା ଚକ୍ରବର୍ତ୍ତୀ ଓ ସଂଗୀତା ବାରିକ ମିଳିତ ସଙ୍ଗୀତ ପରିବେଷଣ କରିଥିଲେ। ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଉପସ୍ଥିତ ସମସ୍ତ ଅତିଥି ସାରସ୍ୱତ ପ୍ରେମୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

● ଜାତୀୟ କୁଙ୍ଗ୍-ଫୁ ଚାମ୍ପିଅନସିପ୍‌ରେ ବାଲେଶ୍ୱରର ଦୁଇ ଜଣଙ୍କ କମାଲ

## ତାଉଲୁ ଓ ସାଣ୍ଡାରେ ଜିତିଲେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ

ବାଲେଶ୍ୱର,୨୮।୪ (ସମିସ): ମେଘାଳୟରେ ଅନୁଷ୍ଠିତ ୧୦ମ ଜାତୀୟ କୁଙ୍ଗ୍-ଫୁ ଚାମ୍ପିଅନସିପ୍‌ରେ ବାଲେଶ୍ୱର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ବାଲେଶ୍ୱରର ଦୁଇ ଜଣ ଖେଳାଳି। ବାଲେଶ୍ୱର ସହର ଖପରାପଦାସ୍ଥିତ ଦେବର୍ଷି ଶିକ୍ଷା ନିକେତନର ନବମ ଶ୍ରେଣୀ ଛାତ୍ର ଉମାଶଙ୍କର ପୃଷ୍ଟି (୧୩) ତାଉଲୁରେ ସ୍ୱର୍ଣ୍ଣ ଓ ସାଣ୍ଡାରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ରୀ ସାଇଶ୍ରୀୟା ପୃଷ୍ଟି (୧୨) ସାଣ୍ଡାରେ ସ୍ୱର୍ଣ୍ଣ ଓ ତାଉଲୁରେ ରୌପ୍ୟ ପଦକ ଜିତିଛନ୍ତି। ଉଭୟଙ୍କ ପ୍ରଶିକ୍ଷକ ଅନୁରାଗ। ଉମାଶଙ୍କରଙ୍କ ପିତା ଧର୍ମେନ୍ଦ୍ର ପୃଷ୍ଟି ଓ ମାତା ଜୟନ୍ତୀ ପୃଷ୍ଟି ଏବଂ ସାଇଶ୍ରୀୟାଙ୍କ ପିତା ସୁଶାନ୍ତ ପୃଷ୍ଟି ଓ ମାତା ରାଜପ୍ରିୟା ପୃଷ୍ଟି। ଦୁହିଁଙ୍କ ସଫଳତା ପରେ ପରିବାର ତଥା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।



# ଲୋକଙ୍କ କାର୍ଯ୍ୟରେ ଲାଗୁନି 'ବସୁଧା' ଯୋଜନା ପ୍ରକଳ୍ପ

ଭଣ୍ଡାରିପୋଖରୀ,୨୮।୪(ସମିସ)

ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲାଗି ରାଜ୍ୟ ସରକାର ୨୦୧୮ ରେ 'ବସୁଧା' ଯୋଜନା ଶୁଭାରମ୍ଭ କରିଥିଲେ। ଏହି ପ୍ରକଳ୍ପ ଗ୍ରାମାଞ୍ଚଳରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଯୋଜନା ପ୍ରସ୍ତୁତ କରିଥିବାବେଳେ ୨୦୨୬ ଏପ୍ରିଲ ମାସ ଯାହାକି ଓଡ଼ିଆରେ ବୈଶାଖ ମାସ ପୂରିଲାଣି, ତଥାପି କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ ଉକ୍ତ ଯୋଜନା। ଯାହାକି ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହିତ ଯୋଜନାର ସଫଳ ରୂପାୟଣ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ୍‌ରେ। ଭଣ୍ଡାରିପୋଖରୀ ବ୍ଲକ୍‌ର ୨୩ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଉକ୍ତ ପ୍ରକଳ୍ପ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଅଧୀନରେ 'ବସୁଧା' ଯୋଜନା ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ଉଦ୍ଦେଶ୍ୟରେ କୋଟି କୋଟି ଟଙ୍କାରେ ପ୍ରକଳ୍ପ ନିର୍ମାଣ ହୋଇଛି ସତ କିନ୍ତୁ ବିଭିନ୍ନ ଗ୍ରାମରେ ଜଳ ଯୋଗାଣ ଆରମ୍ଭରୁ ଜଳ ଯୋଗାଇଦେବା କ୍ଷେତ୍ରରେ ଫେଲ୍ ମାରିଛି। କେବଳ ପାଇପ୍ ଲାଇନ୍ ବିଛା, ଟାଙ୍କି ଗଢ଼ା ଓ ଘର ତୋଳାରେ ସୀମିତ ରହିଯାଇଛି ଉକ୍ତ ପ୍ରକଳ୍ପ।



ଭଣ୍ଡାରିପୋଖରୀ ବ୍ଲକ୍‌ର ଆଖୁଆପଦା ବୈତରଣୀ ଆନିକଟ ସମେତ ସଦର ମହକୁମାରେ ବୟାବନାପୁର ପଞ୍ଚାୟତର ଚନ୍ଦ୍ରଭାନୁପୁର ଗ୍ରାମରେ ପାଣିଟାଙ୍କି କୋଟି କୋଟି ଟଙ୍କାରେ ନିର୍ମାଣ ହୋଇଛି ସତ କିନ୍ତୁ ବାସ୍ତବ ଚିତ୍ର ଅଲଗା। ଦୁଃଖର ବିଷୟ ଗ୍ରୀଷ୍ମ ଋତୁ ଆରମ୍ଭରୁ କିଛି ପଞ୍ଚାୟତରେ ଯଥା- ଦକ୍ଷିଣବାଡ଼, ବୟାବନାପୁର, ସରସଦା, ରାମଚନ୍ଦ୍ରପୁର ଭଳି ଅଞ୍ଚଳରେ ନଳକୂଅଗୁଡ଼ିକରୁ ପାଣି ଠିକ୍‌ଠାକ୍ ଭାବରେ ବାହାରୁ ନ ଥିବା ଘଟଣା ଦେଖିବାକୁ ମିଳିଛି। ବୟାବନାପୁର ପଞ୍ଚାୟତର ଚନ୍ଦ୍ରଭାନୁପୁର ଗ୍ରାମର ମେଗା ପ୍ରକଳ୍ପ ପାଣି ଟାଙ୍କିରୁ ସେହି ପାହାଚରେ ଲାଗିଥିବା ଆଇରନ ପାଇପ୍ ରେଲିଙ୍ଗ୍ ବାଡ଼ାଗୁଡ଼ିକ ଦୁର୍ବୃତ୍ତମାନେ କଟର ମେସିନ୍ ମାଧ୍ୟମରେ କାଟି ନେଇ ଗଲେଣି। ପ୍ରକଳ୍ପ ପରିଚାଳନା ଦାୟିତ୍ୱ ନେଇଥିବା କମ୍ପାନୀ ଓ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ଅଧିକାରୀମାନେ ଏହା ଉପରେ ଦୃଷ୍ଟି ଦେଉନାହାନ୍ତି। ଦିନକୁ ଦିନ ଖରା ବଢୁଥିବାବେଳେ ପ୍ରଶାସନିକ ସ୍ଥାଣୁତା ଯୋଗୁଁ ଜନସାଧାରଣ ନିକଟରେ ପାନୀୟ ଜଳ ଯୋଗାଇଦେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀମାନେ କିପରି ପାଇପ୍ ଲାଇନ୍ ଯୋଗେ ଜଳ ପାଇପାରିବେ ସେଥି ନିମନ୍ତେ ଦାବି କରିଛନ୍ତି।





# ସିଟି କଟକ

**କଟକରେ ପଥ ଉତ୍ସବର ଜଲ୍‌ୱା**

# ସଙ୍ଗୀତ ଓ ନୃତ୍ୟର ତାଳେ ତାଳେ ଝୁମିଲେ ସହରବାସୀ





**କଟକ, ୨୮ ।୪(ସମିସ)**

ମନଲୋଭା ସଙ୍ଗୀତ ସାଙ୍ଗକୁ ଆକର୍ଷଣୀୟ କଳା-କୌଶଳ, ଚମତ୍କାର ସଂଳାପ ସହିତ ଡ୍ୟାନ୍ସିଂ ବିଟ୍‌ର ଗୁଞ୍ଜରଣ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା । ରାସ୍ତା ଉପରେ ଯୋଗ ଶିବିର, ଫିଟନେସ୍ ପ୍ରଦର୍ଶନ ଏବଂ ବିଭିନ୍ନ କ୍ରୀଡ଼ା କୌଶଳ ୪ଘଣ୍ଟା କାଳ ସମସ୍ତ ବର୍ଗର ଜନସାଧାରଣଙ୍କୁ ବାନ୍ଧି ରଖିଥିଲା । କଳାକାରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ ଆଜି ବାରବାଟୀ ଷ୍ଟାଡ଼ିୟମ ସମ୍ମୁଖସ୍ଥ ପଡ଼ିଆରେ ଆୟୋଜିତ ପଥ ଉତ୍ସବର ମୁଖ୍ୟ ଆକର୍ଷଣ ହୋଇଥିଲା । ଓଲିଉଡ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ନିତିକା ମିଶ୍ର, ସୁଭାଶିଷ ଶର୍ମା ଏବଂ ଶୁଭମଙ୍କ ଅଭିନୟ ସମସ୍ତ ଦର୍ଶକଙ୍କ ହୃଦୟକୁ ଛୁଇଁ ଯାଇଥିଲା । ଏଥି ସହ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ସୁମଧୁର ସଙ୍ଗୀତ ଦର୍ଶକଙ୍କୁ ବେଶ୍ ମନ୍ତ୍ରମୁଗ୍ଧ କରିଥିଲା । ଏହାପରେ ଫେସ୍ ପେଣ୍ଟିଂ, ପାରମ୍ପରିକ ଖେଳ, କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଏବଂ କର୍ମଶାଳା ମଧ୍ୟ ଏହି ଉତ୍ସବର ଅଂଶବିଶେଷ ଥିଲା । ଏହି ପ୍ରଦର୍ଶନୀଗୁଡ଼ିକ ସ୍ଥାନୀୟ କଳାକାରମାନଙ୍କୁ ସେମାନଙ୍କର କଳା ପ୍ରଦର୍ଶନ ପାଇଁ ଏକ ବଡ଼ ସୁଯୋଗ ଦେଇଥିଲା ।

- ବାରବାଟୀ ଷ୍ଟାଡିୟମ ରାସ୍ତାରେ ଜମିଲା କଳା, ସଂସ୍କୃତି ଓ ସ୍ୱାସ୍ଥ୍ୟର ମହାମିଳନ
- ଓଲିଉଡ କଳାକାରଙ୍କ ନୃତ୍ୟ ସାଙ୍ଗକୁ ମନ୍ତ୍ରମୁଗ୍ଧ କଲା ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତ

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ଓ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଆଜି ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ବାରବାଟୀ ଷ୍ଟାଡିୟମ ସମ୍ମୁଖ ରାସ୍ତାରେ ଏହି ପଥ ଉତ୍ସବର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସହରର ଏକ ପ୍ରମୁଖ ରାସ୍ତାକୁ ସଂସ୍କୃତି, ସ୍ୱାସ୍ଥ୍ୟ ଏବଂ ସାମାଜିକ ମିଳନର ଏକ ଜୀବନ୍ତ କେନ୍ଦ୍ରରେ ପରିଣତ କରିଥିଲା । ସହରର ସବୁ ବର୍ଗର ନାଗରିକ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରିଥିଲେ । କଟକର ସମୃଦ୍ଧ କଳା ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ସହ ଲୋକଙ୍କ ମଧ୍ୟରେ ଏକ ସୁସ୍ଥ ଓ ସକ୍ରିୟ ଜୀବନଶୈଳୀ ଗଠନ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ଏହି କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ମେୟର ସୁବାଷ ଚନ୍ଦ୍ର ସିଂ, ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏବଂ ବିଧାୟିକା ସୋଫିଆ ଫିର୍ଦୋସ ପ୍ରମୁଖ ଯୋଗ ଦେଇଥିଲେ । ଏହା ସହିତ ବିଧାୟକ ସୌଭିକ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝୀ, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ବନ୍ଦିତା ଦାଶ ଏବଂ ଓଲିଉଡ କଳାକାର ଶ୍ରୀତମ ଦାସ, ଅରିନ୍ଦମ ରାୟ ଓ ବିଦୁସ୍ମିତା ଦାଶ ମନ୍ତ୍ରୀ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ଅବସରରେ ଅତିଥିମାନେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଓଡ଼ିଶା ଗଠନରେ ତାଙ୍କର ଅତୁଳନୀୟ ଅବଦାନ ଏବଂ ଓଡ଼ିଆ ଅସ୍ମିତାକୁ ନେଇ ବକ୍ତାମାନେ ନିଜର ବକ୍ତବ୍ୟ ରଖିଥିଲେ । ଏହି ଉତ୍ସବରେ ସାଧାରଣ ଜନତାଙ୍କ ପାଇଁ ଅନେକ ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଠାରେ ସୂଚନାଯୋଗ୍ୟ, କଟକରେ ୨୦୧୯ ମସିହା ନଭେମ୍ବର ୧୪ତାରିଖ ପ୍ରଥମ ଥର ପଥ ଉତ୍ସବର ଆୟୋଜନ କରାଯାଇଥିଲା । ଜିଲ୍ଲା ପ୍ରଶାସନ, ମହାନଗରନିଗମ ଓ ସିଡିଏ କର୍ତ୍ତୃପକ୍ଷ ମିଳିତ ଭାବେ ବାଲିଯାତ୍ରାରେ ପଥ ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହାପରେ ୨୦୨୦, ୨୦୨୧, ୨୦୨୨, ୨୦୨୩, ୨୦୨୪, ୨୦୨୫ ବର୍ଷ ଏହି ଉତ୍ସବର ଆୟୋଜନ କରାଯାଉଛି । ଚଳିତ ବର୍ଷର ପଥ ଉତ୍ସବ ଆଜି ଆୟୋଜନ କରାଯାଇଥିବା ବେଳେ ଆଗାମୀ ଦିନରେ ଏଭଳି ଉତ୍ସବର ଆୟୋଜନ କରାଯିବ ବୋଲି ଆଜି ଉତ୍ସବରେ ଘୋଷଣା କରାଯାଇଥିଲା ।

## ବ୍ରାଉନସୁଗର ବେପାରୀ ଗିରଫ

**କଟକ, ୨୮ ।୪(ସମିସ):** କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଜଣେ ନିଶା ବେପାରୀକୁ ଗିରଫ କରିଛି । ଅଭିଯୁକ୍ତ ହେଉଛି ଯାଜପୁର ଜିଲ୍ଲା ବୈରୀ ଥାନା ସୋଲାର ଗାଁର ରବୀନ୍ଦ୍ର କୁମାର ବାରିକ(୩୪) । ମଙ୍ଗଳବାର ମଧ୍ୟାହ୍ନରେ ଅଭିଯୁକ୍ତ ଯୁବକ ନିଶାଦ୍ରବ୍ୟ ଧରି ଟାଙ୍ଗୀ ଥାନା ଅନ୍ତର୍ଗତ ହରିଅନ୍ତା ଛକ ନିକଟରେ ଛିଡ଼ା ହୋଇଥିଲା । ଏହି ସୂଚନା ପାଇବାମାତ୍ରେ ଅବକାରୀ ଟିମ ସେଠାରେ ଚଢ଼ଉ କରି ଅଭିଯୁକ୍ତକୁ କାବୁ କରିଥିଲା । ତଲାସି ପରେ ତା' ପାଖରୁ ୯୨ ଗ୍ରାମର ବ୍ରାଉନସୁଗର ଜବତ ହୋଇଛି । ଯାହାର ମୂଲ୍ୟ ୯ ଲକ୍ଷ ୨୦ ହଜାର ଟଙ୍କା ହେବ । ଗିରଫ ପରେ ତାକୁ କୋର୍ଟ ଚାଲାଣ କରାଯାଇଛି ।

**ଜିଲ୍ଲା ବିଜେଡି ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ**

## ପ୍ରତିକୂଳ ପରିସ୍ଥିତି ସହ ସଂଘର୍ଷ କରି ଏକ ନମ୍ବର ହେବାର କଳା ହିଁ ମଧୁବାବୁଙ୍କ ଜୀବନୀ: ଦେବୀ ମିଶ୍ର

**କଟକ, ୨୮।୪(ସମିସ):** ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ମୁଖ୍ୟ ବିଧାଣି ତଥା କୂଳବୃଦ୍ଧ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମ ଜୟନ୍ତୀ ଓ ଆଇନଜୀବୀ ଦିବସ କଟକ ଜିଲ୍ଲା ବିଜେଡି କାର୍ଯ୍ୟାଳୟଠାରେ ମହାସମାରୋହରେ ପାଳିତ ହୋଇଯାଇଛି । କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଧୁବାବୁଙ୍କୁ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ମୂଳଦୁଆ ଭାବେ ବର୍ଣ୍ଣନା କରି ଶ୍ରୀ ମିଶ୍ର କହିଲେ ଯେ, ପ୍ରତିକୂଳ ପରିସ୍ଥିତି ବିରୁଦ୍ଧରେ ସଂଘର୍ଷ କରି ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍, ଓକିଲ ଓ ବିଦେଶ ଯାତ୍ରୀ ଭାବେ ସେ ଯେଉଁ ସଫଳତା ପାଇଥିଲେ, ତାହା ଆଜିର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର



ସ୍ରୋତ । ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ ମଧୁବାବୁଙ୍କ 'ଆତ୍ମନିର୍ଭର ଓଡ଼ିଶା' ସ୍ୱପ୍ନ ଓ 'ଉତ୍କଳ ଟ୍ୟାନେରୀ' ପ୍ରତିଷ୍ଠା ମାଧ୍ୟମରେ କୁଟୀର ଶିଳ୍ପର ବିକାଶ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ଶଶିଭୂଷଣ ବେହେରା ଓ ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ କଟକ କ୍ରିମିନାଲ ବାର୍ ଆସୋସିଏସନର ନବନିର୍ବାଚିତ ସଭାପତି ବାଦଲ ରାୟ, ସାଧାରଣ ସମ୍ପାଦକ ଗଦାଧର ସାହୁ ଆଇନ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଇନଜୀବି ଶଶିଭୂଷଣ ଦାସ, ରମାନାଥ ଆଚାର୍ଯ୍ୟ, ମନୋରଞ୍ଜନ ମିଶ୍ର, ନେପାଳ ଚନ୍ଦ୍ର ସାମନ୍ତଙ୍କ ସମେତ ୪୦ ଜଣ ବିଶିଷ୍ଟ ଆଇନଜୀବୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ତାପସ ମହାନ୍ତି, ଶିଶିର ପରିଜା, ସୟଦ ଏକରାମ ହୁସେନ, ଅନିତା ବେହେରା, ଡେପୁଟି ମେୟର ଦମୟନ୍ତୀ ମାଝୀ, ଦେବେନ୍ଦ୍ର କାହାଳୀ, ଲାଲା ପ୍ରତାପ ରାୟ, ଅଭୟ ବେହେରା, ରାଜ କୁମାର ସ୍ୱାଇଁଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷରେ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର ଉପାଧ୍ୟକ୍ଷା ରଞ୍ଜିତା କାହାଳୀ ଧନ୍ୟବାଦ ଦେଇଥିଲେ ।

**ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ**

## ବିଶ୍ୱବିଦ୍ୟାଳୟ ପରିସର ହେବ 'ମଧୁ ବିହାର'

**କଟକ, ୨୮।୪(ସମିସ):** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ପଞ୍ଚମ ପ୍ରତିଷ୍ଠା ଦିବସ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପରିସରରେ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି । ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ଭି. ନରସିଂହ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଭଲ ଭାବେ ପଢ଼ିବା ଦ୍ୱାରା ହିଁ ଭଲ ଲେଖିବା ଓ କହିବାର ଶକ୍ତି ବୃଦ୍ଧି ହୁଏ । ବିଦ୍ୟାର୍ଥୀଙ୍କୁ ଅନୁପ୍ରାଣିତ କରିବା ପାଇଁ ପାଠାଗାରରେ ମହାପୁରୁଷଙ୍କ ଜୀବନୀ ସ୍ଥାନିତ କରିବାକୁ ସେ ପରାମର୍ଶ ଦେଇଥିଲେ । ବିଶ୍ୱବିଦ୍ୟାଳୟର ନବନିଯୁକ୍ତ କୁଳପତି ପ୍ରଫେସର ଶିବରାମ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶ୍ୱବିଦ୍ୟାଳୟ ପରିସରକୁ 'ପୁଷ୍ପଗିରି' ବଦଳରେ 'ମଧୁ ବିହାର' ନାମରେ ନାମିତ କରିବାକୁ ପ୍ରସ୍ତାବ ଦିଆଯାଇଛି । ବିଗତ ୫ ବର୍ଷ ହେବ ସମାବର୍ତ୍ତନ ଉତ୍ସବ ହୋଇ ନ ଥିବାରୁ ଆଗାମୀ ଦିନରେ ଏହା ଆୟୋଜନ କରିବା ସହ ନାକ୍ ମାନ୍ୟତାରେ ସୁଧାର, ପ୍ରାଧ୍ୟାପକ ନିଯୁକ୍ତି ଓ ବାର୍ କାଉନସିଲ୍ ପରିଦର୍ଶନ ପରି ଆହ୍ୱାନ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ କୁଳପତି ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଧାୟକ ସୌଭିକ ବିଶ୍ୱାଳ ଓ ପୂର୍ବତନ ମହାଅଧିବକ୍ତା ସୂର୍ଯ୍ୟ ପ୍ରସାଦ ମିଶ୍ର ଯୋଗଦେଇ ଆଇନ ବିଦ୍ୟାର୍ଥୀଙ୍କୁ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଉତ୍ସାହିତ କରିଥିଲେ । କୁଳସଚିବ ନିରୁପମା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିତ୍ତ ନିୟନ୍ତ୍ରକ ଚିତ୍ତରଞ୍ଜନ ନାୟକ ଓ ପରୀକ୍ଷା ନିୟନ୍ତ୍ରକ ଧିରେନ ଚାନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

**ସହରରେ ବିଭିନ୍ନ ସ୍ଥାନରେ ଆଇନଜୀବୀ ଦିବସ ଓ ମଧୁ ଜୟନ୍ତୀ**

# ମଧୁବାବୁଙ୍କ ଅବଦାନ ଉତ୍ତର ପିଢ଼ି ପାଇଁ ପ୍ରେରଣା

### କଟକ ଜିଲ୍ଲା ପ୍ରଶାସନ



**କଟକ, ୨୮ ।୪(ସମିସ):** ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଆଜି ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧିପୀଠ ଓ ସେଠାରେ ଅବସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଓ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଓଡ଼ିଶା ଇତିହାସରେ ତାଙ୍କର ଅଭୁଲା ଛାପ, ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ଅଟଳ ସମର୍ପଣ ତଥା ଓଡ଼ିଶାର ପରିଚୟ ଏବଂ ବିକାଶ ପ୍ରତି ମଧୁସୂଦନ ଦାସଙ୍କ ଅବଦାନ ଉତ୍ତର ପିଢ଼ିକୁ ପ୍ରେରଣା ଦେଇ ଆସୁଛି । ଶିକ୍ଷା, ଶିଳ୍ପ ଏବଂ ସମାଜ କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କର ଅକ୍ଳାନ୍ତ ପ୍ରୟାସ ଏକ ଇତିହାସ ବୋଲି ଜିଲ୍ଲାପାଳ ଏହି ଅବସରରେ ସମ୍ବୋଧନ କରିଥଲେ । ପରେ ନିକଟସ୍ଥ ମଧୁସୂଦନ ପାର୍କ ଏବଂ କ୍ୟାଣ୍ଟନମେଣ୍ଟ ଛକଠାରେ ଅବସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏଥି ସହ ପଡ଼ିହାରୀ ପାଠାଗାର ଓ ସୂଚନା କେନ୍ଦ୍ରଠାରେ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରଯାଇଥିଲା । ସେହିଭଳି ସମାଧିପୀଠରେ ଡ. ରବିରଞ୍ଜନ ସାହୁ, ପ୍ରଭାସ ଆଚାର୍ଯ୍ୟ, କିଶୋର ମହାନ୍ତି, ସୌମ୍ୟରଞ୍ଜନ ପଟ୍ଟନାୟକ, ବିଧାୟିକା ସୋଫିଆ ଫିର୍ଦୋସ ଏବଂ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରୀମାନେ ମାଲ୍ୟାର୍ପଣ କରି ମଧୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

### ହାଇକୋର୍ଟ ବାର୍



ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି । ସହିଦଭବନ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପୂର୍ତ୍ତ, ଅବକାରୀ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ଯୋଗଦେଇ ମଧୁସୂଦନ ଦାସଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଉଦବୋଧନ ଦେଇ ଶ୍ରୀ ହରିଚନ୍ଦନ କହିଥିଲେ ଯେ, ଆଇନଜୀବୀଙ୍କ କଲ୍ୟାଣ ନିମନ୍ତେ ସରକାର ଚେଷ୍ଟିତ ଅଛନ୍ତି । ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ୧୫କୋଟି ଟଙ୍କାକୁ ବୃଦ୍ଧି ଓ ଆଇନଜୀବୀଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ପ୍ରସ୍ତାବ ଉପରେ ପଦକ୍ଷେପ ନିଆଯାଉଛି । ସେହିଭଳି ଆଡଭୋକେଟ ଏକାଡେମୀ କାର୍ଯ୍ୟ ଏହି ଆର୍ଥିକ ବର୍ଷରେ ଆରମ୍ଭ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ବରିଷ୍ଠ ଆଇନଜୀବୀ ଲଲାଟେନ୍ଦୁ ସାମନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଅତିଥିଭାବେ ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ଯୋଗଦେଇ ମଧୁବାବୁଙ୍କୁ ଆଧୁନିକ ଓଡ଼ିଶାର ନିର୍ମାତା ବୋଲି କହିଥିଲେ । ଏହି ଅବସରରେ ବରିଷ୍ଠ ଆଇନଜୀବୀଙ୍କୁ ମଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସଭାରେ ବାର ଉପ ସଭାପତି ପ୍ରଦୀପ ମହାପାତ୍ର ଓ ସମ୍ପାଦକ ହୃଦାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### କ୍ରିମିନାଲ କୋର୍ଟ ବାର୍



କ୍ରିମିନାଲ କୋର୍ଟସ ବାର ଆସୋସିଏସନ ପକ୍ଷରୁ ଏହାର ସଭାଗୃହରେ ଆଇନଜୀବୀ ଦିବସ ଉପଲକ୍ଷେ ଏକ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ସଭା ବାରର ସଭାପତି ବାଦଲ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଷ୍ଟିସ ବିଭୁ ପ୍ରସାଦ ରାଉତରାୟ ୧୬ ଜଣ ବରିଷ୍ଠ ଆଇନଜୀବୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ କଟକ ଜିଲ୍ଲା ଓ ଦୌରାଜଜ ମାନସ ରଞ୍ଜନ ବାରିକ, ହାଇକୋର୍ଟ ବାର ସଭାପତି ଲଲାଟେନ୍ଦୁ ସାମନ୍ତରାୟ, ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ଆଇନଜୀବୀ ଅକ୍ଷୟ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ଅବକାରୀ ଆଇନର ଆଗାମୀ ଯୁବପିଢ଼ି ଉପରେ ପ୍ରଭାବ ଶୀର୍ଷକ ଆଲୋଚନାରେ କୃତିତ୍ୱ ଲାଭ କରିଥିବା କିରଣପ୍ରଭା କର, ହୀରା ଦାସ, ସଦ୍ଦିକ ପଟ୍ଟନାୟକ, ସାଇସଙ୍ଗୀତା ରାୟ, ସୁଧାଂଶୁ ମହାପାତ୍ର, ସ୍ନିଗ୍ଧା ସଙ୍ଗୀତା ସାହୁ, ଶୁଭମ ମହାପାତ୍ର, ପ୍ରିୟଙ୍କା ବିହାରୀ ଓ ମନୋଜ ସାହୁଙ୍କୁ ମାନପତ୍ର, ଅବକାରୀ ନିୟମ ଉପରେ ପୁସ୍ତକ ଓ ପୁରସ୍କାର ପ୍ରଦାନ କରିଥିଲେ । ଉକ୍ତ ସଭାରେ କ୍ରିମିନାଲ କୋର୍ଟସ ବାର ସମ୍ପାଦକ ଗଦାଧର ସାହୁ, ତାପସ ନାୟକ, ସମରେନ୍ଦ୍ର ମହାନ୍ତି, ଲକ୍ଷ୍ମୀପ୍ରିୟା ସାହୁ, ସନ୍ଧ୍ୟାରାଣୀ ଦାସ, ବିଛନ୍ଦା ନାୟକ, ମାନସ ରଞ୍ଜନ ପୃଷ୍ଟି, ବିଜୟ ସାହୁ, ପ୍ରଦୀପ ମହାନ୍ତି ଉପସ୍ଥିତ ଥିଲେ । ଶେଷରେ ବିଶ୍ୱଜିତ ସାହୁ ଧନ୍ୟବାଦ ଦେଇଥିଲେ ।

### ଜିଲ୍ଲା ଆଇନଜୀବୀ ପ୍ରକୋଷ୍ଠ

ରେଭେନ୍ସା ବିଶ୍ୱବିଦ୍ୟାଳୟ 'ସେଭେନ୍ ପିଲାର' ପ୍ରେକ୍ଷାଳୟଠାରେ କଟକ ଜିଲ୍ଲା ଆଇନଜୀବୀ ପ୍ରକୋଷ୍ଠ ପକ୍ଷରୁ 'ଆଇନଜୀବୀ ଦିବସ' ପାଳିତ ହୋଇଯାଇଛି । ଏହି ସଭାରେ ମୁଖ୍ୟଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଅନ୍ୟତମ ଅତିଥି ଭାବେ କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ବିଜେପି ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ଆଇନଜୀବୀ ମାନସ ରଞ୍ଜନ ମହାନ୍ତି ଓ ନିକୁଞ୍ଜ ଦେଓ ଯୋଗଦାନ କରିଥିଲେ ।




ଏହି ଅବସରରେ ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ଆଇନଜୀବୀ ସୁବରାଜ ଜେନା ଏବଂ ସେବା କ୍ଷେତ୍ରରେ ଡାକ୍ତର ଜ୍ୟୋତିର୍ମୟ ନାୟକଙ୍କୁ ସମ୍ମାନୀତ କରାଯାଇଥିଲା । ଏହି ସଭାରେ କଟକ ଜିଲ୍ଲା ଲିଗାଲ ସେଲର ଯୁଗ୍ମ ଆବାହକ ତଥା ସ୍ପେଶାଲ ପିପି ଶୁଭ ନାରାୟଣ ଦାସ, ଯୁଗ୍ମ ଆବାହକ ଶିବ ଶଙ୍କର ମହାନ୍ତି, ପ୍ରବୀର ରାୟ, ବିଶ୍ୱଜିତ ମହାରଣା, ବିଭୂପ୍ରସାଦ ନାୟକ, ଏପିପି ଦେବପ୍ରିୟ ପ୍ରଧାନ, ରଞ୍ଜନ ପରିଡ଼ା, ଆଦିତ୍ୟ ପରିଡ଼ା, କ୍ଷିତୀଶ ଜାଗତି, ତପନ କାମିଲା, ଦେବସ୍ମିତା ଦେବଦର୍ଶୀ, ସରସ୍ୱତୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ । ମଞ୍ଚ ପରିଚାଳନା କରିଥିଲେ କୁମାରୀ ପ୍ରଦ୍ୟୋତା ରାୟ ।

### ନିଖିଳ ଓଡ଼ିଶା ଆଇନଜୀବୀ ସଂଘ

ନିଖିଳ ଓଡ଼ିଶା ଆଇନଜୀବୀ ସଂଘ (ଆଓଲା) ପକ୍ଷରୁ ଜାତିପ୍ରାଣ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇଯାଇଛି । ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ନନ୍ଦଙ୍କ ନେତୃତ୍ୱରେ ଆଜି ସକାଳୁ କଟକ ଗୋରାକବର ମଧୁବାବୁଙ୍କ ସମାଧି ପୀଠ ଓ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଥିରେ ଆଇନଜୀବୀ ପ୍ରତାପ କିଶୋରୀ ଦେଓ, ସୁଶାନ୍ତ ବରାଳ, ସଞ୍ଜୟ ଦାସ, ସପନ ପାଲ, ଆଶିଷ ମିଶ୍ର, ତ୍ରିଲୋଚନ ବରାଳ, ଅସିତ ଜେନା, ଜଗଦୀପ ସାହୁ, ଅଭିଜିତ୍ ଦାସ, ଗଣେଶ୍ୱର ବେହେରା, ମନୋରଞ୍ଜନ ପାଢ଼ୀ, ସରୋଜ ଆଚାର୍ଯ୍ୟ, ଆକାଶ ଭୂୟାଁ, ପୁରୁଷୋତ୍ତମ ଚୁଳି, ଜଗନ୍ନାଥ ମହାନ୍ତି, ସତ୍ୟ ଗୋପାଳ ପରିଜା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ ।



### ବନ୍ଦେ ଉତ୍କଳ ଅନୁଷ୍ଠାନ




ବନ୍ଦେ ଉତ୍କଳ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜୟନ୍ତୀ ବଙ୍ଗାଳିସାହି ସ୍ଥିତ ମା' ଶାରଳା ସଦନ ଠାରେ ଆଜି ସନ୍ଧ୍ୟାରେ ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ମାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ପ୍ରଫେସର ଡ଼. ସୁଦର୍ଶନ ପଟ୍ଟନାୟକ ମୁଖ୍ୟ ଅତିଥି ଓ ଆୟକର ବିଭାଗର ବରିଷ୍ଠ ଅଧିକାରୀ ନିରଞ୍ଜନ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଏହି ଅବସରରେ ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକଙ୍କୁ ଉତ୍କଳ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ଆଇନଜୀବୀ ଜ୍ୟୋତିନ୍ଦ୍ରିୟ ମହାନ୍ତି, ବ୍ରଜ ଭୂଷଣ ସାହୁ, ଜୟଦେବ ମାଝୀ, ବେଦାନ୍ତ ବିଶାଳ ପ୍ରଧାନ, ହିତେଶ ତାଣ୍ଡି, ଚିନ୍ମୟ ନାୟକ, ପୃଥ୍ୱୀ ପ୍ରକାଶ ସେଠୀ, ମନୋଜ ସାହୁ, ସୁବ୍ରତ ମଲ୍ଲିକ, ସଂଗଠକ କୃଷ୍ଣଚନ୍ଦ୍ର ପ୍ରଧାନ, ଭୁବନାନନ୍ଦ ମହାନ୍ତି, ରାହୁଲ ବେହେରା, ଶୁଭମ ସାହୁ, ଭାବସ୍ମିତା ସ୍ୱାଇଁ, ଶ୍ରୀମାଳିନ ଦାସ, ଆନନ୍ଦ ସାଗର ପାତ୍ର ପ୍ରମୁଖ ମଧୁବାବୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସଭାପତି ଶ୍ରୀ ଦାସ ମଧୁବାବୁଙ୍କ ମରଣୋତ୍ତର ଭାବେ ଭାରତରତ୍ନ ସମ୍ମାନ ମିଳିବା ପାଇଁ ଦାବି କରିଥିଲେ । ପୂର୍ଣ୍ଣଚନ୍ଦ୍ର ଛାଟୋଇ ଧନ୍ୟବାଦ ଦେଇଥିଲେ ।

### ରେଭେନ୍ସା କଲେଜିଏଟ୍ ସ୍କୁଲ ପୁରାତନ ଛାତ୍ର



ଓଡ଼ିଆ ଜାତିର ସ୍ପନ୍ଦନ, ସ୍ୱାଭିମାନର ପ୍ରତୀକ, କୁଳବୃଦ୍ଧ ତଥା ପୁରାତନ ଛାତ୍ର ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀରେ ରେଭେନ୍ସା କଲେଜିଏଟ୍ ସ୍କୁଲର ପୁରାତନ ଛାତ୍ର ଏବଂ ଶିକ୍ଷକମାନେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସଙ୍ଗେ ସଙ୍ଗେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଉମାଶଙ୍କର ମିଶ୍ର, ମନୋଜ ମହାପାତ୍ର, ସଞ୍ଜୀବ ସାହୁ, ଦେବୀପ୍ରସନ୍ନ ମହାପାତ୍ର, ସୁପ୍ରଭା ମହାନ୍ତି, ବିଶ୍ୱଦତ୍ତ ମହାନ୍ତି, ବ୍ରଜବନ୍ଧୁ ମହାନ୍ତି ତଥା ଶିକ୍ଷକ ଦାଶରଥି ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ ।

# କବିତ୍ରା ଶାସନରେ ଚନ୍ଦନ ପୂର୍ଣ୍ଣିମା ସାଂସ୍କୃତିକ ସମାରୋହ



ଆନନ୍ଦପୁର, ୨୮।୪ (ସମିସ):

ଚନ୍ଦନ ପୂର୍ଣ୍ଣିମା ଉପଲକ୍ଷେ କବିତ୍ରା ଶାସନରେ ତୃତୀୟ ସନ୍ଧ୍ୟାରେ ବୀଣାପାଣି କଳାନିକେତନ, ନୃତ୍ୟାନୁଷ୍ଠାନର ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରି ହଜାର ହଜାର ଦର୍ଶକଙ୍କ ମନ ମୋହିଥିଲେ। ପ୍ରଥମେ ଗ୍ରାମର ବ୍ରାହ୍ମଣ ମଧୁସୂଦନ କର, ଅଜୟ କୁମାର ହୋତା, ଦେବେନ୍ଦ୍ର ମିଶ୍ର, କୃଷ୍ଣପ୍ରସାଦ ମିଶ୍ର, ପ୍ରଦୀପ୍ତ ମିଶ୍ର, ଚିତ୍ତରଞ୍ଜନ ହୋତା, ପ୍ରଶାନ୍ତ ହୋତା, କୃପାସିନ୍ଧୁ ମିଶ୍ର, ହିମାଂଶୁ ହୋତା, ଜଗନ୍ନାଥ କର ଜଗନ୍ନାଥଙ୍କ ନିକଟରେ ମଙ୍ଗଳାଚରଣ ଗାନ କରିଥିଲେ। ପରେ ଗ୍ରାମର ବ୍ରାହ୍ମଣମାନେ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନୃତ୍ୟ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିନେଇଥିଲେ। ଗ୍ରାମର ମହିଳାଙ୍କଠାରୁ ହୁଳହୁଳି ଶଙ୍ଖ ଧ୍ୱନିରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇଥିଲା। ବିଳମ୍ବିତ ରାତ୍ରି ଯାଏଁ ନୃତ୍ୟ କାର୍ଯ୍ୟକ୍ରମକୁ ମନ ଭରି ଉପଭୋଗ କରିଥିଲେ।

# ପୋଖରୀରେ ବୁଡ଼ିଯାଇ ଯୁବକଙ୍କ ମୃତ୍ୟୁ



ହାଟଡ଼ିହୀ,୨୮।୪(ସମିସ): ନନ୍ଦିପଦା ଥାନା ପଛପଟେ ଥିବା ମରେିଗାଁ ପୋଖରୀରେ ବୁଡ଼ି ଜଣେ ଯୁବ ବ୍ୟବସାୟୀ ଉପେନ୍ଦ୍ର ପଣ୍ଡାଙ୍କ ପୁଅ ରତିକାନ୍ତ (୩୫)ଙ୍କ ମୃତ୍ୟୁ ଘଟିଛି। ମରେିଗାଁ ବଜାରରେ ଚିକେନ୍ ବ୍ୟବସାୟ କରନ୍ତି। ସୋମବାର ଅପରାହ୍ନ ପ୍ରାୟ ୨ଟା ସମୟରେ ରତିକାନ୍ତ ସେହି ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅନେକ ସମୟ ଧରି ଘରକୁ ଫେରି ନଥିଲେ। ପରିବାର ଲୋକେ ଖୋଜାଖୋଜି କରିବାରୁ ପୋଖରୀ କୂଳରେ ରତିକାନ୍ତଙ୍କ ମୋବାଇଲ୍ ଓ ଜୋତା ଥୁଆ ହୋଇଥିବା ଦେଖି ପୋଖରୀରେ ବୁଡ଼ିଯାଇଥିବା ସନ୍ଦେହ କରିଥିଲେ ପରିବାର ଲୋକେ। ଏନେଇ ପରେ ହାଟଡ଼ିହୀ ଅଗ୍ନିଶମ ବାହିନୀ ରତିକାନ୍ତଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରତିକାନ୍ତ ଭଳି ଜଣେ ହସଖୁସି ମିଜାଜର ଯୁବ ବ୍ୟବସାୟୀଙ୍କୁ ହରାଇ ସମ୍ପୂର୍ଣ୍ଣ ମରେିଗାଁ ବଜାରର ସମସ୍ତ ବ୍ୟବସାୟୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ବଡ଼ରମ୍ପାସ ଅଗ୍ନିବିପନ୍ନଙ୍କୁ ଭେଟିଲେ ବିଧାୟକ



ହାଟଡ଼ିହୀ,୨୮।୪(ସମିସ): ନନ୍ଦିପଦା ଥାନା ବଡ଼ରମ୍ପାସ ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ୪ଟି ପରିବାରର ୭ ବଖରା ଘର ପୋଡ଼ିଯିବା ସହିତ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ ହୋଇଥିବା ଜଣାଯାଇଛି। ଗ୍ରାମର ବଳିଆ ସେଠୀ, କନ୍ଦ ସେଠୀ, ବାବାଜୀ ସେଠୀ, ବାବୁଲି ସେଠୀ, ଶ୍ରୀଧର ସେଠୀ ଓ ସୁଦର୍ଶନ ସେଠୀଙ୍କ ପରିବାର ଲୋକେ ଯାତ୍ରା ଦେଖିବା ପାଇଁ ପଳାଇଥିବା ବେଳେ ଘରେ ଜଣେ ବୃଦ୍ଧା ରହିଥିଲେ। ଅଗ୍ନିକାଣ୍ଡ ଘଟିବା ଦେଖି ସେ ଡାକ ପକାଇବାରୁ ପଡୋଶୀ ମାନେ ଦୌଡ଼ି ଆସି ଅଗ୍ନିଶମ ବିଭାଗକୁ ଖବର ଦେବା ସହିତ ନିଆଁ ଲିଭାଇବାକୁ ଭିଡ଼ି ଯାଇଥିଲେ। ହାଟଡ଼ିହୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା କେବଳ ପିନ୍ଧା ବସ୍ତ୍ର ଖଣ୍ଡିକ ବ୍ୟତୀତ ଘର ଭିତରୁ ଅନ୍ୟ କୌଣସି ସାମଗ୍ରୀ ଉଦ୍ଧାର ହୋଇପାରିନି। ଏଭଳି ଏକ ଦୁଃଖଦ ଖବର ପାଇ ଆଜି ସକାଳେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସମିତିସଭ୍ୟ ବାବନ ସେଠୀ, ବିଜେଡ଼ି ଯୁବନେତା ଦୀପ୍ତିରଞ୍ଜନ ଦାସ, ଅମରେନ୍ଦ୍ର ଧଳ, ନାରାୟଣ ବେହେରା ପ୍ରମୁଖ ବିପର୍ଯ୍ୟସ୍ତ ପରିବାରଙ୍କୁ ଭେଟିଛନ୍ତି। କ୍ଷତିଗ୍ରସ୍ତ ପରିବାର ଲୋକଙ୍କୁ ସରକାରୀ ସ୍ତରର ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ବିଧାୟକ ଶ୍ରୀ ସେଠୀ କହିଛନ୍ତି।

# ଟ୍ରାକ୍ଟର ଦୁର୍ଘଟଣାରେ ୨ ଗୁରୁତର

ହାଟଡ଼ିହୀ,୨୮।୪(ସମିସ): ନନ୍ଦିପଦା ଥାନା ସୁଲଣ ଗ୍ରାମର ଦୟାନିଧି ରାଉତ ଓ ଶ୍ରୀପତି ଜେନା ସୁଲଣରୁ ଛେନାପଦି ଅଭିମୁଖେ ଯାଉଥିବାବେଳେ ସୁଲଣ ଛେନାପଦି ରାସ୍ତାରେ ଏକ ଟ୍ରାକ୍ଟର ସହ ଧକ୍କା ହୋଇଥିଲା। ଫଳରେ ଉଭୟ ଘଟଣାସ୍ଥଳରେ ହିଁ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ଗୁରୁତରଙ୍କ ପରିବାର ଲୋକେ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ମେଡିକାଲ ଓ ପରେ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଉଥିବା ସୂଚନା ମିଳିଛି। ଫେରାର ହୋଇଥିବା ଟ୍ରାକ୍ଟର ସମ୍ପର୍କରେ ଏଯାଏଁ କୌଣସି ସୂଚନା ମିଳିପାରି ନାହିଁ।

## କେନ୍ଦୁଝର ମାଟିରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ସ୍ମରଣ

# ମଧୁବାବୁଙ୍କ ଆଦର୍ଶରେ ଗଢ଼ାହେବ ସମୃଦ୍ଧ ଓଡ଼ିଶା: ମୁଖ୍ୟମନ୍ତ୍ରୀ



କେନ୍ଦୁଝର, ୨୮।୪(ସମିସ): ଓଡ଼ିଆ ଜାତିର ଅସ୍ମିତା, ସ୍ୱାଭିମାନ ଓ ସଂକଳ୍ପର ମୂର୍ତ୍ତିମନ୍ତ ପ୍ରତୀକ 'ଉତ୍କଳ ଗୌରବ' ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହାସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ସାଂସଦ ଅନନ୍ତ ନାଏକ ଏବଂ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ମଧୁବାବୁଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କେନ୍ଦୁଝର ପ୍ରଜା ଆନ୍ଦୋଳନ ସମୟରେ ଜଣେ ବିଚକ୍ଷଣ ଓକିଲ ଭାବେ ନ୍ୟାୟ ପ୍ରଦାନରେ ମଧୁବାବୁଙ୍କ ଭୂମିକା ଅବିସ୍ମରଣୀୟ। ମୁଖ୍ୟମନ୍ତ୍ରୀ ମଧୁବାବୁଙ୍କୁ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୁଖ୍ୟ ସୂତ୍ରଧାର ଭାବେ ବର୍ଣ୍ଣନା କରିବା ସହ ତାଙ୍କ ଆଦର୍ଶରେ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆହ୍ୱାନ ଦେଇଛନ୍ତି। ମଧୁବାବୁଙ୍କ ସହ କେନ୍ଦୁଝରର ଥିବା ଆତ୍ମିକ ଓ ଐତିହାସିକ ସମ୍ପର୍କକୁ ସ୍ମରଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମଧୁବାବୁଙ୍କ ଜନ୍ମସ୍ଥାନ ସତ୍ୟଭାମାପୁରକୁ ଏକ ପ୍ରମୁଖ ପର୍ଯ୍ୟଟନ ଓ ପ୍ରେରଣାସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ସରକାର ସ୍ୱତନ୍ତ୍ର ଭିତ୍ତିଭୂମି ପ୍ୟାକେଜ୍ କାର୍ଯ୍ୟକାରୀ କରୁଛି। ମଧୁବାବୁଙ୍କ ଭଳି ମହାପୁରୁଷଙ୍କ ବଳିଦାନକୁ ପ୍ରତିଟି ଓଡ଼ିଆଙ୍କ ପାଖରେ ପହଞ୍ଚାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟର ସମସ୍ତ ଉପାନ୍ତ ଅଞ୍ଚଳର ବିକାଶକୁ ମୁଖ୍ୟଧାରା ସହ ଯୋଡ଼ିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାଏକ, ସମସ୍ତ ଡେପୁଟି କଲେକ୍ଟର ଓ ଆସିଷ୍ଟାଣ୍ଟ କଲେକ୍ଟର, ଜନସାଧାରଣ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

**ଆନନ୍ଦପୁର:** ଆନନ୍ଦପୁର ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଶ୍ରୀ ଦଧିବାମନଜୀଉ ମନ୍ଦିର ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାହିତ୍ୟିକ ରାମଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ସେହିପରି ଘସିପୁରାରେ ଥିବା ଆନନ୍ଦପୁର ପ୍ରେସଭବନରେ ଶତ୍ରୁଘ୍ନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କନକମଞ୍ଜରୀ କଲେଜର ପୂର୍ବତନ ଅଧ୍ୟକ୍ଷ ଡ ପ୍ରଦୀପ କୁମାର ମହାନ୍ତି ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ସୁବାସଚନ୍ଦ୍ର ମହାପାତ୍ର, ଆନନ୍ଦପୁର ପୂର୍ବତନ ସୈନିକସଂଘ ସଭାପତି ତ୍ରିଲୋଚନ ଦାଶ, ସମାଜସେବୀ ଗୋଲକ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରେସକ୍ଲବର ସମ୍ପାଦକ ସନ୍ତୋଷ ରାଉତ, ସଦସ୍ୟ ଦିଲ୍ଲୀପ୍ ମିଶ୍ର, ସତ୍ୟଜିତ୍ ସାହୁ, ସ୍ୱପ୍ନେଶ୍ୱର ପଣ୍ଡା, ପ୍ରକାଶ ହଜାରୀ, ରାଜେନ୍ଦ୍ର ପ୍ରସାଦ ଦାଶ, ଉପେନ୍ଦ୍ର ସାହୁ, ଉମାକାନ୍ତ ସାହୁ, ସରୋଜ ପରିଡା, ସମାଜସେବୀ ସତ୍ୟାନନ୍ଦ ମିଶ୍ର, ଅନ୍ନଦା ଶଙ୍କର ମହାନ୍ତି, ଯତୀନ୍ଦ୍ର କୁମାର ଶତପଥୀ, ସୁରେଶ କୁମାର ସାହୁ, ଓଡିଶୀ ନୃତ୍ୟଗୁରୁ ଜିତୁ ଦାଶ, ମା'ଧନେଇ ସେବାସଂଘ ସଭାପତି ବିଷ୍ଣୁପ୍ରସାଦ ବାରିକ୍, ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତି, ଚିତ୍ତରଞ୍ଜନ ଘଡ?ଇ, ଶିକ୍ଷକ ରବୀନ୍ଦ୍ର ସାହୁ, ଆଇସିଆଇସି ବ୍ୟାଙ୍କର ସହକାରୀ ପରିଚାଳକ ତ୍ରିନାଥ ସାହୁ, ଆମଓଡିଶାର ସଦସ୍ୟ ଧବଳେଶ୍ୱର ସାହୁ, ସୁଜିତ୍ କୁମାର ସାହୁ, ସତ୍ୟନାରାୟଣ ସାହୁ, ରବୀନ୍ ରାଉତ, ତ୍ରିଲୋଚନ ସାହୁ, ଚିନ୍ମୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



# ଓସିଏ ଆବାସିକ ଏକାଡେମୀ ପାଇଁ ଆଦିଦେବ ମନୋନୀତ



କେନ୍ଦୁଝର,୨୮।୪(ସମିସ): ରାଜ୍ୟରେ ପ୍ରଥମ ଥର ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏକ ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଛି। ଡ. ହରେକୃଷ୍ଣ ମହତାବଙ୍କ ନାମରେ ଉତ୍ସର୍ଗୀକୃତ ଏହି ଏକାଡେମୀ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୬୦ ଜଣ ବାଳକ ଏବଂ ୧୫ ଜଣ ବାଳିକା ଖେଳାଳିଙ୍କୁ ମନୋନୀତ କରାଯାଇଛି। ଏଥିରେ କେନ୍ଦୁଝର ଜିଲ୍ଲାର ଏକମାତ୍ର ଖେଳାଳି ଭାବେ ଆଦିଦେବ ସାହୁ ଓସିଏ ରେସିଡେନ୍ସିଆଲ ଏକାଡେମୀ ପାଇଁ ମନୋନୀତ ହୋଇଛନ୍ତି। ସେ ଭୁବନେଶ୍ୱର କିଟ୍ ପରିସରରେ ରହି ନିୟମିତ ଶିକ୍ଷାଗ୍ରହଣ ସହ କ୍ରିକେଟ ପ୍ରଶିକ୍ଷଣ ନେବେ। ଓସିଏ ଓ କିଟ୍‌ର ଯୁଗ୍ମ ପରିଚାଳନାରେ ଡଃ ହରେକୃଷ୍ଣ ମହତାବ ଫିଡର୍ ସେଣ୍ଟର ପାଇଁ ଆଦିଦେବ ମନୋନୀତ ହୋଇଛନ୍ତି ବୋଲି ଓସିଏର ସମ୍ପାଦକ ସଞ୍ଜୟ କୁମାର ବେହେରାଙ୍କଠାରୁ ପ୍ରକାଶ। ଆଦିଦେବ ଗତ ଫେବୃଆରୀରେ କଟକଠାରେ ଅନୁଷ୍ଠିତ ଆନ୍ତଃଜିଲ୍ଲା ୧୪ବର୍ଷରୁ କମ କ୍ରିକେଟରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିଲେ। ଫେବୃଆରୀ ୯ତାରିଖରୁ କିଟ ଷ୍ଟାଡିଅମରେ ଆୟୋଜିତ ନେଟ୍ସ ରେ ସେ କେନ୍ଦୁଝର ଜିଲ୍ଲାର ଏକମାତ୍ର ଖେଳାଳି ଭାବେ ସ୍ଥାନ ପାଇଥିଲେ। ଆଦିଦେବଙ୍କ ଏହି ମନୋନୟନ ସମ୍ପର୍କରେ ଓଡିଶା କ୍ରିକେଟ ଆସୋସିଏସନ ଜିଲ୍ଲା କ୍ରୀଡ଼ା ସଂସ୍ଥାର ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କୁ ଜଣାଇଛନ୍ତି। ଆଦିଦେବ କେନ୍ଦୁଝର ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ରହୁଥିବା ବେଳେ ପିତା ସତ୍ୟନାରାୟଣ ସାହୁ ଓ ମାତା ଶଶିକଳା ସାହୁ। ସେ କେନ୍ଦୁଝରସ୍ଥିତ ସେଣ୍ଟ ଜାଭିଅର ସ୍କୁଲରୁ ପ୍ରତିନିଧିତ୍ୱ କରୁଥିବା ବେଳେ ଫେମସ କ୍ଲବରୁ ନିୟମିତ ଖେଳୁଛନ୍ତି। ଦୀପକ କୁମାର ମୁଖିଙ୍କ ପ୍ରଶିକ୍ଷଣ ଓ ଗିରିଶ ଚନ୍ଦ୍ର ହୋତାଙ୍କ ପ୍ରେରଣାରେ ଅଭ୍ୟାସ କରୁଥିଲେ। କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ସେଣ୍ଟ ଜାଭିୟର ସ୍କୁଲର ଚେୟାରମ୍ୟାନ ଇଂ ଦେବବ୍ରତ ବେହେରା, ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ନାୟକ, ତାପସ ମହାନ୍ତି ଆଦିଦେବଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବ୍ରିଜ୍ ଛକ ଓ ବସ୍‌ଷ୍ଟାଣ୍ଡରେ ଖୋଲିଲା ଜଳଛତ୍ର



ଆନନ୍ଦପୁର, ୨୮।୪ (ସମିସ): କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କ ସାଂସଦ ପାଣ୍ଠିରୁ ଆନନ୍ଦପୁର ବସଷ୍ଟାଣ୍ଡ ଓ ବ୍ରିଜ ଛକରେ ଥଣ୍ଡା ପାନୀୟଜଳ ସେବାକେନ୍ଦ୍ର ଉଦଘାଟିତ ହୋଇଯାଇଛି। ପୌରନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ସାଂସଦ ପ୍ରତିନିଧି ରାମଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଆନନ୍ଦପୁର ପୌରପାଳିକା ତରଫରୁ ୧୭ଟି ଥଣ୍ଡା ଶୁଦ୍ଧ ପାନୀୟ ଜଳଛତ୍ର କେନ୍ଦ୍ର ଖୋଲାଯାଇଥିବା ବେଳେ ଜଣାଗହଳିପୂର୍ଣ୍ଣ ଆନନ୍ଦପୁର କୋର୍ଟ ସାମ୍ନାରେ ଜଳଛତ୍ରକୁ ବିଜେପି ନେତା ମହେଶ୍ୱର ସାହୁ ଉଦଘାଟନ କରିଥିଲେ। ବିଜେପି ନେତା ହେମନ୍ତ କୁମାର ସାହୁ, ନରେନ୍ଦ୍ର ପଣ୍ଡା, ପ୍ରଶାନ୍ତ ମହାପାତ୍ର, ମଳୟ ମିଶ୍ର, ଲୁଲୁ ମହାପାତ୍ର, ଅର୍ଜୁନି ଚରଣ ମହାନ୍ତି ମଇନ ରାଉତ, ଜଗନ୍ନାଥ ଦାସ, ସିପୁ ଜେନା ଦୀପକ ରାମ ନାରଣ ବାରିକ, ଦୁଃଖବନ୍ଧୁ ରଣା ପ୍ରଣୟିନୀ ବ୍ରହ୍ମ ବବିତା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଧୋଇବା ବେଳେ ନଦୀରେ ବୁଡ଼ି ଯୁବକ ମୃତ

ତୁରୁମୁଙ୍ଗା, ୨୮।୪(ସମିସ): ଗାଁ ନିକଟରେ ଥିବା ଦେଓ ନଦୀରେ ଗାଧୋଇବା ବେଳେ ପାଦ ଖସିଯାଇ ଜଣେ ଯୁବକ ଗୋରାଣ୍ଡିଯୋଡି ଗ୍ରାମର କ୍ଷୀରୋଦ ନାଏକ (୨୫)ଙ୍କ ମୃତ୍ୟୁ ଘଟିଛି। କ୍ଷୀରୋଦ ମଙ୍ଗଳବାର ଦେଓ ନଦୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ହଠାତ୍ ପାଦ ଖସିଯାଇ ପାଣିରେ ପଡ଼ି ଭାସିଯାଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ଉଦ୍ଧାର କରିପାରି ନଥିଲେ। ଖବର ପାଇ ଆହାରପଡା ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ଘଟଣା ସମ୍ପର୍କରେ ସାହାରପଡା ଫାଣ୍ଡି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ରହିଥିବା ବେଳେ ଆସନ୍ତାକାଲି ବ୍ୟବଚ୍ଛେଦ କରାଯିବ ବୋଲି ସାହାରପଡା ଫାଣ୍ଡି ଅଧିକାରୀ ପାର୍ଥ ଓରାମ କହିଛନ୍ତି।

# ଆଇନଜୀବୀ ଦିବସ ପାଳିତ



ଆନନ୍ଦପୁର, ୨୮।୪ (ସମିସ):

ଆନନ୍ଦପୁର ଓକିଲ ସଂଘ ସଭାଗୃହରେ ଉତ୍କଳ ଗୌରବ ମଧୁସୂଦନ ଜୟନ୍ତୀଙ୍କ ୧୭୮ତମ ଜନ୍ମଦିବସ ଅବସରରେ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ସ୍ୱାଭିମାନର ପ୍ରତୀକ, ଓଡ଼ିଶାର ପ୍ରଥମ ବାରିଷ୍ଟର, ସମାଜ ସଂସ୍କାରକ, ଓଡ଼ିଆ ଭାଷାର ସମୃଦ୍ଧ ଭାଷାବିତ, ବର୍ଣ୍ଣବୋଧର ରଚୟିତା ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଦୀପଦାନ କରାଯାଇଥିଲା। ସଂଘ ସଭାପତି ଦୟାନିଧି ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମଧୁବାବୁଙ୍କ ଜୀବନାଦର୍ଶ, ବାରିଷ୍ଟରି ଜୀବନ ଉପରେ ଆଲୋଚନା କରାଯାଇଥିଲା। ବରିଷ୍ଠ ଆଇନଜୀବୀ ମହେନ୍ଦ୍ର କୁମାର ମହାପାତ୍ର, ରାମଚନ୍ଦ୍ର ପିତ୍ର, ଲକ୍ଷ୍ମୀଧର ମିଶ୍ର, ହରିହର ମିଶ୍ର, ସୁବାସଚନ୍ଦ୍ର ତ୍ରିପାଠୀ, ମହେନ୍ଦ୍ର ରାମ, ବନବିହାରୀ ଜେନା, ରବିନ୍ଦ୍ର କୁମାର ବେହେରା, ସୁରଥଚନ୍ଦ୍ର ବେହେରା, କିଶୋର ଚକ୍ର, ହୃଦାନନ୍ଦ ଦ୍ୱୀବେଦୀ, ଅମର ମହାପାତ୍ର, ହେମରଞ୍ଜନ ବେହେରା, ହେମନ୍ତ ମଲିକ, ବିଜୟ କୁମାର ପଣ୍ଡା, ମନୋରଞ୍ଜନ ପାଣିଗ୍ରାହୀ, ରମେଶ କୁମାର ବାରିକ, ଭୁବନେଶ୍ୱର ଯେନା, ଚର୍ତୁଭୁଜ ଜେନା, ପ୍ରସନ୍ନ ରଣା, ନିରଞ୍ଜନ ସାହୁ, ଅଶୋକ ସେଠୀ, ଆଲୋକ ରାଉତ, ବିଭୁପ୍ରସାଦ ସାହୁ, ଯୁଗ୍ମ ସମ୍ପାଦକ ଭାଗୀରଥି ଦାଶ, କୋଷାଧ୍ୟକ୍ଷ ଅଶୋକ କୁମାର ରାଉଳ, ସଦସ୍ୟ କହ୍ନେଇ ଚରଣ ସାହୁ, ଯୁମର ସିଂହ ମହାନ୍ତି ପ୍ରମୁଖ ମଧୁବାବୁଙ୍କ ଆଦର୍ଶ କର୍ମମୟ ଜୀବନ ଓ ପ୍ରାକ୍ ସ୍ୱାଧୀନତାରେ ଓଡ଼ିଶା ପ୍ରତି ଅବଦାନ ବିଷୟରେ ଆଲୋଚନା କରିଥିଲେ। ସମ୍ପାଦିକା ମଧୁସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବ୍ୟବସ୍ଥାରେ ଚମୁହିଁ ଅଙ୍ଗନବାଡ଼ି କେନ୍ଦ୍ର



ଆନନ୍ଦପୁର,୨୮।୪(ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ବଳରାମପୁର ପଞ୍ଚାୟତ ଅନ୍ତର୍ଗତ ଚମୁହିଁ ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା ଦେଖାଦେଇଛି। ଏହି କେନ୍ଦ୍ରରେ ଆବଶ୍ୟକ ସୁବିଧା ଥିଲେ ବି ସେଗୁଡିକ କାର୍ଯ୍ୟକାରୀ ହେଉନଥିବାରୁ ଶିଶୁମାନେ ଅସୁବିଧା ଭୋଗୁଛନ୍ତି। ଅଙ୍ଗନବାଡ଼ି ଗୃହରେ ବିଦ୍ୟୁତ ବୋର୍ଡ ଲାଗିଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ ନଥିବାରୁ ଗରମ ଦିନରେ ଶିଶୁମାନେ ଛଟପଟ ହେଉଛନ୍ତି। ପାଣି ପାଇଁ ଛାତ ଉପରେ ଟାଙ୍କି ରହିଥିଲେ ବି ପାଣି ଯୋଗାଣ ବ୍ୟବସ୍ଥା ନାହିଁ। ସେହିପରି ଶୌଚାଳୟ ଥିଲେ ବି ତାହା ବ୍ୟବହାର ଯୋଗ୍ୟ ହୋଇ ନାହିଁ। ଯାହା ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଗଭୀର ଚିନ୍ତାର ବିଷୟ। ଅଙ୍ଗନବାଡ଼ି ଚାରି ପାଖରେ ସୁରକ୍ଷା ପାଚେରି ନଥିବା ଫଳରେ ଅବାଧ ଗାଇଗୋରୁ ପ୍ରବେଶ କରୁଛନ୍ତି। ଫଳରେ ଅନେକ ପ୍ରକାର ସମସ୍ୟା ଘଟୁଥିଲେ ହେଁ ଏଥିପ୍ରତି କାହାର ଦୃଷ୍ଟି ନାହିଁ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବିଭାଗୀୟ ଅଧିକାରିଣୀ କେନ୍ଦ୍ରକୁ ଆସି ସମସ୍ୟା ଦେଖି ଫେରିଯାଉଛନ୍ତି, କିନ୍ତୁ ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ଏପରି ପରିସ୍ଥିତିରେ କୋମଳମତି ଶିଶୁମାନଙ୍କ ଭବିଷ୍ୟତ ଅନିଶ୍ଚିତ ହୋଇପଡ଼ିଛି। ତେଣୁ ଗ୍ରାମର କରୁଣାକର ଜେନା, କମଳ ଜେନା, ସୁବାଷ ଚନ୍ଦ୍ର ଜେନା, ତରଣୀ ମଲ୍ଲିକ୍, ମୁନା ଜେନା, ଶିବ ପ୍ରସାଦ ଜେନା, ଭାଗିରଥି ଜେନା, ଶଙ୍କର୍ଷଣ ଜେନା, ଅମୂଲ୍ୟ ମଲ୍ଲିକ୍, ମିଲୁ ଜେନା କାହ୍ନୁଚରଣ ମଲ୍ଲିକ୍ ତୁରନ୍ତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରି ଆବଶ୍ୟକ ସୁବିଧା ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି।

# ମଲ୍ଲିପଶି ଗାଁରେ ପାନୀୟଜଳର ଉତ୍କଟ ସମସ୍ୟା

➤ ଚୁଆପାଣି ଏକମାତ୍ର ଭରସା
➤ ପ୍ରଶାସନ, ଲୋକପ୍ରତିନିଧିଙ୍କ ପାଦ ପଡୁନି

ହାଟଡ଼ିହୀ,୨୮।୪(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ କେ.ବାଲିପାଳ ପଞ୍ଚାୟତର ମଲ୍ଲୀପଶି ଗ୍ରାମରେ ପାନୀୟଜଳର ଉତ୍କଟ ସମସ୍ୟା ଦେଖାଦେଇଛି। ପାଣି ଟୋପେ ପାଇଁ ଲୋକେ ତହଳବିକଳ ହେଉଛନ୍ତି। ଗାଁରେ ନଳକୂପଟିଏ ନଥିବାରୁ ୩୦ରୁ ଊର୍ଦ୍ଧ୍ୱ ପରିବାର ଚୁଆପାଣି ପିଇ ଶୋଷ ମେଣ୍ଟାଉଛନ୍ତି। ୧୯୭୮ରେ ସାଳନ୍ଦୀ ନଦୀର ହଦଗଡ଼ଠାରେ ଜଳଭଣ୍ଡାର ନିର୍ମାଣ କରାଯାଇଥିଲା। ଏହି ସମୟରେ ସେହି ଅଞ୍ଚଳରେ ରହିଥିବା କିଛି ଗ୍ରାମବାସୀ ବାଧ୍ୟ ହୋଇ ପଛକୁ ହଟି ଯାଇଥିଲେ। ଏଥିରୁ ହାଟଡ଼ିହୀ ବ୍ଲକ୍ କେ.ବାଲିପାଳ ପଞ୍ଚାୟତର ମଲ୍ଲୀପଶି ଗ୍ରାମ ଅନ୍ୟତମ। ଆନନ୍ଦପୁରରୁ ମୟୂରଭଞ୍ଜ ଜିଲ୍ଲାର ମହୁଲଡ଼ିହା ଦେଇ ୫୦କି.ମି ଗଲେ ଏହି ଗାଁ ପଡିଥାଏ। ହାଟଡ଼ିହୀ ବ୍ଲକ୍ କାର୍ଯ୍ୟାଳୟରୁ ଗ୍ରାମର ଦୂରତା ୪୫କିମି ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ଶରତଠାରୁ ଗ୍ରାମର ଦୂରତା ମାତ୍ର ୧୩କିମି। ମଲ୍ଲିପଶି ଗ୍ରାମରେ ୧୮୨ ପରିବାର ବସବାସ କରୁଛନ୍ତି। ସେହି ଗାଁକୁ ଆଜିଯାଏଁ ଭଲ ରାସ୍ତାଟିଏ ନିର୍ମାଣ ହୋଇପାରିନାହିଁ। ଅଦ୍ୟାବଧି ଏହି ଗାଁକୁ ବିଦ୍ୟୁତ୍ ସଂଯୋଗ ମଧ୍ୟ ହୋଇନାହିଁ। କୌଣସି ପରିବାରକୁ ପ୍ରଦାନ କରାଯାଇ ନଥିବାରୁ ଲୋକେ ଜମିପଟ୍ଟା ସରକାରୀ ଯୋଜନାରେ ସାମିଲ ହୋଇପାରୁ ନଥିବା ଅଭିଯୋଗ ହୋଇଛି। ଗ୍ରାମର ପଧାନସାହି ଓ ଜିଆଣିକନ୍ଧା ସାହିରେ ଅଦ୍ୟାବଧି ନଳକୂପଟିଏ ଖୋଲାଯାଇ ନାହିଁ। ଫଳରେ ସାହିର ୩୦ରୁ ଊର୍ଦ୍ଧ୍ୱ ପରିବାର ଚୁଆରୁ ପିଇବାପାଣି ସଂଗ୍ରହ କରୁଛନ୍ତି। ଏ ସମ୍ପର୍କରେ ୱାର୍ଡ ମେମ୍ବର ସୁଶାନ୍ତ ନାଏକ କହିଛନ୍ତି, ପାନୀୟଜଳ ସମସ୍ୟା ସମ୍ପର୍କରେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଗ୍ରାମରେ ସରକାରୀ ଅଧିକାରୀ ଓ ଲୋକ ପ୍ରତିନିଧିମାନଙ୍କ ପାଦ ପଡୁନି। ତୁରନ୍ତ ପାନୀୟଜଳ ସମସ୍ୟାର ସମାଧାନ କରିବାକୁ ସାହିବାସୀ ଦାବି କରିଛନ୍ତି।



● ମଧୁବାବୁଙ୍କ ଜୟନ୍ତୀ

## 'ଓଡ଼ିଶା ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା ଚିରସ୍ମରଣୀୟ'



ରାଉରକେଲା, ୨୮।୪(ସମିସ): ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମ ଜୟନ୍ତୀ ଓ ଆଇନଜୀବୀ ଦିବସ ମହାସମାରୋହରେ ଉଦିତନଗର ସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସଦାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଯୋଗ ଦେଇଥିଲା ବେଳେ କାର୍ଯ୍ୟକ୍ରମ ଉଦ୍‌ଘାଟକ ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା ଜଜ୍ ଶିଖାରାଣି ରଥ ଯୋଗ ଦେଇ ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ କରିବାରେ ମଧୁବାବୁଙ୍କ ଭୂମିକା ସର୍ବଦା ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଆଇନଜୀବୀମାନେ ସାଧାରଣ ଲୋକଙ୍କୁ ଆଇନସେବା ଯୋଗାଇ ଦେବା ପାଇଁ ଓ ସମାଜର ପରିବର୍ତ୍ତନ ପାଇଁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ସମ୍ପାଦକ ଦେବାନନ୍ଦ ତନ୍ତୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂଘର ୧୮ ଜଣ ବରିଷ୍ଠ ସଦସ୍ୟଙ୍କୁ ନିରବଚ୍ଛିନ୍ନ ଆଇନସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୫ ମସିହାରେ ସଂଘର ସଦସ୍ୟତା ଗ୍ରହଣ କରିଥିବା ୪୦ ଜଣ ନବାଗତଙ୍କୁ ସ୍ୱାଗତ କରାଯାଇଥିଲା। ଯୁଗ୍ମ ସମ୍ପାଦକ ଶାନ୍ତନୁ କୁମାର ଦାସ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ସିଂହଦେଓ, ସହ ସମ୍ପାଦକ ତାପସ ପରିଡ଼ା, ଶ୍ରୀନିବାସ ପଣ୍ଡା, କାର୍ଯ୍ୟକାରୀ କମିଟି ସଦସ୍ୟ ବସନ୍ତ ପାତ୍ର, ଏମ୍ ମାଲେଶ୍ୱରମ, ବନ୍ଦନା ପଣ୍ଡା, ମହେଶ୍ୱର ପୁରଣ, ସୁମିତା ନନ୍ଦ, ଲକ୍ଷ୍ମୀ ମାଝୀ, ବରିଷ୍ଠ ସଦସ୍ୟ ଆଇନଜୀବୀ ସୁଜୟ ପାଣି, ଗିରିଶ ମହାପାତ୍ର, ବିରଞ୍ଚି ନାରାୟଣ ତ୍ରିପାଠୀ, କୈଳାସ ପ୍ରଧାନ, ରାମ ପ୍ରସାଦ ପଟ୍ଟନାୟକ, ବାବୁଲି ପରିଡ଼ା, ଦଣ୍ଡପାଣି ଚୈଧୁରୀ, ଉଦ୍ଧବ ପ୍ରତାପ ସିଂହ, ଶୈବାଳ ସେନ୍, ଶୈଳେନ୍ଦ୍ର ମହାନ୍ତି, ରାଧେଶ୍ୟାମ ସାହୁ, ଗିରିଜା ଶଙ୍କର ଦ୍ୱିବେଦୀ, ସୁବାସ ଅଗ୍ରୱାଲ, ପ୍ରଦୀପ୍ତ ରାଉତ, କେ. କେ. ପଣ୍ଡା, ମାନସ ମହାପାତ୍ର, ହରଭଜନ ସିଂହ, ବୈଦ୍ୟନାଥ ପୂଜାରୀ, ଜୟପ୍ରତାପ ସିଂହ, ପ୍ରମୋଦ କୁମାର ଷଡଙ୍ଗୀ ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ। ଆଇନଜୀବୀ ବିଦ୍ୟାନନ୍ଦ ପ୍ରଧାନ, ରବି ନାରାୟଣ ସି, କୋମଳ ସାହୁ, ଅନ୍ନପୂର୍ଣ୍ଣା କୁମ୍ଭାର, ପ୍ରିୟା ବାରିକ୍, ବିଦ୍ୟା ଭାରତୀ ପାଲ୍, ସରଜିଲ ସାମସି, ପବିତ୍ର ଜେନା, କବିନ୍ଦ୍ର ସିଂହ ସମେତ ବହୁ ଆଇନଜୀବୀ ନେତୃତ୍ୱ ନେଇଥିଲେ। ଉପସଭାପତି ରାଜକିଶୋର ପ୍ରଧାନ ଧନ୍ୟବାଦ ଦେଇଥିଲେ।

**ରାଉରକେଲା ଆଇନ ମହାବିଦ୍ୟାଳୟ :** ରାଉରକେଲା ଆଇନ ମହାବିଦ୍ୟାଳୟ ପକ୍ଷରୁ ମଧୁସୂଦନ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଓଡ଼ିଶା ପ୍ରଦେଶର ଗଠନ ଏବଂ ଓଡ଼ିଆ ଜାତିର ସ୍ୱାଭିମାନ ରକ୍ଷା କ୍ଷେତ୍ରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସେ କେବଳ ଜଣେ ବ୍ୟକ୍ତି ନଥିଲେ, ବରଂ ଏକ ସମୃଦ୍ଧ



ଓଡ଼ିଶା ଗଠନର ଅନନ୍ୟ ସ୍ୱପ୍ନଦ୍ରଷ୍ଟା ଥିଲେ। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ଯୋଗୁଁ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇ ପାରିଥିଲା ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ ଦେଇ ମଧୁବାବୁଙ୍କ ଜାତୀୟତା ବୋଧ ଏବଂ ଆଇନଜୀବୀ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସୁପ୍ରିମକୋର୍ଟର ଆଡଭୋକେଟ ଅନିନ୍ଦିତା ପୂଜାରୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗୀୟା ଆଇଜନଜୀବୀ ଶୈଳବାଳା ପୂଜାରୀ ମେମୋରିଆଲ ସ୍କଲାରସିପ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଆଇନ ମହାବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଜତିନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱର୍ଗୀୟା ଶୈଳବାଳା ପୂଜାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଆନ୍ତଃ ମହାବିଦ୍ୟାଳୟ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସହକାରୀ ପ୍ରଫେସର ଡ. ତନ୍ମୟରାଜ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

**ବଣାଇଁ:** ବଣାଇଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ବଣାଇଁ ଓକିଲ ସଂଘ ପକ୍ଷରୁ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଅଶୋକ କୁମାର ଦାସ ଯୋଗ



ଦେଇଥିବା ବେଳେ ଓକିଲ ସଂଘ ସଭାପତି ତୁଷାର କାନ୍ତ ସାହୁ, ଉପ ସଭାପତି ଦିନେଶ କୁମାର ଦାସ, ସମ୍ପାଦକ ତହସିଲଦାର ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ହିମାଂଶୁ ବିଶ୍ୱାଳ ଓ ନିଶାନ୍ତ ଦାସ, ବରିଷ୍ଠ ଆଇନଜୀବୀ ବିନୟ କୁମାର ଦାସ, ପ୍ରଦ୍ୟୁମ୍ନ ତ୍ରିପାଠୀ, ବିଭୁତି ମିଶ୍ର, ପାର୍ଥ ସାରଥୀ ମିଶ୍ର, ସନ୍ତୋଷ ପ୍ରଧାନ ଓ ବରିଷ୍ଠ କନିଷ୍ଠ ଓକିଲ ଯୋଗ ଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ଓକିଲ ଦୋଳଗୋବିନ୍ଦ ସାହୁ, କ୍ଷେତ୍ର ମୋହନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନୂତନ ପେଟେଣ୍ଟ ବିକାଶ କଲେ ଏନ୍‌ଆଇଟି ଗବେଷକ ଦଳ

## ମସଲାରେ ଅପମିଶ୍ରଣ ଓ ମାନ ଚିହ୍ନଟ ସହଜ ହେବ

ରାଉରକେଲା, ୨୮।୪(ସମିସ)

ମସଲା ମିଶ୍ରଣ ଖାଦ୍ୟର ଗୁଣବତ୍ତା ଏବଂ ସମ୍ଭାବ୍ୟ ସ୍ୱାସ୍ଥ୍ୟ ବିପଦ ସୃଷ୍ଟିକୁ ଦୃଷ୍ଟିରେ ରଖି ଏନଆଇଟି ରାଉରକେଲାର ଗବେଷକ ଦଳ ମସଲାରେ ଅମିଶ୍ରଣ ଓ ମାନ ଚିହ୍ନଟ ପାଇଁ ଏକ ପେଟେଣ୍ଟ ବିକଶିତ କରିଛନ୍ତି। ଯାହାକି ଖୁବ୍‌ଶୀଘ୍ର ଅପମିଶ୍ରିତ ମସଲାକୁ ଚିହ୍ନଟ କରିବାରେ ସହାୟକ ହେବ। ସୂଚନାଯୋଗ୍ୟ ଯେ, ଭାରତୀୟ ବଜାରରେ ଖାଦ୍ୟ ଏବଂ ମସଲାରେ ଅମିଶ୍ରଣ ଏକ ଗମ୍ଭୀର ସମସ୍ୟା, ଯାହାକି ମଣିଷର ସ୍ୱାସ୍ଥ୍ୟ ବିପଦ ସୃଷ୍ଟି କରିବା ସହ ଆର୍ଥିକ କ୍ଷତି ହୋଇଥାଏ। ଏହାଦ୍ୱାରା ଅସାଧୁ ବ୍ୟବସାୟୀମାନେ ଅଧିକ ଲାଭ କରିଥାନ୍ତି। ଖାଦ୍ୟ ପ୍ରକ୍ରିୟାକରଣ ଇଞ୍ଜିନିଅରିଂ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ସୁଶୀଲ କୁମାର ସିଂହ, ସ୍ୱର୍ଗତଃ ପ୍ରଫେସର ପୁନମ ସିଂହ, ଏମଟେକ୍ ଛାତ୍ର ରିଷଭ ଗୋଏଲ ଏହି ପ୍ରଯୁକ୍ତିବିଦ୍ୟାକୁ ବିକଶିତ କରିଛନ୍ତି। ବିଶ୍ୱରେ ମସଲା ଅପମିଶ୍ରଣ ସମସ୍ୟା ଏବେ ଆହ୍ୱାନ ସୃଷ୍ଟି କରିଥିବା



ବେଳେ ଏହି ଆହ୍ୱାନକୁ ସାମ୍ନା କରିବା ପାଇଁ ବିକଶିତ ଏହି ପ୍ରଯୁକ୍ତିବିଦ୍ୟା 'ଫୋରିୟର୍ ଟ୍ରାନ୍ସଫର୍ମ ଇନ୍‌ଫ୍ରାରେଡ୍ (ଏଫ୍‌ଟିଆଇଆର୍) ସ୍ପେକ୍ଟ୍ରୋସ୍କୋପି' ଓ 'ଉନ୍ନତ ମେସିନ୍ ଲର୍ଣ୍ଣିଂ ମଡେଲ'ର ମିଶ୍ରଣରେ ସଠିକ୍ ଫଳାଫଳ ପ୍ରଦାନ କରିବ ବୋଲି ଗବେଷକ ଦଳ ଆଶାପୋଷଣ କରିଛନ୍ତି। ପାରମ୍ପରିକ ଚିହ୍ନଟ ପଦ୍ଧତି ଯଥା- କ୍ରୋମାଟୋଗ୍ରାଫି କିମ୍ବା ମଲିକ୍ୟୁଲାର କୌଶଳଗୁଡ଼ିକ ଅଧିକ ସମ୍ବଳ ଓ ସମୟ ସାପେକ୍ଷ, ଯାହାଶୀଘ୍ର ପରୀକ୍ଷଣ ପାଇଁ ଅନୁପଯୁକ୍ତ। ଏହି ସମସ୍ୟାର ସମାଧାନ ପାଇଁ ଅନୁଷ୍ଠାନର ଗବେଷକମାନେ ଏକ ଶୀଘ୍ର ଅଣ-ବିନାଶକାରୀ ତଥା ସ୍ୱଳ୍ପ ଖର୍ଚ୍ଚ ବିଶିଷ୍ଟ ବିକଳ୍ପ ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏଫ୍‌ଟିଆଇଆର୍ ସ୍ପେକ୍ଟ୍ରୋସ୍କୋପି ମାଧ୍ୟମରେ ଅବଲୋହିତ ଆଲୋକ ବ୍ୟବହାରକରି ପଦାର୍ଥକୁ ଚିହ୍ନଟ କରାଯାଇଥାଏ। ଖାଦ୍ୟ ପରୀକ୍ଷା ସମୟରେ ଏହି ସିଷ୍ଟମ ମାଧ୍ୟମରେ ସଂଗୃହୀତ ତଥ୍ୟକୁ ମେସିନ୍ ଲର୍ଣ୍ଣିଂ ମଡେଲ୍ ସାହାଯ୍ୟରେ ବିଶ୍ଳେଷଣ କରାଯାଏ, ଯାହା ଅପମିଶ୍ରଣର ସଠିକ୍‌ସ୍ତର ଜଣାଇଥାଏ। ଏନେଇ ପ୍ରଫେସର ସୁଶୀଲ କୁମାର ସିଂହ କହିଛନ୍ତି, ଏହି ଉଦ୍ଭାବନ ମସଲା ଶିଳ୍ପରେ ଶୀଘ୍ର ଓ ନିର୍ଭରଯୋଗ୍ୟ ପରୀକ୍ଷଣ ବ୍ୟବସ୍ଥାର ଅଭାବକୁ ଦୂର କରିବ। ଏହା କେବଳ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବ ନାହିଁ, ବରଂ ଖାଉଟିମାନଙ୍କ ମଧ୍ୟରେ ବିଶ୍ୱାସକୁ ସୁଦୃଢ଼ କରିବ ବୋଲି ସେ କହିଛନ୍ତି।

## ପିକ୍‌ଅପ୍ ଭ୍ୟାନକୁ ପଛରୁ ଧକ୍କା ଦେଲା ବାଇକ୍; ୨ ଗୁରୁତର

ବଣାଇଁ, ୨୮।୪(ସମିସ): ବଣାଇଁ ଥାନା ଲଲେଇ ସେତୁ ଉପରେ ଏକ ପିକ୍‌ଅପ୍ ଭ୍ୟାନକୁ ପଛରୁ ଧକ୍କା ଦେବା ଫଳରେ ଦୁଇ ଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଉପୁର୍ଡା ଗ୍ରାମର ମଣ୍ଟୁ କିଷାନ (୩୨) ଓ ପ୍ରଦ୍ୟୁମ୍ନ ପାତ୍ର (୩୩) ଏକ ବାଇକ୍ ଯୋଗେ ବଣାଇଁ ଆଡକୁ ଯାଉଥିବା ବେଳେ ସେତୁ ନିକଟରେ ରାସ୍ତା ଉପରେ ଛିଡା ହୋଇଥିବା ପିକଅପ ଭ୍ୟାନକୁ ପଛରୁ ଧକ୍କା ଦେଇଥିଲେ। ଫଳରେ ଉଭୟ ଯୁବକ ବାଇକରୁ ରାସ୍ତା ଉପରେ ଛଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଖବରପାଇ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ଲହୁଣୀପଡ଼ା, ୨୮।୪(ସମିସ): କେବଲାଙ୍ଗ ଥାନା ଉଲକୁଡେଇ ଗ୍ରାମରେ ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ ସୋମବାର ଭୋର ସକାଳୁ ଉଲକୁଡେଇ ଗ୍ରାମର ଗୟାଧର ନରିହା (୩୯) ଅସୁସ୍ଥତା ଅନୁଭବାରୁ ପରିବାର ଲୋକ ଆମ୍ବୁଲାନ୍ସ ଯୋଗେ ଲହୁଣୀପଡ଼ା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖବରପାଇ କେବଲାଙ୍ଗ ଡାକ୍ତରଖାନା ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ଶବକୁ ପରିବାରକୁ ହସ୍ତାନ୍ତର କରିଛି। ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ବାପାକୁ ପିଟିପିଟି ମାରିଦେଲା ପୁଅ; ମାଆ ଗୁରୁତର

କୋଇଡା, ୨୮।୪(ସମିସ): କୋଇଡା ଥାନା ଅଞ୍ଚଳରୁ ଏକ ହୃଦୟ ବିଦାରକ ଖବର ସାମ୍ନାକୁ ଆସିଛି। ଏକ ସାଧାରଣ ଘଟଣାକୁ ନେଇ ଜନ୍ମକଲା ପୁଅ ବାପାଙ୍କୁ ପିଟି ପିଟି ନିର୍ମମ ଭାବେ ହତ୍ୟା କରିଛି। ଏଥିରେ ମାଆ ଗୁରୁତର ହୋଇ ମେଡିକାଲରେ ଚିକିତ୍ସିତ ହେଉଛି। ଘଟଣାଟି କୋଇଡା ଥାନା ଅନ୍ତର୍ଗତ ପାଟମୁଣ୍ଡା ପଞ୍ଚାୟତର କଦମଡିହି ଗ୍ରାମରେ ଘଟିଛି। ସୂଚନାନୁଯାୟୀ, ସୋମବାର ରାତିରେ ଅଭିଯୁକ୍ତ ପୁଅ ସୋନା ମୁଣ୍ଡା ଘରେ ଖାଇବାକୁ ମାଗିଥିଲା। ମାଆ ରଇବାରି ମୁଣ୍ଡା ତାକୁ ଖାଇବାକୁ ଦେଉଥିବା ବେଳେ କୌଣସି କାରଣରୁ ସୋନା ହଠାତ୍ ଉତ୍ତ୍ୟକ୍ତ ହୋଇପଡ଼ି ନିଜ ମାଆକୁ ମାରିଦେବା ପାଇଁ ଉଦ୍ୟମ କରିଥିଲା। ମାଆର ଚିତ୍କାର ଶୁଣି ବାପା ପାଣ୍ଡୁ ମୁଣ୍ଡା ସେଠାରେ ପହଞ୍ଚି ପୁଅକୁ ବିରୋଧ କରିଥିଲେ। ଏହି ସମୟରେ ପୁଅ ସୋନା ଏକ ଠେଙ୍ଗାରେ ବାପା ପାଣ୍ଡୁ ମୁଣ୍ଡାଙ୍କୁ ଅତି ନିର୍ମମ ଭାବେ ପିଟିବାକୁ ଲାଗିଲା। ଫଳରେ ବାପା ପାଣ୍ଡୁର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଏଥିରେ ମାଆ ରାଇବାରିଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପରେ ରାଉଲକେଲା ସ୍ଥାନାନ୍ତର କରାଯାଇଛି। ଖବର ପାଇ କୋଇଡା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଘଟଣା ପରେ ଅଭିଯୁକ୍ତ ପୁଅ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ତାକୁ ଧରିବା ପାଇଁ ପୋଲିସ ଚଢ଼ଉ ଜାରି ରଖିଛି। ସେପଟେ ରାଉରକେଲାରୁ ଏକ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।

## ସୁନାଫୁଲ ସାହିତ୍ୟ ସଂସଦ ପକ୍ଷରୁ ସ୍ୱାଭିମାନ ଦିବସ

ରାଉରକେଲା, ୨୮।୪(ସମିସ): ଉତ୍କଳ ଗୌରବ ମଧୁସୂଦନଙ୍କ ୧୭୯ତମ ଜନ୍ମ ଜୟନ୍ତୀକୁ ସୁନାଫୁଲ ସାହିତ୍ୟ ସଂସଦ ପକ୍ଷରୁ ସ୍ୱାଭିମାନ ଦିବସ ଭାବେ ପାଳନ ହୋଇଯାଇଛି।

ଏହି ଅବସରରେ ସଂସଦର ସଭ୍ୟ ସଭ୍ୟାମାନଙ୍କ ଦ୍ୱାରା ଛେଣ୍ଡ କଲୋନୀସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ପରେପରେ ସୁନାଫୁଲ କାର୍ଯ୍ୟାଳୟରେ ସଭାପତି ମହେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସଂଗଠନ ସମ୍ପାଦକ ବ୍ରହ୍ମାନନ୍ଦ ପାଢ଼ୀ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ସୁନୀଲ କୁମାର ମହାନ୍ତି ସଂସଦର ନୂତନ କାର୍ଯ୍ୟକାରୀ ପରିଷଦର କର୍ମକର୍ତ୍ତାମାନଙ୍କ ନାମ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ହୃଷିକେଶ ମୁଦୁଲି, ପ୍ରମୋଦ ପାତ୍ର, ସୂର୍ଯ୍ୟନାରାୟଣ ପଣ୍ଡା, ସୁବ୍ରତ ମହାନ୍ତି, ତ୍ରିଲୋଚନ ପାଢ଼ୀ, ଅଶୋକ ପାତ୍ର, ଅମଲେଶ ତ୍ରିପାଠୀ, କୃଷ୍ଣଚନ୍ଦ୍ର ରାଉତ, ପ୍ରମୋଦ ମହାପାତ୍ର, ବୁଦ୍ଧ ଲାଲ ଭୂମିଜ, ସୁସ୍ମିତା ଦଳାଇ ପ୍ରମୁଖ ଯୋଗଦେଇଥିଲେ। ସହ ସମ୍ପାଦକ ମହେନ୍ଦ୍ର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

## ହଟ୍ ଷ୍ଟ୍ରିପ୍ ମିଲ୍ -୨ ବିଭାଗର ସିଟ୍ ସିଅରିଂ ଲାଇନ୍‌ରେ ରେକର୍ଡ ଉତ୍ପାଦନ

ରାଉରକେଲା, ୨୮।୪(ସମିସ): ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍- ୨(ଏଚଏସଏମ -୨) ବିଭାଗର ସିଟ୍ ସିଅରିଂ ଲାଇନ୍ (ଏସଏସଏଲ) ଆର୍ଥିକ ବର୍ଷ ୨୦୨୫-୨୬ ରେ ରେକର୍ଡ ସଂଖ୍ୟକ ଉତ୍ପାଦନ କରିଛି। ଯାହା ପୂର୍ବ ଉତ୍ପାଦନ ରେକର୍ଡକୁ ଅତିକ୍ରମ କରିବା ସହିତ କାର୍ଯ୍ୟ ଉତ୍କର୍ଷତା ଏବଂ ଗ୍ରାହକ ସନ୍ତୁଷ୍ଟି ପ୍ରତି କାରଖାନା ତାର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି ଲାଇନ ୭୮ ପ୍ରତିଶତ ପ୍ରଭାବଶାଳୀ କ୍ଷମତା ଉପଯୋଗ କରି ଏହାର ଶ୍ରେଷ୍ଠ ବାର୍ଷିକ ୦.୩୧୩ ନିୟୁତ ଟନ୍ ହଟ୍-ରୋଲ୍ଡ ପ୍ଲେଟ୍ ଉତ୍ପାଦନ କରିଛି। ଏହା ୦.୨୬୫ ନିୟୁତ ଟନ୍‌ର ପୂର୍ବ ରେକର୍ଡ ତୁଳନାରେ ୧୮ ପ୍ରତିଶତ ବୃଦ୍ଧି ସହିତ ଆହ୍ୱାନ ମୂଳକ ବଜାର ପରିସ୍ଥିତି ମଧ୍ୟରେ ଦକ୍ଷତା ପ୍ରତି ବିଭାଗର ନିରନ୍ତର



ପ୍ରୟାସକୁ ଜାରି ରଖିଛି। ସୂଚନାଯୋଗ୍ୟ, ଗତ ଆର୍ଥିକ ବର୍ଷ ଏହି ବିଭାଗ ୧, ୪୭୭ ଟନ୍‌ର ଶ୍ରେଷ୍ଠ ଦୈନିକ ଉତ୍ପାଦନ ରେକର୍ଡ କରି ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ସୃଷ୍ଟି କରିଛି। ଯାହା କେବଳ ଉତ୍ପାଦନ ବୃଦ୍ଧି ନୁହେଁ ବରଂ ଉଚ୍ଚ-ଗୁଣବତ୍ତା ହଟ୍-ରୋଲ୍ଡ ପ୍ଲେଟ୍ ପାଇଁ ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ଲାଇନର କ୍ଷମତାକୁ ମଧ୍ୟ ସୁଦୃଢ଼ କରିଛି। ଏହି ସଫଳତାଗୁଡ଼ିକ ସକ୍ରିୟ ରକ୍ଷଣାବେକ୍ଷଣ ଏବଂ ଅଭିନବ ଇନ-ହାଉସ୍ ପରିବର୍ତ୍ତନରୁ ଆସିଛି, ଯେଉଁଥିରେ ଲେଭଲର-୧ କ୍ୟାସେଟର ପ୍ରତିସ୍ଥାପନ ଏବଂ ପରିବର୍ତ୍ତନ ଅନ୍ତର୍ଭୁକ୍ତ, ଯାହା ଗ୍ରାହକଙ୍କ ଏକ ପ୍ରମୁଖ ସମସ୍ୟାକୁ ସମାଧାନ କରିପାରିଛି। ଫ୍ଲାଇଙ୍ଗ ସିଅର୍ ଚେନ୍ ଆସେମ୍ବଲିରେ ପରିବର୍ତ୍ତନ ଓ ସୁଗମ କାର୍ଯ୍ୟ ପାଇଁ ସଠିକ୍ ସିଅର୍ ବ୍ଲେଡ୍ ଗ୍ୟାପ୍ ଆଡଜଷ୍ଟମେଣ୍ଟ ସହିତ ମାଣ୍ଡ୍ରେଲ୍ ଅନ-କଏଲର୍‌ର ନବୀକରଣ ସିଟ୍ ସିଅରିଂ ଲାଇନ୍‌ରେ ଉପକରଣ ଉପଲବ୍ଧତା ଏବଂ ଅପ୍ଟାଇମ୍‌କୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିପାରିଛି। ପ୍ରଭାବଶାଳୀ ଇନ-ହାଉସ୍ ସମାଧାନ ଓ ବିବିଧ ପ୍ରୟାସ ମାଧ୍ୟମରେ ପ୍ଲେଟ୍ ୱେଭିନେସ୍ ଭଳି ବାସ୍ତବ ଆହ୍ୱାନ ଗୁଡ଼ିକୁ ସମାଧାନ କରିବା ସହିତ ଏସଏସଏଲ କେବଳ ନିର୍ଭରଯୋଗ୍ୟତା ବୃଦ୍ଧି କରିନାହିଁ ବରଂ ନୂତନ ବଜାର ସୁଯୋଗ ସୃଷ୍ଟି କରି ଗ୍ରାହକମାନଙ୍କୁ ପ୍ରଶସ୍ତ-ପ୍ରୋଫାଇଲ୍ ପ୍ଲେଟ୍ ସହିତ ଉନ୍ନତ ସେବା ପ୍ରଦାନ କରିବା ପାଇଁ ନିଜକୁ ପ୍ରସ୍ତୁତ କରିଛି। ଆଗତ ଭବିଷ୍ୟତରେ, ପ୍ରଶସ୍ତ ହଟ୍-ରୋଲ୍ଡ ପ୍ଲେଟ୍ ଉତ୍ପାଦନ କରିବାକୁ ସମ୍ପୂର୍ଣ୍ଣ ସଜ୍ଜିତ, ଏସଏସଏଲ, ମୂଲ୍ୟଯୁକ୍ତ ଉତ୍ପାଦ ବୃଦ୍ଧି ସହ ସେଲର ମୂଲ୍ୟଯୁକ୍ତ ଉତ୍ପାଦ ବ୍ୟାପାର ବ୍ୟାପକ ଲକ୍ଷ୍ୟ ସାଧନ କରିବା ଦିଗରେ ଅଗ୍ରଣୀ ଭୂମିକା ନିର୍ବାହ କରିବ। ଏହି ପ୍ରଦର୍ଶନ ରାଉରକେଲା ଇସ୍ପାତ କାରଖାନାର ଅଧୁନାତମ ଆଧୁନିକୀକରଣ ଅଭିଯାନ ସହିତ ସମତାଳରେ ନିରନ୍ତର ଉତ୍ପାଦନମାନକୁ ଉନ୍ନତି କରିବା ଦିଗରେ ଏକ ବୃହତ୍ତ ପଦକ୍ଷେପ ବୋଲି କୁହାଯାଉଛି।

# ଜରଡ଼ା ରେଞ୍ଜରେ ସ୍ଥାୟୀ ତୃଣଭୂମିର ବିକାଶ

## ପରିବେଶଗତ ପୁନରୁଦ୍ଧାର ଓ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ଏକ ମଡେଲ

ବଣାଇଁ, ୨୮।୪(ସମିସ)

ବଣାଇଁ ବନଖଣ୍ଡ ଅନ୍ତର୍ଗତ ଜରଡା ରେଞ୍ଜର କଂସର ସେକ୍ସନର ରାଇପୁରି ସଂରକ୍ଷିତ ଜଙ୍ଗଲର କିଲବଗାଠାରେ ୭୫ ହେକ୍ଟର ପରିମିତ ଜମିରେ କ୍ଷୟପ୍ରାପ୍ତ ଜଙ୍ଗଲ ଜମିକୁ ସ୍ଥାୟୀ ତୃଣଭୂମିରେ ପରିଣତ କରିବା ପାଇଁ ବଣାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଲାଣ୍ଟାନା, ୟୁପାଟୋରିୟମ ଭଳି ଆକ୍ରମଣାତ୍ମକ ପ୍ରଜାତିକୁ ହଟାଇ ବାଉଁଶ, କାକଫୁଟ, ଆମ୍ବ, ଜାମୁ, ଅର୍ଜୁନ, ବର ଏବଂ ନାଇପର ଘାସ ଭଳି ଗଛ ଲଗାଯାଇଛି। ଏହି ସମସ୍ତ ଗଛ ତୃଣଭୋଜୀ ବନ୍ୟ ପ୍ରାଣୀମାନଙ୍କ ପାଇଁ ଖାଦ୍ୟ ଏବଂ ବନ୍ୟପ୍ରାଣୀଙ୍କ ପାଇଁ ଉପଯୁକ୍ତ ବାସସ୍ଥାନ ଯୋଗାଇବ ବୋଲି ଆଶା କରାଯାଉଛି। ଏଠାରେ ଏକ ଚିରକାଳୀନ ଜଳଧାର ଅଛି ଯାହା ଚେକ୍ ଡ୍ୟାମ୍ ଏବଂ ଜଳାଶୟ ସହିତ ଏହି ଅଞ୍ଚଳର ଉଦ୍ଭିଦ ଏବଂ ପ୍ରାଣୀ ଉଭୟଙ୍କ ପାଇଁ ପାଣି ଯୋଗାଇଥାଏ। ଏହା ବର୍ଷସାରା ଜଳ ଉପଲବ୍ଧତାକୁ ସୁନିଶ୍ଚିତ କରୁଥିବାରୁ ଉଦ୍ଭିଦ ବୃଦ୍ଧି ଏବଂ ବନ୍ୟପ୍ରାଣୀ ଉଭୟଙ୍କ ପାଇଁ ସହାୟକ ହୋଇପାରିଛି। ଏହିପରି ଜଳ ସଂରକ୍ଷଣ ଗଠନ ଭୂତଳ ଜଳ ପୁନଃଚାର୍ଜକୁ ମଧ୍ୟ ବୃଦ୍ଧି କରେ ଏବଂ ଋତୁକାଳୀନ ମରୁଡ଼ି ବିରୁଦ୍ଧରେ ପରିସଂସ୍ଥାର ସ୍ଥିତି ସ୍ଥାପକତାକୁ ଉନ୍ନତ କରେ। ତୃଣଭୂମିର ଭୂମି ପ୍ରସ୍ତୁତି, ରୋପଣ ଏବଂ ରକ୍ଷଣାବେକ୍ଷଣ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ ଦ୍ୱାରା କରାଯାଇଛି। ଯାହା ସେମାନଙ୍କ ପାଇଁ ଏକ ବିକଳ୍ପ ଜୀବିକା ଉତ୍ସକୁ ପ୍ରୋତ୍ସାହିତ କରିବା ସହ



ସେମାନେ ଜଙ୍ଗଲ ସୁରକ୍ଷା, ଭର୍ମିକମ୍ପୋଷ୍ଟର ପ୍ରୋତ୍ସାହନ, ମାଛ ଚାଷରେ ମଧ୍ୟ ଜଡିତ ରହିଆସିଛନ୍ତି। ଯାହା ଜନଜାତିର ଆର୍ଥିକ ସ୍ଥିତିକୁ ବୃଦ୍ଧି କରୁଛି। ଏହି କାର୍ଯ୍ୟକଳାପ ଗୁଡ଼ିକ ବିକଳ୍ପ ଜୀବିକା ସୁଯୋଗ ପ୍ରଦାନ କରୁଥିବାରୁ ଜଙ୍ଗଲ ନିଷ୍କାସନ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହ ପରିବାରର ଆୟକୁ ଉନ୍ନତ କରିବାରେ ସହାୟତା ପ୍ରଦାନ କରୁଛି। ଏହି ପଦକ୍ଷେପ ଜଙ୍ଗଲ ସମ୍ପଦର ସମ୍ପ୍ରଦାୟ ମାଲିକାନା ଏବଂ ପରିଚାଳନାକୁ ସୁଦୃଢ଼ କରିଛି। ଲୋକମାନେ ପରିବେଶ ସଂରକ୍ଷଣ ଏବଂ ଜଙ୍ଗଲ ନିଆଁ ପାଇଁ ବ୍ୟାପକ ସଚେତନତା ଅଭିଯାନରେ ମଧ୍ୟ ଅଂଶଗ୍ରହଣ କରୁଛନ୍ତି, ଏପରିକି ସେମାନେ ବିଶ୍ୱ ପରିବେଶ ଦିବସ, ବିଶ୍ୱ ବନୀକରଣ ଦିବସ, ବିଶ୍ୱ ପୃଥିବୀ ଦିବସ, ବନ୍ୟପ୍ରାଣୀ ସପ୍ତାହ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଦିନଗୁଡ଼ିକୁ ପାଳନ କରୁଛନ୍ତି। ବଣାଇଁ ବନ ବିଭାଗ ମଧ୍ୟ ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖିବା ଏବଂ ବହୁ ମାସ ଧରି ଘାସ ପଡ଼ିଆରେ ମଣିଷଙ୍କ ହସ୍ତକ୍ଷେପ ଯାଞ୍ଚ କରିବା ପାଇଁ ଟ୍ରାପ୍ କ୍ୟାମେରା ସ୍ଥାପନ କରିଛି, ଯାହା ପ୍ରଜାତି ଉପସ୍ଥିତି, କାର୍ଯ୍ୟକଳାପ ଢାଞ୍ଚା ଏବଂ ବାସସ୍ଥାନ ବ୍ୟବହାର ଉପରେ ମୂଲ୍ୟବାନ ପରିବେଶଗତ ତଥ୍ୟ ସୃଷ୍ଟି କରିଛି। କ୍ୟାମେରା ଟ୍ରାପ୍ ବିଶ୍ଳେଷଣରେ ହାତୀ, ଚିତାବାଘ, ବାରସିଙ୍ଗୀ ହରିଣ, ଜଙ୍ଗଲ ବିଲେଇ, ବନ୍ୟ ଘୁଷୁରୀ ଏବଂ ପୋର୍କୁପାଇନ୍ ଭଳି ଅନେକ ବନ୍ୟପ୍ରାଣୀ ପ୍ରଜାତି ସେମାନଙ୍କର ଖାଦ୍ୟ ପାଇଁ ଘାସକୁ ଆସୁଥିବାର ରେକର୍ଡ କରାଯାଇଛି। ନିରନ୍ତର କ୍ୟାମେରା ଟ୍ରାପ୍ ମନିଟରିଂ ପ୍ରଜାତି ବିବିଧତା ଏବଂ ପ୍ରାଚୁର୍ଯ୍ୟର ମୂଲ୍ୟାଙ୍କନ, ସର୍ବାଧିକ ବନ୍ୟପ୍ରାଣୀ କାର୍ଯ୍ୟକଳାପ ସମୟର ଚିହ୍ନଟ, ମାନବ ହସ୍ତକ୍ଷେପ କିମ୍ବା ବେଆଇନ କାର୍ଯ୍ୟକଳାପ ଚିହ୍ନଟ କରିବା ଏବଂ ଅନୁକୂଳିତ ବାସସ୍ଥାନ ପରିଚାଳନାକୁ ସମର୍ଥନ କରିବା ମଧ୍ୟ ସକ୍ଷମ କରିପାରିଛି। ଏହା ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଏବଂ ତାଙ୍କ କର୍ମଚାରୀଙ୍କ ଦ୍ୱାରା ନିଆଯାଇଥିବା ଏକ ଭଲ ପଦକ୍ଷେପ ଯାହା ମାନବ-ବନ୍ୟପ୍ରାଣୀ ସଂଘର୍ଷକୁ ହ୍ରାସ କରିବ। ଏହା ପରିବେଶ ସ୍ଥିରତା ଏବଂ ବନ୍ୟପ୍ରାଣୀ ସଂରକ୍ଷଣକୁ ମଧ୍ୟ ଉନ୍ନତ କରିବ। ଏହା ବନ ବିଭାଗ ଏବଂ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ସମ୍ପର୍କକୁ ମଜବୁତ କରିବ ବୋଲି ପରିବେଶବିତ୍ ତଥା ବଣାଇଁଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ଜେନାମଣି ସାହୁ ପ୍ରକାଶ କରିଛନ୍ତି।

## ଆଇଜିଏଚ୍‌ରେ ୪ ବର୍ଷର ଶିଶୁର ବିରଳ ସଂକ୍ରମଣର ସଫଳ ଚିକିତ୍ସା

ରାଉରକେଲା, ୨୮।୪(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅଧିନସ୍ଥ ଆଇଜିଏଚରେ ଗୁଆ ମାଇନ୍ସର ଏକ ୪ ବର୍ଷୀୟ ଶିଶୁଠାରେ ଦେଖାଦେଇଥିବା ବିରଳ ମସ୍ତିଷ୍କ ସଂକ୍ରମଣକୁ ସଫଳତାର ସହିତ ଚିକିତ୍ସା କରାଯାଇଛି। ଆରୋଗ୍ୟ ଆଶାୟୀ ଶିଶୁ ଚାମ୍ପିଆକୁ ବାରମ୍ବାର ଅସ୍ୱାଭାବିକ ଶାରୀରିକ ଅସୁସ୍ଥତା, ପ୍ରତ୍ୟେକ ଅଙ୍ଗରେ ଅସ୍ୱାଭାବିକ କଠୋର ପଣ, ଆଖି ଡୋଳା ଉପରକୁ ବୁଲିବା ଏବଂ ପ୍ରତିକ୍ରିୟା ହ୍ରାସ ଜନିତ କାରଣରୁ ଆଇଜିଏଚରେ ଭର୍ତ୍ତି କରାଯାଇଥିଲା। ପୂର୍ବରୁ ଏହି ସମାନ ରୋଗର ଚିକିତ୍ସା ହୋଇଥିଲେ ମଧ୍ୟ ଶିଶୁଟି ପୁନଶ୍ଚ ଅସ୍ୱାଭାବିକ ହୋଇପଡ଼ିଥିଲା। ବିସ୍ତୃତ ଡାକ୍ତରୀ ପରୀକ୍ଷା ଏବଂ ମସ୍ତିଷ୍କ ଇମେଜିଂ ପରେ ଡାକ୍ତରମାନେ ଶିଶୁ ମସ୍ତିଷ୍କରେ ନ୍ୟୁରୋସିଷ୍ଟିସର୍କୋସିସ୍ ନାମକ ପରଜୀବୀ ସଂକ୍ରମଣର ଶିକାର ହୋଇଥିବା ଜଣାପଡ଼ିଥିଲା।



ମସ୍ତିଷ୍କର ଭେଣ୍ଟ୍ରିକଲ୍ସ ଭିତରେ ସଂକ୍ରମଣ ଦେଖିବାକୁ ମିଳିଥିଲା, ଯାହା ଏକ ବିରଳ ଇଣ୍ଟ୍ରାଭେଣ୍ଟ୍ରିକୁଲାର ନ୍ୟୁରୋସିଷ୍ଟିସର୍କୋସିସ୍ ଭାବରେ ଜଣାଶୁଣା। ଆଇଜିଏଚର ଚିକିତ୍ସା ବିଶେଷଜ୍ଞମାନଙ୍କ ଅନୁସାରେ, ଏହା ଏକ ଅସାଧାରଣ ରୋଗ, ଯାହା ପ୍ରତି ଲକ୍ଷ ଜନସଂଖ୍ୟାରେ ପ୍ରାୟ ଛଅ ଜଣକ ଦେହରେ ଦେଖା ଯିବାର ସମ୍ଭାବନା ଥାଏ ଏବଂ ଏହା ଗମ୍ଭୀର ବିପଦ ସୃଷ୍ଟି ମଧ୍ୟ କରେ। ଏହା ସେରେବ୍ରୋସ୍ପାଇନାଲ ଫ୍ଲୁଇଡ୍‌ର ସାଧାରଣ ପ୍ରବାହକୁ ବାଧା ଦେଇପାରେ, ଯାହା ଫଳରେ ମସ୍ତିଷ୍କ ଭିତରେ ଚାପ ହଠାତ୍ ଏବଂ ବିପଜ୍ଜନକ ଭାବରେ ବୃଦ୍ଧି ପାଏ। ଶିଶୁକୁ ଆଇଜିଏଚର ଶିଶୁରୋଗ ବିଭାଗର ଭାରପ୍ରାପ୍ତ ତଥା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଶିଶୁରୋଗ ବିଭାଗ ମୁଖ୍ୟ ଡାକ୍ତର ଅର୍ଚ୍ଚନା ବେହେରା ଏବଂ ଶିଶୁରୋଗ ବିଭାଗର ଅତିରିକ୍ତ ସିଏମଓ ଡା. ମାୟା ବୋଷଙ୍କ ନେତୃତ୍ୱରେ ଶିଶୁରୋଗ ଦଳ ଚିକିତ୍ସା କରିଥିଲେ। ସମୟୋଚିତ ରୋଗ ନିର୍ଣ୍ଣୟ, ତଦାରଖ ଏବଂ ଉତ୍ସର୍ଗୀକୃତ ଯତ୍ନ ସହିତ ଶିଶୁର ଅବସ୍ଥାରେ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଥିଲା। ଆଇଜିଏଚରେ ଏହି ବିରଳ ସ୍ନାୟବିକ ଅବସ୍ଥାର ସଫଳ ପରିଚାଳନା ଶିଶୁଙ୍କ ପାଇଁ ପ୍ରାରମ୍ଭିକ ଚିକିତ୍ସାର ଗୁରୁତ୍ୱକୁ ଉନ୍ମୋଚିତ କରିବା ସହ ସମନ୍ୱିତ ଦଳୀୟ ପ୍ରୟାସ ମାଧ୍ୟମରେ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା କ୍ଷମତାକୁ ପ୍ରୋତ୍ସାହିତ କରୁଛି।

## ବିରଜାଜ୍ୟୋତିର ରଜତ ଜୟନ୍ତୀ ସମାରୋହ

# ‘ବିରଜା ସଂସ୍କୃତିର ମୌଳିକ ଗବେଷଣାକୁ ପ୍ରୋତ୍ସାହିତ କରାଯାଉ’




**ଯାଜପୁର, ୨୮।୪(ସମିସ)**

ଯାଜପୁରର ଐତିହ୍ୟ ଓ ସଂସ୍କୃତି ଆଧାରିତ ଗବେଷଣା ଧର୍ମୀ ସାଂସ୍କୃତିକ ପତ୍ରିକା ‘ବିରଜା ଜ୍ୟୋତି’ ର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ପତ୍ରିକାର ରଜତ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ବର୍ଣ୍ଣାଢ୍ୟ ଉତ୍ସବର ପ୍ରଥମ ସୋପାନରେ ବିରଜା ସାହିତ୍ୟଚର୍ଚ୍ଚା, ଦ୍ୱିତୀୟ ସୋପାନରେ ବିରଜା କବିତା ପାଠୋତ୍ସବ ଓ ତୃତୀୟ ସୋପାନରେ ଆଲୋଚନା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିରଜା ଚେତନା ଗବେଷଣା ପରିଷଦ ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅଧକ୍ଷତା କରି ଡ. ଜ୍ଞାନରଞ୍ଜନ ପତି କହିଲେ ବିରଜା ଚେତନାର ଅନ୍ୱେଷଣ, ଜାଗରଣ ଓ ପ୍ରସାରଣ ନିମିତ୍ତ ଉପସ୍ଥିତ ବୁଦ୍ଧିଜୀବୀ ଓ ସଂସ୍କୃତି ପ୍ରେମୀ ବିଜ୍ଞ ବ୍ୟକ୍ତି ବିଶେଷଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ସମାରୋହକୁ ଉଦ୍‌ଘାଟନ କରି ବିଶିଷ୍ଟ ଭାଷାସଂସ୍କୃତି ଗବେଷକ ପଦ୍ମଶ୍ରୀ ଡ. ଅନ୍ତର୍ଯ୍ୟାମୀ ମିଶ୍ର କହିଲେ ଐତିହ୍ୟ ଓ ସଂସ୍କୃତିର ପ୍ରାଣକେନ୍ଦ୍ର କୁହାଯାଉଥିବା ବିରଜା କ୍ଷେତ୍ର ଯାଜପୁର ଓ ପ୍ରାଚୀନତମା ଦ୍ୱିଭୁଜା ବିରଜାଙ୍କ ସମ୍ପର୍କରେ ଆଲୋଚନା ଓ ମୌଳିକ ଗବେଷଣା କରାଯିବା ଉଚିତ। ଏଥିପାଇଁ ଯାଜପୁରର ସଂସ୍କୃତି ପ୍ରେମୀ ଇତିହାସ ମନସ୍କ ବିଦ୍ୱାନମାନେ ପ୍ରୟାସ କରିବା ଉଚିତ ବୋଲି ସେ କହିଥିଲେ। ବିଶିଷ୍ଟ ଅତିଥି ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟ, ବରେଣ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରଭାତ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ଇତିହାସ ଗବେଷଣା ପରିଷଦ ଦିଲ୍ଲୀର ଓଡ଼ିଶା ରାଜ୍ୟ ସଦସ୍ୟ ପ୍ରଫେସର ଡ. ହରିହର ପଣ୍ଡା ଓଡ଼ିଶାର ପ୍ରାଚୀନ ରାଜଧାନୀ ଯାଜପୁରର ରାଜନୈତିକ ଓ ପୌରାଣିକ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଡ. ମଥୁରେନ୍ଦ୍ର ପୃଷ୍ଟି, ମାନନୀୟ ଅତିଥି ଡା. ଜୟକୃଷ୍ଣ ଦାସ ବିରଜାଙ୍କ ମହିମା ବର୍ଣ୍ଣନା କରିଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଡ. ହରିଶ୍ଚନ୍ଦ୍ର ପଣ୍ଡା ଓ ଅଭିଲିପ୍ସା ମିଶ୍ର ମା’ ବିରଜାଙ୍କ ସ୍ତୁତି ଗାନ କରିଥିଲେ। ସୁରେନ୍ଦ୍ର କୁମାର ଦୋବାଇ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରମୋଦ କୁମାର ନାୟକ ସମ୍ପାଦକୀୟ ବିବରଣୀ ଓ ଅଭିମନ୍ୟୁ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଅତିଥି ମାନେ ବିରଜା ଜ୍ୟୋତିର ରଜତ ଜୟନ୍ତୀ ବିଶେଷାଙ୍କ ସଂକଳନକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ବିରଜା ସଂସ୍କୃତି ପ୍ରସାର ଓ ଗବେଷଣା ପାଇଁ ଡ. ଦୁଷ୍ମନ୍ତ କୁମାର ନାୟକଙ୍କୁ ବିରଜା ଜ୍ୟୋତି ଗବେଷକ ସମ୍ମାନ, ରାମଚନ୍ଦ୍ର ଦାଶଙ୍କୁ ପ୍ରାବନ୍ଧିକ ସମ୍ମାନ ସହ ୩୨ଜଣ ବ୍ୟକ୍ତି, ଅନୁଷ୍ଠାନ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିରଜା ଜ୍ୟୋତି ପତ୍ରିକାର ସମ୍ମାନ ଓ ବିରଜା ଜ୍ୟୋତି ବିଜ୍ଞାପନ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରାତଃ ଅଧିବେଶନରେ ନୃସିଂହ ଚରଣ ମହାପାତ୍ର, ପ୍ରଫେସର ବଟକୃଷ୍ଣ ମହାପାତ୍ର, ଡ. ରବୀନ୍ଦ୍ର ବିହାରୀ ଯୋଗଦେଇଥିଲା ବେଳେ ଏହାକୁ ଡ. ପ୍ରଭଞ୍ଜନ ପତି ପରିଚାଳନା କରିଥିଲେ। ଡ. କାହ୍ନୁଚରଣ ମିଶ୍ରଙ୍କ ସଭାପତିତ୍ୱ ଓ ସୁବାସ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ବିରଜା କବିତା ପାଠୋତ୍ସବରେ ୨୦ଜଣ କବି ବିରଜାଙ୍କ ସମ୍ପର୍କରେ କବିତା ପାଠ କରିଥିଲେ। ଏହି ଅଧିବେଶନରେ ଆଡ୍‌ଭୋକେଟ୍ ନଟବର ମହାନ୍ତି ଉଦ୍‌ଘାଟକ, ଡ. ରାଜକିଶୋର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରବୋଧ କୁମାର ନାୟକ, ଡ. ବିନୋଦ ନାୟକ, ଆଶୁତୋଷ ମିଶ୍ର, ବୀଣାପାଣି ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମଞ୍ଚ ପରିଚାଳନାରେ ଅନୁପମା ରଣା, ଗଦାଧର କୁଣ୍ଡୁ, ବୃନ୍ଦାବନ ମିଶ୍ର, ବୈଦ୍ୟନାଥ ପଣ୍ଡା, ଆନନ୍ଦ ଚନ୍ଦ୍ର ସାହୁ, ଦାମୋଦର ନନ୍ଦ ସହଯୋଗ କରିଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ଅଜିତ ଦାଶ, ଗଣେଶ ପାଣିଗ୍ରାହୀ, ଅଜୟ କୁମାର ନନ୍ଦ, ପ୍ରମୋଦ କୁମାର ଦ୍ୱିବେଦୀ, ନବକିଶୋର ଦାସ ଓ ସୁରେନ୍ଦ୍ର କୁମାର ଦୋବାଇ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଧାନ ସଂଗ୍ରହଣ କମିଟି ବୈଠକ



**ଯାଜପୁର, ୨୮।୪(ସମିସ):** ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଖରିଫ ବର୍ଷ ରବି ଋତୁ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଯାଜପୁର ସାଂସଦ ଡ. ରବିନାରାୟଣ ବେହେରା, ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ୨୦୨୪-୨୫ ଖରିଫ ବର୍ଷ (ରବି)ରେ ଧାନ ସଂଗ୍ରହ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରାଯାଇଥିଲା। ୨୦୨୪-୨୫ ଖରିଫ ବର୍ଷରେ ଧାନ ସଂଗ୍ରହରେ ୮୭.୫୪ ପ୍ରତିଶତ ଟାର୍ଗେଟ ପୂରଣ ହୋଇପାରିଥିଲା। ୨୦୨୫-୨୬ ଖରିଫ ବର୍ଷ ପାଇଁ ୨୬ଟି ପ୍ରାଥମିକ କୃଷି ସମବାୟ ସମିତି ଏବଂ ୧୫ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇଛନ୍ତି। ଜିଲ୍ଲାରେ ମୋଟ ୧୨, ୫୦୦ ହେକ୍ଟର ରବି ଫସଲ ଜମି ଚାଷ ହେଉଛି। ୨୦୨୪-୨୫ ଖରିଫ ବର୍ଷରେ ମୋଟ ୫୬୪୦ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୨୫-୨୬ ଖରିଫ ବର୍ଷରେ ୪୬୦୭ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତ ବର୍ଷ ଅପେକ୍ଷା ଚାଷୀ ପଞ୍ଜୀକରଣ କାହିଁକି କମିଲା ବୋଲି ଜିଲ୍ଲାପାଳ ବୈଠକରେ ପ୍ରଶ୍ନ କରିଥିଲେ। ସାଂସଦ ଡ. ବେହେରା ଧାନ ସଂଗ୍ରହରେ ହେଉଥିବା କଟନୀ ଛଟନୀକୁ ବନ୍ଦ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ପ୍ରତିନିଧି, ଡିଆର୍‌ସିଏସ୍, ଏସିଏସଓ, ଏମଆଇ, ମିଲର ଏବଂ ପ୍ରାଥମିକ କୃଷି ସମବାୟ ସମିତି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।

## ତାଳଜଙ୍ଗ ଓ ବାରକଣାରେ ହନୁମାନ ଯଜ୍ଞ



**କବାଟବନ୍ଧ, ୨୮।୪(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ଅଧୀନ ବାରକଣା ହାଟପଡ଼ିଆରେ ଥିବା ଶ୍ରୀଶ୍ରୀ ସିଦ୍ଧମହାବୀର ହନୁମାନଙ୍କର ନବମ ବାର୍ଷିକ ଯଜ୍ଞ ଉତ୍ସବ ଆରମ୍ଭ ହୋଇଯାଇଛି। ଏହି ଅବସରରେ ସୋମବାର ଅଙ୍କୁରାରୋପଣ ହୋଇଥିବା ବେଳେ ମଙ୍ଗଳବାର ପୂର୍ବାହ୍ନରେ ନିକଟସ୍ଥ ବ୍ରାହ୍ମଣୀନଦୀରୁ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କଳସ ଶୋଭାଯାତ୍ରାରେ ଶତାଧିକ ପୁରୁଷ ଓ ମହିଳା ଭକ୍ତ ସାମିଲ ହୋଇଥିଲେ। ମାନସିକଧାରୀ ଶ୍ରଦ୍ଧାଳୁ ଜଳକଳସ ଆଣି ଗ୍ରାମ ପରିକ୍ରମା କରି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ପରେ ଯଥାବିଧି ଅନୁସାରେ ଜଳଯାତ୍ରା, ଦୀପସ୍ଥାପନ, ଅଗ୍ନି ସ୍ଥାପନ, ମଣ୍ଡଳାଧୂ ପୂଜା, ଜନ୍ମୋତ୍ସବ ପାଳନ ଓ ସଂକୀର୍ତ୍ତନ ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତାଭାବେ ସସ୍ତ୍ରୀକ ଭାସ୍କର ମଲ୍ଲିକ ଏବଂ ପୁଷ୍ପଲତା ମଲ୍ଲିକ ଯଜ୍ଞମଣ୍ଡପରେ ଆହୁତି ପ୍ରଦାନ କରୁଛନ୍ତି।। ବିଭିନ୍ନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସେହିପରି ଜେନାପୁର ଥାନା ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତର ନୂଆ ତାଳଜଙ୍ଗ ଠାରେ ହନୁମାନଜିଉଙ୍କର ନୂତନ ମନ୍ଦିର ପ୍ରତିଷ୍ଠା ଏବଂ ବିଗ୍ରହ ସ୍ଥାପନ ଉତ୍ସବ ଅନୁଷ୍ଠିତ ହେଉଛି। ୩ ଦିନ ବ୍ୟାପି ଯଥା ବିଧି ଅନୁସାରେ ଏହା ପାଳନ କରାଯାଉଛି। ବ୍ରାହ୍ମଣୀ ନଦୀରୁ କଳସ ଶୋଭାଯାତ୍ରାରେ ଭକ୍ତ ମାନେ ଆସି ମଣ୍ଡପ ପ୍ରବେଶ କରିଥିଲେ। ମହିଳା ସଂକୀର୍ତ୍ତନ, ଲଉଡ଼ି ଖେଳ, ଭଜନ ପରିବେଷଣ ଆଦି ପରିବେଷଣ ହେଉଛି।

## ଆଇନ ସଚେତନତା କାର୍ଯ୍ୟକ୍ରମ

**ବିଞ୍ଝାରପୁର, ୨୮।୪(ସମିସ):** ରାଜ୍ୟ ମହିଳା ଆୟୋଗ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ପୂର୍ବାହ୍ନରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇସ୍ଥିତ ବରୁଣେଶ୍ୱର କଲ୍ୟାଣମଣ୍ଡପ ପରିସରରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଞ୍ଝାରପୁର ଶିଶୁ ବିକାଶ ଅଧିକାରୀ ରୁକ୍ମଣୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ଉପାୟୁକ୍ତ ସଦସ୍ୟା ଡ. କଳ୍ପନା ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ସମାଜକଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ବିଡିଓ ଆକାଶ ପଟ୍ଟନାୟକ, ଯାଜପୁର ଓ ଦଶରଥପୁର ଶିଶୁ ବିକାଶ ଅଧିକାରୀମାନେ, ପ୍ରାକ୍ତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାମଲ, ସାଂସଦ ପ୍ରତିନିଧି ପୁରୁଷୋତ୍ତମ ବେହେରା, ବ୍ଲକ ଉପାଧ୍ୟକ୍ଷ ସେକ୍ ଇର୍ସାଦଙ୍କ ସହ ବହୁ ପ୍ରଶାସନିକ ଅଧିକାରୀ, ଆଇନଜୀବୀ, ସାମାଜିକ କର୍ମୀ ଓ ଶିକ୍ଷାବିତ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଯୁବପିଢ଼ି ଓ ମହିଳାଙ୍କ ସକ୍ରିୟ ଉପସ୍ଥିତି ଲକ୍ଷ୍ୟ କରାଯାଇଥିଲା। ପ୍ରିୟଦର୍ଶିନୀ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ମିଶନ ଶକ୍ତି ବିପିସି ପ୍ରିୟଙ୍କା ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ। ବିଞ୍ଝାରପୁର ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗର ବିଭିନ୍ନ କର୍ମକର୍ତ୍ତା ଓ କର୍ମଚାରୀମାନେ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ପଙ୍କପାଳ ଯୁବ ସରପଞ୍ଚଙ୍କ ପରଲୋକ



**ଯଖପୁରା/ଦାନଗଦି, ୨୮।୪(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତର ଯୁବ ସରପଞ୍ଚ ସ୍ମୃତି ରଞ୍ଜନ ଜେନା (ମିଟିକା)ଙ୍କର ଆଜି ଅକାଳ ବିୟୋଗ ଘଟିଛି। ଭୁବନେଶ୍ୱର ସ୍ଥିତ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୩୭ ବର୍ଷ ବୟସ ହୋଇଥିଲା। ବ୍ରେନ ଷ୍ଟ୍ରୋକରେ ଆକ୍ରାନ୍ତ ହୋଇ ସେ ଗତ କିଛି ଦିନ ଧରି ଚିକିତ୍ସିତ ହେଉଥିଲେ। ଜଣେ ଆଦର୍ଶବାଦୀ, ସ୍ପଷ୍ଟବାଦୀ ଏବଂ ସ୍ୱାଭିମାନୀ ଯୁବନେତା ଭାବେ ସ୍ମୃତିରଞ୍ଜନ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ପଙ୍କପାଳ ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହେବା ପରେ ସେ ଅଞ୍ଚଳର ବିକାଶକୁ ମୁଖ୍ୟ ଆଭିମୁଖ୍ୟ ଭାବେ ଗ୍ରହଣ କରିଥିଲେ। ଶିଳ୍ପାଞ୍ଚଳର ବିଭିନ୍ନ ସାମାଜିକ ସମସ୍ୟା, ଜନହିତକର କାର୍ଯ୍ୟ ଏବଂ ଶ୍ରମିକଙ୍କ ହକ ପାଇଁ ସେ ସର୍ବଦା ଅଗ୍ରଣୀ ଭୂମିକା ଗ୍ରହଣ କରୁଥିଲେ। ତାଙ୍କ ମୃତ୍ୟୁ ଖବର ପହଞ୍ଚିବା ପରେ ସମଗ୍ର କଳିଙ୍ଗନଗର, ସୁକିନ୍ଦା ଓ ପଙ୍କପାଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଏହି ଅକାଳ ବିୟୋଗ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ତଥା ବିଜେପି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ରାଜ୍ୟ ସମବାୟ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ତାଙ୍କ ଶୋକ ବାର୍ତ୍ତାରେ ପ୍ରକାଶ କରିଛନ୍ତି। ବିଭିନ୍ନ ରାଜନୈତିକ ଦଳର ଶୀର୍ଷ ନେତୃତ୍ୱ ଓ ସାମାଜିକ ସଙ୍ଗଠନ ପକ୍ଷରୁ ତାଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ଆଜି ତାଙ୍କର ପାର୍ଥିବ ଶରୀର ନିଜ ଗ୍ରାମ ପଙ୍କପାଳରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଜନସାଧାରଣ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ପଙ୍କପାଳ ପଞ୍ଚାୟତ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ମୃତ୍ୟୁରେ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼େଇ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଅଘୋଷିତ ବିଦ୍ୟୁତକାଟ୍ ପ୍ରତିବାଦରେ ଗଣ ଧାରଣା



**କୁଆଖିଆ, ୨୮।୪(ସମିସ):** ରସୁଲପୁର ବ୍ଲକ ଅଧୀନସ୍ଥ କୁଆଖିଆ ବିଦ୍ୟୁତ ବିଭାଗ ଅଫିସ ଆଗରେ ଆଜି ପୂର୍ବାହ୍ନ ରେ ରସୁଲପୁର ଅଞ୍ଚଳର ବିଭିନ୍ନ ଗଣ ସଂଗଠନର ଶତାଧିକ ଯୁବକ ଅଘୋଷିତ ବିଦ୍ୟୁତ କାଟ୍‌କୁ ବିରୋଧ କରି ଗଣଧାରଣା ଦେଇଥିଲେ। ଏହି ଅବସରରେ କଳିଙ୍ଗ ଯୁବକ ସଙ୍ଘ ସଭାପତି ଶିଶିର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭା ଓ ଗଣଧାରଣାରେ ଲାୟନ୍ସ କ୍ଲବ କୁଆଖିଆର ସଭାପତି ଯୁବ ସଂଗଠକ ଜନ୍ମେଜୟ ସାହୁ, ବିଶ୍ୱ ହିନ୍ଦୁ ପରିଷଦର ଯଶବନ୍ତ ଦାସ, ଆମ୍ବେଦକର କ୍ଲବର ଅମର ମଲ୍ଲିକ, ସଂସ୍କାର ଗୋଶାଳାର ସମ୍ପାଦକ ବୈକୁଣ୍ଠ ନାଥ, କୃଷକ ଏକତା ମଞ୍ଚର ଆବାହକ ଦେବାଶିଷ ନାୟକ, ଶ୍ରମିକ ସଂଗଠନର ଚିତ୍ତରଞ୍ଜନ ଦାସ, ଯୁବ ସଂଗଠକ ସରୋଜ କୁମାର ସାହୁ, ସୁରେଶ ପଣ୍ଡା ଓ ନାରାୟଣ ପରିଡ଼ା ପ୍ରମୁଖ ଯୋଗଦେଇ କୁଆଖିଆ ବିଦ୍ୟୁତ ବିଭାଗର ମନମାନି ବିରୋଧରେ ଅଭିଭାଷଣ ଦେବା ସହିତ ନାରାବାଜି ଦେଇଥିଲେ। ଏହି ଗଣଧାରଣାକୁ ରସୁଲପୁର ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ କାଳନ୍ଦୀ କଣ୍ଠ ସଞ୍ଚାଳନା କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଆଶିଷ ମହାନ୍ତି, ଅଭୟ ମଲ୍ଲିକ, ବିକାଶ ସାହୁ, ସ୍ୱାଗତ ସାହୁ, ଶୁଭକାନ୍ତ ଦାସ, କରନ ସାହୁ ପ୍ରମୁଖ ସହାୟତା କରିଥିଲେ। ଦୀର୍ଘ ସମୟ ଗଣ ଧାରଣା ପରେ କୁଆଖିଆ ବିଦ୍ୟୁତ ବିଭାଗ ମୁଖ୍ୟ ହିତାଂଶୁ ଶେଖର ଶତପଥି ଧାରଣା ସ୍ଥଳରେ ପହଞ୍ଚି ଦାବି ଗୁଡିକ ସମ୍ପର୍କରେ ଲିଖିତ ଓ ମୌଖିକ ଶୁଣିବା ପରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ଯେ ଆଉ ଗ୍ରୀଷ୍ମରେ ଅଘୋଷିତ ବିଦ୍ୟୁତ କାଟ ହେବନାହିଁ। ତା’ ପରେ ଶାନ୍ତିପୂର୍ଣ୍ଣ ଭାବେ ଚାଲୁଥିବା ଗଣଧାରଣାକୁ ସ୍ଥଗିତ ରଖାଯାଇଥିଲା।

## ଗୋସମ୍ମାନ ପାଇଁ ତହସିଲଦାରଙ୍କୁ ଦାବିପତ୍ର

**କୁଆଖିଆ, ୨୮।୪(ସମିସ):** ରସୁଲପୁର ବ୍ଲକ ହିନ୍ଦୁ ସମାଜ ତରଫରୁ ଆଜି ରସୁଲପୁର ତହସିଲଦାରଙ୍କ ମାଧ୍ୟମରେ ଗୋ-ସମ୍ମାନ ପାଇଁ ବିଭିନ୍ନ ଦାବି ନେଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ରସୁଲପୁର ହିନ୍ଦୁ ସମାଜର କର୍ମକର୍ତ୍ତା ମାନେ କୁଆଖିଆ ବଜାରଠାରୁ ଏକ ମଟର ସାଇକଲ ଶୋଭାଯାତ୍ରାରେ ଆସି ରସୁଲପୁର ତହସିଲଦାରଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଗୋହତ୍ୟା ସମ୍ପୂର୍ଣ୍ଣ ବନ୍ଦ, ପ୍ରତ୍ୟେକ ପଞ୍ଚାୟତରେ ଗୋଶାଳା ନିର୍ମାଣ, ଗୋଚାଲାଣକାରୀଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ଆଇନ ପ୍ରଣୟନ କରିବା ହିଁ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଉକ୍ତ କାର୍ଯ୍ୟକ୍ରମକୁ ଗୋସମ୍ମାନ ଆହ୍ୱାନ ଅଭିଯାନର ରସୁଲପୁର ବ୍ଲକ ସଂଯୋଜକ ତଥା ବିଶ୍ୱହିନ୍ଦୁ ପରିଷଦ, ଶ୍ରୀରାମପୁର ଖଣ୍ଡର ସମ୍ପାଦକ ଅମିୟ ରଞ୍ଜନ ସାହୁ ସଂଯୋଜନା କରୁଥିଲେ। ଅନ୍ୟ କାର୍ଯ୍ୟକର୍ତ୍ତା ଭାବେ ବିଶ୍ୱହିନ୍ଦୁ ପରିଷଦ, ଯାଜପୁର ଜିଲ୍ଲା କୋଷାଧ୍ୟକ୍ଷ ଯଶୋବନ୍ତ ଦାସ, ଧର୍ମେନ୍ଦ୍ର ଗୁଇଁ, ଅଶ୍ୱିନୀ ସାହୁ, ବିଶ୍ୱଜିତ୍ ସାହୁ, ନିରାକାର ଲେଙ୍କା ସମେତ ଶତାଧିକ ଗୋ-ସେବକ ଉପସ୍ଥିତ ରହିଥିଲେ।

## ଗ୍ୟାସ୍ ସିଲିଣ୍ଡର ଯୋଗାଣ ସମନ୍ୱୟ ବୈଠକ

**ଯାଜପୁର, ୨୮।୪(ସମିସ):** ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିପତ୍ତି ପରିଚାଳନା ଗ୍ରୁପ୍ ଏବଂ ସମସ୍ତ ଇନ୍ଧନ ତେଲ ମାର୍କେଟିଂ କମ୍ପାନୀମାନଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏଲପିଜି ରନ୍ଧନ ଗ୍ୟାସର ଉପଲବ୍ଧତା, ଯୋଗାଣ ଏବଂ ଦରଦାମ୍ ମନିଟରିଂ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଯାଜପୁର ସାଂସଦ ଡା.ରବିନାରାୟଣ ବେହେରା ବୈଠକରେ ଉପସ୍ଥିତ ଥିଲେ। ଜିଲ୍ଲାବାସୀଙ୍କ ଏଲପିଜି ଏବଂ ପେଟ୍ରୋଲିୟମ ଉତ୍ପାଦର ଚାହିଦା ପୂରଣକୁ ସୁନିଶ୍ଚିତ କରିବା ପାଇଁ ଦର ନିୟନ୍ତ୍ରଣ, କଳାବଜାରୀ ରୋକିବା, ଯୋଗାଣ ଶୃଙ୍ଖଳା ପରିଚାଳନା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ଗ୍ୟାସ ଏଜେନ୍ସିମାନଙ୍କ ସହ ଯାଜପୁର ସହର ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରେ ରନ୍ଧନ ଗ୍ୟାସ ସିଲିଣ୍ଡର ଯୋଗାଣର ସ୍ଥିତି ସମୀକ୍ଷା କରିବା ସହ ଦୈନିକ ଚାହିଦା ଓ ଯୋଗାଣ ଉପରେ ଧ୍ୟାନ ଦେଇ କଳାବଜାରୀ ରୋକିବାକୁ ନିର୍ଦ୍ଦେଶ ଦେଇଥିଲେ। କଳାବଜାରୀ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ତାଗିଦ୍ କରିଥିଲେ। ଏହାସହ ସ୍କୁଲ ହଷ୍ଟେଲ, ହସ୍ପିଟାଲ, ଜେଲ୍ ଭଳି ଅତ୍ୟାବଶ୍ୟକୀୟ ତଥା ଜରୁରୀ ସେବା ଅନୁଷ୍ଠାନଗୁଡ଼ିକୁ ସମୟାନୁସାରେ ଗ୍ୟାସ ସିଲିଣ୍ଡର ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ଅତିରିକ୍ତ ଯୋଗାଣ ଅଧିକାରୀ, ମାର୍କେଟ ଇନ୍ସପେକ୍ଟର, ଅଏଲ ମାର୍କେଟିଂ କମ୍ପାନୀଗୁଡିକର ପ୍ରତିନିଧି ଏବଂ ଯାଜପୁର ଜିଲ୍ଲାର ସମସ୍ତ ଗ୍ୟାସ ବିତରକ ଏଜେନ୍ସି ଯୋଗ ଦେଇଥିଲେ।

## ଆସନ୍ତା ମେ’ ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଯାଜପୁର, ୨୮।୪(ସମିସ):** ଜିଲ୍ଲା ଓ ଦୌରା ଅଦାଲତ ସମେତ ଜିଲ୍ଲା ର ସମସ୍ତ ଅଦାଲତ ପରିସରରେ ଆସନ୍ତା ମେ’ ୯ ତାରିଖରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଭାରପ୍ରାପ୍ତ ସଚିବ ନେହା ଅଗ୍ରୱାଲ ପ୍ରକାଶ କରିଛନ୍ତି। ଉକ୍ତ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସଯୋଗ୍ୟ), ଚେକ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷିତପୂରଣ ସମାଧାନ ଯୋଗ୍ୟ, ଟ୍ରାଫିକ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା ଶ୍ରମ ଓ ନିଯୁକ୍ତି ବିବାଦ, ପାରିବାରିକ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସମାଧାନ କରାଯିବ। ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ଓ ତାଲୁକ ଆଇନସେବା କମିଟି, ଯାଜପୁର ରୋଡ ଏବଂ ଚଣ୍ଡିଖୋଲ ସହିତ ଯୋଗାଯୋଗ କରିବାକୁ ସୂଚନା ଦିଆ ଯାଇଛି।

## ମଧୁସୂଦନ ଦାସଙ୍କୁ ଭାରତରତ୍ନ ପାଇଁ ଦାବି




**ଯାଜପୁର, ୨୮।୪(ସମିସ)**

ଯାଜପୁର ଜିଲ୍ଲାର ପ୍ରମୁଖ ସାହିତ୍ୟ ଓ ସାଂସ୍କୃତିକ ସଂଗଠନ ‘ସ୍ମୃତି ଓ ପ୍ରଣତି’ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଯଥା ମର୍ଯ୍ୟାଦାର ସହ ପାଳନ କରାଯାଇଛି। ସ୍ଥାନୀୟ ଲିସିୟମ ହାଇଅର ସେକେଣ୍ଡାରୀ ସ୍କୁଲ ସମ୍ମିଳନୀ କକ୍ଷରେ ଅନୁଷ୍ଠାନର ସଭାପତି ଶିଶିର କୁମାର ନାୟକଙ୍କ ଅଧ୍ୟକ୍ଷତା କ୍ରମେ ମୁଖ୍ୟଅତିଥି ଭାବେ ଗ୍ଲୋବାଲ ପିସ ଫାଉଣ୍ଡେସନର ଅଧ୍ୟକ୍ଷ ଡା. ରାଜ କିଶୋର ପଣ୍ଡା ଓ ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଦିବ୍ୟ ଭୂଷଣ ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଡ. ନିତ୍ୟାନନ୍ଦ ମିଶ୍ର ଓ ବିଶେଷ ଅତିଥି ଭାବେ ଡ. ଦାମୋଦର ବେହେରା ଯୋଗଦେଇ ମଧୁବାବୁଙ୍କ ବହୁମୁଖୀ ପ୍ରତିଭା, ତାଙ୍କ ଜୀବନୀ ଏବଂ ଦେଶ ପ୍ରେମ ସମ୍ପର୍କରେ ବିସ୍ତୃତ ଭାବେ ବକ୍ତବ୍ୟ ରଖିଥିଲେ। ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ନାୟକ ପ୍ରାକ୍ ସୂଚନା ଦେବା ସହିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଉତ୍କଳ ଗୌରବଙ୍କୁ ଭାରତରତ୍ନ ପ୍ରଦାନ ନିମନ୍ତେ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ସଭାରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ମଧୁ ସମ୍ମାନ -୨୦୨୬ରେ ବିଶିଷ୍ଟ ସାହିତ୍ୟିକ, ସମାଲୋଚକ, ଗାଳ୍ପିକ ତଥା ଓଡ଼ିଆ ଭାଷା ଓ ସଂସ୍କୃତି ଅନୁରାଗୀ ପ୍ରଫେସର ଦାମୋଦର ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଯାଜପୁର ଶିଶୁ ମଙ୍ଗଳ ସମିତିର ନୂତନ ଅଧ୍ୟକ୍ଷ ଶ୍ରୀ ମହାନ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। କବି କାମେଶ୍ୱର ପଣ୍ଡା ରଚିତ ମହାତୀର୍ଥ ବିରଜା କ୍ଷେତ୍ର ପୁସ୍ତକ ଉନ୍ମୋଚନ ହୋଇଥିଲା। ଶ୍ରୀ ପଣ୍ଡା ମଧ ଉତ୍କଳ ଗୌରବଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଉପସଭାପତି ଡ. ଗିରିଶ ବିହାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଚଣ୍ଡିଖୋଲ କୋର୍ଟରେ ମଧୁବାବୁଙ୍କ ଜୟନ୍ତୀ

**ବଡଚଣା, ୨୮।୪(ସମିସ):** ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନ ପକ୍ଷରୁ ଆଇନଜୀବୀ ଦିବସ ତଥା ବାରିଷ୍ଟର ମଧୁସୂଦନ ଦାସଙ୍କ ପବିତ୍ର ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବାର୍ ଆସୋସିଏସନର ସଭାପତି ଦେବରାଜ ବେହେରା ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରକାଶ କୁମାର ଦାଶ ସଂଯୋଜନା କରିଥିଲେ। ଏଥିରେ ବରିଷ୍ଠ ସରକାରୀ ଆଇନଜୀବୀ ନଳିନୀ କାନ୍ତ ମିଶ୍ର, ଉପସଭାପତି ଜ୍ଞାନେଶ ମହାନ୍ତି, ଆଇନଜୀବୀ ଶ୍ରୀକାନ୍ତ କୁମାର ବଳ, ସମ୍ବିତ୍ କୁମାର ମହାପାତ୍ର, ଶରତ କୁମାର ସାହୁ, ଜ୍ୟୋତି ଶଙ୍କର ମହାପାତ୍ର, ହେମନ୍ତ କୁମାର ମହାଲା, ତରୁଣ କୁମାର ବିଶ୍ୱାଳ, ବିଜୟ ରାଉଳ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରିୟଗୋବିନ୍ଦ ଦାସ ଓ ଶାରଦା ଯୋଗମାୟା ନାୟକ ସମେତ ବହୁ ଆଇନଜୀବୀ ଯୋଗଦେଇ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଧର୍ମଶାଳାରେ ମଧୁବାବୁଙ୍କ ଜୟନ୍ତୀ



**ଧର୍ମଶାଳା, ୨୮।୪(ସମିସ):** ଧର୍ମଶାଳା ବ୍ଲକ ଜାରାକାସ୍ଥିତ ଧର୍ମଶାଳା ପ୍ରେସ୍ କ୍ଲବରେ ମଧୁବାବୁଙ୍କ ୧୭୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରେସ୍ କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ମିନତୀ ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ଼. ପ୍ରଶାନ୍ତ କୁମାର ସ୍ୱାଇଁ ଯୋଗଦେଇ ମଧୁବାବୁ ଥିଲେ ବାସ୍ତବରେ ସ୍ୱାଭିମାନୀ ଓଡ଼ିଆ। ତାଙ୍କୁ ନେଇ ଓଡ଼ିଆ ଜାତି ଗର୍ବ ଅନୁଭବ କରେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କବି ସବିତା ମିଶ୍ର ଓ କଂଗ୍ରେସ ନେତା ଅଧୀର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଯୁବ ଉଦ୍ୟୋଗୀ ଇଂ. ବ୍ରହ୍ମାନନ୍ଦ ସାହୁ, ଖବର କାଗଜ ବିତରକ ହରି ନାରାୟଣ ଦାସ, କାହ୍ନୁ ଚରଣ ରଣା ଓ ସାମ୍ବାଦିକ ସନ୍ତୋଷ କୁମାର ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାବନ୍ଧିକ ମନୋରଞ୍ଜନ ମହାନ୍ତି, ହୃଷିକେଶ ସାମଲ, ଦେବେନ୍ଦ୍ର ପଟ୍ଟନାୟକ, ସରୋଜିନୀ ପଣ୍ଡା, ଡ. ରମାକାନ୍ତ ଜେନା, କାହ୍ନୁ ଚରଣ ଦାଶ, ବଟକୃଷ୍ଣ ପରିଡ଼ା, ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ସଂଗ୍ରାମୀ କେଶରୀ ଜେନା ପ୍ରମୁଖ ମଧୁବାବୁଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ସାମ୍ବାଦିକ ସୀତାକାନ୍ତ ସାମଲ ସୂଚନା ଦେଇଥିଲେ। ପ୍ରାରମ୍ଭରେ ବ୍ରଜ କିଶୋର ଦାଶ ଶ୍ଳୋକ ଆବୃତ୍ତି କରିଥିଲେ। ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମାଜିକ କର୍ମୀ ଦେବବ୍ରତ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ବିଜୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ୟୁଜିଏମ୍ଆଇଟିରେ ମଧୁବାବୁଙ୍କ ଜୟନ୍ତୀ



ରାୟଗଡ,୨୮।୪(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମ ବାର୍ଷିକୀ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇଯାଇଛି। ରାୟଗଡରେ ଅବସ୍ଥିତ ତାଙ୍କର ପ୍ରତିମୂର୍ତ୍ତିରେ ଭାରପ୍ରାପ୍ତ ଅଧକ୍ଷ ନାରାୟଣ ପଟେଲ, ଜିଲ୍ଲା ଶିଳ୍ପ କେନ୍ଦ୍ର ରାୟଗଡର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଏବଂ ପୁରାତନ ଛାତ୍ର ସବ୍ୟସାଚୀ ସାହୁ, ପୁରାତନ ଛାତ୍ର ସଂସଦର କୋଷାଧକ୍ଷ ଧିରେନ କୁମାର ପଟ୍ଟନାୟକଙ୍କ ସହ ଅନୁଷ୍ଠାନର ଅଧ୍ୟାପକ-ଅଧ୍ୟାପିକାମାନେ ଏବଂ ସମସ୍ତ କର୍ମଚାରୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଛାତ୍ରୀ କୁମାରୀ ନନ୍ଦିନୀ ପାଟିକା ପ୍ରାରମ୍ଭିକ ସଙ୍ଗୀତ ଭାବେ ଉତ୍କଳ ଗୌରବଙ୍କ ସ୍ୱରଚିତ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଅଧକ୍ଷ ଶ୍ରୀ ପଟେଲ, ପୁରାତନ ଛାତ୍ର ସଂସଦର ସଚିବ ଶ୍ରୀ ସାହୁ, ବିଭାଗୀୟ ମୁଖ୍ୟ ଏବଂ ବରିଷ୍ଠ ଅଧ୍ୟାପିକା ଶ୍ରୀମତୀ ପ୍ରତିଭା ପାତ୍ର, ଶୁଭେନ କୁମାର ବେହେରା, ବିଧୁଭୂଷଣ ଶବର, ଶ୍ରୀକାନ୍ତ ଠାକୁର, କେ. ସୁମନ ରାଓ, ରୀତାଞ୍ଜଳୀ ପଣ୍ଡା, ଦୀପକ କୁମାର ନାୟକ, ଶିବ ଶଙ୍କର ସାହୁ ଓ ଅନ୍ୟ ଅଧ୍ୟାପକ-ଅଧ୍ୟାପିକାମାନେ ମଧୁସୂଦନ ଦାସଙ୍କ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ତାଙ୍କର ମହାନ ତ୍ୟାଗ ଓ ବଳିଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସମସ୍ତ ବକ୍ତା ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ମଧୁବାବୁଙ୍କ ଅନୁପମ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମଟି ଯୁବପିଢ଼ିମାନଙ୍କ ମଧ୍ୟରେ ରାଷ୍ଟ୍ରଭକ୍ତି, ଭାଷାପ୍ରେମ ଓ ସାମାଜିକ ଦାୟିତ୍ୱବୋଧକୁ ଆହୁରି ସୁଦୃଢ଼ କରିଥିଲା। ଜ୍ୟୋତି ପ୍ରକାଶ ଗିରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭାର ସମାପନ ଘୋଷଣା କରିଥିଲେ।

# ବିଦ୍ୟାଳୟ ନାହିଁ, ଶିକ୍ଷାରୁ ବଞ୍ଚିତ ୧୩ ଖଣ୍ଡ ଗାଁର ପିଲା

ବୈପାରୀଗୁଡା, ୨୮।୪(ସମିସ): ଅନ୍ଧାରରେ ଶୈଶବ। ଗାଁରେ ବିଦ୍ୟାଳୟ ନାହିଁ, ଶିକ୍ଷାରୁ ବଞ୍ଚିତ ୧୩ ଖଣ୍ଡ ଗାଁର ପିଲା। ନୂତନ ସ୍କୁଲ ଖୋଲିବା ପାଇଁ ବାରମ୍ବାର ଦାବବି ହୋଇଥିଲେ ବି କେହି ଶୁଣୁନାହାନ୍ତି। ଛୋଟ ପିଲାମାନଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। ଏଭଳି ଅଭିଯୋଗ ଆଣିଲେ ବୈପାରୀଗୁଡା

**● ନୂତନ ସ୍କୁଲ ପାଇଁ ଜିଲ୍ଲାପାଳଙ୍କୁ ଦାବି**



ବ୍ଲକ ମାଠପୋଡା ପଞ୍ଚାୟତର ୧୩ ଖଣ୍ଡ ଗ୍ରାମବାସୀ। ଗାଁରେ ନୂତନ ବିଦ୍ୟାଳୟ ଖଲିବା ପାଇଁ ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ମାଠପୋଡା ପଞ୍ଚାୟତ ଅଧିନରେ ଥିବା ଗୋଇପଦର, ହାଣ୍ଡିଖାଲ, ଅଣ୍ଡରୀ, କୋଲନିଗୁଡା, ବଡ଼ ଅଣ୍ଡରୀ, ଖେମାବବଡିଆ ଗୁଡା, ବଡ଼ଅଟ୍ଟାଳ, ଡେଙ୍ଗା ପାକନାଗୁଡା, କେନ୍ଦୁମାଳ, ମୁଲୁଗୁଡା, ଖଟଲାପଦର, ଭେଜାଗୁଡା, ଓ ଦୁଧଯୋଡି ପରି ଗ୍ରାମର ୩ ଶହରୁ ଅଧିକ ପରିବାର ବସବାସ କରନ୍ତି। ଏହି ସମସ୍ତ ପରିବାରର ୧୫୦ରୁ ଅଧିକ ପୁଅଝିଅ ଅଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟ କଣ ଦେଖି ନାହାନ୍ତି। ସେମାନେ ସମସ୍ତେ ଶିକ୍ଷାରୁ ବଞ୍ଚିତ ରହିଥିବା ବେଳେ ଘରେ ରହି କେତେବେଳେ ଏଣେତେଣେ ବୁଲୁଛନ୍ତି ତ ଆଉ କେତେବେଳେ ଗାଈ ଚରାଉଛନ୍ତି। ଏହି ସବୁ ଗାଁ ଠାରୁ ନିକଟତମ ବିଦ୍ୟାଳୟର ଦୂରତା ୬ କିଲୋମିଟରରୁ ଅଧିକ। ଏଣୁ ପିଲାମାନେ ଶିକ୍ଷାରୁ ବଞ୍ଚିତ ରହୁଛନ୍ତି। ସମସ୍ୟା ସମାଧାନ ନ ହେଲେ ଅଗାମୀ ଦିନରେ ଜିଲ୍ଲାପାଳ କାର୍ଯ୍ୟାଳୟରେ ଧାରଣା ଦେବେ ୧୩ ଖଣ୍ଡ ଗାଁ ଲୋକେ ବୋଲି ଧମକ ଦେଇଛନ୍ତି।

# ମହାପ୍ରଭୁଙ୍କ ପତାକା ଲାଗି ନୀତି



ନବରଙ୍ଗପୁର,୨୮।୪ (ସମିସ): ବୈଶାଖ ଶୁକ୍ଳ ବଡ ଏକାଦଶୀ ନୀତି ପାଳନ ଅବସରରେ ନବରଙ୍ଗପୁର ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗ ପକ୍ଷରୁ ନବରଙ୍ଗପୁର ଶ୍ରୀଜୀଉଙ୍କ ବଡ ଏକାଦଶୀ ନୀତି, ଶ୍ରୀ ସତ୍ୟନାରାୟଣ ପୂଜା ହୋମ ନୀତି ସହିତ ମହାପ୍ରଭୁଙ୍କ ପତିତପାବନ ପତାକା ଲାଗି ନୀତି ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ବଡି ଭୋରରୁ ଶ୍ରୀଜୀଉଙ୍କ ଦ୍ୱାର ଫିଟା ନୀତି ସମ୍ପନ୍ନ ହେବାପରେ ସୂର୍ଯ୍ୟପୂଜା ଆଦି ନୀତି ସମ୍ପୂର୍ଣ୍ଣ ହେବାପରେ ଆରମ୍ଭ ହୋଇଥିଲା ଶ୍ରୀଜୀଉଙ୍କ ବଡ଼ ଏକାଦଶୀ ପୂଜା ହୋମ୍ ଓ ନିତିକାନ୍ତି। ଏହି ଅବସରରେ ଆଜି ନବରଙ୍ଗପୁର ଶ୍ରୀ ଜଗନ୍ନାଥ ମନ୍ଦିର ଓ ନୀତି ପରିଚାଳନା ନିଯୋଗ ମୁଖ୍ୟ ଉପଦେଷ୍ଟା ତଥା ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀ ସତ୍ୟନାରାୟଣଙ୍କ ବ୍ରତ ଓ ପୂଜାହୋମ ନୀତି ସହିତ ଶ୍ରୀ ସତ୍ୟନାରାୟଣଙ୍କ ପୂଜା ଏବଂ ବ୍ରତ କଥା ଆଦି ନୀତି ସରିବା ପରେ ହୋମ ଯଜ୍ଞ ଆଦି ନୀତି ଆରମ୍ଭ ହୋଇଥିଲା। । ସନ୍ଧ୍ୟାରେ ଶ୍ରୀଜୀଉଙ୍କ ସନ୍ଧ୍ୟା ଆରତି ସମ୍ପୂର୍ଣ୍ଣ ହେବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମନ୍ଦିର ପରିସରରେ ଏକାଦଶୀ ବେଢ଼ା ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଏକାଦଶୀ ବେଢ଼ା ନୀତି ସମ୍ପୂର୍ଣ୍ଣ ହେବ ପରେ ଶ୍ରୀମନ୍ଦିର ଶିଖର ଦେଶରେ ପତିତପାବନ ପତାକା ଲାଗି ନୀତି ଅନୁଷ୍ଠିତ ହୋଇଥିଲା। ଏହା ପରେ ଶ୍ରୀ ସତ୍ୟନାରାୟଣଙ୍କ ପୂର୍ଣ୍ଣାହୁତି ଏବଂ ଏହାପରେ ଆରତୀ ଏବଂ ପୁଷ୍ପାଞ୍ଜଳି ନୀତି ସମ୍ପନ୍ନ ହୋଇଥିଲା। "ଆଜିର ଏହି ବଡ ଏକାଦଶୀ ନୀତି ମନ୍ଦିର ପରିସରରେ ବହୁ ପରିମାଣରେ ଜଗନ୍ନାଥ ପ୍ରେମୀ ମହିଳା ପୁରୁଷ ଯୁବକ ଯୁବତୀ ଉପସ୍ଥିତ ରହି ପତାକା ଲାଗି ନୀତି ମହା ଆନନ୍ଦର ସହିତ ଦର୍ଶନ କରିଥିଲେ। ଆଜିର ଏହି ସମସ୍ତ ପୂଜା ନୀତି କାନ୍ତିରେ ରାଜ ପୁରୋହିତ ତଥା ଶ୍ରୀ ଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ମୁଖ୍ୟ ଉପଦେଷ୍ଟା ନରସିଂହ ନାଥ ତ୍ରିପାଠୀଙ୍କ ସମେତ ଶ୍ରୀଜଗନ୍ନାଥ ମନ୍ଦିର ପୂଜକ ଭାବରେ ଜଗନ୍ନାଥ ବ୍ରହ୍ମା, ଲକ୍ଷ୍ମୀ ମନ୍ଦିର ପୂଜକ ରବୀନ୍ଦ୍ର କୁମାର ଶତପଥୀ, ସୁଧୀର କୁମାର ଶତପଥୀ, ସୁମିତ କୁମାର ପାଳ, ପପୁ ତ୍ରିପାଠୀ, ଶ୍ରୀ ଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ସଭାପତି ନରେଶ କୁମାର ତ୍ରିପାଠୀ, ଉପ ସଭାପତି ଦୁର୍ଗା ତ୍ରିପାଠୀ, ନିଯୋଗ ସମ୍ପାଦକ କୁନା ପାତ୍ର, ନିଯୋଗ ସଦସ୍ୟ ତ୍ର୍ୟାନଥ ତ୍ରିପାଠୀ, ସି ଏଚ ଚିଟିବାବୁ, ଦାମୋଦର ଚୌଧୁରୀ, ବଦ୍ରି ନାରାୟଣ ତ୍ରିପାଠୀ ଜଗନ୍ନାଥ ଦାସ, ନରସିଂହ ନାୟକ, ମୀନ ନାୟକ, ଚୈତନ୍ୟ ନାୟକଙ୍କ ସମେତ ବହୁ କୀର୍ତ୍ତନ ମଣ୍ଡଳୀ ସଦସ୍ୟ ଏବଂ ନିଯୋଗର ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟ ଓ ବହୁ ପରିମାଣରେ ଜଗନ୍ନାଥ ପ୍ରେମୀ ଉପସ୍ଥିତ ରହି ମହାପ୍ରଭୁଙ୍କ ପତାକା ଲାଗି ନୀତି ଦର୍ଶନ କରିଥିଲେ।

# ମାଳିପୁଟରେ ୩୦ ଜଣଙ୍କ ଚକ୍ଷୁ ପରୀକ୍ଷା



ପଟ୍ଟାଙ୍ଗି,୨୮।୪(ସମିସ): କୋରାପୁଟ ଜିଲ୍ଲାରେ ଥିବା ଭ୍ରାମ୍ୟମାଣ ଦୃଷ୍ଟି କେନ୍ଦ୍ର ପକ୍ଷରୁ ପଟ୍ଟାଙ୍ଗି ବ୍ଲକ ମାଳିପୁଟ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ମଙ୍ଗଳବାର ଏକ ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ ହୋଇଥିବା ଏହି ଶିବିରରେ ମାଳିପୁଟ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶିବିରରେ ଯୋଗ ଦେଇଥିଲେ। ସରକାରଙ୍କ ଏହି ଯୋଜନାରେ ମୋତିଆବିନ୍ଦୁ ରୋଗୀଙ୍କ ମାଗଣା ଅସ୍ତ୍ରୋପଚାର ବ୍ୟବସ୍ଥା ରହିଛି। ପଟ୍ଟାଙ୍ଗି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶାନ୍ତନୁ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶିବିରରେ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ଚିକିତ୍ସା ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଏଠାରେ ୩୦ଜଣ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୧୨ଜଣଙ୍କ ଠାରେ ମୋତିଆବିନ୍ଦୁ ଚିହ୍ନଟ ସହିତ ଦୃଷ୍ଟିଦୋଷ ଥିବା ୪ଜଣ ବ୍ୟକ୍ତିଙ୍କ ଚଷମା ପରୀକ୍ଷା ହୋଇଥିଲା। ଅନ୍ୟ ୨ଜଣଙ୍କୁ ପଟ୍ଟାଙ୍ଗି ରେଫର କରାଯାଇଥିଲା। ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ ସହିତ ରକ୍ତ ଶର୍କରା ଓ ରକ୍ତଚାପ ପରୀକ୍ଷା ମଧ୍ୟ ହୋଇଥିଲା। ବିପିଏମ ମଧୁଲିକା ପାଢ଼ୀ ଓ ପିଏଚଇଓ ଆରତୀ ଗୁଡ଼ିଆଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ସିଏଚଓ ରାଜନନ୍ଦିନୀ ପାଣିଗ୍ରାହୀ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟକର୍ମୀ ପ୍ରତିମା ଗିରେମ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଆଶାକର୍ମୀ ରଶ୍ମିତା ମାଳି, ଗୁଣମତି ଖରା, ଲଳିତା ଖରା, ଲକ୍ଷ୍ମୀ ପ୍ରଧାନ, ସୀମାଦ୍ରି କନ୍ୟା, କୌଶଲ୍ୟା ଖିଲ, ମିତୁଲା ତମାଲ, ଲଛମଣୀ ଗୁଣ୍ଟା, ପ୍ରମିଳା ଚେଟ୍ଟି ଓ କମଳି ଗୁଣ୍ଟା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଆଇନଜୀବୀ ଦିବସ ପାଳିତ



ସେମିଳିଗୁଡା, ୨୮।୪ (ସମିସ): ସେମିଳିଗୁଡା ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ଦିନ ସଂଘ କାର୍ଯ୍ୟାଳୟ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଏବଂ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଓକିଲ ସଂଘ ପକ୍ଷରୁ ପ୍ରଥମେ ମଧୁବାବୁଙ୍କ ପ୍ରତିମୂର୍ତ୍ତ ପୁଷ୍ପମାଲ୍ୟ ଅର୍ପଣ ପରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସଭାପତି ସନ୍ତୋଷ କୁମାର ଦାସ ସଭାପତିତ୍ୱ କରିଥିଲେ। ଏହି ଅବସରରେ 'ଆଧୁନିକ ଯୁଗରେ ମଧୁ ବାବୁ: ଦୃଷ୍ଟି, ବିକାଶ ଏବଂ ଯୁବ ପ୍ରେରଣା' ଉପରେ ବିଶେଷ ଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ରୂପେ ଜିଲ୍ଲା ଏବଂ ସେସନ୍ସ ଜଜ୍, କୋରାପୁଟ, ଜୟପୁର ବିଚାରପତି ପ୍ରଦୀପ କୁମାର ମହାନ୍ତ, ସମ୍ମାନିତ ଅତିଥି ଭାବେ ସିଭିଲ ଜଜ ଜୁନିୟର ଡିଭିଜନ ଓ ସେମିଳିଗୁଡା ଜେଏମ୍ଏଫ୍ସି ବିଚାରପତି ଆକାଶ ମହାପାତ୍ର, ସେମିଳିଗୁଡ଼ା ନୟାଧିକାରୀ ଶ୍ରୁତକୀର୍ତ୍ତି ଆଚାର୍ଯ୍ୟ, ରାଜ୍ୟ ବାର୍ ପରିଷଦ, ଓଡ଼ିଶା ସଦସ୍ୟ ପି. ରମେଶ କୁମାର ପାତ୍ର ଏବଂ ମୁଖ୍ୟ ବକ୍ତା ଭାବେ ସେମିଳିଗୁଡା ତହସିଲଦାର ଦେବବ୍ରତ କରାତି ଯୋଗ ଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ସ୍ୱାଧୀନତା ସଂଗ୍ରାମ ଏବଂ ଦଳିତ ନିଷ୍ପେସିତ ଓଡିଆଙ୍କୁ ସେବା ଯୋଗାଇ ଦେବାରେ ମଧୁବାବୁଙ୍କ ଅବଦାନ ଉପରେ ଆଲୋକପାତ କରିବା ସହ ଜଣେ ଆଇନଜ୍ଞ ଭାବରେ ମଧୁବାବୁଙ୍କ ଦକ୍ଷତା ସମଗ୍ର ଆଇନଜୀବୀଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ଓକିଲ ସଂଘର ସମ୍ପାଦକ ଚିତ୍ତରଞ୍ଜନ ମହାରଣା, ଉପସଭାପତି ଜେ.ପ୍ରସାଦଙ୍କ ସମେତ ବରିଷ୍ଠ ଆଇନଜୀବୀ ପୀତାମ୍ବର ସାହୁ, କୃତିବାସ ରାଉତ,ସୂର୍ଯ୍ୟ ନାରାୟଣ ପଣ୍ଡା, ସରୋଜ ପଣ୍ଡା, ଯୁଧିଷ୍ଠିର ଉପାଧ୍ୟାୟ, ରମେଶ, ଦାମ, ରାଜେଶ, ସୁବମ, ଅଶ୍ୱିନୀ, ଦିଲୀପ ମହାପାତ୍ର, ଦିଲୀପ ମିଶ୍ର, ରଜନୀ ବେହେରା, ସୁରେନ୍ଦ୍ର ଖରା, ସୌଭଗିନି ପରିଜା, ସବିତା କୁଣ୍ଡିଆ, ଲକ୍ଷ୍ମୀ ନାୟକ, ସତ୍ୟ ପାଢ଼ୀ, ରଞ୍ଜନ ଜେନା, ସୀତାରାମ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶ୍ରୀ ଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକ କଳା ପରିଷଦର ସମାବେଶ



ନବରଙ୍ଗପୁର,୨୮।୪(ସମିସ):

ନବରଙ୍ଗପୁର ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ଶ୍ରୀଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକ କଳା ପରିଷଦ ନବରଙ୍ଗପୁର ଶାଖା ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲା ଶାଖା ସମ୍ପାଦକ ବାବୁ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହାସମାବେଶରେ ମୁଖ୍ୟ ଅତିଥି ଭାବରେ ବୃନ୍ଦାବନରୁ ଆସିଥିବା ଅଭିଷେକ ପାଠକ ମହାରାଜ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବରେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ। ଆଜି ସହର ସାରା ଯେଉଁ ପ୍ରକାର ଆଧାତ୍ମିକ ପରିବେଶ ରହିଥିଲା, ଲାଗୁଥିଲା ଯେପରି ଆଜି ସ୍ୱଙ୍ଗ ରାମ, କୃଷ୍ଣ ମହାପ୍ରଭୁ ନବରଙ୍ଗପୁର ଧରାପୃଷ୍ଠକୁ ଓହ୍ଲାଇ ଆସିଛନ୍ତି। କୀର୍ତ୍ତନ ମଣ୍ଡଳୀଙ୍କ ଏହି ଜନସମୁଦ୍ର ଦେଖି ଏକ ପ୍ରକାର ଭାବବିହ୍ୱଳ ହୋଇ ପଡ଼ିଥିଲେ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀ ମାଝୀ। ଏହି ଅବସରରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀ, ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀ ଏ ନେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ପଣ୍ଡିତ ଗୁପ୍ତେଶ୍ୱର ଷଡ଼ଙ୍ଗୀ, ସର୍ବେଶ୍ୱର ପାତ୍ର, ନବରଙ୍ଗପୁର ଜିଲ୍ଲା ଶାଖା ସଭାପତି ଅର୍ଜୁନ ଭତରା ପ୍ରମୁଖଙ୍କ ସମେତ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଆସିଥିବା ମହନ୍ତ ମହାରାଜ ବହୁ ପ୍ରବଚକ ଏବଂ ଜିଲ୍ଲାରୁ ଆସିଥିବା ବହୁ ସଂକୀର୍ତ୍ତନ ମଣ୍ଡଳୀର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ସମାବେଶ କାର୍ଯ୍ୟକ୍ରମ ଶେଷରେ କୋଷାଧକ୍ଷ ରାମ ମୋହନ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଏହି ସମାବେଶ ପ୍ରାରମ୍ଭରେ ପ୍ରଥମେ ନବରଙ୍ଗପୁର ଚାମୂରିଆ ଗୁଡା ମନ୍ଦିର ଠାରୁ ଜିଲ୍ଲାର ୧୦ ଗୋଟି ବ୍ଲକ୍ରୁ ଆସିଥିବା ବହୁ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ନବରଙ୍ଗପୁର ଆର୍ସିଡି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ପହଞ୍ଚିବା ପରେ ସେଠାରେ ଏକ ଜିଲ୍ଲା ସ୍ତରୀୟ ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୦ ଗୋଟି ବ୍ଲକ୍ରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀର ଶତାଧିକ କର୍ମକର୍ତ୍ତା ଏବଂ ସଦସ୍ୟ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।




# ଆଡଭୋକେଟ୍ ସୁରକ୍ଷା ଆଇନ ପାଇଁ ଗର୍ଜିଲେ ଆଇନଜୀବୀ

ଉମରକୋଟ,୨୮।୪(ସମିସ): ଉମରକୋଟ ବାର ଆସୋସିଏସନ୍ରେ ଆଇନଜୀବୀ ଦିବସ ପାଳନ ଅବସରରେ ଏକତା, ମର୍ଯ୍ୟାଦା ଓ ସୁରକ୍ଷା ନେଇ ଜୋରଦାର ସ୍ୱର ଉଠିଲା। ବରିଷ୍ଠ ଆଇନଜୀବୀ ଅର୍ଜୁନ ନାୟକ, ଝାଡେଶ୍ୱର ମହାନ୍ତି ଓ ଗବିନ୍ଦ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା। ବାର ସଚିବ କୃଷ୍ଣ ନନ୍ଦ ମଧୁସୂଦନ ଦାସଙ୍କ ଆଦର୍ଶକୁ ସ୍ମରଣ କରି ଯୁବ ଆଇନଜୀବୀଙ୍କୁ ସତ୍ୟନିଷ୍ଠା ଓ ସମାଜସେବାର ପଥରେ ଅଗ୍ରସର ହେବାକୁ ଆହ୍ୱାନ କରିଥିଲେ। ବରିଷ୍ଠ ଆଇନଜୀବୀ ସରୋଜ ଅଗସ୍ତି କହିଲେ, ଆଇନଜୀବୀମାନଙ୍କ ସମ୍ମାନ ରକ୍ଷା ହେଉଛି ନ୍ୟାୟ ବ୍ୟବସ୍ଥାର ମୂଳ ଆଧାର। କୌଣସି ଅନ୍ୟାୟ ଆଚରଣକୁ ଏକତାବଦ୍ଧ ଭାବେ ପ୍ରତିହତ କରିବା ଆବଶ୍ୟକ। ବଢୁଥିବା ହରାସମେଣ୍ଟ ଓ ସୁରକ୍ଷା ସମସ୍ୟା ପ୍ରତି ଗଭୀର ଚିନ୍ତାବ୍ୟକ୍ତ କରିବା ସହିତ ଆଡଭୋକେଟ ସୁରକ୍ଷା ଆଇନ ଶୀଘ୍ର ଲାଗୁ କରିବାକୁ ସରକାରଙ୍କୁ ଦୃଢ ଦାବି କରାଯାଇଥିଲା। କାର୍ଯ୍ୟକ୍ରମରେ ସଭାପତି ଅରୁଣ ପଟ୍ଟନାୟକ, ଉପସଭାପତି ଶଙ୍କର ଦେୟ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ସମସ୍ତ ଆଇନଜୀବୀ ଏକତାବଦ୍ଧ ରହି ପେଶାର ଗୌରବ ଓ ନୀତିମାନ ମୂଲ୍ୟବୋଧ ରକ୍ଷା ପାଇଁ ସଙ୍କଳ୍ପ ଗ୍ରହଣ କରିଛନ୍ତି।

# କୋରାପୁଟ ଜିଲ୍ଲାପାଳଙ୍କ ସେମିଳିଗୁଡା ଗସ୍ତ



ସେମିଳିଗୁଡା, ୨୮।୪ (ସମିସ):

କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମଙ୍ଗଳବାର ଦିନ ସୁନାବେଡା ପୌରାଞ୍ଚଳ ଗସ୍ତ କରି ସୁନାବେଡ଼ା ଓ ସେମିଳିଗୁଡା ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ୱାର୍ଡ-୨ ର ଗୋଟିଏ ପାର୍କ, ୱାଇ ଜୋନ ପାର୍କରେ ମ୍ୟୁଜିକଲ୍ ୱାଟର ପାର୍କ ନିର୍ମାଣ, ଉନ୍ନତିକରଣ, କିଛି ଦୋକାନଗୁଡିକ ନିର୍ମାଣ କରିବା ପାଇଁ, ଭେଣ୍ଡିଙ୍ଗ ଜୋନ ନିକଟରେ ବିଶାଳ ଜାତୀୟ ପତାକା ଅବସ୍ଥାପନା, ସେମିଳିଗୁଡା ବସଷ୍ଟାଣ୍ଡରେ ଅନ୍ୟ ଏକ ରାସ୍ତାର ନିର୍ମାଣ, କୋଡ଼ିଙ୍ଗାରେ ଏକ ମିନି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରି ଉକ୍ତ ଉନ୍ନୟନମୂଳକ କାର୍ଯ୍ୟକୁ ତୁରନ୍ତ ଶେଷ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ଆଦେଶ ଦେଇଥିଲେ। ସୁନାବେଡାର ବିଭିନ୍ନ ୱାର୍ଡରେ ଚାଲୁଥିବା ଉନ୍ନୟନ କାମ ତଦାରଖ କରିଥିଲେ। ନିର୍ଦ୍ଧାରିତ ସମୟରେ କାମ ଶେଷ କରିବା ପାଇଁ ପୌର ପରିଷଦର ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେମିଳିଗୁଡାର ଭେଣ୍ଡିଂ ଜୋନ, ନୂଆ ବସ୍ଷ୍ଟାଣ୍ଡ କୋଡ଼ିଗାଁ ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ ସହ ପୌର ପରିଷଦ ଅଧକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର, ସେମିଳିଗୁଡା ତହସିଲଦାର ଦେବବ୍ରତ କରାଟି ଓ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ।

# ପାଞ୍ଚ ବର୍ଷ ବିତିଲା, ସରୁନି ଏକଲବ୍ୟ ବିଦ୍ୟାଳୟ କାମ



**➤ ଜୁଲାଇ ସୁଦ୍ଧା ଆରମ୍ଭ ନ ହେଲେ ଆନ୍ଦୋଳନ**

**➤ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ତଦନ୍ତ କଲେ ଜିଲ୍ଲାପାଳ**

ବୈପାରୀଗୁଡ଼ା,୨୮।୪(ସମିସ): ଉପାନ୍ତ ଅଞ୍ଚଳର ଆଦିବାସୀଙ୍କୁ ସ୍ୱପ୍ନ ଦେଖାଇଥିଲେ ସରକାର। କହିଥିଲେ ଆବାସିକ ବିଦ୍ୟାଳୟ ସ୍ଥାପନ ହେବ। ଆଦିବାସୀ ଛାତ୍ରଛାତ୍ରୀ ଉନ୍ନତମାନର ଶିକ୍ଷା ଲାଭ କଲେ ଅଞ୍ଚଳର ବିକାଶ ହେବ, କିନ୍ତୁ ସ୍ୱପ୍ନ ସାକାର ହେବାରେ ବାଧକ ସାଜିଛି ବିଦ୍ୟାଳୟ କୋଠା ନିର୍ମାଣ କାମ। ପାଞ୍ଚ ବର୍ଷ ବିତିଲା, ତଥାପି ସରିଲା ନାହିଁ ନିର୍ମାଣ କାମ। କଚ୍ଛପ ଗତିରେ ନିର୍ମାଣ କାମକୁ ନେଇ ହନ୍ତସନ୍ତ ହେଉଛନ୍ତି କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ୍ବାସୀ। ଏହି ସମସ୍ୟା ନେଇ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟିଛନ୍ତି ଏବଂ ସମସ୍ୟା ସମାଧାନ ନ ହେଲେ ଅଗାମୀ ଦିନରେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି। ବୈପାରୀଗୁଡା ବ୍ଲକ କୋଲାର ପଞ୍ଚାୟତର ଟାଙ୍ଗିଣୀଗୁଡା ଠାରେ ଗତ ୨୦୨୧ ମସିହାରେ କେନ୍ଦ୍ର ସରକାର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ତତ୍କାଳୀନ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଶିଳାନ୍ୟାସ ଫଳକ ସ୍ଥାପନ କରିଥିଲେ। ସ୍କୁଲ ପାଇଁ ୧୫ ଏକରରୁ ଅଧିକ ଜମି ଅଧିଗ୍ରହଣ ମଧ୍ୟ ହୋଇଥିଲା। ଏଥିପାଇଁ ୨୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ବିଦ୍ୟାଳୟ ନିର୍ମାଣ କାମ ଆରମ୍ଭ ହେଲା। କିନ୍ତୁ ପାଞ୍ଚ ବର୍ଷ ବିତିଲା, ତିଥାପି ଆଦର୍ଶ ଆବାସିକ ବିଦ୍ୟାଳୟର ନିର୍ମାଣ କାମ ସରୁନି। ସେପଟେ ମଙ୍ଗଳ ବିଭାଗର ଅଜବ ନୀତି। ଯାହାକି ବୈପାରୀଗୁଡ଼ା ଏକଲବ୍ୟ ବିଦ୍ୟାଳରେ ପିଲାଙ୍କ ନାଁ ଲେଖାଯାଉଛି। କିନ୍ତୁ ପିଲାମାନେ ପାଠ ପଢୁଛନ୍ତି ସତୁରି କିଲୋମିଟର ଦୂରରେ ଥିବା କୋଟପାଡ଼ ଏକଲବ୍ୟ ବିଦ୍ୟାଳୟରେ। ବ୍ଲକର ୧୨୦ ଆଦିବାସୀ ପିଲା କୋଟପାଡ଼ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ପଢୁଛନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଅଭିଭାବକ। ଏଥିଲାଗି ଗତକାଲି ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଜନ ଶୁଣାଣିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଜିଲ୍ଲାପାଳ ଟାଙ୍ଗିଣୀଗୁଡା ଏକଲବ୍ୟ ବିଦ୍ୟାଳୟକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଯଥାସମ୍ଭବ ଅତି ଶୀଘ୍ର ଆରମ୍ଭ ହେବ ବୋଲି ଗାଁ ଲୋକଙ୍କୁ ପ୍ରତିଶୃତି ଦେଇଛନ୍ତି। ସେପଟେ ଅଭିଭାବକମାନେ ଜୁଲାଇ ଚାରି ତାରିଖ ସୁଦ୍ଧା ବିଦ୍ୟାଳୟ ଆରମ୍ଭ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ଶୁଖିବାକୁ ବସିଲାଣି ଗଙ୍ଗାହାର ଓ ବୁଢ଼ାବଳଙ୍ଗ ନଦୀ

# ଖସୁଛି ଜଳସ୍ତର; ନଳକୂପରୁ ବାହାରୁନି ପର୍ଯ୍ୟାପ୍ତ ପାଣି

ବଡ଼ସାହି, ୨୮।୪(ସମିସ)




ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ। ସୃଷ୍ଟି ଆରମ୍ଭ ପାଇଁ ଜଳର ଆବଶ୍ୟକତା ଯେତିକି, ସୃଷ୍ଟିର ବିନାଶ ପାଇଁ ମଧ୍ୟ ଜଳ ହିଁ କାରଣ ସାଜିବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ଗୋଟିଏ ପଟେ ଜଳସ୍ତର ହ୍ରାସକୁ ରୋକାଯାଇ ପାରୁ ନ ଥିବାବେଳେ ଅନ୍ୟପଟେ ବର୍ଷା ଓ ବନ୍ୟାର ଉଦ୍‌ବୃତ୍ତ ଜଳକୁ ବହୁ ଚେଷ୍ଟା ପରେ ମଧ୍ୟ ସଠିକ୍ ଭାବେ ନିୟନ୍ତ୍ରଣ କିମ୍ବା ସଂରକ୍ଷଣ କରାଯାଇପାରୁନାହିଁ। ବୃକ୍ଷଲତା, ପଶୁପକ୍ଷୀ, ଜୀବଜନ୍ତୁ ଓ ମଣିଷର ଶୋଷ ମେଣ୍ଟାଉଥିବା ଜଳ ଆଜି ସଂକଟରେ କହିଲେ ଅତ୍ୟୁକ୍ତି ହେବ ନାହିଁ। ପିଇବା ପାଣି ସଙ୍କଟରୁ ବର୍ତ୍ତିବା ପରିବର୍ତ୍ତେ ମଣିଷ, ସମାଜ, ଦେଶ ଦେଶ ଓ ରାଜ୍ୟ ରାଜ୍ୟ ମଧ୍ୟରେ ଜଳକୁ ନେଇ ବିବାଦ ଓ ବ୍ୟବସାୟ ଆରମ୍ଭ ହୋଇ କୋର୍ଟ ପର୍ଯ୍ୟନ୍ତ ମଧ୍ୟ ପହଞ୍ଚିଛି। ମହାନଦୀ ବିବାଦ ମଧ୍ୟ ଆଜି ପର୍ଯ୍ୟନ୍ତ ତୁଟିପାରୁନାହିଁ। ତେଣୁ ଆଗାମୀ ଦିନରେ ଜଳର ଆବଶ୍ୟକତା, ବ୍ୟବହାର ଓ ସଂରକ୍ଷଣ, କଟକଣା ସମ୍ପର୍କରେ ଜନସଚେତନତା ସୃଷ୍ଟି ନ ହେଲେ ଆଗାମୀ ଦିନରେ ଜଳ ସଂକଟ ଭୟାବହ ପରିସ୍ଥିତି ସୃଷ୍ଟି କରିବ। ସରକାର ଏଥିପାଇଁ ବିଭିନ୍ନ ଯୋଜନା ପ୍ରଣୟନ କଲେ ମଧ୍ୟ ତାହା ସଫଳ ହୋଇପାରୁନାହିଁ। ଏବେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବାବେଳେ ଗଙ୍ଗାହାର, ବୁଢ଼ାବଳଙ୍ଗ ନଦୀ ଶୁଖିବାକୁ ବସିଲାଣି। ଫଳରେ ବଡ଼ସାହି ବ୍ଲକ ଅଞ୍ଚଳରେ ଜଳସ୍ତର ହ୍ରାସ ପାଉଛି। ଲୋକେ ପିଇବା ପାଣି ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେବେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବ, ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

ବଡ଼ସାହି ବ୍ଲକରେ ୩୦ଟି ପଞ୍ଚାୟତର ୨୨୪ଟି ରାଜସ୍ୱ ଗ୍ରାମ ରହିଛି। ଏହାର ଭୌଗୋଳିକ ସ୍ଥିତି ମଧ୍ୟ ବିଚିତ୍ର। ଅଧିକାଂଶ ପଞ୍ଚାୟତ ବଣ, ପାହାଡ଼ ଘେରା ଶିମିଳିପାଳ ସଂଲଗ୍ନରେ ଅବସ୍ଥିତ। ଯେଉଁଠି ଖରାଦିନ ଆରମ୍ଭ ହେବା ମାତ୍ରେ ପାଣି ପାଇଁ ହାହାକାର ସୃଷ୍ଟି ହୁଏ। ଗୁଡିଆଳବନ୍ଧ, ଟଙ୍ଗାଶୋଳ, ଯଦୁନାଥପୁର, ପିସିପୁର, ସାନକେରକୋ, ଦେଉଳିଆ, ବଡ଼ସାହି, ବଳଭଦ୍ରପୁର, ଶିଆଳିଘାଟୀ, ପାଉଁଶିଆ ଓ ବିରେଶ୍ୱରପୁର ପଞ୍ଚାୟତରେ ପାଣି ପାଇଁ ଭୟାବହ ପରିସ୍ଥିତି ସୃଷ୍ଟି ହେଲାଣି। ଏସବୁ ପଞ୍ଚାୟତରେ ଅଧିକାଂଶ କୂଅ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବାବେଳେ ନଳକୂଅରୁ ପାଣି ବାହାରୁନାହିଁ। ଯେଉଁ ନଳକୂପରୁ ପାଣି ବାହାରୁଛି, ତାହା ମଧ୍ୟ ଲୁହାଗୁଣ୍ଡ ମିଶା ପାଣି। କିଛି ପଞ୍ଚାୟତରେ ଜଳଯୋଗାଣ ପ୍ରକଳ୍ପ ଥାଇ ମଧ୍ୟ ତାହା ପଞ୍ଚାୟତର ସବୁ ଅଞ୍ଚଳକୁ ପାଣି ଯୋଗାଇପାରୁନାହିଁ। ଫଳରେ ଖରାଦିନ ଆସିଲେ ସେହି ଅଞ୍ଚଳର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆରମ୍ଭ ହେବାକୁ ଯାଉଥିବା ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏହା କେତେ ମାତ୍ରାରେ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବ, ତାହା ସମୟ କହିବ।

ଏତଦ୍‌ବ୍ୟତୀତ ଏହି ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ଗଙ୍ଗାହାର ଓ ବୁଢ଼ାବଳଙ୍ଗ ନଦୀ ଶୁଖିବାକୁ ବସିଥିବାବେଳେ ମଣତ୍ରୀ କୁଣ୍ଡି, ରଜାବନ୍ଧ, ପାଉଁଶିଆ ବନ୍ଧ ଓ ମାଧବୀ ନାଳର ଜଳସ୍ତର ବହୁ ମାତ୍ରାରେ କମିଥିବା ଦେଖାଯାଇଛି। ଯାହାକି ଏ ଅଞ୍ଚଳର ଜଳ ସଂକଟ ପରିସ୍ଥିତିକୁ ଦ୍ୱିଗୁଣିତ କରିଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ବ୍ଲକ ଅଞ୍ଚଳରେ ଏନ୍ଆରଇଜିଏସ୍ ଯୋଜନା ସହସ୍ରାଧିକ ଫାର୍ମପଣ୍ଡ ଖୋଳାଯାଇଛି। ମାତ୍ର କାର୍ଯ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବାରୁ ସେଗୁଡିକ ମାର୍ଚ୍ଚ ମାସରୁ ଶୁଖିଗଲାଣି। ତେଣୁ ଏ ସମସ୍ତ ବିଷୟ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଜଳ ସମସ୍ୟାର ମୁକାବିଲା କରିବା କଷ୍ଟକର ହେବ ବୋଲି ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ରଣଜିତ ଦାସ ପ୍ରକାଶ କରିଛନ୍ତି। ସେହିପରି ମେଗା ଜଳସେଚନ ଯୋଜନା କାର୍ଯ୍ୟକାରୀ ହେବାରେ ଅହେତୁକ ବିଳମ୍ବ ହେଉଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ଏହା କେବଳ ପାଇପ ବିଛାରେ ସୀମିତ ଅଛି। ଟାଙ୍କି ନିର୍ମାଣ ପୂର୍ବ ସରକାରରେ ଯାହା ଥିଲା ସେଇ ଅବସ୍ଥାରେ ପଡ଼ିରହିଛି। ଫଳରେ ଏହି ଯୋଜନା ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ବଡ଼ସାହି ବ୍ଲକରେ ୩ ହଜାରରୁ ଊର୍ଦ୍ଧ୍ୱ ନଳକୂପ ରହିଛି। କିଛି ସ୍ଥାନରେ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଇବାକୁ ପ୍ରସ୍ତାବ ଥିବାବେଳେ ନଳକୂପ ଅଭିଯୋଗ ଆସିବା ମାତ୍ରେ ଆବଶ୍ୟକୀୟ ମରାମତି କାର୍ଯ୍ୟ ମଧ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଉଥିବା ସେ ପ୍ରକାଶ କରିଛନ୍ତି।

### ଖୁଣ୍ଟା ବ୍ଲକରେ ଭୂତଳ ଜଳସ୍ତର ହ୍ରାସ

## ଅଧାରୁ ଅଧିକ ନଳକୂପ ଅଚଳ

**କୁଆଁମରା, ୨୮ ।୪ (ସମିସ):** ପ୍ରଚଣ୍ଡ ରୌଦ୍ୟତାପ ଓ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଖୁଣ୍ଟା ବ୍ଲକରେ ଏପ୍ରିଲ ମାସରୁ ଭୂତଳ ଜଳ ସ୍ତର ହ୍ରାସ ପାଇଛି। ଏବେଠାରୁ ଅନେକ ପଞ୍ଚାୟତରେ ଉଦବେଗଜନକ ପରିସ୍ଥିତି ଦେଖାଦେଲାଣି। ଭୂତଳ ଜଳସ୍ତର ହ୍ରାସ ପାଇବା ଯୋଗୁଁ ପ୍ରାୟ ୬୦ ପ୍ରତିଶତ ନଳକୂପ ପର୍ଯ୍ୟାପ୍ତ ପାଣି ଯୋଗାଇପାରୁନାହିଁ। ଫଳରେ ଆଗାମୀ ଦୁଇମାସ ପରିସ୍ଥିତି ଉତ୍କଟ ହେବା ଆଶଙ୍କା ରହିଛି।

ଉକ୍ତ ବ୍ଲକର ୧୪ଟି ପଞ୍ଚାୟତର ମୋଟ ୧୪୦୨ଟି ନଳକୂପ ସ୍ଥାପନ ହୋଇଛି। ତା'ଛଡ଼ା ଶୁଦ୍ଧ ପାନୀୟଜଳ ଯୋଗାଣ ନିମନ୍ତେ ବସୁଧା ଯୋଜନାରେ ୨୬ଟି ଗ୍ରାମରେ ପାନୀୟଜଳ ଯୋଗାଇ ଦିଆଯାଉଛି। ସେହିପରି ୧୧୯ଟି ସୌରଚାଳିତ ମାଧ୍ୟମରେ ପାନୀୟଜଳ ପାଇ ଲୋକେ ଉପକୃତ ହେଉଛନ୍ତି। ଗତକିଛି ସପ୍ତାହ ତଳେ କାଳବୈଶାଖୀ ପ୍ରଭାବରେ ୪/୫ଟି ସୋଲାର ଅଚଳ ହୋଇପଡ଼ିଥିବା ଜଣାଯାଇଛି। ଅଚଳ ହୋଇ ପଡ଼ିରହିଥିବା ପ୍ରକଳ୍ପ କିମ୍ବା ନଳକୂପକୁ ଯୁଦ୍ଧକାଳୀନ ଭିତ୍ତିରେ ସଜଡ଼ା ହେଉଥିବା ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଭବାନୀ ମହାନ୍ତ କହିଛନ୍ତି।

ତେବେ ଉକ୍ତ ବ୍ଲକ ପାହାଡ଼ିଆ ଓ ପଥୁରିଆ ଅଞ୍ଚଳ ହୋଇଥିବାରୁ ଗ୍ରୀଷ୍ମଋତୁ ଆରମ୍ଭରୁ ପାନୀୟ ଜଳ ସମସ୍ୟା ଲାଗି ରହିଥାଏ। କିଛିଦିନ ହେବ ଅଧାରୁ ଅଧିକ ନଳକୂପରେ ମଧ୍ୟାହ୍ନ ବେଳକୁ ପର୍ଯ୍ୟାପ୍ତ ପାଣି ଯୋଗାଇପାରୁନାହିଁ। ୫/୭ ବାଲଟି ପାଣି ନେବା ପରେ ଆଉ ନଳକୂପରୁ ପାଣି ବାହାରୁନାହିଁ। ସପ୍ତାହେ ହେବ ଉତ୍ତାପ ୪୦ ଡିଗ୍ରୀ ଉପରେ ରହୁଛି। ଏଣୁ ପାନୀୟଜଳ ସଂଗ୍ରହ ପାଇଁ ସକାଳ ୯ଟା ପର୍ଯ୍ୟନ୍ତ ପ୍ରାୟତଃ ନଳକୂପ ନିକଟରେ ଭିଡ଼ ଦେଖିବାକୁ ମିଳୁଛି। ଯଦି ଏଭଳି ଗ୍ରୀଷ୍ମ ପ୍ରବାହ ଜାରି ରହେ, ତେବେ ପାଣି ପାଇଁ ହାହାକାର ପଡ଼ିଯିବ। କେତେକ ସ୍ଥାନରେ ଚାଷ ଜମିରେ ସରକାରଙ୍କ ଯୋଜନାରେ ସେଲ୍‌ଫ ଖୋଳାଯାଇ ଚାଷ ହେଉଥିବାବେଳେ ଏବେ ତାହା ଘୋର ସଙ୍କଟ ଦେଖାଦେଲାଣି। ପାଣି ପାଇଁ ଏକର ଏକର ଜମିରେ ଚାଷ ବାଧାପ୍ରାପ୍ତ ଘଟିବ। ଉକ୍ତ ବ୍ଲକରେ ପାନୀୟଜଳ ସମସ୍ୟା ଦୂର ପାଇଁ ମେଗା ପ୍ରକଳ୍ପ ୨୦୨୨ରୁ ଆରମ୍ଭ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରିନାହିଁ। କାର୍ଯ୍ୟକ୍ଷମ ହେବାକୁ ପ୍ରାୟ ଆଉ ବର୍ଷେ ଲାଗିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ତେଣୁ ପାନୀୟଜଳ ସମସ୍ୟାର ସମାଧାନ କରାଯିବାକୁ ଦାବି ହେଉଛି।

## କାଳବୈଶାଖୀରେ ଭାଙ୍ଗିଲା ହୋର୍ଡିଂ



**ରାଇରଙ୍ଗପୁର, ୨୮।୪(ସମିସ):** ରାଇରଙ୍ଗପୁର ସହରରେ କାଳବୈଶାଖୀ ଯୋଗୁଁ ଅନେକ କ୍ଷୟକ୍ଷତି ହୋଇଛି। ମହୁଲଡିହାସ୍ଥ ନବନିର୍ମିତ ହୋଲି ଡେ ହୋମ ହୋର୍ଡିଂ ଭାଙ୍ଗିଯାଇଛି। ସନ୍ଧ୍ୟାରେ ଆସିଥିବା କାଳବୈଶାଖୀ ଯୋଗୁଁ ଅନେକ ମାତ୍ରାରେ ପବନ ବୋହିବା ସହ କୁଆପଥର ବର୍ଷା ହୋଇଥିଲା। ଫଳରେ ଏହା ଭାଙ୍ଗିଯାଇଛି। ତେବେ ଭାଗ୍ୟବଶତଃ ତଳକୁ ଖସି ନ ଥିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଲୋ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଇରଙ୍ଗପୁର ଗସ୍ତ ଅବସରରେ ଗତ ଫେବୃଆରୀ ମାସରେ ଏହାର ଉଦଘାଟନ ହୋଇଥିଲା। ତୁରନ୍ତ ଏହାର ମରାମତି କାର୍ଯ୍ୟ କରିବା ନିମନ୍ତେ ସାଧାରଣରେ ଦାବି ହୋଇଛି।

### ବିବାହ ପ୍ରସ୍ତାବରେ ରାଜି ନ ହେବାରୁ ଅଶ୍ଳୀଳ ଫଟୋ ଭାଇରାଲ

## ଥାନାରେ ଅଭିଯୋଗ କଲେ ଯୁବତୀ

**ରାଇରଙ୍ଗପୁର, ୨୮।୪(ସମିସ):** ବିବାହ ପ୍ରସ୍ତାବରେ ରାଜି ନ ହେବାରୁ ଯୁବତୀଙ୍କ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି। ଯାହାକୁ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଜଣେ ଯୁବତୀଙ୍କ ବିବାହ ନିମନ୍ତେ ଅନଲାଇନ ବିବାହ ଆପ୍ଲିକେସନରେ ଆଇଡି କରିଛନ୍ତି। ବ୍ରହ୍ମପୁର ଜିଲ୍ଲାର ଆସ୍କା ଥାନା ଅଞ୍ଚଳର ଶୁଭଶ୍ରୀ ମହାନ୍ତି ତାଙ୍କ ଭାଇଙ୍କ ବିବାହ ନିମନ୍ତେ ଯୋଗାଯୋଗ କରିଥିଲେ। ତେବେ ତାଙ୍କ ଭାଇ ଜଣେ ସରକାରୀ ଚାକିରିଆ ଓ ଭଦ୍ର ବ୍ୟକ୍ତି ବୋଲି ମିଥ୍ୟା କହି ଘନିଷ୍ଠତା ଯୋଡିଥିଲେ। କିଛିଦିନ ପରେ ଯୁବତୀ ଜଣଙ୍କ ସତ୍ୟାସତ୍ୟ ବାବଦରେ ଜାଣିଥିଲେ। ଯୁବକ ଜଣକ ଜଣେ ପେଶାଦାର ଆସାମୀ ବୋଲି ଜାଣିବାକୁ ପାଇଥିଲେ। ତେଣୁ ବିବାହ କରିବାକୁ ମନା କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଯୁବତୀ ଜଣକ ତାଙ୍କୁ ଅନେକ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାପରେ ବିବାହ ପ୍ରସ୍ତାବ ପାଇଁ ଯୁବତୀଙ୍କ ଦିଆଯାଇଥିବା ଫଟୋଗୁଡ଼ିକ ଏଡିଟିଂ କରି ଅଶ୍ଳୀଳ ଫଟୋ ପ୍ରସ୍ତୁତ କରିଥିଲେ। ସେଗୁଡ଼ିକ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଶିକ୍ଷାବିତ୍ ନନ୍ଦକୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା



**ବାରିପଦା, ୨୮ ।୪(ସମିସ):** ସ୍ଥାନୀୟ ୩ ନମ୍ବର ୱାର୍ଡରେ ବର୍ଷୀୟାନ ଶିକ୍ଷାବିତ୍ ଓ ସମାଜସେବୀ ନନ୍ଦକୁମାର ମହାପାତ୍ରଙ୍କ ୯୦ତମ ଜନ୍ମଦିନରେ ତାଙ୍କ ବାସଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଙ୍କ ନିସ୍ୱାର୍ଥପର ସେବା ଓ ସମାଜ ପ୍ରତି ଅଙ୍ଗୀକାରବଦ୍ଧତା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଏ ଅବସରରେ ତାଙ୍କ ନିରୋଗ ଜୀବନ ଓ ଶତାୟୁ ହେବାର ଶୁଭକାମନା କରାଯାଇଛି। ସେ ଶରତ ଚନ୍ଦ୍ର ବିଦ୍ୟାପୀଠର ପ୍ରଧାନଶିକ୍ଷକ ଥିଲେ। ଏଥିସହିତ ଶିକ୍ଷାର ବିକାଶ ପାଇଁ ଅନେକଗୁଡିଏ ଅନୁଷ୍ଠାନ ପ୍ରତିଷ୍ଠା ଦିଗରେ ତାଙ୍କ ଯୋଗଦାନ ରହିଛି। ବାରିପଦାରେ ବିଇଡି କଲେଜ ସ୍ଥାପନ, ପ୍ରାକଟିସିଂ ହାଇସ୍କୁଲ, ରଖାଲଗୋପ ହାଇସ୍କୁଲ, ୱାଲିଗଞ୍ଜର ଅରବିନ୍ଦ ସ୍କୁଲ ପ୍ରତିଷ୍ଠା ସହିତ ଅନେକଗୁଡିଏ ଶିକ୍ଷାନୁଷ୍ଠାନ ଗଢି ତୋଳିବାରେ ତାଙ୍କର ଯୋଗଦାନ ରହିଛି। ବାରିପଦା ସହରର ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ସେ ବାରିପଦା ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ସଂଘ ଗଠନ କରି ଏହାର ସଭାପତି ଭାବେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ରାଜ୍ୟ ସମବାୟ ଆନ୍ଦୋଳନର ଜଣେ ଅଗ୍ରଣୀ କର୍ମୀ। ଏହି କାର୍ଯ୍ୟକ୍ରମ ଅବସରରେ ପଟ୍ଟାବିହୀନ ବାସିନ୍ଦା ସଂଘର ସମ୍ପାଦକ କାହ୍ନୁଚରଣ ବେହେରା, ଅଧ୍ୟାପକ ଗୋପବନ୍ଧୁ, ଆଡଭୋକେଟ ରବି ଗୋସ୍ୱାମୀ, ଭାରତୀ ପାତ୍ର, ଶ୍ରୀମତୀ ବସୁନ୍ଧରା, କାଶୀନାଥ ମାହାନା, ନୃସିଂହ ଚରଣ ବାରିକ, ସିନିଗୋଲତା ମାଝୀ ଓ ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଶ୍ରୀମତୀ ତାରାମଣୀ ମହାପାତ୍ର, ସମ୍ପାଦକ ଉଜ୍ଜ୍ୱଳ କୁମାର ବେହେରା, ରାମଚନ୍ଦ୍ର ପଣ୍ଡା, ଅନୁପ ଗିରି, ପଙ୍କଜ ମହାନ୍ତି ଓ ନିରଞ୍ଜନ ମହାପାତ୍ର, ମହେଶ୍ୱର ବେହେରା, ଦେବେନ୍ଦ୍ର ପାତ୍ର, ପ୍ରିୟଜିତ ମଦିନା, ପ୍ରଫୁଲ୍ଲ ମହାନ୍ତି, ନିରଞ୍ଜନ ପାତ୍ର ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମୟୂରଭଞ୍ଜ ସ୍କୁଲ ଅଫ୍ ଇଞ୍ଜିନିୟରିଂରେ ବିଟେକ କୋର୍ସ ଆରମ୍ଭ

**ବାରିପଦା, ୨୮ ।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ତଥା ରାଜ୍ୟର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ମୟୂରଭଞ୍ଜ ସ୍କୁଲ ଅଫ ଇଞ୍ଜିନିୟରିଂ ତା'ର ଦୀର୍ଘ ୩୨ ବର୍ଷର ଡିପ୍ଲୋମା ଇଞ୍ଜିନିୟରିଂ ଓ + ୨ ବିଜ୍ଞାନ ଗୁଣାତ୍ମକ ଶିକ୍ଷାଦାନ ପରମ୍ପରାକୁ ଆଉ ଗୋଟିଏ ସୋପାନ ଆଗକୁ ନେଇ ଚଳିତ ଶିକ୍ଷାବର୍ଷ ୨୦୨୬-୨୦୨୭ରୁ ନୂତନ ଭାବେ ବିଟେକ ଶିକ୍ଷା ଆରମ୍ଭ କରିବାକୁ ଯାଉଛି ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ବ୍ୟକ୍ତ କରିଛନ୍ତି। ପ୍ରଥମ ବର୍ଷ ଏଠାରେ ବିଟେକ ମେକାନିକାଲ ଓ କମ୍ପ୍ୟୁଟର ବିଜ୍ଞାନ ବିଷୟରେ ଉପଲବ୍ଧ ହେବ। ଏହି ଏମଏସଇର ଗୁଣାତ୍ମକ ଶିକ୍ଷା, ଅଭିଜ୍ଞ ଶିକ୍ଷକ, ଉନ୍ନତ ଭିତ୍ତିଭୂମି ଓ ଉଚ୍ଚକୋଟୀର ପ୍ଲେସମେଣ୍ଟ ଆରମ୍ଭରୁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପ୍ରଥମ ପସନ୍ଦ ରହିଆସିଛି। ଏହି ବିଟେକ ଶିକ୍ଷା ପାଇଁ ପ୍ରସ୍ତୁତ କରାଯାଇଥିବା ଭିତ୍ତିଭୂମି ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ଦ୍ୱାରା ଅନୁମୋଦିତ ହୋଇଛି।

ବାରିପଦା ସହର ଉପକଣ୍ଠ ଲକ୍ଷ୍ମୀପୋଷିଠାରେ ସବୁଜ ବଳୟ ଓ ଶାନ୍ତ ପରିବେଶରେ ପ୍ରତିଷ୍ଠିତ ଏହି କଲେଜ ନିଶ୍ଚିତ ଭାବେ ପିଲାମାନଙ୍କୁ ବିଟେକ ପାଠପଢ଼ାର ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବ। ସ୍ଥାନୀୟ ମୟୂରଭଞ୍ଜ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ଉନ୍ନତମାନର ପାଠପଢ଼ା ଓ ପ୍ଲେସମେଣ୍ଟ ପାଇଁ ବାହାରକୁ ଯିବାର ଅବଶ୍ୟକତା ରହିବ ନାହିଁ। ଏହି ୨୦୨୫ -୨୦୨୬ ଶିକ୍ଷାବର୍ଷରେ ଅଦ୍ୟାବିଧ ୧୫ଟି ବହୁରାଷ୍ଟ୍ରୀୟ କମ୍ପାନୀ ଏହି କଲେଜକୁ ଆସି କ୍ୟାମ୍ପସ ଡ୍ରାଇଭ ଜରିଆରେ ପଢୁଥିବା ୨୭୨ ଜଣ ଡିପ୍ଲୋମା ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କୁ ଚାକିରି ପ୍ରଦାନ କରିଛନ୍ତି। ଏହି କମ୍ପାନୀ ଭିତରୁ ଟାଟା ପ୍ୟାସେଞ୍ଜର ଇଲେକ୍ଟ୍ରିକ ମୋବିଲିଟି, ଜିଇ ଏରୋସ୍ପେସ, ସିଏଟ ଟାୟାର, ୟୋକୋହାମା, ସେକ୍ଟମ ଇଲେକଟ୍ରୋନିକ୍ସ, ଆନନ୍ଦ ଗ୍ରୁପ, ସିଗମା ଇଞ୍ଜିନିୟରିଂ ଇତ୍ୟାଦି। କଲେଜରେ ଥିବା ବୃହତ ଲାଇବ୍ରେରୀ, କ୍ୟାଣ୍ଟିନ, ବିସ୍ତୀର୍ଣ୍ଣ ଖେଳପଡ଼ିଆ, ଛାତ୍ର ଓ ଛାତ୍ରୀ ନିବାସ, ଗମନାଗମନର ସୁବିଧା, ଉନ୍ନତ କମ୍ପ୍ୟୁଟର ଲ୍ୟାବ, ଲାଙ୍ଗୁଏଜ ଲ୍ୟାବ, ହାଇସ୍ପିଡ ଇଣ୍ଟରନେଟ, ସଫ୍ଟ ସ୍କିଲ ଟ୍ରେନିଂ ବ୍ୟବସ୍ଥା ଇତ୍ୟାଦି ନିଶ୍ଚିତ ଭାବେ ଛାତ୍ରଛାତ୍ରୀଙ୍କ ଜ୍ଞାନ ସହିତ ମାନସିକ ଓ ଶାରୀରିକ ବିକାଶ କରିବାରେ ସାହାଯ୍ୟ କରିବ। ଉତ୍ତମ ବ୍ୟକ୍ତିତ୍ୱ ଓ ଭବିଷ୍ୟତ ଗଠନ ଦିଗରେ ସହାୟକ ହେବ ବୋଲି ଅନୁଷ୍ଠାନ ପରିଚାଳନା ସମିତିର ଇଂ ଧରମବୀର ବୁଗୁଡେଇ ଓ ବିପ୍ଳବ ଭଞ୍ଜନ ବୁଗୁଡେଇ ପ୍ରକାଶ କରିଛନ୍ତି।

## ଏମ୍‌ସିଏମ୍‌ରେ ମଧୁସୂଦନଙ୍କ ଜୟନ୍ତୀ




**ବାରିପଦା, ୨୮ ।୪(ସମିସ):** ସ୍ଥାନୀୟ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ବିଏଏଲଏଲବି ବିଭାଗ ପକ୍ଷରୁ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୫ମ ପ୍ରତିଷ୍ଠା ଦିବସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ମଧୁସୂଦନ ଦାସ ଓଡ଼ିଶାର ସ୍ୱାଭିମାନ, ଶିକ୍ଷା ଓ ନ୍ୟାୟବ୍ୟବସ୍ଥାର ଏକ ଉଜ୍ଜ୍ୱଳ ପ୍ରତୀକ ଥିଲେ ଓ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ ଯୋଗଦେଇ କହିଥିଲେ, ମଧୁସୂଦନ ଦାସ ଓଡ଼ିଶାରେ ଆଇନ ଶିକ୍ଷା ଓ ସାମାଜିକ ସଚେତନତାର ଭିତ୍ତି ସ୍ଥାପନ କରିଥିଲେ। ଆଇନ ପେଶା କେବଳ ଜୀବିକା ନୁହେଁ, ଏହା ସମାଜ ସେବାର ଏକ ମହାନ ମାଧ୍ୟମ ହେବା ଉଚିତ ଓ ଟିମ ଇଣ୍ଡିଆରେ ନିଜକୁ ସାମିଲ ନ କରି ଡ୍ରିମ ଇଣ୍ଡିଆରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଜ୍ଞାନରଞ୍ଜନ ପଣ୍ଡା ସ୍ୱାଗତ ଭାଷଣରେ ମଧୁସୂଦନ ଆଇନ ମହାବିଦ୍ୟାଳୟ ଆଇନ ଶିକ୍ଷାକୁ ନୂତନ ଦିଗ ଦେଇଛି ଓ ଭବିଷ୍ୟତରେ ଦକ୍ଷ ଆଇନଜୀବୀ ଗଢ଼ି ତୋଳିବାରେ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବିତ କୁମାର ମିଶ୍ର, ରୁପମଞ୍ଜରୀ ବେହେରା, ପ୍ରତିଭା ଦାସ, କବିତା ସାହୁ, ସିରାମ ଟୁଡୁ, ଲକ୍ଷ୍ମୀ ଚାପିଆର, ଦୀପାଞ୍ଜଳି ପାତ୍ର ପ୍ରମୁଖ ମଧୁସୂଦନ ଦାସଙ୍କ ଜୀବନୀ, ତାଙ୍କ ଦୂରଦର୍ଶିତା, ନ୍ୟାୟପ୍ରତି ଅତୁଟ ଆସ୍ଥା ଓ ଓଡ଼ିଶା ଗଠନରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସଂଯୋଜକ ଡ ଜିତେନ୍ଦ୍ର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋପବନ୍ଧୁନଗର ପ୍ରେସ୍ କ୍ଲବ୍ ପକ୍ଷରୁ ସ୍ୱାଭିମାନ ଦିବସ

**କୁଆଁମରା, ୨୮ ।୪(ସମିସ):** ଗୋପବନ୍ଧୁନଗର ପ୍ରେସ୍ କ୍ଲବ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅପରାହ୍ନ ରେ ଆୟୋଜିତ ସଭାରେ ପ୍ରେସ କ୍ଲବ ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଖୁଣ୍ଟା ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା, ମୁଖ୍ୟବକ୍ତା ଲେଖକ ତଥା ନାଟ୍ୟକାର ମନୋରଞ୍ଜନ ଦାଶ, ସମ୍ମାନିତ ଅତିଥି କୁଆଁମରା ବନପାଳ ଅବନୀ ଜେନା, ପ୍ରେସ କ୍ଲବର ସମ୍ପାଦକ ଡଃ କୁମାର ବାବୁଲି ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଉପସଭାପତି ଚିତ୍ତରଞ୍ଜନ ଦଲେଇ ଓ ସହସମ୍ପାଦକ ସୁଶାନ୍ତ କୁମାର ମଣ୍ଡୁଆଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏ ଅବସରରେ ନିକଟରେ ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା ଓ ବନପାଳ ଅବନୀ ଜେନାଙ୍କୁ ପ୍ରେସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କୋଷାଧକ୍ଷ ଯୋଗେଶ୍ୱର ସାହୁ ଅତିଥି ପରିଚୟ ଓ ସମ୍ବିତ ରାଉତ ଧନ୍ୟବାଦ ଦେଇଥିଲେ। ସୂର୍ଯ୍ୟକାନ୍ତି ପୂହାଣ, ବିଶ୍ୱଜିତ ଦାଶ, ଦୀପକ ଚୌଧୁରୀ, ମାଣିକ ହେମ୍ବ୍ରମ, ଜୟନ୍ତ ସ, ରଞ୍ଜନ ମଣ୍ଡୁଆଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ଚାଲାଣ ବେଳେ ୧୦ଟି ଗୋରୁ ଉଦ୍ଧାର

**ରାଇରଙ୍ଗପୁର, ୨୮।୪(ସମିସ):** ବାମନଘାଟି ଉପଖଣ୍ଡରେ ବାରମ୍ବାର ବଡ଼ଧରଣ ଚଢ଼ଉ ପ୍ରକ୍ରିୟା ପରେ ମଧ୍ୟ ଗୋଚାଲାଣ ଥମିବାର ନାଁ ନେଉନାହିଁ। ପୁଣି ଆନ୍ତଃରାଜ୍ୟ ଗୋଚାଲାଣ ହେଉଥିବାବେଳେ ରାତିରେ ୧୦ଟି ଗୋରୁ ଉଦ୍ଧାର ହୋଇଛନ୍ତି। ବାଦାମପାହାଡ ଥାନା ପୁଲିସ ଦ୍ୱାରା ପାଟ୍ରୋଲିଂ ଚାଲିଥିବାବେଳେ ଗୋଚାଲାଣ ନେଇ ଖବର ମିଳିଥିଲା। ହାଟବାଦଡାରୁ କୁସୁମୀ ଗ୍ରାମ ପଟକୁ ଗୋରୁଗୁଡିକୁ ଚଲାଇ ନେଉଥିବା ପୁଲିସ ଦେଖିଥିଲା। ପୁଲିସ ଅଟକାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ସେମାନେ ପୁଲିସକୁ ଚକମା ଦେଇ ଚମ୍ପଟ ମାରିଥିଲେ। ପୁଲିସ ସେମାନଙ୍କୁ ଖୋଜି ପାଇବାରେ ବିଫଳ ହୋଇଥିଲା। ୧୦ଟି ଗୋରୁଙ୍କୁ ଅତି ଦୟନୀୟ ଅବସ୍ଥାରେ ବାନ୍ଧିକି ଚଲାଇ ଚଲାଇ ନେଉଥିଲେ। ଟେଣ୍ଟପୋଷି ଗ୍ରାମର ସେକ ଅମଜାଦ ବିଭିନ୍ନ ସ୍ଥାନରୁ ଗୋରୁ ଚୋରି କରି ଗୋତସ୍କରି କରିଥା'ନ୍ତି। ଉକ୍ତ ୧୦ଟି ଗୋରୁକୁ ଝାଡ଼ଖଣ୍ଡ ଚାଲାଣ ନିମନ୍ତେ ନେଉଥିବାର ସନ୍ଦେହ କରାଯାଉଛି। ପୁଲିସ ଗୋରୁ ଉଦ୍ଧାର କରି ଗୋଶାଳାକୁ ପଠାଯାଇଛି।

### ରାଜ୍ୟ ମହିଳା କମିସନଙ୍କ ଶିବିର ଅଦାଲତ

## ୮ଟି ମାମଲାର ଶୁଣାଣି, ୪ ନୂଆ ମାମଲା ପଞ୍ଜିକୃତ



**ବାରିପଦା, ୨୮ ।୪(ସମିସ):** ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ରାଜ୍ୟ ମହିଳା କମିସନ ଶିବିର ଅଦାଲତ ବାରିପଦାସ୍ଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ରାଜ୍ୟ ମହିଳା କମିସନର ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ମହିଳାଙ୍କ ଉପରେ ହେଉଥିବା ହିଂସା, ନିର୍ଯାତନା, ଶୋଷଣ ପରି ସଙ୍ଗୀନ ମାମଲାର ତ୍ୱରିତ ସମାଧାନ ପାଇଁ ବିଭିନ୍ନ ଆବେଦନର ଶୁଣାଣି କରିଛନ୍ତି। ପୂର୍ବରୁ ୯ଟି ମାମଲା ତାଲିକାଭୁକ୍ତ ହୋଇଥିଲା। ସେଥିମଧ୍ୟରୁ କେବଳ ୮ଟି ମାମଲାର ସମ୍ପୃକ୍ତ ଆବେଦନକାରୀ ଉପସ୍ଥିତ ଥିବାରୁ ତାହାକୁ ହିଁ ଆୟୋଗ ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ଶୁଣାଣି କରିଛନ୍ତି। ତହିଁରୁ ୫ଟି ମାମଲାର ଶୁଣାଣି ପାଇଁ ପୁଣିଥରେ ପକ୍ଷଭୁକ୍ତଙ୍କୁ ଆଗାମୀ ଶୁଣାଣି ପାଇଁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ଅବସରରେ ୪ଟି ନୂଆ ମାମଲା ମଧ୍ୟ ପଞ୍ଜିକୃତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିସନର ସଭ୍ୟା ପ୍ରତିଭା ମହାନ୍ତି, ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସବିତା ମାଝି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରୀକା ମହାନ୍ତି, ସମାଜ କଲ୍ୟାଣ ଅଧିକାରିଣୀ ଅନ୍ନପୂର୍ଣ୍ଣା ବୁରୁଡା, ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ମହିଳା ସଶକ୍ତୀକରଣ କେନ୍ଦ୍ରର ଜିଲ୍ଲା ସଂଯୋଜକ ସୀମନ୍ତ ଦିଗାର ଓ ମହିଳା ସଶକ୍ତୀକରଣ କେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ବାମନଘାଟି ଉପଖଣ୍ଡରେ ଥମୁନି ଗୋ-ଚାଲାଣ

## ଏବେବି ସକ୍ରିୟ ଅଛନ୍ତି ଗୋଚାଲାଣକାରୀ

ରାଇରଙ୍ଗପୁର, ୨୮।୪ (ସମିସ)

ବାମନଘାଟି ଉପଖଣ୍ଡରେ ଗୋଚାଲାଣ ଥମିବାରେ ନାଁ ନେଉନାହିଁ। ଏବେବି ଗୋଚାଲାଣକାରୀ ସକ୍ରିୟ ରହିଥିବାବେଳେ ରୋକିବାରେ ରାଜ୍ୟ ସରକାର ସମେତ ପ୍ରଶାସନ ବିଫଳ ରହିଛନ୍ତି। ଗତ ଜାନୁଆରୀ ଓ ମାର୍ଚ୍ଚ ମାସରେ ପୁଲିସ ପକ୍ଷରୁ ଚଢ଼ଉ ସତ୍ତ୍ୱେ ଗୋ ତସ୍କରୀ ଜାରି ରହିଛି। ଗୋଚାଲାଣକାରୀ ନିୟମିତ ବ୍ୟବଧାନରେ ବାମନଘାଟି ଉପଖଣ୍ଡର ବିଭିନ୍ନ ସ୍ଥାନରୁ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଅଞ୍ଚଳକୁ ଗୋ-ଚାଲାଣ ଜାରି ରଖିଛନ୍ତି। ଗୋ-ମାତାଙ୍କୁ ହିନ୍ଦୁ ସମାଜ ପୂଜା କରୁଥିବାବେଳେ ଅର୍ଥ ଲାଳସାରେ ଲୋକେ କଂସେଇଖାନାକୁ ପଠାଇ ଦେଉଛନ୍ତି। ପ୍ରତ୍ୟେକ ଦିନ ଗୋଚାଲାଣ ହେଉଥିବାବେଳେ ମଝିରେ ମଝିରେ ପୁଲିସ ପକ୍ଷରୁ ରାତିଅଧିଆ ଚଢ଼ଉ କରାଯାଇ ଗୋରୁ ଉଦ୍ଧାର ହେଉଛନ୍ତି। କିନ୍ତୁ ଉକ୍ତ ଘଟଣାରେ ତଳତଳିଆଙ୍କୁ ପୁଲିସ ଗିରଫ କରୁଥିବାବେଳେ ଗୋଚାଲାଣର ମାଷ୍ଟର ମାଇଣ୍ଡ ମାଫିଆ ଖସିଯାଉଛନ୍ତି। ଫଳରେ ଗୋ-ତସ୍କରୀ କମିବା ବଦଳରେ ନିୟମିତ ଭାବେ ଜାରି ରହିଛି।

**ଗିରଫ ହେଉଛନ୍ତି ତଳତଳିଆ, ଖସିଯାଉଛନ୍ତି ମାଫିଆ।**

ରାଜ୍ୟର ବିଜେପି ସରକାର ଗୋ-ଚାଲାଣ ରୋକିବା ପାଇଁ କୌଣସି କଡ଼ା ପଦକ୍ଷେପ କିମ୍ବା ଆଇନ ପ୍ରଣୟନ କରିପାରି ନ ଥିବାବେଳେ ଗୋ-ଚାଲାଣକାରୀ ସକ୍ରିୟ ହେଉଛନ୍ତି। ଏହାକୁ ରୋକିବା ପାଇଁ ରାଜ୍ୟ ସରକାର ଆଇନ ପ୍ରଣୟନ କରିବା ନିହାତି ଆବଶ୍ୟକ ଅଟେ। ବାମନଘାଟି ଉପଖଣ୍ଡ ଅଞ୍ଚଳର ଦୁନ୍ଦୁ, ଟେଣ୍ଟପୋଷି, ଦେଓଗାଁ, ବିଞ୍ଝିଆ ଓ ଅନ୍ୟ ବହୁ ଗ୍ରାମରୁ ପ୍ରତ୍ୟେକ ଦିନ ଗାଡ଼ିରେ ବହୁ ପରିମାଣରେ ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗକୁ ବେଆଇନ ଭାବେ ଗୋଚାଲାଣ ହେଉଛି। ସୀମାନ୍ତବର୍ତ୍ତୀ ଥାନାରେ ନାକା ଯାଞ୍ଚ ହେବା ସତ୍ତ୍ୱେ ଗାଡ଼ିଗୁଡ଼ିକ ଖସି ପଳାଉଛନ୍ତି। ଗୋ ମାଂସ ଓ ଗୋ ଚାଲାଣକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ଉପରୋକ୍ତ ଗ୍ରାମରେ ନିୟମିତ ଚଢ଼ଉ କରିବା ଆବଶ୍ୟକ ଅଟେ। ଏଥିସହିତ ଦୁର୍ବୃତ୍ତମାନେ ଅନେକ ସ୍ଥାନରୁ ଗୋରୁ ଚୋରି କରି ଅତି ଅମାନବୀୟ ଭାବେ ଗାଡ଼ିରେ ବାନ୍ଧି ଗୋ ତସ୍କରୀ କରୁଛନ୍ତି। କିଛି ଦିନ ପୂର୍ବରୁ ପୁଲିସ ଚଢ଼ଉ ସମୟରେ ତିରିଂ ଓ ହାଟବାଦଡା ଅଞ୍ଚଳରୁ ଅନେକ ଗୋରୁ ଚଲାଇ ଚଲାଇ ଝାଡ଼ଖଣ୍ଡ ନେଉଥିବାବେଳେ ତାହାକୁ ଉଦ୍ଧାର କରିଥିଲା। ଉକ୍ତ ଦୁଇଟି ଘଟଣାରେ ଅନେକ ଲୋକଙ୍କୁ ଗିରଫ ମଧ୍ୟ କରାଯାଇଥିଲା। କିନ୍ତୁ ସେମାନେ ମାଫିଆଙ୍କ ଇଙ୍ଗିତରେ କାର୍ଯ୍ୟ କରୁଥିବା ଶ୍ରମିକ ଶ୍ରେଣୀର ଅଟନ୍ତି। ପେଟ ପୋଷିବା ପାଇଁ ମାଲିକଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟ କରୁଛନ୍ତି। କିନ୍ତୁ ପୁଲିସ ମାଷ୍ଟରମାଇଣ୍ଡ ମାଲିକଙ୍କୁ ଗିରଫ କରୁନାହିଁ। ଫଳରେ ବିନା ବାଧାରେ ସକ୍ରିୟ ଭାବେ ଗୋ-ତସ୍କରୀ ଜାରି ରହିଛି। ଏଭଳି ଘୃଣ୍ୟ କାର୍ଯ୍ୟକୁ ରୋକିବା ପାଇଁ କଡ଼ାକଡ଼ି ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

## ବିଷମ କଟକରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ସଫା ହେଉନି ଡ୍ରେନ୍; ଡେଙ୍ଗୁ, ମେଲେରିଆକୁ ଡାକରା



ବିଷମକଟକ, ୨୮।୪(ସମିସ): ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଗ୍ରାମପଞ୍ଚାୟତର ଉନ୍ନତି ପାଇଁ ନିୟମିତ ଭାବେ ଅର୍ଥ ମଞ୍ଜୁର ହେଉଛି। ହେଲେ ଏହି ସବୁ ଅର୍ଥ ଆବଶ୍ୟକ ସ୍ଥଳରେ ଖର୍ଚ୍ଚ ହେଉନାହିଁ । ଅନ୍ୟ କେତେକ ସ୍ଥାନରେ ଏହାର ଅପବ୍ୟବହାର ମଧ୍ୟ କରାଯାଉଛି । ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ବିଷମ କଟକ ସଦର ଗ୍ରାମପଞ୍ଚାୟତରେ। ପ୍ରତ୍ୟେକ ବର୍ଷ ଏହି ପଞ୍ଚାୟତର ଉନ୍ନତି ଏବଂ ଗାଁ ବାସିନ୍ଦାଙ୍କୁ ସେବା ଯୋଗାଇବା ନିମନ୍ତେ ଅନୁଦାନ ପାଉଛନ୍ତି ସତ, କିନ୍ତୁ ବିଷମ କଟକ ସହରବାସୀ ଏହି ସବୁ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ବିଷମ କଟକ ସଦରରେ ୩୦ରୁ ଅଧିକ ସାହି ରହିଛି। ଏହି ସାହି ଗୁଡିକର ଉଭୟ ପାଶ୍ୱର ଡ୍ରେନ୍ ଗ୍ରାମପଞ୍ଚାୟତ ତରଫରୁ ନିୟମିତ ବ୍ୟବଧାନରେ ସଫା କରାଯାଉନାହିଁ । ଫଳରେ ସମସ୍ତ ଡ୍ରେନ୍ କାଦୁଅ ଏବଂ ଅଳିଆ ଆବର୍ଜନା ଭରି ହୋଇରହିଛି। ଅସରାଏ ବର୍ଷା ହେଲେ ଡ୍ରେନ୍‌ର ସମସ୍ତ ଓଳିଆ ଆବର୍ଜନା କରାଯାଉନାହିଁ। ଡ୍ରେନ୍ ସଫେଇ ସଂକ୍ରାନ୍ତରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଅଡଙ୍ଗାଙ୍କୁ ଯୋଗାଯୋଗ କରାଯିବାରେ ଡ୍ରେନ୍ ସଫେଇ ଏବଂ ବିଭିନ୍ନ ସୃଷ୍ଟି କରିବା ଦୁର୍ଭାଗ୍ୟଜନକ। ଆଗକୁ ବର୍ଷା ଋତୁ ଆରମ୍ଭ ହେବାକୁ ଥିବା ବେଳେ ବର୍ତ୍ତମାନ ସାହି ଡ୍ରେନ୍ ଏବଂ ବିଷମ କଟକ ତୁକୁମ୍ ରୋଡର ମୁଖ୍ୟ ଡ୍ରେନ୍ ସଫା କରିବା

### ରାଜନୈତିକ ଚାପରୁ କାର୍ଯ୍ୟ ବନ୍ଦ ରହୁଛି : କାର୍ଯ୍ୟନିର୍ବାହୀ ଅଧିକାରୀ

ବିଷମକଟକ ମୁଖ୍ୟ ସଡ଼କ ଉପରେ ଆସି ଜମା ହୋଇଯାଉଛି ତ ଆଉ କାହା ଘର ଭିତରେ ଡ୍ରେନ୍ ପାଣି ପସିଯାଉଛି। ଗ୍ରାମ ପଞ୍ଚାୟତର ନିଜସ୍ୱ ଟ୍ରାକ୍ଟର ଏବଂ ସଫେଇ କର୍ମଚାରୀ ରହିଥିବା ସତ୍ତ୍ୱେ ସଫେଇ କାର୍ଯ୍ୟପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଡ୍ରେନ୍ ସଫେଇକୁ ନେଇ ନିୟମିତ ଭାବେ ବିଭିନ୍ନ ସାମାଜିକ ଗଣମାଧ୍ୟରେ ଆଲୋଚନା ପର୍ଯ୍ୟାଲୋଚନା ଜାରିରହିଛି। ତଥାପି ପଞ୍ଚାୟତ ଅଧିକାରୀଙ୍କ ତରଫରୁ କୌଣସି ପଦକ୍ଷେପ ଗ୍ରହଣ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନେବା ସମୟରେ ତାଙ୍କ ଉପରେ ରାଜନୈତିକ ଚାପ ସୃଷ୍ଟି କରାଯାଉଛି। ଯାହାଫଳରେ କୌଣସି କାର୍ଯ୍ୟ କରିହେଉନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ମୁଖ୍ୟତଃ ଡ୍ରେନ୍ ସଫେଇ ନିମନ୍ତେ ଗ୍ରାମପଞ୍ଚାୟତରେ ଅର୍ଥର କୌଣସି ଅଭାବ ନଥିବା ବେଳେ କାର୍ଯ୍ୟକରିବା ନିମନ୍ତେ ସ୍ୱାଧିନତା ନାହିଁ ବୋଲି ମଧ୍ୟ କହିଛନ୍ତି। ଉନ୍ନୟନ ମୂଳକ କାର୍ଯ୍ୟ କରିବା ଦିଗରେ ଯେ କୌଣସି ରାଜନୈତିକ ଚାପ ନିହାତି ଜରୁରୀ ହୋଇପଡିଛି। ବର୍ଷା ଋତୁ ପୂର୍ବରୁ ଡ୍ରେନ ଗୁଡ଼ିକ ସଫା ସୁତୁରା ନ ହେଲେ ଡେଙ୍ଗୁ ଓ ମ୍ୟାଲେରିଆ ଭଳି ମାରାତ୍ମକ ରୋଗର ଶିକାର ହେବା ଆଶଙ୍କା ଦେଖାଦେଇଛି। ଏଭଳି କ୍ଷେତ୍ରରେ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଘଟଣାକୁ ଗୁରୁତର ସହ ନେଇ ଏହାର ସମାଧାନ କରିବା, ଡ୍ରେନ୍ ସଫେଇ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେବା ଆବଶ୍ୟକତା ରହିଛି।

## ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ



ରାୟଗଡ,୨୮।୪(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର, ରାୟଗଡ ଠାରେ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା-୨୦୨୬ର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ ସଙ୍କୁଳର ୭ଟି ଶିଶୁ ମନ୍ଦିରର ମୋଟ ୮୦ଜଣ ଆଚାର୍ଯ୍ୟ ଆଚାର୍ଯ୍ୟା ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ଶିକ୍ଷା ବିକାଶ ସମିତିର ଦକ୍ଷିଣ ସମ୍ଭାଗର ସମ୍ଭାଗ ସଂଯୋଜକ ସୁକାନ୍ତ ବେହେରା ମୁଖ୍ୟ ଅତିଥି ଓ ରାୟଗଡ ସଙ୍କୁଳର ସଙ୍କୁଳ ପ୍ରମୁଖ ରମେଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଥି ସହିତ ସ୍ଥାନୀୟ ବିଦ୍ୟାଳୟର ପରିଚାଳନା ସମିତିର ସମ୍ପାଦକ ପ୍ରମୋଦ କୁମାର ମହାନ୍ତି, କୋଷାଧ୍ୟକ୍ଷ ମନୋଜ କୁମାର ଚୌଧୁରୀ, ସଦସ୍ୟା ଶ୍ରୀମତୀ ସସ୍ମିତା ପାଢ଼ୀ ତଥା ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ମଞ୍ଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କଥନ କରିଥିଲେ। ମୁଖ୍ୟ ବକ୍ତା ପଞ୍ଚ ପଦୀ ଆଧାରରେ ଶିକ୍ଷାଦାନ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଶେଷରେ ସମ୍ପାଦକ ନିଜର ବକ୍ତବ୍ୟ ପ୍ରଦାନ ପରେ ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଦସ୍ୟ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ, ସମସ୍ତ ଗୁରୁଜୀ ଗୁରୁମା ସେବକ ସେବିକାଙ୍କ ସହଯୋଗରେ କାର୍ଯ୍ୟଶାଳାଟି ସଫଳ ହୋଇ ପାରିଥିଲା।

● ଗୋମାତା ସମ୍ମାନ ଆହ୍ୱାନ ଅଭିଯାନ

## ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ




ଚନ୍ଦ୍ରପୁର,୨୮।୪(ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକରେ ଗୋମାତା ସମ୍ମାନ ଆହ୍ୱାନ ଅଭିଯାନ ସଂଗଠନର ମୁଖ୍ୟ କରୁଣାକର ପାତ୍ରଙ୍କ ନେତୃତ୍ୱରେ ଗୋ-ସେବକ ପ୍ରତିନିଧି ମଣ୍ଡଳ ଚନ୍ଦ୍ରପୁର ଖିଲିଆ ଦେବୀ ମନ୍ଦିରରୁ ଶୋଭାଯାତ୍ରାରେ ବହାରି ତହସିଲ ଅଫିସ ପର୍ଯ୍ୟନ୍ତ ପହଞ୍ଚିଥିଲେ। ସେଠାରେ ତହସିଲଦାର ସୁନୀଲ କୁମାର ପ୍ରଧାନଙ୍କୁ ସାକ୍ଷାତ କରି ଗୋ-ସୁରକ୍ଷା, ଗୋମାତା ସମ୍ମାନ ଅଭିଯାନ ଉପରେ ବିସ୍ତୃତ ଭାବରେ ଆଲୋକପାତ କରି ଏହାର ସୁରକ୍ଷା ନିମନ୍ତେ ହସ୍ତାକ୍ଷର ସମ୍ମିଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର ଏକକିତା ନକଲର ଦାବିପତ୍ର ପ୍ରଧାନମନ୍ତ୍ରୀ, ମହାମହିମ ରାଜ୍ୟପାଳ, ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରାଯାଇଥିଲା। ପ୍ରତିକ୍ରିୟାରେ ବାବା ଜନକା ନନ୍ଦ ଗିରି କହିଲେ ଯେ, ଗୋମାତା ସମ୍ମାନ ହେଉଛି ଭାରତ ମହାଦେଶର ପ୍ରମୁଖ ଈଶ୍ୱର । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ହେଉବା ବୈଜ୍ଞାନିକ ଦୃଷ୍ଟିକୋଣରୁ ଗୋମାତା ଆମ ସମାଜର ପ୍ରମୁଖ ଅଙ୍ଗ। ଏବେ ସଂସ୍କୃତି ଅବକ୍ଷୟ ଫଳରେ ଓଡ଼ିଶାରେ ଗୋ-ସଂପଦ ପୁରା ନଷ୍ଟ ହେବାକୁ ବସିଲାଣି। ସମସ୍ତ ରାଜ୍ୟରେ ଗୋଶାଳା ପାଇଁ ଅନୁଦାନ ଦିଆଯାଉ, ସଂରକ୍ଷିତ ଗୋଚର ଜମିକୁ ଜବରଦଖଲ ମୁକ୍ତ କରାଯାଉ, ଗୋଶାଳା ପରିଚାଳନା ପାଇଁ ସଂରକ୍ଷିତ ରଖାଯାଉ। ସରକାର ତୁରନ୍ତ ଏ ଦିଗରେ ଧ୍ୟାନ ନ ଦେଲେ ଓଡ଼ିଶାରେ ଗୋ-ସଂପଦ ପ୍ରତି ବିପଦ ଘନେଇବ। ଏହାର ସୁରକ୍ଷା, ସଚେତନା ପାଇଁ ସରକାର ପଦକ୍ଷେପ ନେବା ପାଇଁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୀନାଖୋଲାର ବାବା ସ୍ୱାମୀ ଜନକାନନ୍ଦ ଗିରି, ଗୀତା ଗୁରୁ କରୁଣାକର ପାତ୍ର, ସୁନୀଲ ବଳିଆର ସିଂହ, ଅନିଲ ଘଡେଇ, କୁନା ବଡେଇ, ଦୃଣା ଶବର, ଦେବରାଜ ଶବର, ଟନେଶ୍ୱର ରଣା, ଆଗମନ ରଣା ଓ ବୁଟା ରଣା ସହ ଶତାଧିକ ପୁରୁଷ ମହିଳା ଉପସ୍ଥିତ ଥିଲେ।

# ଓକିଲ ଦିବସ ଓ ମଧୁ ବାବୁ ଜୟନ୍ତୀ

ଗୁଣୁପୁର, ୨୮।୪(ସମିସ):

ଗୁଣୁପୁର ଓକିଲ ସଂଘ ପକ୍ଷରୁ ଓକିଲ ଦିବସ ତଥା ମଧୁବାବୁ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କୋର୍ଟ ପରିସରରେ ଗୁଣୁପୁର ଓକିଲ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକର ବିଚାରପତି ସଂଘର ସମସ୍ତ ସଦସ୍ୟ ଓ କୋର୍ଟର ସମସ୍ତ ବିଚାରପତିଙ୍କ ଉପସ୍ଥିତିରେ ଅତିଥିମାନଙ୍କ ଦ୍ୱାରା ସ୍ଥାନୀୟ ଅଦାଲତ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କ ଓଡ଼ିଶା ପ୍ରତି ତ୍ୟାଗପୂତ ଅବଦାନ କୁ ସ୍ମରଣ କରାଯାଇଥିଲା। କୋର୍ଟ ପରିସରରେ ଅନୁଷ୍ଠିତ ସଭା କାର୍ଯ୍ୟ ପ୍ରାରମ୍ଭରେ ଅତିଥିଙ୍କ





ରାଧାକୃଷ୍ଣ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ରାୟଗଡ଼ା ଜିଲ୍ଲା ଦୌରା ଜଜ୍ ଦାମୋଦର ରଥ ସମ୍ମାନିତ ଅତିଥି, ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ତପନ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ଓକିଲ ସଂଘ ପକ୍ଷରୁ କୋର୍ଟ ଛକରୁ ଆଦିବାସୀ ନୃତ୍ୟ ଗୀତ ସହ ବାଦ୍ୟ ବଜାଇ ପାଛୋଟି ସ୍ୱାଗତ କରି ନିଆଯାଇଥିଲା। ଓକିଲ ଦ୍ୱାରା ପ୍ରଦୀପ ପ୍ରଜ୍ଜଳନ କରି ଉଦ୍‌ଘାଟନ କରିଥିଲେ। ସଭା ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ସ୍ତୁତିଚାରଣ ସଭାରେ ସଭାପତି ରମେଶ ଚନ୍ଦ୍ର ଲିମା ଅଧକ୍ଷତା କରିବା ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ବରିଷ୍ଠ ଓକିଲ ତଥା ପୂର୍ବତନ ସଭାପତି ଉମା ଚରଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂଘର ଅଭାବ ଅସୁବିଧାକୁ ନେଇ ସମ୍ପାଦକ ସୂରଜ ପାତ୍ର ସଂପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡିଶା ହାଇକୋର୍ଟର ବିଚାରପତି ରାଧାକୃଷ୍ଣ ପଟ୍ଟନାୟକ ନିଜ ବକ୍ତବ୍ୟରେ ପ୍ରତ୍ୟେକ ଓକିଲ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ନିଃସହାୟ ଗରିବ ଶ୍ରେଣୀର ଲୋକ ଯେମିତି ନ୍ୟାୟ ପାଇବେ ସେ ଦିଗରେ ଧ୍ୟାନ ଦେବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଓକିଲ ରାଜେନ୍ଦ୍ର ପାଢ଼ୀ, ଉମା ଚରଣ ପଟ୍ଟନାୟକ, ବ୍ରହ୍ମା ନନ୍ଦ ପଟ୍ଟନାୟକ, ଗଦାଧର ପଣ୍ଡା , ଇନ୍ଦିରା ପାଢ଼ୀ, ଦୁର୍ଗା ପ୍ରସାଦ ମଣିପାତ୍ର, ଫଣି ଭୂଷଣ ପଟ୍ଟନାୟକଙ୍କୁ ସଂଘ ପକ୍ଷରୁ ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଗୁଣୁପୁର କୋର୍ଟ ଏଡିଜେ ଦେବଦତ୍ତ ପଟ୍ଟନାୟକ, ସବ୍‌ଜଜ୍ ସୁମିତ୍ରା ସାହୁ , ଏସ୍‌ଡିଜେଏମ୍ ସୁଶ୍ରୀ ବିଜୟ ଲକ୍ଷ୍ମୀ ମହାପାତ୍ର ଯୋଗ ଦେଇଥିଲେ। ସରକାରୀ ଓକିଲ ପ୍ରଦୀପ ଦାସ, ଦେବୀ ଆଚାର୍ଯ୍ୟ କୃଷ୍ଣ ସେନାପତି ଅକ୍ଷୟ ଶତପଥୀ, ପୂର୍ବତନ ସଭାପତି ଗୌରୀ ଦାସ, ବିଷ୍ଣୁ ପାଢ଼ୀ, ବିଶ୍ୱନାଥ ସାହୁ, ଗଣେଶ ପଣ୍ଡା, ଅଶୋକ ଧୁଳି, ପ୍ରମୋଦ ସାହୁଙ୍କ ସହ ଅନ୍ୟାନ୍ୟ ଓକିଲ, ବୁଦ୍ଧିଜୀବୀ ଓ ସମାଜସେବୀ ଉପସ୍ଥିତ ଥିଲେ। ମଞ୍ଚକୁ ଓକିଲ ସଂଘର ଯୁବ ଓକିଲ ପ୍ରଶାନ୍ତ ପଟ୍ଟନାୟକ, ସସ୍ମିତା ପାତ୍ର, ମିହିର ପଟ୍ଟନାୟକ, ଲୀଳାବତୀ ପ୍ରଧାନୀ, ଜ୍ୟୋତିର୍ମୟୀ ଶବର, ଚିନାରି ବସୁଧା ରାଣୀ, ଗୁଡଲା ମାଧବୀ ପରିଚାଳନା କରିଥିଲେ। ଏହି ଅବସରରେ ଲକ୍ଷ୍ମଣ ଶବରଙ୍କ ଅଲମ୍ ଗୁଡ଼ାର ଆଦିବାସୀ ନୃତ୍ୟ ଦଳକୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ।

## ସରକାରଙ୍କ ନିୟମକୁ ମାନୁନାହାନ୍ତି ବେସରକାରୀ ବିଦ୍ୟାଳୟ

ସୁନାବେଡ଼ା,୨୮।୪(ସମିସ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏପ୍ରିଲ ୨୭ ରୁ ସମସ୍ତ ସରକାରୀ, ବେସରକାରୀ ସ୍କୁଲ ଗୁଡ଼ିକୁ ସରକାର ଛୁଟି ଘୋଷଣା କରିଛନ୍ତି । ଏପ୍ରିଲ ୨୭ରୁ ଜୁନ ୧୭ ପର୍ଯ୍ୟନ୍ତ ସ୍କୁଲ ଛୁଟି ଘୋଷଣା ନେଇ ସୂଚନା ଦେଲେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ରାଜ୍ୟର ସମସ୍ତ ଅଙ୍ଗନବାଡି ଠାରୁ ଆରମ୍ଭ କରି ଯୁକ୍ତ ଦୁଇ ପର୍ଯ୍ୟନ୍ତ ସମସ୍ତ ସରକାରୀ, ବେସରକାରୀ ସ୍କୁଲ କଲେଜ ବନ୍ଦ ରହିବା ନେଇ ସୂଚନା ଦେଲେ ଗଣଶିକ୍ଷା ମନ୍ତ୍ରୀ । ଯଦି ଏ ସମୟରେ କୌଣସି ଶିକ୍ଷାନୁଷ୍ଠାନ ଖୋଲା ରଖନ୍ତି, ତେବେ ସେ ନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ। ଶିକ୍ଷାନୁଷ୍ଠାନରେ କେବଳ ଶିକ୍ଷକ ବା ବିଦ୍ୟାଳୟର କର୍ମଚାରୀ ମାନେ ସକାଳେ ୭.୩୦ ଯାଇ ଦିନ ୧୦.୩୦ ସମୟରେ ଘରକୁ ଫେରିବା କଥା। କିନ୍ତୁ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳିଛି। ସୁନାବେଡ଼ା ପୌରପରିଷଦ ଅନ୍ତର୍ଗତ ସେମିଳିଗୁଡା ଓ ସୁନାବେଡ଼ାର କିଛି ବେସରକାରୀ ବିଦ୍ୟାଳୟରେ ସକାଳ ୯ଟା ଠାରୁ ୪ ସମୟ ପର୍ଯ୍ୟନ୍ତ ବିଦ୍ୟାଳୟ କର୍ମଚାରୀଙ୍କୁ ରଖାଯାଇଛି।

## ‘ପୋଷଣ ଭି ପଢାଇ ଭି’ତାଲିମ ଶିବିର

ନାରାୟଣପଟଣା,୨୮।୪(ସମିସ): ଆଜି ନାରାୟଣପାଟଣା ଶିଶୁ ମହିଳା ବିକାଶ ସିଡିପିଓ ଆନନ୍ଦିନୀ ମହାନ୍ତି ତତ୍ତ୍ୱାବଧାନରେ ବ୍ଲକ ସଭାଗୃହ ଠାରେ ଦ୍ୱିତୀୟ ପର୍ଯ୍ୟାୟ “ପୋଷଣ ଭି ପଢାଇ ଭି’ର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ସମ୍ମାନିତ ଅତିଥି ଭାବେ ଡ.ବିମଳ କୁମାର ବାଘ ସମେତ ସମସ୍ତ ସୁପରଭାଇଜର, ବୋରିଗି, ବାଲିପେଟା, ପୋଡାପଦରର କ୍ଲଷ୍ଟରର ସମସ୍ତ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ।‘ପୋଷଣ ଭି ପଢାଇ ଭି‘ ଏହି କାର୍ଯ୍ୟକ୍ରମ ମୁଖ୍ୟ ପ୍ରସଙ୍ଗ ମା’ ଓ ଶିଶୁର ପୋଷଣ, ମସ୍ତିଷ୍କ ବିକାଶ ପାଇଁ ପ୍ରାରମ୍ଭିକ ଉତ୍ତେଜନା, ପ୍ରାରମ୍ଭିକ ବର୍ଷରେ ଖେଳ ଆଧାରିତ ଶିକ୍ଷା, ସ୍କ୍ରିନ୍ ସମୟ କମେଇବାରେ ଅଭିଭାବକ ଓ ସମୁଦାୟର ଭୂମିକା ଏବଂ ଶକ୍ତିଶାଳୀ ଅଙ୍ଗନବାଡି ସମୁଦାୟ ସମର୍ଥନ ଶିଶୁମାନଙ୍କ ମସ୍ତିଷ୍କ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ସିଡିପିଓ ଆଲୋକପାତ କରିଥିଲେ। ଏକ ସୁପୋଷିତ ଶିଶୁ ଏକ ଶକ୍ତିଶାଳୀ ଦେଶର ଭିତ୍ତିଭୂମି ଅଟେ ବୋଲି ମୁଖ୍ୟ ଅତିଥି ଗୋଲାଦି ତ୍ରିନାଥ କହିଥିଲେ। ଦିବ୍ୟାଙ୍ଗ ପିଲାଙ୍କ ସହ ସମସ୍ତ ୦ ରୁ ୩ ବର୍ଷର ଶିଶୁଙ୍କ ନିମନ୍ତେ ଶୈଶବକାଳୀନ ଉଦ୍ଦୀପନା ଓ ୩ ରୁ ୬ ବର୍ଷର ଶିଶୁମାନଙ୍କ ପାଇଁ ଆଦ୍ୟ ଶସ୍ୟକାଳୀନ ଯତ୍ନ ଓ ଶିକ୍ଷା କାର୍ଯ୍ୟକ୍ରମକୁ ତ୍ୱରାନିତ କରାଇବା ସହ ଜାତୀୟ ଶିକ୍ଷାନୀତି ଅନୁସାରେ ଶିଶୁମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ, ସାମାଜିକ ଓ ଏବଂ ଆବେଗିକ ବିକାଶ କରାଇବା ସହ ମୌଳିକ ସଂଖ୍ୟା ଧାରଣା ଓ ଅକ୍ଷର ଶିକ୍ଷା ପ୍ରଦାନ କରି ଶିଶୁମାନଙ୍କୁ ବିକାଶ ଦିଗରେ ଆଗେଇ ନେବା ପାଇଁ ଡ. ବିମଳ କୁମାର ବାଘ ପରାମର୍ଶ ଦେଇଥିଲେ।

## ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ଆତ୍ମରକ୍ଷା ତାଲିମ ଶିବିର



ପଟ୍ଟାଙ୍ଗି,୨୮।୪(ସମିସ): କୋରାପୁଟ ଜିଲ୍ଲା ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ, ପଟ୍ଟାଙ୍ଗିଠାରେ ଆତ୍ମରକ୍ଷା ତାଲିମ ଶିବିରର ଉଦ୍‌ଯାପନୀ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜନ୍ମେଶ୍ୱର ସାହୁ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। ଉଚ୍ଚ ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରାୟୋଜିତ ଏହି ଆତ୍ମରକ୍ଷା ତାଲିମ ଶିବିରଟି ସର୍ବମୋଟ ୮ ଦିନ ପର୍ଯ୍ୟନ୍ତ ମହାବିଦ୍ୟାଳୟ ପରିସରରେ ଚାଲିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଶ୍ରୀଯୁକ୍ତ ରାମ ପ୍ରସାଦ ଚୌଧୁରୀ ଉପସ୍ଥିତ ରହିଥିଲେ। ଅଧକ୍ଷ ଡ. ସାହୁ ନିଜର ଅଭିଭାଷଣ ରଖି ଆତ୍ମରକ୍ଷା ଗୁରୁତ୍ୱ ବିଷୟରେ ଛାତ୍ରୀ ମାନଙ୍କୁ ବୁଝାଇଥିଲେ। ପରବର୍ତ୍ତୀ ସମୟରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଚୌଧୁରୀ ନିଜର ବକ୍ତବ୍ୟ ରଖିବା ସହ ତାଲିମ ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଙ୍କୁ ନିଜ କର କରକମଳରେ ମାନପତ୍ର ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଗାଙ୍ଗେଶ୍ୱରୀ ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ଅଶୋକ କୁମାର ପରିଡା, ଅମିୟ କୁମାର ସ୍ୱାଇଁ, ଅଧ୍ୟାପିକା ଅବନୀ ମହାରଣା, ଅଧ୍ୟାପିକା ମାନସି ପଲେଇ, ଜେମେସଫ୍ରାଙ୍କଲିନ ଖରା, ଶିକ୍ଷା ବିଭାଗର ଡେମୋନେଷ୍ଟ୍ରେଟର ଗୀତାଞ୍ଜଳୀ ବିଶୋଇ, ପ୍ରଶାନ୍ତ କୁମାର ଦାସ, ଆଶିଷ କୁମାର ମହାରଣା, ଅକ୍ଷୟ କୁମାର ବେହେରା, ମୌସୁମୀ ଭତ୍ରା, ଝିଲି ରାଣି ସାମନ୍ତରାୟ,ସରିତା ସାହୁ, ଆଶୋକ କୁମାର ମିଶ୍ର ଓ ଦାଶରଥି ନାୟକ ପ୍ରମୁଖ ସହଯୋଗ କରିଥିଲେ।

● ବ୍ଲକସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ତେନ୍ତୁଳିପଦର ହରାଇ ବେଜୁଗୁଡା ଚାମ୍ପିଅନ



ନାରାୟଣପାଟଣା,୨୮।୪(ସମିସ): ନାରାୟଣପଟଣା ବ୍ଲକ ଅନ୍ତର୍ଗତ ବାଲିପେଟା ପଞ୍ଚାୟତର ଖେଳପଡିଆ ଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବେଜୁଗୁଡା କ୍ରିକେଟ ଟିମ୍ ଫାଇନାଲ ମ୍ୟାଚରେ ବିଜୟୀ ହୋଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ପ୍ରଥମେ ବ୍ୟାଟିଂ କରି ବେଜୁଗୁଡା ଦଳ ନିର୍ଦ୍ଧାରିତ ଓଭରରେ ୯୭ ରନ୍ ସଂଗ୍ରହ କରିଥିଲା। ଜବାବରେ ତେନ୍ତୁଳିପଦାର ଦଳ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇ ପରାଜୟ ବରଣ କରିଥିଲା। ଏହି ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ କୁମାର ହିଆଲ ଏବଂ ଲମ୍ବୁ ଧର ସୁବୁଦ୍ଧି, ପରିଚାଳନା କରିଥିଲେ। ସେହିପରି ଅମିତ କୁଲଦୀପିଆ ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ତଥା ବିଜୁ ଜନତା ଦଳର ଜିଲ୍ଲା ସଭାପତି ଝିନ୍ନ ହିକକା, ନାରାୟଣପଟଣା ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ବ୍ଲକ ସଭାପତି ପ୍ରହ୍ଲାଦ ଖୋସଲା, ଯୁବ ସଭାପତି ରାମ ସେଠି, ସରପଞ୍ଚ ବାବୁଲା କୁଲେସିକା ଯୁବ ପତ୍ରକାର ତଥା ସମାଜସେବୀ ଏନ ସନ୍ତୋଷ କୁମାର ପ୍ରମୁଖ ଉପସ୍ଥିତ ରହି ଉଭୟ ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିବା ସହ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ତାଙ୍କ ଅଭିଭାଷଣରେ କହିଥିଲେ। ଭଲ ଭାବରେ ଖେଳି ଜିଲ୍ଲା ତଥା ଏହି ଅଞ୍ଚଳର ନାମ ଅର୍ଜନ କରିବାକୁ ଦିଗଦର୍ଶନ ଦେଇଥିଲେ। ଆୟୋଜକ ମା’ବୁଢ଼ୀ ଠାକୁରାଣୀ କ୍ରିକେଟ ଟିମର ସମସ୍ତ ସଦସ୍ୟ ଏହି ପ୍ରତିଯୋଗିତା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ୧୦ ଗ୍ୟାସ୍ ସିଲିଣ୍ଡର ଜବତ



ସେମିଳିଗୁଡା, ୨୮।୪ (ସମିସ): କୋରାପୁଟ ଜିଲା ଯୋଗାଣ ବିଭାଗର ଏକ ସ୍ୱତନ୍ତ୍ର ଟିମ ସୁନାବେଡା ଓ ସେମିଳିଗୁଡ଼ା ସହରର ବିଭିନ୍ନ ହୋଟେଲରେ ଚଢ଼ଉ କରି ୧୦ ଗ୍ୟାସ୍ ସିଲିଣ୍ଡର ଜବତ କରିଛି। ଟିମ ସୁନାବେଡା ଟ୍ରାଫିକ ଛକ ନିକଟ ଏକ ହୋଟେଲରେ ବେଆଇନ ଭାବେ ଗଚ୍ଛିତ ୫ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରିଛି। ସେହିପରି ସେମିଳିଗୁଡ଼ା ଟ୍ରାଫିକ ଛକ ନିକଟ ଏକ ହୋଟେଲରୁ ଆଉ ୫ ସିଲିଣ୍ଡର ଜବତ କରିଥିବା ଜଣାପଡିଛି। ଏ ନେଇ ଚଢ଼ଉ ଜାରି ରହିଥିବା ଜିଲ୍ଲା ଯୋଗାଣ ବିଭାଗର ଏସିଏସ୍ଓ ଖଗେଶ୍ୱର ପଣ୍ଡା କହିଛନ୍ତି। ହୋଟେଲ ନାମରେ କଳାବଜାରୀ କରି ବେଆଇନ ଘରୋଇ ସିଲିଣ୍ଡର ଗଚ୍ଛିତ ଉପରେ ବିଭାଗ ନଜର ରଖିଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଚଢ଼ଉ ସମୟରେ ଜିଲ୍ଲା ଯୋଗାଣ ବିଭାଗ ଏସିଏସଓ ସୌଭାଗ୍ୟ ରଞ୍ଜନ ନାୟକ, କୋରାପୁଟ ସୁନାବେଡା ଦାୟିତ୍ୱରେ ଥିବା ବିଭଗୀୟ ଇନ୍‌ସପେକ୍ଟର ଆଦିତ୍ୟ ବିଶ୍ୱପ୍ରକାଶ ନାୟକ, ସୁନାବେଡା ଯୋଗାଣ ନିରୀକ୍ଷକ ସନ୍ତୋଷିନୀ ଗଦବା, ସେମିଳିଗୁଡ଼ା ଥାନା ଏଏସଆଇ ବିରଞ୍ଚି ବାଣ୍ଡିଆ ଯୋଗ ଦେଇଥିଲେ।

# ନାଳପାଣି ଭରସାରେ ଡୁମୁରିଗୁଡ଼ା ଗ୍ରାମବାସୀ

ନନ୍ଦପୁର,୨୮।୪ (ସମିସ): ବିକାଶର ବଡ଼ ବଡ଼ ଦାବି ମଧ୍ୟରେ ଆଜି ଯାଏଁ ମୌଳିକ ସୁବିଧା ପାଇଁ ହାହାକାର ନନ୍ଦପୁର ଅଞ୍ଚଳର ଏକ ଛୋଟ ଗ୍ରାମ ଡୁମୁରିଗୁଡ଼ା। ନନ୍ଦପୁର ବ୍ଲକ ଅଧୀନ ଗଲୁର୍ ପଞ୍ଚାୟତର ଏହି ଗ୍ରାମରେ ଗତ କିଛି ବର୍ଷ ଧରି ପାନୀୟଜଳ ସମସ୍ୟା ଲୋକମାନଙ୍କ ଜୀବନକୁ ଦୁର୍ବିସହ କରିଦେଇଛି। ଗ୍ରାମର ସମସ୍ତ ପରିବାର ପାନୀୟ ଜଳ ଲାଗି ନିତ୍ୟପ୍ରତ୍ୟହ ସଂଘର୍ଷର୍ କରୁଛନ୍ତି। ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା କହିଲେ, ମାତ୍ର ଦୁଇଟି ନଳକୂପ ଓ ଗୋଟିଏ ସୋଲାର ଜଳ ପ୍ରକଳ୍ପ। କିନ୍ତୁ ଦୁଃଖର କଥା, ସୋଲାର ଜଳ ପ୍ରକଳ୍ପଟି ଗତ ତିନି ବର୍ଷ ଧରି ଅଚଳ ଅବସ୍ଥାରେ ପଡ଼ିରହିଛି। ଦୁଇଟି ନଳକୂପ ମଧ୍ୟରୁ ଗୋଟିଏ ପୂରାପୁରି ବନ୍ଦ ହୋଇ ଯାଇଥିବା ବେଳେ ଅନ୍ୟଟି ପୁରୁଣା କୂଅ ଉପରେ ଯନ୍ତ୍ରାଂଶ ଲଗାଇ ଚାଲିଛି। ଗ୍ରାମରେ ୮୦ ପରିବାର ବସବାସ କରୁଥିବା ବେଳେ ଏତେ ଲୋକଙ୍କ ପାଇଁ ଏହା “ସମୁଦ୍ରକୁ ଶଙ୍ଖେ ପାଣି’ ସଦୃଶ। ଏପରି ସ୍ଥିତିରେ ଗ୍ରାମବାସୀମାନେ ବାଧ ହୋଇ ନାଳ ପାଣି ଉପରେ ନିର୍ଭର ହେଉଛନ୍ତି। ଦୈନିକ ଗୃହକାର୍ଯ୍ୟ, ପାନୀୟ ଜଳ ଓ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ସେହି ନାଳ ହିଁ ଏକମାତ୍ର ଆଶା। ବିଶେଷକରି ଗ୍ରୀଷ୍ମ ଋତୁରେ ସ୍ଥିତି ଆହୁରି ଦୟନୀୟ ହୋଇଯାଏ। ତୀବ୍ର ଖରା ଓ ଝାଞ୍ଜିରେ ମହିଳାମାନେ ଦୂର ନାଳକୁ ଯାଇ ମୁଣ୍ଡରେ ପାଣି ବୋହି ଘର ଅଗଣାକୁ ଆଣିବାକୁ ବାଧ୍ୟ ହେଉଛନ୍ତି। ଗ୍ରୀଷ୍ମ ଆମ ପାଇଁ ଯେମିତି ଅଭିଶାପ ସ୍ୱରୂପ ବୋଲି କହିଛନ୍ତି ଗ୍ରାମବାସୀ। ସେମାନଙ୍କ କଥାରୁ ଅସହାୟତାର



ଯନ୍ତ୍ରଣା ସ୍ପଷ୍ଟ ଭାବେ ପ୍ରକାଶ ପାଉଥାଏ। ସ୍ଥାନୀୟ ଲୋକପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ଜନଶୁଣାଣି ପର୍ଯ୍ୟନ୍ତ ଅନେକ ଥର ଅଭିଯୋଗ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଲୋକମାନଙ୍କ ଆଶା ଏବେ ମନ୍ଦ ହେବାରେ ଲାଗିଛି। ଗ୍ରାମବାସୀ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି ଯେ, ଶୀଘ୍ର ଏହି ଜଳ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ। ପାନୀୟ ଜଳର ସ୍ଥାୟୀ ବ୍ୟବସ୍ଥା ସୃଷ୍ଟି କରି ଏହି ଦୁର୍ଦ୍ଦଶାରୁ ମୁକ୍ତି ଦିଆଯାଉ। ଡୁମୁରିଗୁଡ଼ାର ଏହି

● ଗ୍ରୀଷ୍ମରେ ଅଭିଶପ୍ତ ଜୀବନ

ଦୟନୀୟ ଚିତ୍ର କେବଳ ଯେ ଏହି ଏକ ଗ୍ରାମର କଥା ନୁହେଁ। ବରଂ ଗ୍ରାମୀଣ ଓଡ଼ିଶାର ଅନେକ ଅଞ୍ଚଳର ନିରାଟ ସତ୍ୟ। ବିକାଶର ଆଲୋକ ଯେତେବେଳେ ସହରକୁ ଆଲୋକିତ କରୁଛି, ସେତେବେଳେ ଡୁମୁରିଗୁଡ଼ା ପରି ଗ୍ରାମ ଗୁଡ଼ିକ ଅନ୍ଧକାରରେ ଜଳକଷ୍ଟ ସହିବାକୁ ବାଧ୍ୟ ହୋଇପଡ଼ିଛି।

## ବିଭିନ୍ନ ସ୍ଥାନରେ ମଧୁବାବୁଙ୍କ ଜୟନ୍ତୀ

### ● ପଦ୍ମପୁର ଓକିଲ ସଂଘ



ପଦ୍ମପୁର, ୨୮ ।୪(ସମିସ): ପଦ୍ମପୁର ଓକିଲ ସଂଘ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ତଥା ଓକିଲ ଦିବସ ପାଳନ କରାଯାଇଛି ।ପଦ୍ମପୁର ଓକିଲ ସଂଘ ସଭାପତି ଆନନ୍ଦ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମଧୁବାବୁଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା । ସଂଘର ବରିଷ୍ଠ ସଦସ୍ୟ ରାଧାବଲ୍ଲଭ ପାଣିଗ୍ରାହୀ, ଉମେଶ ସାହୁ, ସନ୍ତୋଷ ଶତପଥୀ ପ୍ରମୁଖ ମଧୁବାବୁଙ୍କ ଜୀବନୀଦର୍ଶନରେ ସମସ୍ତେ ଅନୁପ୍ରାଣିତ ହୋଇ ଓକିଲାତି ପେଷାକୁ ଆଗକୁ ନେବାପାଇଁ ଅଭିଭାଷଣ ରଖିଥିଲେ । ବରିଷ୍ଠ ସଦସ୍ୟ ପ୍ରଶାନ୍ତ ମାଝୀଙ୍କୁ ଓଡ଼ିଶା ରାଜ୍ୟ ସଡକ ପରିବହନ କର୍ମଚାରୀ ସଂଘର ରାଜ୍ୟ ସଭାପତି ଭାବରେ ମନୋନୀତ ହୋଇଥିବାରୁ ସମ୍ମାନିତ କରାଯାଇଥିଲା । ନୂତନ ଭାବରେ ଯୋଗ ଦେଇଥିବା ଓକିଲ ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଶେଷରେ ସମ୍ପାଦକ ହରି ଶଙ୍କର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

### ● ବରଗଡ଼ ବାର୍ ଆସୋସିଏସନ

ବରଗଡ଼, ୨୮ ।୪(ସମିସ): ବରଗଡ଼ ବାର ଆସୋସିଏସନ ଓ ନିଷ୍ଠା ପରିବାର ମିଳିତ ଆନୁକୂଲ୍ୟରେ ବାରର ଲାଇବ୍ରେରୀ ହଲରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ବରେଣ୍ୟ ଅତିଥି ଭାବରେ ବରଗଡ଼ ଉପଜିଲ୍ଲାପାଳ



ପ୍ରସନ୍ନ କୁମାର ପାଣ୍ଡେ, ସଭାପତି ଭୀଷ୍ମଦେବ ସରାଫ, ସାଧାରଣ ସମ୍ପାଦକ ହରିହର ପ୍ରଧାନ ଯୋଗ ଦେଇ ଫିତା କାଟି ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଥିଲେ । ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୧୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଶିବିରକୁ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟା ଓ ଜିଲ୍ଲା ଓକିଲ ସଂଘର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ । ସମସ୍ତ ରକ୍ତଦାତା ସହଯୋଗୀ ଓ ଶୁଭେଚ୍ଛୁଙ୍କୁ ନିଷ୍ଠା ପରିବାର ତରଫରୁ ବହୁତ ବହୁତ ଧନ୍ୟବାଦ ।

### ● ଜିଲ୍ଲା ଓକିଲ ସଂଘ

ବରଗଡ଼, ୨୮ ।୪(ସମିସ): ବରଗଡ଼ ଜିଲ୍ଲା ଓକିଲ ସଂଘ ପକ୍ଷରୁ ସଂଘର ସମ୍ମିଳନୀ କକ୍ଷରେ ଓକିଲ ଦିବସ ତଥା ମଧୁ ଜୟନ୍ତୀ ପାଳିତ ହୋଇଯାଇଛି । ସଂଘର ସଭାପତି ଭୀଷ୍ମ ଦେବ ସରାଫଙ୍କ ଅଧ୍ୟକ୍ଷତା ଏବଂ ଅସୀମା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ




ସମାରୋହରେ ବରଗଡ଼ ଜିଲ୍ଲା ନ୍ୟାୟାଧୀଶ ଅନୁପ କୁମାର ଚନ୍ଦନ ମୁଖ୍ୟ ଅତିଥି ଏବଂ ପରିବାର ନ୍ୟାୟାଧୀଶ ମାନସ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ସଂଘର ବରିଷ୍ଠ ଓକିଲ ଶଙ୍କର୍ଷଣ ମିଶ୍ର, ମନୋଜ ରଥ, ଜୟଶ୍ରୀ ମହାପାତ୍ର ପ୍ରମୁଖ ନିଜର ଓକିଲାତି ଜୀବନର ଅଭିଜ୍ଞତା ସମ୍ପର୍କରେ କହିଥିଲେ । ଏହି ଅବସର ଜିଲ୍ଲା ଓକିଲ ସଂଘ ର ବରିଷ୍ଠ ସଦସ୍ୟ ଶଶି ଭୂଷଣ ପ୍ରଧାନ, ପ୍ରଦୀପ କୁମାର ମହାପାତ୍ର, ମିହିର ସାହୁ, କିଶୋର ଚନ୍ଦ୍ର ଦାଶ ଓ ଦେବଦତ୍ତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘର ସମ୍ପାଦକ ହରିହର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ତ୍ରିଲୋଚନ ନେତ୍ରାଳୟ ସହଯୋଗରେ ମାଗଣା ଚକ୍ଷୁ ପରୀକ୍ଷା ଶିବିରର ଆୟୋଜନ ହୋଇଥିଲା । ସଂଘର ଉପସଭାପତି ଉତ୍ତର କୁମାର ସାହୁ, ଯୁଗ୍ମସମ୍ପାଦକ ବୈକୁଣ୍ଠ ନାଥ ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଦସ୍ୟ କିଶୋର ଚନ୍ଦ୍ର ଦାଶ, ସନ୍ତୋଷ କୁମାର ଦାଶ, ସନକ ଦାଶ, ଲିପସିତ ମିଶ୍ର, ଅମିତ୍ କୁମାର ନାୟକ, ଅଧିକାରୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପ୍ରାରମ୍ଭରେ ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଓ ସଂଘ ର କର୍ମକର୍ତ୍ତାମାନେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର ଉଦ୍‌ଘାଟନ କରିଥିଲେ ।

## ଅସହାୟଙ୍କ ସାଥୀ ଜଗଦୀଶ

ବରଗଡ଼, ୨୮ । ୪(ସମିସ): ବରଗଡ଼ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆପ୍ରାଇଜ ଗ୍ରୁପର ଅଧ୍ୟକ୍ଷ ଜଗଦିଶ ଚନ୍ଦ୍ର ବେହେରା ଅସହାୟ ଲୋକଙ୍କୁ ମାଗଣା ପାଠ ପଢ଼ାଇବା ସହିତ ବିଭିନ୍ନ ସମୟରେ ସେବା କାର୍ଯ୍ୟ ସହିତ, ଜଳଛତ୍ର, ରିଲିଫ ବଣ୍ଟନ, ପ୍ରତିଭା ସମ୍ମାନ, ହେଲଥ କ୍ୟାମ୍ପ, ୯୦ପ୍ରତିଶତ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କୁ ଆର୍ôଥକ ସହାୟତା ମଧ୍ୟ ପ୍ରଦାନ କରିଥାନ୍ତି । ସେହିପରି ମାଆ, ବାପା ଛେଉଣ୍ଡ ପିଲାମାନଙ୍କୁ ମଧ୍ୟ ମାଗଣା ଶିକ୍ଷାଦାନ କରୁଥିବା ଆପ୍ରାଇଜ ଗ୍ରୁପର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡଃ ମୁକୁନ୍ଦ ଦାଶ କହିଛନ୍ତି ।

# ଝାରବନ୍ଧରେ ପାନୀୟ ଜଳ ସମସ୍ୟା ନେଇ ବୈଠକ

## ତୁରନ୍ତ ସମାଧାନ ପାଇଁ ଅଧିକାରୀଙ୍କୁ ତାଗିତ କଲେ ବିଧାୟିକା

ବରଗଡ଼, ୨୮ ।୪(ସମିସ)



ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଝାରବନ୍ଧ ବ୍ଲକରେ ପାନୀୟ ଜଳ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି । ଏହାକୁ ନେଇ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଅଧକ୍ଷତାରେ ମଙ୍ଗଳବାର ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବିଧାୟିକା ସମସ୍ୟାର ତତ୍କାଳ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ କଠୋର ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ବିଧାୟିକା ପ୍ରତିନିଧି ପ୍ରଶାନ୍ତ ମହାନ୍ତି ଓ ଆର୍‌ଡବ୍ଲ୍ୟୁଏସ୍ଏସ୍ ବିଭାଗୀୟ ଅଧିକାରୀ ଦିବାକର ମୁନା ସହ ବିଭିନ୍ନ ପଞ୍ଚାୟତର ଅଧିକାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ ।ପଞ୍ଚାୟତ ଭିତ୍ତିକ ଭାବେ ପାନୀୟ ଜଳ ଯୋଗାଣସ୍ଥିତି ବିଷୟରେ ସମୀକ୍ଷା କରାଯାଇଥିଲା ।ସମୀକ୍ଷାରେ ଧଉରାଭଟା, ପୁଟୁକା, ଝାରବନ୍ଧ, ବିଳାସପୁର, ଡୁଙ୍ଗୁରିପାଲି ମହାଲିଙ୍ଗପଡ଼ା ସମେତ ପ୍ରାୟ ୫୦% ଗ୍ରାମରେ ଗଭୀର ପାନୀୟ ଜଳ ସଙ୍କଟ ରହିଥିବା ତଥ୍ୟ ସାମ୍ନାକୁ ଆସିଥିଲା । ପାନୀୟ ଜଳ ପ୍ରକଳ୍ପର କାମ ସମୟସୀମା ଶେଷ ହୋଇଥିଲେ ମଧ୍ୟ ଠିକାଦାରଙ୍କ ଅସାବଧାନତା, ନିମ୍ନମାନର ପାଇପ ବ୍ୟବହାର, ନଳକୂଅରେ ଆବଶ୍ୟକ ପାଇପ ନ ଲଗାଇବା ପରି ଅନେକ ଅନିୟମିତତା ନେଇ ଅଭିଯୋଗ ଉଠିଥିଲା । ପୂର୍ବରୁ ପଞ୍ଚାୟତସ୍ତରରେ ସମାଧାନ ହୋଇଆସୁଥିବା ସମସ୍ୟା ବର୍ତ୍ତମାନ ବ୍ଲକସ୍ତରକୁ ସୀମିତ ହୋଇଯାଇଥିବାରୁ ସମସ୍ୟା ଆହୁରି ଜଟିଳ ହୋଇଯାଇଛି ବୋଲି ଅଭିଯୋଗ ହୋଇଛି । ବିଶେଷକରି ୧୪ଟିପଞ୍ଚାୟତରେ ଅବସ୍ଥା ଗୁରୁତର ଥିବା ସମୟରେ କେବଳ ଦୁଇ, ତିନିଟି ଗାଡି ମାଧ୍ୟମରେ ମରାମତି କାମ କରାଯାଉଥିବାରୁ ସେବା ପ୍ରଦାନ କେତେ ଦୂର ସଫଳ ହେବ ପ୍ରଶ୍ନ ଉଠିଛି ।ସମସ୍ତ ଅଭିଯୋଗ ଶୁଣି ବିଧାୟିକା ଶ୍ରୀମତୀ ବର୍ଷା ସିଂ ବରିହା ବିଭାଗୀୟ ଅଧିକାରୀଙ୍କୁ ତାଗିତ କରି ସଠିକ ଓ ତ୍ୱରିତ କାର୍ଯ୍ୟନିଷ୍ପାଦନ କରିବା ସହ ସାଧାରଣ ଲୋକଙ୍କୁ ନିୟମିତ ଓ ସୁଚିତ ପାନୀୟ ଜଳ ସେବା ଯୋଗା ଇବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜୟ କେତନ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସୁଶୀଳ ମରେଇ, ଭଇସାଦର୍ହା ସରପଞ୍ଚ ମନୋଜ ପ୍ରଧାନ, ବିଳାସପୁର ସରପଞ୍ଚ ଚୈତ କୁମାର ନାଏକ, ଅମଠି ସରପଞ୍ଚ ଲକ୍ଷେସିଂ ଥପା, ସରପଞ୍ଚ ସମିତି ସଭ୍ୟ ବୃନ୍ଦଙ୍କ ସମେତ ଜୟକୁମାର ନିଗମ, ନନ୍ଦଲାଲ ମହାପାତ୍ର, ମାନଭଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ● କେନାଲ ପାଣି ଯୋଗାଣ ଅବ୍ୟାହତ ରହିବ

## ଚାଷୀ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ବରଗଡ଼, ୨୮ ।୪(ସମିସ): ଆସନ୍ତା ୩୦ ତାରିଖରୁ ହୀରାକୁଦ ଜଳଭଣ୍ଡାରରୁ କେନାଲ ଯୋଗେ ଆସୁଥିବା ପାଣି ବନ୍ଦ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଲା ପରେ ବରଗଡ଼ ଓ ଅତାବିରା ବିଭିନ୍ନ ଚାଷୀ ସଂଗଠନ ପକ୍ଷରୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଜଳଯୋଗାଣ ଆଉ କିଛି ଦିନ ବଢ଼ାଇବା ପାଇଁ ନିବେଦନ କରିଥିଲେ ତା ସହ ଆଜି ଭାରତୀୟ କିସାନ ସଂଘର ଏକ ବରିଷ୍ଠ ପ୍ରତିନିଧି ଦଳ ଜଳସମ୍ପଦ ବିଭାଗ ଅଧକ୍ଷ ତଥା ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କୁ ଭେଟି ତାଙ୍କ ସହ ଆଲୋଚନା ପର୍ଯ୍ୟାଲୋଚନା ପରେ ଚଳିତ ବର୍ଷ ଅସମୟ ବର୍ଷା, କରକାପାତ ଓ ପାଗ ପରିବର୍ତ୍ତନ ଯୋଗୁଁ ଧାନ ଫସଲ ପାଚିବାରେ ୮-୧୦ ଦିନ ବିଳମ୍ବ ହୋଇଛି ବୋଲି ଅବଗତ କରାଇ ଆଉ ୧୦ ଦିନ ପାଣିର ଆବଶ୍ୟକତା ରହିଛି ବୋଲି ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କୁ ଅବଗତ କରିଥିଲେ । ଚାଷୀ ସମସ୍ୟାକୁ ଆଖି ଆଗରେ ରଖି ପାଣି ଅଭାବରୁ ଫସଲ ଶୁଖିଯାଇ ଚାଷୀମାନେ ଭୟଙ୍କର କ୍ଷତିଗ୍ରସ୍ତ ହେବେ ଓ ଋଣଗ୍ରସ୍ତ ହେବାର ସମ୍ଭାବନାକୁ ଉପଲବ୍ଧ କରି ହୀରାକୁଦ କମାଣ୍ଡ ଏରିଆରେ କେନାଲ ଜଳସେଚନକୁ ୧୦.୫.୨୦୨୬ ପର୍ଯ୍ୟନ୍ତ ଅର୍ଥାତ୍ ଆଉ ୧୦ଦିନ ବୃଦ୍ଧି କରିବା ପାଇଁ ସମ୍ପୃକ୍ତ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ବିଧାୟକଙ୍କ ପଦକ୍ଷେପ ହଜାର ହଜାର ଚାଷୀ ପରିବାରକୁ ଆର୍ଥିକ ବିପର୍ଯ୍ୟରୁ ରକ୍ଷା କରିବ ଏବଂ ଖାଦ୍ୟ ଉତ୍ପାଦନ ବୃଦ୍ଧିରେ ସହାୟକ ହେବ ବୋଲି ରାଜ୍ୟ ସଭାପତି ଶ୍ରୀମୁଖ ପ୍ରଧାନ ପ୍ରକାଶ କରିଛନ୍ତି । ପ୍ରତିନିଧି ଦଳରେ ରାଜ୍ୟ ମହିଳା ପ୍ରମୁଖ ସଂଘମିତ୍ରା ପଟେଲ, ଜିଲ୍ଲା ସମ୍ପାଦକ ଚୈତନ୍ୟ କର୍ଣ୍ଣ, ଜଳ ଆୟାମ, ଅନିଲ ବିଶ୍ୱାଳ, ଭୁପାଳ ବିଶିଙ୍କ ସହ ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର ଆଲୋଚନାରେ ଭାଗ ନେଇ ଥିଲେ ।

## ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ ପାଣି ବ୍ୟବସ୍ଥା

ପଦ୍ମପୁର, ୨୮ ।୪(ସମିସ): ପଦ୍ମପୁରର ତୀବ୍ର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମାରୱାଡ଼ି ଯୁବା ମଞ୍ଚ ପଦ୍ମପୁର ପକ୍ଷରୁ ସାମାଜିକ ପଦକ୍ଷେପ ଗ୍ରହଣ କରାଯାଇଛି । ମଞ୍ଚର ସଦସ୍ୟମାନେ ଭେଉଁରିଆ ଛକରେ ଯାତ୍ରୀ ଓ ସାଧାରଣ ଲୋକଙ୍କ ପାଇଁ ପାଣିଜାର ଏବଂ ଥଣ୍ଡା ପାଣିର ବ୍ୟବସ୍ଥା କରିଛନ୍ତି । ଯାହା ଦ୍ୱାରା ଏହି ଉତପ୍ତ ଗ୍ରୀଷ୍ମରେ ଲୋକମାନେ ଆରାମ ପାଣି ପାଇପାରିବେ ।ସେବାକାର୍ଯ୍ୟ ଆଗାମୀ କିଛି ମାସ ପର୍ଯ୍ୟନ୍ତ ଜାରି ରହିବ, ଯାହାଦ୍ୱାରା ରାହାଗିରି ଓ ସାଧାରଣଲୋକଙ୍କୁ ଶୁଦ୍ଧ ଏବଂ ଥଣ୍ଡା ପାଣି ମିଳିପାରିବ । ମାରୱଡି ସମାଜର ଅଧ୍ୟକ୍ଷ ଅମରଦୀପ ଅଗ୍ରୱାଲ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ସେଥିପାଇଁ ସମାଜର ଅନ୍ୟାନ୍ୟ ବରିଷ୍ଠ ଓ ଗଣ୍ୟମାନ୍ୟ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ଥିଲେ ।




## ବିଜେଡି ବ୍ଲକ୍ ଓ ନଗର ମହିଳା ସଭାନେତ୍ରୀଙ୍କ ନାମ ଘୋଷଣା

ବରଗଡ଼ ୨୮ ।୪(ସମିସ): ବିଜୁ ଜନତା ଦଳ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବରଗଡ଼ ଜିଲ୍ଲା ବିଜେଡି ବ୍ଲକ ଓ ନଗର ମହିଳା ସଭାନେତ୍ରୀଙ୍କ ନାମ ଘୋଷଣା କରାଯାଇଛି । ବିଜେପୁର ବ୍ଲକ ମିନୁ ଶର୍ମା, ବିଜେପୁର ଏନ୍ଏସି ଧନେଶ୍ୱରୀ ଭୋଶାଗର, ବରପାଲି ବ୍ଲକ ସତ୍ୟ ଭାମା ପ୍ରଧାନ, ବରପାଲି ଏନ୍ଏସି ତିଲୋତ୍ତମା ବଗାର, ଗାଇସିଲେଟ ବ୍ଲକ ପୁଷ୍ପାଞ୍ଜଳି ବେହେରା, ଅମ୍ବାଭୋନା ବ୍ଲକ କଳ୍ପନା ପଧାନ, ଭଟଲି ବ୍ଲକ ଭାରତୀ ଭୋଇ, ସୋହେଲା ପାର୍ବତୀ ପଧାନଅତାବିରା ସୋଭାଗିନି ମହାପାତ୍ର, ଅତାବିରା ଏନ୍ଏସି, ସୁରେଖା ବାଗଭେଡେନ ବ୍ଲକ ପଦ୍ମିନୀ ଗଡ଼ତିଆରାଜବୋଡାସମ୍ବର ସାବିତ୍ରୀ ଚାନ୍ଦ, ପାଇକମାଳ ବ୍ଲକ ବନିତା ମହାନନ୍ଦଝାରବନ୍ଦ ବ୍ଲକ କୁମୁଦିନୀ ନିଗମ, ପଦମପୁର ଏନ୍ଏସି ମନୋରମା ମହାପାତ୍ର, ବରଗଡ଼ ମ୍ୟୁନିସିପାଲଟି ସୁନନ୍ଦା ପଣ୍ଡା, ବରଗଡ଼ ବ୍ଲକ ପୁଷ୍ପା ଭୋଇ ପ୍ରମୁଖଙ୍କ ନାମ ରାଜ୍ୟ ବିଜୁ ମହିଳା ବିଜୁ ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି । ନାମ ଘୋଷଣା ପରେ ବରଗଡ଼ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର, ପଦ୍ମପୁର ବିଧାୟିକା ବର୍ଷା ସିଂ, ବରିହା, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲ୍ଲା ବିଜୁ ମହିଳା ସଭାନେତ୍ରୀ ତଥା ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ପ୍ରଦ୍ୟୁମ୍ନ ତ୍ରିପାଠୀ, କରନ ସିକନ୍ଦର ଗୌର ହରି ମିଶ୍ର, କିଶୋର ଦେବତା, ଗୌତମ ସିଂ, ସୁଶାନ୍ତ ମିଶ୍ର, ପ୍ରମୁଖ ଜିଲ୍ଲାର ବିଭିନ୍ନ ବ୍ଲକ ଓ ନଗର ପାଇଁ ମନୋନୀତ ବିଜେଡି ମହିଳା ସଭାନେତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ସମାଜସେବୀ ଚିନ୍ମୟ ମହାନ୍ତିଙ୍କ ପରଲୋକ



ଭେଡେନ, ୨୮ ।୪(ସମିସ): ଭେଡେନ ବ୍ଲକ ଖୁଣ୍ଟୁଲିପାଲି ଗ୍ରାମର ସାମାଜିକ କର୍ମୀ ଚିନ୍ମୟ ମହାନ୍ତି(୪୪)ଙ୍କ ମୁମ୍ବାଇରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ପରଲୋକ ଘଟିଛି । ସେ ଶାଳନାପଞ୍ଚାୟତ ହାଇସ୍କୁଲର ପରିଚାଳନା କମିଟି ସଭାପତି, ଖୁଣ୍ଟୁଲିପାଲି ଦୁର୍ଗାପୂଜା କମିଟିର ସଭାପତି, ଖୁଣ୍ଟୁଲିପାଲି ଶିଶୁମନ୍ଦିରର ସକ୍ରିୟ ସଦସ୍ୟ ସହ ଅଞ୍ଚଳର ଅନେକ ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନର ସଦସ୍ୟ ଥିଲେ ।ସେ ଜଣେ ସ୍ୱେଚ୍ଛାକୃତ ରକ୍ତଦାତା ମଧ୍ୟ ଥିଲେ ।ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକରଛାୟା ଖେଳି ଯାଇଛି ।ଏହି ଦୁଃଖଦ ଖବର ପାଇ ବିଜେଡିର ପୂର୍ବତନ ମନ୍ତ୍ରୀ ସ୍ନେହାଗିନୀ ଛୁରୀଆ ଦୁଃଖ ପ୍ରକାଶ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି ।ତାଙ୍କ ମରଶରୀର ଗାଁରେ ପହଞ୍ଚିଲା ପରେ ଶବଦାହ କରାଯିବ ।

# ବିଭିନ୍ନ ସମସ୍ୟା ନେଇ ପ୍ରଶାସନକୁ ଦାବିପତ୍ର



ବରଗଡ଼, ୨୮ ।୪(ସମିସ): ବରଗଡ଼ ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ୧୨ଦଫା ଦାବିପତ୍ର ଜିଲ୍ଲା ପ୍ରଶାସନକୁ ଆମ୍ ଆଦମୀ ପାର୍ଟି ପ୍ରଦାନ କରିଛି । ଗ୍ରୀଷ୍ମ ପ୍ରବାହର ପ୍ରକୋପ ବଢ଼ିବାରେ ଲାଗି ଥିବା ବେଳେ ପ୍ରଶାସନ ତରଫରୁ ତତ୍ପରତା ଦେଖିବାକୁ ମିଳୁନାହିଁ । ଗ୍ରୀଷ୍ମ ପ୍ରବାହକୁ ଧ୍ୟାନରେ ରଖି ଜଳଛତ୍ର, ଟ୍ରାଫିକ ପୋଷ୍ଟରେ ଟେଣ୍ଟ ବ୍ୟବସ୍ଥା, ଚାଷକୁ ଦୃଷ୍ଟିରେ ରଖି କେନାଲ ପାଣି ମେ' ୨୦ପର୍ଯ୍ୟନ୍ତ ବୃଦ୍ଧି କରିବା, ଜବରଦଖଲ ଉଚ୍ଛେଦ କରିବା ପୂର୍ବରୁ ଭୂମିହୀନଙ୍କୁ ଥଇଥାନ, ବରଗଡ଼ ସହରରେ ମହିଳା ଓ ପୁରୁଷଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା, ବରଗଡ଼ - ଭେଡେନ କେନାଲ ରାସ୍ତା ଶୀଘ୍ର ସମ୍ପନ୍ନ, ବରଗଡ଼ ସହରରେ ହେଉଥିବା ଅଙ୍କାବଙ୍କା ଡ୍ରେନ ନିର୍ମାଣର ତଦାରଖ କରି ଠିକ କରାଯାଉ, ଜିଲ୍ଲା କୃଷି କାର୍ଯ୍ୟାଳୟ ପରିସରରେ ଅଗ୍ନିକାଣ୍ଡ ଘଟି କ୍ଷତି ହୋଇ ଥିବା ସ୍ପ୍ରିଙ୍କଲର ଓ ଅନ୍ୟ ସାମଗ୍ରୀର ତଦନ୍ତ, ପୂର୍ତ୍ତ ବିଭାଗର ତୋରଣ ନିର୍ମାଣରେ ହେଉଥିବା ଦୁର୍ନୀତିର ବିଭାଗୀୟ ତଦନ୍ତ, ବରଗଡ଼ ସହର ପାଇଁ ସ୍ଥାୟୀ ଡମ୍ପିଂୟାର୍ଡ଼ର ବ୍ୟବସ୍ଥା, କେନାଲରେ ପଡୁଥିବା ଡ୍ରେନ ଯୋଗୁଁ ପ୍ରଦୂଷଣ, ଏହାର ସୁରକ୍ଷା ନିମନ୍ତେ ପଦକ୍ଷେପ ନିଆଯାଉ, ବୁଲା ଗାଈ ଗୋରୁଙ୍କ ପାଇଁ ଉପୁଜୁ ଥିବା ଟ୍ରାଫିକ ସମସ୍ୟାର ସମାଧାନ ସହ କାଞ୍ଜି ହାଉସର ବ୍ୟବସ୍ଥା, ଅନ୍ଧାରୁଆ ରାସ୍ତାରେ ଷ୍ଟ୍ରିଟ୍ ଲାଇଟର ବ୍ୟବସ୍ଥା ସହ ଘନଘନ ବିଦ୍ୟୁତ୍ କଟକୁ ବନ୍ଦ କରିବାକୁ ଜିଲ୍ଲା ପ୍ରଶାସନ ପାଖରେ ରାଜ୍ୟ ସମ୍ପାଦକ ଭବାନୀ ସାହୁ, ମହିଳା ନେତ୍ରୀ ମାରୀୟମ ବାର୍ଲା, ଅସିତ ସାହୁ, ଆଇନଜୀବି ଏମଡି ମୋଇନ ପ୍ରମୁଖ ଦାବି କରିଛନ୍ତି ।

# ନୃସିଂହନାଥ ବୈଶାଖ ମେଳା ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ପାଇକମାଳ, ୨୮ ।୪(ସମିସ)



ନୃସିଂହନାଥ ପ୍ରସିଦ୍ଧ ବୈଶାଖ ମେଳାର ଦ୍ୱତିୟ ଦିନ ସୋମବାର ସାଂସ୍କୃତିକ କର୍ଯ୍ୟକ୍ରମର ଶୁଭ ଆରମ୍ଭ ହୋଇଯାଇଛି ।ମାର୍ଜାରକେଶରୀ ମଣ୍ଡପରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ସମ୍ମାନିତ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ସମ୍ମାନିତ ଅତିଥି ଭାବେ ବରଗଡ଼ ଏସ୍‌ପି ପ୍ରହ୍ଲାଦ ସହାୟ ମିନା, ପଦ୍ମପୁର ଏଡିଏମ୍ ସରୋଜିନ ପ୍ରଶନ୍ନ କୁଲୁ, ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ, ସଦନ ତୀୟାରୀ ମନ୍ଦିର ଟ୍ରଷ୍ଟି ତଥା ପାଇକମାଳ ଏବିଡିଓ ଦେବାଶିଷ ସିହ୍ନା ସଭାପତିତ୍ୱ କରିଥିଲେ । ବୈଶାଖ ମେଳା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ନାଟ୍ୟକାର ଅଧ୍ୟାପକ କେଶରଞ୍ଜନ ପ୍ରଧାନ, ଅଧ୍ୟାପକ ଐତିହାସିକ ଭକ୍ତ ପୁରନ ସାହୁ ଓ ସ୍ୱର୍ଗତ ନାରାୟଣ ପୃଷେଠଙ୍କୁ ମରଣୋତ୍ତର ସମ୍ମାନରେ ସୁଜିତ ପୃଷେଠ ଙ୍କୁ ସମ୍ମାନିତ କରାଯାଇଥିଲା । ମେଳା କମିଟିର ସଦସ୍ୟ ସୁଶାନ୍ତ ମିଶ୍ର ଉଦଘାଟନୀ ସଭାକୁ ପରିଚାଳନା କରିଥିଲେ । ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ । ନରସିଂହ ଅବତାର ଉପାୟ ସାଂସ୍କୃତିକ ଅନୁଷ୍ଠାନ ମାଣ୍ଡୋସିଲ, ଓଡିଶୀନୃତ୍ୟ ନଟରାଜ ଡ୍ୟାନ୍ସ ଏକାଡେମୀ କଟକ, ମାଲଖମ୍ବା ଦିପଲ୍ଲଭି ମୟୁରଭଞ୍ଜ, ପଣ୍ଡୱାନି ଗରିଆବନ୍ଧ ଛତିଶଗଡ଼, ଲୋକ ନାଟକ ମୂଷିକ ଦତ୍ୟ ଦରବାର ପରିବେଷଣ ଦେଖି ସମଗ୍ର ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମି ଉଠିଥିଲେ ଦର୍ଶକ । ଗତ ବର୍ଷ ବୈଶାଖ ମେଳା ପାଇଁ ସରକାର ଘୋଷଣା କରିଥିବା ୧୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି । ପୂର୍ବାହ୍ନରେ ଯଜ୍ଞ ମଣ୍ଡପରେ ୧୩ଜଣ ପଣ୍ଡିତଙ୍କୁ ନେଇ ବିଶ୍ୱଶାନ୍ତି ମହାଯଜ୍ଞ ପୀଠରେ ଚାଲିଛି ପୁଜା ପାଠ ସହ ହୋମ ଯଜ୍ଞରେ ପଣ୍ଡିତ ମାନେ ୩୩୧୦୦ନୃସିଂହବୀଜ ମନ୍ତ୍ର ଜପ ସହ ୨ଦିନ ଧରି ମୋଟ ୬୭୭୦୦ନୃସିଂହବୀଜ ମନ୍ତ୍ର ଜପ କରିଛନ୍ତି । ମଣ୍ଡପରେ ବ୍ରହ୍ମଣ ପୂଜନ, ସୂର୍ଯ୍ୟପୂଜା, ତୋରଣ ପୂଜା, ବାସ୍ତୁ ପୂଜା ପ୍ରଭୃତି ହୋଇ ଥିବା ବେଳେ ୩୬୦୦, ଆହୁତି ପ୍ରଦାନ କରାଯାଇଛି ବୋଲି ପଣ୍ଡିତ ଡିଗ୍ରୀଧର ଦେବତା ଜଣାଇଛନ୍ତି ।

## ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ପୋଷୋଣ କାର୍ଯ୍ୟକ୍ରମ



ବରପାଲି, ୨୮ ।୪(ସମିସ): ବରଗଡ଼ ଜିଲ୍ଲା ବରପାଲି ବ୍ଲକ ତିଲେଇମାଲ ପଞ୍ଚାୟତ ଅଫିସ ପରିସରରେ ବରପାଲି ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ପୋଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରିନା ଥଇତ, ତିଲେଇମାଲ, ଆଗଲପୁର, ରକସା ସରପଞ୍ଚ, ବରଗଡ଼ ଡିଏସ୍‌ଡବ୍ଲୁ ସନ୍ଧ୍ୟାରାଣୀ ନେପାକ, ବରପାଲି ସିଡିପିଓ ରୁକ୍ମିଣୀ ମହାପାତ୍ରଙ୍କ ସମେତ ସମସ୍ତ ସୁପର ଭାଇଜର, ଆଗଲପୁରର ସମସ୍ତ ଅଙ୍ଗନବାଡ଼ିକର୍ମୀ ଓ ସାହାର୍ଯ୍ୟ କାରିଣୀ ବୃନ୍ଦ, ସେକ୍ଟରର କିଶୋରୀ ବାଳିକା, ଗର୍ଭବତୀଓ ପ୍ରସୂତି ମହିଳା ଉପସ୍ଥିତ ଥିଲେ । କିଶୋରୀ ବାଳିକାମାନେ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ବିଜେତା କିଶୋରୀ ବାଳିକାଙ୍କୁ ପୁରସ୍କୃତ କରାଯାଇଥିଲା ।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ

# 'ଓଡ଼ିଶାକୁ ମଧୁବାବୁଙ୍କ ଅବଦାନ ଅତୁଳନୀୟ'










ଖୋର୍ଦ୍ଧା,୨୮।୪(ସମିସ): ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ କରାଯାଇଛି। ଖୋର୍ଦ୍ଧା ଅଦାଲତ ସମ୍ମୁଖରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଅଧିବକ୍ତା ଶିବ ସୁନ୍ଦର ପଟ୍ଟନାୟକଙ୍କ ନେତୃତ୍ୱରେ ପୁଷ୍ପମାଲ୍ୟ ପ୍ରଦାନ ପ୍ରଦାନ କରାଯାଇଛି। ବିଡିଏ କଲୋନୀସ୍ଥିତ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ମଧୁବାବୁଙ୍କ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା। ଅଧିବକ୍ତା ଶ୍ରୀ ପଟ୍ଟନାୟକ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଉତ୍କଳ ସମ୍ମିଳନୀ ର କେନ୍ଦ୍ରୀୟ କୋଷାଧ୍ୟକ୍ଷ ଡ. ବିମଳ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ମଧୁବାବୁଙ୍କ ସପ୍ତମ ପୁରୁଷ ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ୍ ର ରଥିପୁର ଗ୍ରାମରୁ ଯାଇ ସତ୍ୟଭାମାପୁର ଠାରେ ରହିଥିବା କଥା ସୂଚନା ଦେବା ସହ ମଧୁବାବୁଙ୍କ ଉଦ୍ୟମରେ ଓଡିଶା ପାଇଁ ପୁଲିସ୍ ବାହିନୀ ପ୍ରତିଷ୍ଠା ହେବା କଥା ଜଣାଇଥିଲେ। ମଧୁବାବୁଙ୍କ ପ୍ରତିଷ୍ଠିତ ସମବାୟ ଖାଉଟୀ ଭଣ୍ଡାର ଦେଶର ପ୍ରଥମ ସମବାୟ ଅନୁଷ୍ଠାନ ଥିବା ମତବ୍ୟକ୍ତ କରିଥିଲେ। ସମ୍ମାନିତ ବକ୍ତା ଭାବେ ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ବରିଷ୍ଠ ଶିକ୍ଷାବିତ୍ ଭୀମସେନ୍ ପ୍ରଧାନ, ଡ.ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପୂର୍ବତନ ସମବାୟ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର, କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିବକ୍ତା ସୀତାକାନ୍ତ ମିଶ୍ର, ନୃସିଂହ ମିଶ୍ର, ଶିଶିର କୁମାର ପରିଡା, କବିଲକ୍ଷ୍ମୀ ଧର ବଡଜେନା, ଶାନ୍ତି ଲତା ସାହୁ ମଧୁବାବୁଙ୍କ ସ୍ମୃତି ଚାରଣ କରିଥିଲେ।




**ଉତ୍କଳ ସାମ୍ବାଦିକ ସଂଘ ଓ ଜାଗୃତି :** ଉତ୍କଳ ସାମ୍ବାଦିକ ସଂଘ(ୟୁଜେଏ) ଏବଂ ସାମାଜିକ ଅନୁଷ୍ଠାନ ଜାଗୃତି ପକ୍ଷରୁ ମିଳିତ ଆନୁକୂଲ୍ୟରେ ମଧୁବାବୁଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୋର୍ଟ ସମ୍ମୁଖରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ୟୁଜେଏ ସଭାପତି ଅବ୍ୟକ୍ତ ହରିହର ଖାଡଙ୍ଗା କହିଲେ ଯେ, ଏକାଧାରାରେ ପ୍ରଥମ ଓଡ଼ିଆ ଗ୍ରାଜୁଏଟ, ପ୍ରଥମ ଓଡ଼ିଆ ଏମଏ, ପ୍ରଥମ ବିଲାତ ଯାତ୍ର ତଥା ପ୍ରଥମ ଓଡ଼ିଆ ଓକିଲ। ସେ ମଧ୍ୟ ପ୍ରଥମ ଓଡ଼ିଆ ମନ୍ତ୍ରୀ ଥିଲେ। ଓଡ଼ିଶାକୁ ମଧୁବାବୁଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଜାଗୃତିର ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଲେ ଯେ, ମଧୁବାବୁ ସମାଜ ପାଇଁ ଜଣେ ସମର୍ପିତ ବ୍ୟକ୍ତିତ୍ୱ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଦିଲୀପ ପଟ୍ଟନାୟକ, ସତ୍ୟନାରାୟଣ ପାଇକରାୟ, ପ୍ରବୀଣ ଭଞ୍ଜ, ପ୍ରଦୀପ ବେହେରା, ଶୁଭକାନ୍ତ ମହାପାତ୍ର ଉପସ୍ଥିତ ଥିଲେ।

**ଟାଙ୍ଗୀ :** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଜୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ପ୍ରଭୁ ବଳରାମଦେବଙ୍କ ପୀଠରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତୁରନ୍ତ କବି ଉମେଶ ପ୍ରସାଦ ଧଳ ମଧୁବାବୁଙ୍କ ସଂପର୍କରେ ଏକ କବିତା ଆବୃତି କରିଥିଲେ। ତାରାପ୍ରସାଦ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ମନୋଜ କୁମାର ପଟ୍ଟନାୟକ, ସାମ୍ବାଦିକ ରଘୁନାଥ ସାହୁ, ମନୋଜ କୁମାର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ରଣା ପ୍ରମୁଖ ଯୋଗଦେଇ ଥିଲେ। ଅନୁରୂପ ଭାବେ ଟାଙ୍ଗୀ ଗ୍ରାମନ୍ୟାୟାଳୟ ପରିସରରେ ଲୟର୍ସ ବାର ପ୍ରକୋଷ୍ଠରେ ମଧୁବାବୁଙ୍କ ଜୟନ୍ତୀ ପାଳନ ଅବସରରେ ଫଟୋଚିତ୍ର ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଂଘ ସଭାପତି ସୁରେନ୍ଦ୍ର କୁମାର ବେହେରା,ସଂପାଦକ ରମାମଣି ଦେଈ, ପୂର୍ବତନ ସଭାପତି ନକୁଳ ନାୟକ, ଯୁଗ୍ମ ସଂପାଦକ ତପନ ମହାନ୍ତି, ପୂର୍ବତନ ସଂପାଦକ ପିତବାସ ନାୟକ, ପ୍ରତାପ ମହାପାତ୍ର,ଅମରେନ୍ଦ୍ର ମହାନ୍ତି, ଅଶ୍ୱିନୀ ଦାଶ, ମନୋଜ ମାନସିଂହ, ବିଶ୍ୱଜିତ ରାଉତରାୟ, ଉପସଭାପତି ମଙ୍ଗରାଜ ସାମନ୍ତରାୟ, କୋଷାଧ୍ୟକ୍ଷ ସୁଜାତା ପଲାଇ, ହେମନ୍ତ ଦାସ, ଗଂଗାଧର ପ୍ରଧାନ, ରବୀନ୍ଦ୍ର କୁମାର ରଣା,ନିରଂଜନ ବଳବନ୍ତରାୟ,ଆନ୍ଥୋନି ଜଗଦେବ,ଲାଇବ୍ରେରି ସଂପାଦକ ଦେବୀପ୍ରସାଦ ମର୍ଦ୍ଦରାଜ,ରାମଚନ୍ଦ୍ର ପାତ୍ର,ବିଶ୍ୱବିଜୟ ନାୟକ,ପ୍ରକାଶ କୁମାର ଶଣ୍ଢ ପ୍ରମୁଖ ଯୋଗଦେଇଥିଲେ।ସେହିପରି ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ରେ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ମଧ୍ୟ ଏହି ଦିବସ ପାଳିତ ହୋଇଯାଇଛି।

**ବାଣପୁର :** ସାରା ରାଜ୍ୟରେ ଏପ୍ରିଲ ୨୮ ତାରିଖରେ ମଧୁବାବୁଙ୍କ ଜୟନ୍ତୀ ପାଳନ ଅବସରରେ ଓକିଲ ମାନେ ଆଇନଜୀବୀ ଦିବସ ପାଳନ କରି ଆସୁଛନ୍ତି। ଏପରି ସ୍ଥଳେ ଚଳିତ ବର୍ଷ ମଙ୍ଗଳବାର ବାଣପୁର ଆଦର୍ଶ ଆରୋଗ୍ୟ ସେବା ସଦନ ତରଫରୁ ସଦନ କାର୍ଯ୍ୟାଳୟ ପରିସରରେ ବାରିଷ୍ଟର ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ସହ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଆଦର୍ଶ ଆରୋଗ୍ୟ ସେବା ସଦନର ସଭାପତି ଭି. କାମେଶ୍ୱର ଆଚାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜୀବୀ ସନ୍ଦୀପ ମହାପାତ୍ର, ଅଶୋକ ଜାଲି, ଅନିଲ ମହାପାତ୍ର, ଅନିଲ ବାରିକ, ଅଜିତ ବାରୀକି, ସନ୍ତୋଷ ପାତ୍ର, ବିନୋଦ ସ୍ୱାଇଁ, ସନ୍ତୋଷ ମହାପାତ୍ର, ଶାନ୍ତନୁ ମହାପାତ୍ର ଓ ଅଜିତ ସ୍ୱାଇଁ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ସ୍ୱାଭିମାନ, ବିଚାରଧାରା, ଓକିଲପଣିଆ ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ନୂଆପିଢିଙ୍କୁ ଅବଗତ କରାଇବାରେ କୌଣସି ପ୍ରଚେଷ୍ଟା କରା ନ ଯାଇ ସାରା ରାଜ୍ୟର ଆଇନଜୀବୀମାନେ ଆଇନଜୀବୀ ଦିବସ ରୂପେ ପଳନ ସ୍ୱରୂପ ଉକ୍ତ ଦିବସକୁ କେବଳ ଗୋଟିଏ ଛୁଟି ଦିବସ ରୂପେ ପାଳନ କରାଯାଉ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆଇନଜୀବୀ ସୁନିଲ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ନିରାକାରପୁର:** ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପରିସରରେ ଆଜି କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ସାହିତ୍ୟ ସଂସଦ ଓ 'ସହଯୋଗ' ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନିରାକାରପୁର ଶାନ୍ତି ପ୍ରତିଷ୍ଠାନର ପ୍ରତିଷ୍ଠାତା ତଥା ବିଶିଷ୍ଟ ପ୍ରବକ୍ତା ଡ. ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ବାଇଧର ପ୍ରଧାନ, ଶଙ୍କର୍ଷଣ ପ୍ରଧାନ, ଶ୍ୟାମ ସୁନ୍ଦର ପଟ୍ଟନାୟକ, ପ୍ରସାଦ କୁମାର ଦାସ, ବିଭୂତି ଭୂଷଣ ଦାଶ, ଗୋବିନ୍ଦ ଚନ୍ଦ୍ର ବିଶୋଇ, ପଦିଆ କାଣ୍ଡି, ରବୀନ୍ଦ୍ର କାଣ୍ଡି, ବୈନେତ୍ୟ ନାରାୟଣ ଦାଶ, ଗଣେଶ ମହାପାତ୍ର, ନାଗେଶ୍ୱର ପ୍ରଧାନ , ସାଇଶ୍ରୀ ଅନୁରାଗ, ପ୍ରଭାସିନୀ ପ୍ରଧାନ, ତେଜସ୍ୱନୀ ଦାଶ, ଇନ୍ଦିରା ପ୍ରିୟଦର୍ଶିନୀ ଦାଶ ଓ ବିକ୍ରମ କେଶରୀ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। 'ସହଯୋଗ' ଅନୁଷ୍ଠାନର ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ ସମସ୍ତ ଅତିଥି ଓ ଉପସ୍ଥିତ ସଦସ୍ୟଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିପୁଳ ପୋଚ ଓ ମଦ ଜବତ; ୩ କୋର୍ଟ ଚାଲାଣ

ବେଗୁନିଆ,୨୮।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ସଦର ରେଞ୍ଜ ନୀରିକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ୱାବଧାନରେ, ମୋବାଇଲ ନିରୀକ୍ଷକ ମିତ୍ରବିନ୍ଦା ପରିଡା, ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧି,ଜଟଣୀ ଏଏସଆଇ ଓ କର୍ମଚାରୀ ଏବଂ ଖୋର୍ଦ୍ଧା ଏପିଆରଙ୍କ ସହଯୋଗରେ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢାଉ ହୋଇଛି। ଏଥିରୁ ମୋଟ ୫ ହଜାର କେଜି ପୋଚ ଓ ୪ ଶହ ଲିଟର ଦେଶୀ ମଦ, ବ୍ୟବହୃତ ସାମଗ୍ରୀ, ଗୋଟିଏ ବାଇକ ସହ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ସୂଚନା ମିଳିଛି। ଏହି ଚଢାଉ ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ବରପଦା କାଜୁ ଜଙ୍ଗଲ , ଗୋଡି ଡାଳତୋଳା କାଜୁ ଜଙ୍ଗଲରେ ପୋଚ ସହ ଦେଶୀ ମଦ ଜବତ କରାଯାଇଥିଲା। ଏହା ସହ ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ବୋଲଗଡ଼ ଟାଙ୍ଗୀସାହି ଗ୍ରାମର କବିରାଜ ନାୟକ ଏବଂ ଭୀମସେନ ପରିଡା ଓ ଭୀମପଡା ଗ୍ରାମର ଯଦୁମଣି ମୁଦୁଲିଙ୍କ ଠାରୁ ଦେଶୀ ମଦ ଜବତ କରିଛି।

## ଦୁଇ ଲୁଟେରା ଗିରଫ; ଚୋରି ବାଇକ ଜବତ



ଜଟଣୀ, ୨୮।୪ (ସମିସ): ଜଟଣୀ ଥାନା ଅନ୍ତର୍ଗତ ମଧୁସୂଦନ ନଗର ଅଞ୍ଚଳରୁ ଲୁଟ୍ ହୋଇଥିବା ବାଇକ୍ ସହ ଦୁଇ ଜଣ ଲୁଟେରାଙ୍କୁ ପୁଲିସ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ବୋଲଗଡ଼ ଥାନା ସିଙ୍ଗିପୁର ଗାଁର ସୁଶୀଲ ପରିଡ଼ା (୨୦) ଓ ଖୋର୍ଦ୍ଧା ସଦର ଥାନା ବଣିଆଟାଙ୍ଗି ଅଞ୍ଚଳର ବିଶ୍ୱଜିତ ସେନାପତି (୨୭)। ସେମାନଙ୍କ ନିକଟରୁ ଚୋରା ବାଇକ ଜବତ କରାଯାଇଛି। ଅଭିଯୋଗକାରୀ ଏ ରବି କୁମାର ଗତ ୨୩ତାରିଖ ଦିନ ମଧୁସୂଦନ ନଗର ସ୍ଥିତ ଜଣେ ବ୍ୟକ୍ତିଙ୍କ ଘରକୁ ଯାଇଥିଲେ। ତାଙ୍କ ଘର ସାମ୍ନାରେ ନିଜ ବାଇକଟିକୁ ପାର୍କିଂ କରିଥିଲେ। କିଛି ସମୟ ପରେ ତାଙ୍କ ଘରୁ ଫେରି ଦେଖିଲେ ବାଇକଟି ନାହିଁ। ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରୁଥିବା ବେଳେ ଆଜି ସୀତାରାମ ଛକରେ ପାଟ୍ରୋଲିଂ ଚାଲିଥିଲା। ସନ୍ଦେହ ଅବସ୍ଥାରେ ବାଇକଟିକୁ ଅଟକାଇ ଯାଞ୍ଚ କରିବାରୁ ଗାଡ଼ିର କୌଣସି କାଗଜପତ୍ର ନଥିବା ଜାଣିବାକୁ ପାଇଥିଲା ପୁଲିସ। ସେହି ସମୟରେ ଦୁଇ ଅଭିଯୁକ୍ତ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ମାଡ଼ି ବସିଥିଲା। ଏ ନେଇ ଥାନାରେ ଏକ କେସ ନଂ ୨୦୬/୨୬ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ।

## ପୃଥକ୍ ଦୁର୍ଘଟଣାରେ ଦୁଇ ମୃତ

ଟାଙ୍ଗୀ,୨୮।୪ (ସମିସ): ଟାଙ୍ଗୀ ଥାନା ମଙ୍ଗଳାଯୋଡି ଓ ୧୬ ନମ୍ବର ଜାତୀୟ ରାଜପଥ ର କୋଚିଲା ଛକ ନିକଟରେ ପୃଥକ୍ ଦୁର୍ଘଟଣା ଘଟି ଦୁଇଜଣ ର ମୃତ୍ୟୁ ଘଟିଛି। ଏହି ଥାନା ଅଧିନସ୍ଥ ମଙ୍ଗଳାଯୋଡି ଗ୍ରାମ ଏକ ଶଂଖ ମୋଡଣି ରେ ଦୁଇଟି ମୋଟର ସାଇକେଲ ଧକ୍କାରେ ମଙ୍ଗଳାଯୋଡିର ରମେଶ ଚନ୍ଦ୍ର ମାଝୀ(୪୮) ଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇ ଭୁବନେଶ୍ୱର ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ସେହିପରି ୧୬ ନମ୍ବର ଜାତୀୟ ରାଜପଥ ର କୋଚିଲା ଛକ ଠାରେ ଏକ ଅଜଣା ଗାଡି ଧକକା ରେ ବଡଲାବନ୍ଧର ବାଇକ ରେ ଯାଉଥିବା କୈଳାସ ଚନ୍ଦ୍ର ସାହୁ (୬୩)ଙ୍କର ମୃତ୍ୟୁ ଘଟିଥିବା ଟାଙ୍ଗୀ ଥାନା ଆଇଆଇସି ରବୀନ୍ଦ୍ର ଭୁଜବଳ ସୂଚନା ପ୍ରଦାନ କରିଛନ୍ତି। ଉଭୟଙ୍କ ମୃତ ଦେହ କୁ ଜବତ କରି ବ୍ୟବଛେଦ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଟାଙ୍ଗୀ ଆଇଆଇସି ଶ୍ରୀ ଭୂଜବଳ ସୂଚନା ପ୍ରଦାନ କରିଛନ୍ତି।

■ 'ଜନତାଙ୍କୁ ନ୍ୟାୟ ଜନତାଙ୍କ ଭାଷାରେ' ଆଲୋଚନାଚକ୍ର

## ଓକିଲ ସଂଘ ଏବଂ ବେଞ୍ଚ ମଧ୍ୟରେ ସୁସମ୍ପର୍କ, ସମନ୍ୱୟ ରହିଲେ ନ୍ୟାୟ ପ୍ରକ୍ରିୟା ତ୍ୱରାନ୍ୱିତ ହେବ

ଖୋର୍ଦ୍ଧା,୨୮।୪(ସମିସ) : ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ ହଲ ପରିସରରେ ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘ ଆନୁକୂଲ୍ୟରେ ମଧୁସୂଦନ ଦାସଙ୍କ ଜୟନ୍ତୀ, ଆଇନଜୀବୀ ଦିବସ ଅବସରରେ ଆଲୋଚନା ଚକ୍ର ଜନତାଙ୍କୁ ନ୍ୟାୟ ଜନତାଙ୍କ ଭାଷାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ଲୋତକ ବିନ୍ଦୁ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ନ୍ୟାୟଧିଶ ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ମଧୁବାବୁ ଜଣେ ସ୍ୱାଭିମାନୀ ଓଡ଼ିଆ ଥିଲେ। ଓଡ଼ିଶାର ସ୍ୱାଭିମାନ ପାଇଁ ସେ ଲଢେଇ କରୁଥିଲେ। ଆଇନଜୀବୀ ମାନେ ତାଙ୍କ ପରି ନିର୍ଭିକ ହେବାକୁ ପରାମର୍ଶ ଦେଇଥିଲେ। ଓକିଲ ଏବଂ ଡାକ୍ତରୀ ପେସା ସମାଜର ସେବା ପାଇଁ ଉଦ୍ଦିଷ୍ଟ। କୌଣସି କେସ୍ ପରିଚାଳନା ସମୟରେ ଏହାକୁ ଭଲ ଭାବେ ତର୍ଜମା କରନ୍ତୁ। ନିଜ ମହକିଲଙ୍କୁ କିଭଳି ନ୍ୟାୟ ପ୍ରଦାନ କରିବେ ସେଥିପ୍ରତି ଚେଷ୍ଟା କରନ୍ତୁ। ନ୍ୟାୟଧିଶଙ୍କ ସମ୍ମୁଖରେ କଣ ପଚାରିବେ ନାହିଁ, ତାହାର ସମ୍ପୂର୍ଣ୍ଣ ପ୍ରସ୍ତୁତ କରିଲେ କେସ୍ ରେ ସଫଳତା ପାଇବେ। ଓକିଲ ସଂଘ ଏବଂ ବେଂଚ ମଧ୍ୟରେ ସୁ ସମ୍ପର୍କ, ସମନ୍ୱୟ ରହିଲେ ନ୍ୟାୟ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ସେ କହିଲେ ଯେ, ନ୍ୟାୟାଳୟରେ ଓଡ଼ିଆ ଭାଷାର ପ୍ରଚଳନ ପାଇଁ ସମୂହ ପ୍ରଚେଷ୍ଟା ଜରୁରୀ। ନିମ୍ନ ଅଦାଲତ ହେଉଛି ନ୍ୟାୟପାଳିକାର ଭିତ୍ତିଭୂମି। ନ୍ୟାୟାଧୀଶ ମାନେ କେସ୍ ଫଇସଲା ସମୟରେ କିଭଳି ଶୀଘ୍ର କେଶ ସମାଧାନ ହେବ, ଲୋକଙ୍କୁ ତ୍ୱରିତ ନ୍ୟାୟ ମିଳିବ, ସେଥିପ୍ରତି ଗୁରୁତ୍ୱ ଦିଅନ୍ତୁ। ୱାରେଂଟି ସମୟ ଗଡିଯିବା ପରେ ପୁଲିସ ଆଉ ୱାରେଂଟି ଙ୍କୁ ଗିରଫ କରିପାରିବେ ନାହିଁ। କୌଣସି ଏକ କେସ୍ ପରିଚାଳନା ସମୟରେ ଦିଆଯାଉଥିବା ଷ୍ଟେଟସ କ୍ୱୋ"(ସ୍ଥିତାବସ୍ଥା) ଅନେକ ସମୟରେ ମୂଲ୍ୟହୀନ ଭଳି ହୋଇଥାଏ ବୋଲି କହିଥିଲେ। ଅନେକ କ୍ଷେତ୍ରରେ ଏହା ପ୍ରବାହଶାଳୀ ବ୍ୟକ୍ତିଙ୍କ ସପକ୍ଷରେ ଯାଇଥାଏ, ଦୁର୍ବଳ ବ୍ୟକ୍ତିଙ୍କୁ କୌଣସି ଲାଭ ମିଳିନଥାଏ ବୋଲି ସେ କହିଥିଲେ। ସରକାରୀ ଓକିଲଙ୍କ କାମ ହେଉଛି କୌଣସି କେସ୍ ପରିଚାଳନା ସମୟରେ କୋର୍ଟରେ ଏହାର ଉପଯୁକ୍ତ ଡକ୍ୟୁମେଂଟ ପ୍ରଦାନ କରିବେ। କୌଣସି ଏକ ମାମଲାରେ ବାରମ୍ବାର କୋର୍ଟ ନିର୍ଦ୍ଦେଶ ସତ୍ୱେ ସାକ୍ଷୀ କୋର୍ଟରେ ହାଜର ହେଉନାହାନ୍ତି,



ଫଳରେ ବର୍ଷ ବର୍ଷ ଧରି କୋର୍ଟ ଅନେକ ମାମଲା ଚାଲିଛି। ଏ ଦିଗରେ ନ୍ୟାୟାଧୀଶମାନେ ଅନ୍ୟ କୋର୍ଟର ରାୟକୁ ଉଲ୍ଲେଖ କରି କେସ୍‌କୁ ଖାରଜ କରିପାରିବେ। କୌଣସି ମାମଲାର ରାୟ ପ୍ରଦାନ ସମୟରେ ନ୍ୟାୟାଧୀଶମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଏଥିପ୍ରତି ନ୍ୟାୟାଧୀଶମାନେ ସଜାଗ, ସଚେତନ ହେବାକୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ବିଜୟ ଛୋଟରାୟ, ବିଜୟ ସାମନ୍ତସିଂହାର, ନୃସିଂହଚରଣ ମିଶ୍ର, ଅଜିତ ପଟ୍ଟନାୟକ, ପ୍ରାଣକୃଷ୍ଣ ଦଳବେହେରା, ରାମାଶିଷ ପଟ୍ଟନାୟକ ପ୍ରମୁଖ ନ୍ୟାୟ ପାଳିକାରେ ଓଡ଼ିଆ ଭାଷାର ପ୍ରଚଳନ ପାଇଁ ଦାବି ଉପସ୍ଥାପନ କରିଥିଲେ। ସେହିପରି ଓକିଲ ସଂଘ ପକ୍ଷରୁ ଖୋର୍ଦ୍ଧାରେ ପୋକ୍‌ସୋ ଏବଂ ଭିଜିଲାନ୍ସ କୋର୍ଟ ସ୍ଥାପନା ପାଇଁ ନ୍ୟାୟାଧୀଶଙ୍କୁ ପ୍ରସ୍ତାବ ଦେଇଥିଲେ। ଆଇନ ମହାବିଦ୍ୟାଳୟରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାପତି ପଟ୍ଟନାୟକ ଖୋର୍ଦ୍ଧା ଓକିଲ ସଂଘ ଗରିମାମୟ ଇତିହାସ ସମ୍ପର୍କରେ କହିଥିବାବେଳେ ସମ୍ପାଦକ ଲିଙ୍ଗରାଜ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଏବଂ ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କୁନି କଳାକାର ମାନେ ଓଡ଼ିଶୀ ନୃତ୍ୟ, ଶିଶୁମନ୍ଦିରର ଛାତ୍ରୀ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ।

## ଓସିଏ ଆନ୍ତଃଜିଲ୍ଲା ମହିଳା କ୍ରିକେଟ; ସୁନ୍ଦରଗଡ଼ ଜିଲ୍ଲା ମହିଳା ଦଳ ବିଜୟୀ

ଖୋର୍ଦ୍ଧା,୨୮।୪(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ ଠାରେ ଚାଲିଥିବା ଆନ୍ତଃ ଜିଲ୍ଲା ସିନିୟର୍ ମହିଳା ଟି -୨୦ କ୍ରିକେଟ ପ୍ରତିଯୋଗିତାର ଖୋର୍ଦ୍ଧା ଜୋନ୍ ମ୍ୟାଚ୍ ର ଆଜିର ମ୍ୟାଚ୍‌ରେ ସୁନ୍ଦରଗଡ ଜିଲ୍ଲା ମହିଳା ଦଳ ଦେଓଗଡ ଜିଲ୍ଲା ମହିଳା ଦଳ କୁ ୨୩୫ରନ ରେ ପରାସ୍ତ କରି ବିଜୟୀ ହୋଇଛି। ସୁନ୍ଦରଗଡ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ଓଭର ରେ ୨ୱିକେଟ୍ ହରାଇ ୨୮୩ ରନ୍ କରିଥିଲା। ଦଳ ପକ୍ଷରୁ ଦିବ୍ୟା ରାଉତରାୟ ୧୦୩ ରନ୍ ଓ ଇଷିତା ପାଣି ୮୮ରନ୍ କରିଥିଲେ। ଜବାବରେ ଦେଓଗଡ ଦଳ ୨୦ ଓଭର ରେ ୮ଟି ୱିକେଟ୍ ହରାଇ ମାତ୍ର ୪୮ରନ୍ କରି ୨୩୫ ରନ୍ ରେ ପରାସ୍ତ ହୋଇଥିଲେ। କ୍ରିକେଟ୍ ଆସୋସିଏସନ୍ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧାର ସମ୍ପାଦକ ତଥା ଓସିଏ ର କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ସୁଧୀର ସାହୁ, ବ୍ରିଜେଶ ପ୍ରଧାନ, କାଜଲ ବଳିଆରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିଂଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳ ସଂଯୋଜନା କରିଥିଲେ। ଅମ୍ପାୟାର ତେଜନ ଦୁର୍ଗା, ଅଭିନାଶ ନାୟକ ଓ ସ୍କୋରର ସତ୍ୟନାରାୟଣ ପରିଡ଼ା କାର୍ଯ୍ୟ ତୁଲାଇଥିଲେ।



## ବିଶିଷ୍ଟ ଯନ୍ତ୍ରୀ ଅପର୍ତ୍ତି ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା



ନିରାକାରପୁର,୨୮।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଅଗ୍ରଣୀ ସାଂସ୍କୃତିକ ଓ ଆଧାତ୍ମିକ ଅନୁଷ୍ଠାନ 'ରାମଦୟା ପରିଷଦ'ର ପୂର୍ବତନ ସଭାପତି ତଥା ବିଶିଷ୍ଟ ଯନ୍ତ୍ରୀ (ଇଞ୍ଜିନିୟର) ଅପର୍ତ୍ତି ପ୍ରଧାନଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ତାଙ୍କ ବାସଭବନ ପରିସରରେ ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାଟି ବରିଷ୍ଠ ନେତା ବିପିନ କୁମାର ଜୟସିଂହଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ସଭାରେ ରାମ ଦୟା ପରିଷଦ ସମ୍ପାଦକ ଗଙ୍ଗାଧର ତ୍ରିପାଠୀଙ୍କ ସମେତ ଜିଲ୍ଲା ପରିଷଦ ସଦସ୍ୟ ବିଜୟ କୁମାର ପାଲଟାସିଂହ, ଜଗନ୍ନାଥ ସଂସ୍କୃତି ଗବେଷକ ପୂର୍ଣ୍ଣଚନ୍ଦ୍ର ଦାଶ , ବରିଷ୍ଠ ନେତା ଶ୍ରୀରଞ୍ଜନ ମଙ୍ଗରାଜ, ବିରଞ୍ଚି ନାରାୟଣ ତ୍ରିପାଠୀ, ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ନାଥ ଶର୍ମା, କମଳ ଲୋଚନ ପ୍ରଧାନ, ସୁଶ୍ରୀ ମେଘନା ବଳିଆରସିଂହ, ଅପର୍ତ୍ତି ଜେନା, ଶଙ୍କର୍ଷଣ ପ୍ରଧାନ ଓ ବିଧୁ ଭୂଷଣ ମହାରଣା ପ୍ରମୁଖ ଉପସ୍ଥିତ ଅତିଥିମାନେ ସ୍ୱର୍ଗତ ପ୍ରଧାନଙ୍କ ସମାଜ ପ୍ରତି ଅବଦାନ, ସଂଗଠନ ପ୍ରତି ତାଙ୍କର ନିଷ୍ଠା ଓ ଦୂରଦର୍ଶୀ ନେତୃତ୍ୱ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସ୍ୱର୍ଗତ ପ୍ରଧାନଙ୍କ ପୁତ୍ର ତଥା ସାମ୍ବାଦିକ ଦୀପକ କୁମାର ପ୍ରଧାନ ପରିଚାଳନା କରିଥିଲେ।

## ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା,୨୮।୪(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଏବଂ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ନେଇ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଓ ସଭାପତି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଉଭୟ ପ୍ରଶିକ୍ଷଣ ଶିବିର କୁ ଉଦଘାଟନ କରି କହିଥିଲେ ଯେ, ପ୍ରଶାସନରେ ଓଡ଼ିଆ ଭାଷା ପ୍ରୟୋଗ ଦ୍ୱାରା



ସମସ୍ତଙ୍କୁ ସେବା ଦେଇହେବ। ସେହିପରି ମୁଖ୍ୟଅତିଥି ଓଡ଼ିଆ ଭାଷା ବ୍ୟବହାର ଦ୍ୱାରା ଆମେ ତୃଣମୂଳସ୍ତରରେ ସେବାଦେଇ ବିକଶିତ ଗ୍ରାମ, ବିକଶିତ ଗ୍ରାମ ପଂଚାୟତ, ବିକଶିତ ସମାଜ, ବିକଶିତ ଓଡ଼ିଶା ଓ ବିକଶିତ ରାଷ୍ଟ୍ର ନିର୍ମାଣ ନିମନ୍ତେ ଓଡିଆ ଭାଷାରେ ସମସ୍ତେ କାର୍ଯ୍ୟାଳୟର ନଥିପତ୍ର କାର୍ଯ୍ୟ ଶତପ୍ରତିଶତ ନିର୍ବାହ ପାଇଁ ଆହ୍ୱାନ ଦେଇଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପ୍ରଶିକ୍ଷକ ଭାବେ ଡ. ସନ୍ତୋଷ କୁମାର ରଥ, ସୁରେନ୍ଦ୍ର ମୋହନ ଦାସ, ବୈଷ୍ଣବ ଚରଣ ମହାନ୍ତି, ପ୍ରଫେସର ରମେଶ ଚନ୍ଦ୍ର ମଲ୍ଲିକ, ମନୋରଞ୍ଜନ ପାଣିଗ୍ରାହୀ ଏବଂ ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ ଡ଼ଃ ସିଦ୍ଧାର୍ଥ ଶଙ୍କର ପାଢ଼ୀ ସରକାରୀ ନଥି ପତ୍ର, ଚିଠି ଆଦି କାର୍ଯ୍ୟ ସମ୍ପାଦନରେ ଓଡ଼ିଆ ଭାଷାର ପ୍ରୟୋଗ ସମ୍ବନ୍ଧରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉକ୍ତ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଆସନ୍ତା କାଲି ଶେଷ ହେବ। ପ୍ରଶିକ୍ଷଣ ଶିବିରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମସ୍ତ ଅଧିକାରୀ ଏବଂ କର୍ମଚାରୀ, ଜିଲ୍ଲାପରିଷଦ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଏବଂ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ ମାନେ ପ୍ରଶିକ୍ଷଣ ଆଜି ନେଇଥିବା ବେଳେ ମଙ୍ଗଳବାର ମଧ୍ୟ ପ୍ରଶିକ୍ଷଣ ନେବେ। ଏହି ପ୍ରଶିକ୍ଷଣ ଶିବିର ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ର କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଚୁଆରୁ ବାର୍‌ହା ଉଦ୍ଧାର

ବେଗୁନିଆ, ୨୮।୪ (ସମିସ): ବେଗୁନିଆ ବ୍ଲକ ଅଞ୍ଚଳରେ ବାର୍‌ହାମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇ ଥିବାରୁ ଚାଷୀ ମାନେ କ୍ଷତିଗ୍ରସ୍ତ ହେଉଥିବାବେଳେ ଅଭିଯୋଗ କଲେ ମଧ୍ୟ କ୍ଷତି ପୂରଣ ପ୍ରଦାନରେ ବିଳମ୍ବ ହେଉଛି। ଗତ ସୋମବାର ରାତ୍ରରେ ବାରହା ପଲ ଯାଉଥିବାବେଳେ ସିମୋର - ବଡବେରେଣା ମଝିରେ ଥିବା କୁଶପଲା ରାସ୍ତାରେ ବିଲ ମଝିରେ ଥିବା ଦୀନବନ୍ଧୁ ପଣ୍ଡାଙ୍କ ବିଲରେ ଥିବା ଏକ ଚୁଆ ଭିତରେ ଖସି ପଡିଥିଲା। ସ୍ଥାନୀୟ ଲୋକମାନେ ସକାଳ ସମୟରେ ଦେଖି ବେଗୁନିଆ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ସେମାନେ ଘଟଣାସ୍ଥଳକୁ ଯାଇ ବାରହା ଟିକୁ ଉଦ୍ଧାର କରିଥିଲେ। ବନପାଳ ପ୍ରିୟଦର୍ଶିନୀ ସେଠୀ, ଗାର୍ଡ ଦୀପ୍ତିମୟୀ ପଣ୍ଡା ଓ ପାରାସ୍କ୍ୱାଡ୍ ଦୁର୍ଗାପ୍ରସାଦ ପଣ୍ଡା ବାରହାଟିକୁ ନିକଟରେ ଥିବା କଣ୍ଟାମଳିମ ଜଙ୍ଗଲରେ ଛାଡିଦେଇଥିଲେ।

## ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟିତ

# ‘ମେଳା ଦ୍ୱାରା ମହିଳାମାନେ ହେବେ ସଶକ୍ତ’

ଝାରସୁଗୁଡ଼ା,୨୮।୪(ସମିସ)



ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ୭ ଦିନିଆ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ ହୋଇଯାଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ମେଳା ମହିଳାମାନଙ୍କୁ ସଶକ୍ତ କରିବାର ଏକ ରାସ୍ତା। ସେମାନଙ୍କୁ ଆତ୍ମନିର୍ଭର କରିବା ଏବଂ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏହି ମେଳାର ଆୟୋଜନ କରାଯାଇଛି ବୋଲି ସେ କହିଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ନଭଲ ଅଗ୍ରୱାଲ, ବରଗଡ଼ ନିର୍ବାଚନ ମଣ୍ଡଳୀର ସାଂସଦଙ୍କ ପ୍ରତିନିଧି ଶ୍ଲୋକ ସରନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ ଏବଂ ଆୟୋଜକ ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ରେଲୱେ ସାଂସ୍କୃତିକ ସଂଘ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା। ପରେ ପରେ ରାଇଜ ଅପ୍ ଡାନ୍ସ ଏକାଡେମୀ ପକ୍ଷରୁ ଓଡିଶୀ ଡ୍ୟାନ୍ସ ପରିବେଷଣ କରାଯାଇଥିଲା। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସମ୍ବଲପୁରର ଲହରଙ୍ଗ ଟିମ କିସାନ ନୃତ୍ୟ ପରିବେଷଣ କରିଥିଲେ। ଉମାକାନ୍ତ ବାରିକ ଏବଂ ସାଥି କଳାକାରମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅତିଥିମାନେ ମେଳାରେ ପଡିଥିବା ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ ବୁଲି ଦେଖିଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଜିଲ୍ଲା ତଥା ଜିଲ୍ଲା ବାହାରର ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ।

ବୁଧବାର ବେହେରାମାଲ ଆଶ୍ରମ ସ୍କୁଲ, ବେଦାନ୍ତ ଟାଉନସିପ୍, ଜଷ୍ଟ କୁଇକ ଷ୍ଟେପ, ଦୁର୍ଗା ଗ୍ରୁପ ଏବଂ ପୁରୁଣା ସମ୍ବଲପୁରୀ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

**● କାଳବୈଶାଖୀ ପ୍ରଭାବରେ ଝଡ଼ ତୋଫାନ**

# ପାଉଁଶ ବଳୟରେ ଅଞ୍ଚଳବାସୀ ଅସ୍ତବ୍ୟସ୍ତ

ଇବଥର୍ମାଲ:୨୮।୪(ସମିସ): ସୋମବାର ରାତିରେ ପ୍ରବଳ ଝଡ ତୋଫାନ ହେବାରୁ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ ତୃତୀୟ ଜୋନ୍ କୁମ୍ଭାରବନ୍ଧ ଅଞ୍ଚଳରେ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରିଛନ୍ତି। କାଳବୈଶାଖୀର ପ୍ରଭାବରେ ହୋଇଥିବା ଝଡ ତୋଫାନରେ ମଣିଷକୃତ ପାଉଁଶ ବଳୟ ଯୋଗୁଁ ଅଞ୍ଚଳବାସୀଙ୍କ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ଦେଖିବାକୁ ମିଳିଥିଲା। ସୋମବାର ରାତିରେ ପ୍ରବଳ ପବନ ଯୋଗୁଁ ରାତି ୩ ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ୍ ହୋଇଥିଲା। ପବନ ଯୋଗୁଁ ପାଉଁଶ ପୋଖରୀରୁ ପାଉଁଶ ଗୁଣ୍ଡ ଉଡ଼ିଆସିବା ଫଳରେଅଞ୍ଚଳବାସୀଅସ୍ତବ୍ୟସ୍ତହୋଇଥିଲେ। ପାଉଁଶ ଉଡିବାରୁ ଲୋକେ ଅଣନିଶ୍ୱାସୀ ହୋଇ ପଡ଼ିଥିବା ଅଭିଯୋଗ ହୋଇଛି। ଏ ସଂପର୍କରେ ଓପିଜିସି ଜନ ସଂପର୍କ ଅଧିକାରୀ ହୀମାଶୁ ଭୁଷଣ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ରାତିରେ ପାଉଁଶ ଉଡ଼ିବା ଘଟଣା ସମ୍ପର୍କରେ ଖବର ଓପିଜିସି କର୍ତ୍ତୃପକ୍ଷଙ୍କ ପାଖକୁ ଆସିଛି। ଆସପଣ୍ଡ ମାନଙ୍କରେ ପାଣି ସିଞ୍ଚନର ବ୍ୟବସ୍ଥା କରାଯାଇଛି। ହେଲେ ପ୍ରବଳ ଖରା ଯୋଗୁଁ ଶୁଖିଯାଇ



ଏଭଳି ପରିସ୍ଥିତି ହୋଇଥାଇପାରେ। ଆଜିଠୁ ଆଗକୁ ଆଉ ଅଧିକ ପାଣି ସିଞ୍ଚନ କରିବାର ବ୍ୟବସ୍ଥା କରାଯାଇଛି। ଆଗକୁ ଏଭଳି ପରିସ୍ଥିତି ଯେମିତି ନହୁଏ ସେଥିପାଇଁ ଆମେ ଯତ୍ନବାନ ହେବୁ ବୋଲି କହିଛନ୍ତି। ଲୋକଙ୍କ ଜୀବନ ସହ ଜଡିତ ସମସ୍ୟା ହୋଇଥିବାରୁ ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଜଙ୍ଗଲ ଜମି ଆଇନ୍ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ କମିଟି ବୈଠକ



ଦେବଗଡ,୨୮।୪(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣଙ୍କ ଆହ୍ୱାନ କ୍ରମେ ଜିଲ୍ଲାପାଳ କବିନ୍ଦ୍ର କୁମାର୍ ସାହୁଙ୍କ ଅଧ୍ୟକ୍ଷତାରେ ଜଙ୍ଗଲ ଜମି ଆଇନ ସମ୍ବନ୍ଧୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଜିଲ୍ଲାର ଜଙ୍ଗଲ ଜମି ଉପରେ ନିର୍ମାଣ ହେବାକୁ ଥିବା ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା। ଜଙ୍ଗଲ ଜମି ଗୁଡିକ କିପରି ଯଥାଶୀଘ୍ର ପ୍ରକଳ୍ପ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯାଇପାରିବ, ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ଜିଲ୍ଲାପାଳ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ବନ ସଂରକ୍ଷକ ସ୍ୱାଧୀନତା ସାହାଣୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ଓଝା, ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରି ଯୁବକ ଗିରଫ

ଦେବଗଡ଼,୨୮।୪(ସମିସ): ରିଆମାଳ ଥାନାଞ୍ଚଳର ଜଣେ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରଲ କରି ଜଣେ ଯୁବକ ଗିରଫ ହୋଇ ଜେଲ ଯାଇଛନ୍ତି। ଗିରଫ ଯୁବକ ଜଣକ କଟକ ଜିଲ୍ଲା ସାଲେପୁର ଥାନା ବଡମୁଣ୍ଡେଇ ଗ୍ରାମର ପ୍ରଫୁଲ୍ଲ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ର (୨୫) ବୋଲି ଜଣାପଡିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ, ରିଆମାଳ ଥାନାଞ୍ଚଳର ଜଣେ ଯୁବତୀଙ୍କ ସହ ଇନଷ୍ଟା ଆକାଉଣ୍ଟରେ କଟକ ଜିଲ୍ଲା ସାଲେପୁର ଥାନା ବଡମୁଣ୍ଡେଇ ଗ୍ରାମର ଦେବାଶିଷ ପାତ୍ର ବନ୍ଧୁତା ସ୍ଥାପନ କରିଥିଲେ। ପରେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଗତ ୨୦୨୪ ଜୁଲାଇ ୧୦ ତାରିଖ ଦିନ ଯୁବତୀଙ୍କ ଘରେ କେହି ନଥିବା ସୁଯୋଗରେ ଦେବାଶିଷ ଯୁବତୀଙ୍କ ଘରକୁ ରାତିରେ ଯାଇ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲା। ଯୁବତୀଙ୍କ ମନା କରିବା ସତ୍ତ୍ୱେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ମଧ ଉତ୍ତୋଳନ କରିଥିଲା। କିଛି ଦିନ ପୂର୍ବେ ଅଭିଯୁକ୍ତ ଦେବାଶିଷ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋ ଓ ଭିଡିଓ ଇନଷ୍ଟାରେ ଭାଇରଲ କରିଥିବା ଦେଖି ପୀଡିତା ଯୁବତୀ ଗତ ଶୁକ୍ରବାର ରିଆମାଳ



ଥାନାରେ ଅଭିଯୋଗ କରିଥିଲେ। ପୀଡିତା ଯୁବତୀଙ୍କ ଅଭିଯୋଗ ଆଧାରରେ ରିଆମାଳ ଥାନା ପୁଲିସ ଦଫା ୬୪(୧)/୨୯୪ବିଏନଏସ ଆରଡବ୍ଲ୍ୟୁ ସେକ୍ସନ ୬୬(ସି)/୬୬(ଡି)/୬୭ ଆଇଟି ଆକ୍ଟରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଆଜି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଯୁବକଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଘଟଣା; ମୁଖ୍ୟ ଅଭିଯୁକ୍ତ ଗିରଫ

ଦେବଗଡ,୨୮।୪(ସମିସ): ଚାଷ ଜମିରେ ପାଣି ମଡାଇବାକୁ କେନ୍ଦ୍ର କରି ରିଆମାଳ ଥାନା ଉଚ୍ଛବପାଲି ଗ୍ରାମର ଜଣେ ଯୁବକଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଘଟଣାରେ ପୁଲିସ ଆଜି ମୁଖ୍ୟ ଅଭିଯୁକ୍ତ ଗୁପ୍ତେଶ୍ୱର ପ୍ରଧାନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଯୋଗ୍ୟ, ଉଚ୍ଛବପାଲି ଗାଁର ରାଜକୁମାର ପ୍ରଧାନ (୪୯) ନିଜ ଜମିରେ ଗତ ୨୪ ତାରିଖ ଅପରାହ୍ନରେ ବିଲାତି ବାଇଗଣ କିଆରିକୁ ନିକଟସ୍ଥ ପୋଖରୀରୁ ପମ୍ପ ଯୋଗେ ପାଣି ମଡାଉଥିଲେ। ଏହି ସମୟରେ ଉକ୍ତ ଗ୍ରାମର ଗୁପ୍ତେଶ୍ୱର ପ୍ରଧାନ, ଚୂଡାମଣି କିସାନ, ରାଜେନ୍ଦ୍ର କିସାନ ଓ ଯୁଗିନ୍ଦ୍ର କିସାନ ସେଠାରେ ପହଞ୍ଚି ରାଜକୁମାରଙ୍କୁ



ସଙ୍ଘବଦ୍ଧ ଆକ୍ରମଣ କରିଥିଲେ। ଏଥିସହ ଗୁପ୍ତେଶ୍ୱର ଏକ ଲୁହାଛଡ ସାହାଯ୍ୟରେ ରାଜକୁମାରଙ୍କ ମୁଣ୍ଡକୁ ପ୍ରହାରକରିବାରୁ ସେ ଗୁରୁତରଆହତ ହୋଇଥିଲେ। ପରେ ଆକ୍ରମଣକାରୀ ମାନେ ତାଙ୍କୁ ଛାଡି ସେଠାରୁ ଫେରାର ହୋଇଯାଇଥିଲେ। ସୂଚନା ପାଇ ରାଜକୁମାରଙ୍କ ସ୍ତ୍ରୀ ତାଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ରାଜକୁମାର ସାମାନ୍ୟ ସୁସ୍ଥ ହେବାପରେ ୨୫ ତାରିଖ ଦିନ ରିଆମାଳ ଥାନାକୁ ଆସି ଏନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅଧାରରେ ରିଆମାଳ ଥାନା ପୁଲିସ ଅଭିଯୁକ୍ତମାନଙ୍କ ନିରୁଦ୍ଧରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ଆଜି ଏ ଘଟଣାର ମୁଖ୍ୟ ଅଭିଯୁକ୍ତ ଗୁପ୍ତେଶ୍ୱରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଆଦିବାସୀ ନେତା ସଞ୍ଜୟ ଜରଜରିଆଙ୍କ ପରଲୋକ

ଗାଇସିଲେଟ,୨୮।୪(ସମିସ):ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ ଟେଙ୍ଗନାପାଲି ଗ୍ରାମର ଆଦିବାସୀ ନେତା ସଞ୍ଜୟ ଜରଜରିଆ (୪୩) ଅକାଳ ମୃତ୍ୟୁ ଘଟିଥିବାରୁ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ ଯୁବକ ସଞ୍ଜୟ ଜରଜରିଆ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ



ଜିଲ୍ଲା ଗାଇସିଲେଟ ବ୍ଲକ୍‌ର ଯୁବ ବିଜେପି ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବରଗଡ ଗୋବର୍ଦ୍ଧନ ଭୋଏ ଶୋକାକୁଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଶବଦାହ ସମୟରେ ଗୋବର୍ଦ୍ଧନ ଭୋଏ ଙ୍କ ସହ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲ୍ଲା ସଭାପତି ଗୋବିନ୍ଦ ବରିହା, ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଭୂଏ,ଗାଇସିଲେଟ ବ୍ଲକ୍‌ର ସମସ୍ତ ଆଦିବାସୀ ସଂଘର ନେତୃମଣ୍ଡଳୀ,ଆଦିବାସୀ ଓବିସି ଦଳିତ ସେନା ଗାଇସିଲେଟ ବ୍ଲକ୍ ସଭାପତି ଯଜ୍ଞେଶ୍ୱର ପଧାନ, ଝସକେତନ ପଧାନ, ଅଚ୍ୟୁତ ସାହୁ, ନିଳାଞ୍ଚଳ ଡୁଡୁକା ସମେତ ଗ୍ରାମର ସମସ୍ତ ଗ୍ରାମବାସୀ ଉପସ୍ଥିତସ୍ଥିତିରେ ଶବ ସତ୍କାର କରାଯାଇଥିଲା । ତାଙ୍କ ପୁତୁରା ଆକାଶ ମୁଖଗ୍ନି ଦେଇଥିଲେ ।

# ଗୋମାତାକୁ ରାଷ୍ଟ୍ରମାତା ଘୋଷଣା ଦାବି

ଝାରବନ୍ଧ,୨୮।୪(ସମିସ):ଗୌମାତାକୁ ରାଷ୍ଟ୍ରମାତା ଭାବେ ସମ୍ମାନ ପ୍ରଦାନ କରି ସରକାର ଘୋଷଣା କରିବା ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଝାରବନ୍ଧ ବ୍ଲକ୍‌ର ଗୋପ୍ରେମୀ, ଗୋ ଭକ୍ତ ଓ ଗୋ ସେବକମାନେ ସ୍ୱତନ୍ତ୍ର ସ୍ୱାକ୍ଷର ଅଭିଯାନ ଚଳାଇ ପ୍ରାୟ ପଞ୍ଚ ହଜାର ଗୋଭକ୍ତଙ୍କ ସ୍ୱାକ୍ଷର ସହିତ ସ୍ମାରକପତ୍ର ଧରି ଶୋଭାଯାତ୍ରାରେ ଝାରବନ୍ଧ ଛକସ୍ଥିତ ହନୁମାନ ମନ୍ଦିର ଠାରୁ ଝାରବନ୍ଧ ତହସିଲ କାର୍ଯ୍ୟାଳୟ ପହଞ୍ଚି ତହସିଲଦାର ଅଲେଖ ଘୁଟାଙ୍କ ମାଧ୍ୟମରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଗୋବଂଶର ରକ୍ଷା ଓ ଗୌମାତାକୁ ରାଷ୍ଟ୍ରମାତା ରୂପେ ଘୋଷଣା କରିବାକୁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ ଶ୍ରୀକୃଷ୍ଣ ଗୋଶାଳା ଅଧ୍ୟକ୍ଷ ବଜରଙ୍ଗ ଲାଲ ଅଗ୍ରୱାଲଙ୍କ ସହିତ ଦୁର୍ଗା ପ୍ରସାଦ ଅଗ୍ରୱାଲ, ପ୍ରମୋଦ ରାୟ, କୁମାର ବେହେରା, ଅଶୋକ ସାହୁ, ଗୋବିନ୍ଦ ବେହେରା, ମାର୍କଣ୍ଡ ବାବା, କେଶରଞ୍ଜନ ବେହେରା ଏବଂ ବଜରଙ୍ଗ ଦଳର ସଭାପତି ଶେଷକାନ୍ତ ସାହୁ ସାମିଲ ଥିଲେ।




# ରାଜ୍ୟସ୍ତରୀୟ ସଂସ୍କୃତ ଲଘୁ ଚଳଚ୍ଚିତ୍ର ଉତ୍ସବ ପାଇଁ ଚୟନ କାର୍ଯ୍ୟକ୍ରମ




ବରଗଡ଼ ୨୮।୪(ସମିସ):ସଂସ୍କୃତ ଭାରତୀ,ଓଡ଼ିଶା (ପଶ୍ଚିମ) ପକ୍ଷରୁ ଆୟୋଜିତ ହେବାକୁ ଯାଉଥିବା ରାଜ୍ୟ ସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବର ମୂଲ୍ୟାଙ୍କନ ଭଟଲି ଦଧିବାମନ ମହାବିଦ୍ୟାଳୟ ପରିସରରେ ରବିବାର ସମାପ୍ତ ହୋଇଛି। ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ପ୍ରୟାସରେ ପ୍ରାୟତଃ ୨୫ଟି କ୍ଷୁଦ୍ର ଚଳଚ୍ଚିତ୍ରର ସହଭାଗିତା ହୋଇଥିଲା, ମାତ୍ର ତନ୍ମଧ୍ୟରୁ ୮ଟି ଚଳଚ୍ଚିତ୍ରକୁ ବ୍ୟବସ୍ଥିତ ଦୃଷ୍ଟିରୁ ରାଜ୍ୟ ସ୍ତରୀୟ ମହୋତ୍ସବ ପାଇଁ ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା।କାର୍ଯ୍ୟକ୍ରମରେ ବିଚାରକ ମଣ୍ଡଳୀର ସଭାପତି ଭାବରେ ବିଶିଷ୍ଟ ନାଟ୍ୟକାର, ନାଟ୍ୟକାର,ନାଟ୍ୟ ନିର୍ଦ୍ଦେଶକ ଅଧ୍ୟାପକ ଚୂଡାମଣି ରଥ, ବିଶିଷ୍ଟ ନାଟ୍ୟାଭିନେତା ତେଜରାଜ ହୋତା, ନାଟ୍ୟକାର ଅଧ୍ୟାପକ ରାଜୀବ ସାହୁ ଯୋଗ ଦେଇଥିଲେ। ମୂଲ୍ୟାଙ୍କନ ପରେ ଉଦ୍‌ଯାପନି ସଭାରେ ମୂଖ୍ୟ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଅଧିବକ୍ତା ବିମଳ ଦାସ, ସଂସ୍କୃତ ଭାରତୀ ଓଡ଼ିଶା (ପଶ୍ଚିମ)ର ଅଧ୍ୟକ୍ଷ ଆୟୁଷ୍ମନ୍ତ ଷଡ଼ଙ୍ଗୀ ଉପସ୍ଥିତ ରହି ସଂସ୍କୃତ ଭାରତୀ ର ଏହି ଅନନ୍ୟ ପଦକ୍ଷେପ ଭୁରିୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ସଂସ୍କୃତ ଭାରତୀ ଓଡ଼ିଶା (ପଶ୍ଚିମ)ର ସହସମ୍ପାଦକ ଡ଼ ମାନସ ରଞ୍ଜନ ସାହୁ। ସଭା ଶେଷରେ ସଂସ୍କୃତ ଭାରତୀ ଭଟଲିର୍ ସଭାପତି ଗିରିଧାରୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ବନ ବିହାରି ମିଶ୍ର, ଦୟାନିଧି ପ୍ରଧାନ,ଦିଲିପ ପଣ୍ଡା, ନିରଞ୍ଜନ ପ୍ରଧାନ,କୁମର ପରୁଆ, ଭକ୍ତ ପୋଢ, ସରୋଜ ପରୁଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଡ.ମାନସ ରଞ୍ଜନ ସାହୁଙ୍କ ଉଦ୍ୟମକୁ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ କାର୍ଯ୍ୟକାରୀ ସଭାପତି ପଣ୍ଡିତ ଗୋପବନ୍ଧୁ ପୁରୋହିତ ଓ ସଂସ୍କୃତ ଭାଷା ସୁରକ୍ଷା ମଞ୍ଚ ଆବାହକ କପିଳେଶ୍ୱର ବାଗ ପ୍ରଶଂସା ଜଣାଇ ମହୋତ୍ସବର ସଫଳତା କାମନା କରିଛନ୍ତି।

# କାଦୋବହାଲରେ ସାର୍ବଜନୀନ ସୁବିଧାକେନ୍ଦ୍ର ଉଦ୍‌ଘାଟିତ



ବରଗଡ଼,୨୮।୪(ସମିସ):କଦୋବହାଲ ଗାଁରେ ଆଇଆଇସିଏଫ୍ ପକ୍ଷରୁ ଆଧୁନିକ ସାର୍ବଜନୀନ ସୁବିଧା କେନ୍ଦ୍ର ସ୍ଥାପନ କରାଯାଇ ଗ୍ରାମୀଣ ଉନ୍ନତି ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି।ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ଅତାବିରା ବିଧାୟକ ନିହାର ମହାନନ୍ଦଙ୍କ ଦ୍ୱାର ଉଦ୍‌ଘାଟିତ ହୋଇଛି।ଗ୍ରାମ ଅଞ୍ଚଳରେ ସ୍ୱଚ୍ଛତା ଓ ସାର୍ବଜନୀନ ସେବାକୁ ସୁଦୃଢ କରିବା ସହିତ ବିକଶିତ ଭାରତ ଓ ସ୍ୱଚ୍ଛ ଭାରତ ମିଶନ କୁ ସହଯୋଗ କରିବା ଏହାର ମୂଳ ଲକ୍ଷ୍ୟ।ସଂସ୍ଥାର ପ୍ରତିନିଧି ଅଜୟ ଶର୍ମା କହିଥିଲେ ଯେ ଆଇଆଇସିଏଫ୍ ଏକ ପେଶାଦାରମାନଙ୍କ ଦ୍ୱାରା ଗଠିତ ସମାଜସେବୀ ସଂଗଠନ, ଯାହା ଦେଶର ବିଭିନ୍ନ ଗ୍ରାମ ଓ ସାର୍ବଜନୀନ ସ୍ଥାନରେ ଆଧୁନିକ ଓ ସ୍ୱଚ୍ଛ ଶୌଚାଳୟ ସୁବିଧା ପ୍ରଦାନ ପାଇଁ ପ୍ରତିବଦ୍ଧ। କଦୋବହାଲର ଗ୍ରାମବାସୀ ଓ ପଥଚାରୀମାନେ ସୁବିଧାର ପୂର୍ଣ୍ଣ ଲାଭ ଉଠାଇ ଏହାକୁ ଏକ ସଫଳ ମଡେଲ୍ ଭାବେ ପ୍ରତିଷ୍ଠିତ କରିବେ ବୋଲି କହିଛନ୍ତି। ଶେଷରେ ସମସ୍ତ ଅତିଥି, କଦୋବହାଲ ପଞ୍ଚାୟତ ଓ ଗ୍ରାମବାସୀଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଯାଇଥିଲା।

# ବିଭିନ୍ନ ସ୍ଥାନରେ ମଧୁବାବୁଙ୍କ ଜୟନ୍ତୀ







ଝାରସୁଗୁଡ଼ା,୨୮।୪(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମ ଜୟନ୍ତୀ ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ପ୍ରେରଣାରେ ଡିଏଭି ପରିବାର ତରଫରୁ ମଧୁବାବୁଙ୍କ ଚିରସ୍ମରଣୀୟ ଅବଦାନକୁ ସମ୍ମାନ ଜ୍ଞାପନ କରାଯିବା ସହ ଫଟୋ ଫଳକରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଜୟନ୍ତୀ ସଭାରେ ଶିକ୍ଷୟିତ୍ରୀ ନୀଳିମା ପଟେଲ ସ୍ୱାଭିମାନ ଓ ଓଡ଼ିଆ ବିଚାର ବ୍ୟକ୍ତ କରିଥିବା ବେଳେ ମଧୁସ୍ମିତା ପଲେଇ ମଧୁବାବୁଙ୍କ ଜୀବନ ଚରିତ ଉପରେ ଆଲୋକପାତ କରିଥିଲେ। ସତ୍ୟ ନାରାୟଣ ଜେନା ସଭା ସଞ୍ଚାଳନ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

ବନ୍ଧବାହାଲ/ଝାରସୁଗୁଡା: ବନ୍ଧବାହାଲସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୯ତମ ଜୟନ୍ତୀ ଅଧ୍ୟକ୍ଷ ପ୍ରଦୀପ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ରୀ ହୋତା ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଅବଦାନ ଓ ଓଡ଼ିଶାବାସୀଙ୍କୁ ସେ ଦେଇଥିବା ବାର୍ତ୍ତାର ସ୍ମୃତି ଚାରଣ କରିଥିଲେ। ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀମାନେ ମଧୁବାବୁଙ୍କ ବାଲ୍ୟ, କୈଶୋର ଓ ଯୌବନର ଜୀବନୀ ଉପରେ କହିଥିଲେ।

## ଦେବଗଡ଼ ଜିଲ୍ଲା ଓକିଲ ସଂଘ

ଦେବଗଡ: ଦେବଗଡ ଜିଲା ଓକିଲ ସଂଘ ପକ୍ଷରୁ ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟରେ ଆଜି ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଏଥିରେ ସଂଘର ସଭାପତି ପ୍ରମଥେଶ ଗୁରୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ସିଦ୍ଧେଶ୍ୱର ଗୁରୁଙ୍କ ପରିଚାଳନାରେ ଆୟୋଜିତ ସଭାରେ ଜୟଭଗବାନ ଅଗ୍ରୱାଲା, ଦିଲ୍ଲିପ କୁମାର ଗୁରୁ, ରଞ୍ଜନ କୁମାର ସାହୁ, ଶ୍ରୀବତ୍ସ ମିଶ୍ର ଓ ସଚ୍ଚିକାନ୍ତ ଦାଶଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ରହି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଅଭିମନ୍ୟୁ ରଣା, ସୁଧାଂଶୁ ଅମାତ୍ୟ, ସୁଧୀର କୁମାର ରଥ, କେଶବ ଚନ୍ଦ୍ର ସାହୁ, ନାରାୟଣ ପ୍ରସାଦ ଗୁରୁ,ଟିକେଶ୍ୱର ଧଳ, ପିଙ୍କିରାଣୀ ନନ୍ଦ ଓ ବିଜ୍ଞା ବିନମ୍ରତା ଦ୍ୱିବେଦୀଙ୍କ ସମେତ ସଂଘର ବହୁ ସଦସ୍ୟ ସଦସ୍ୟା ଓ କର୍ମକର୍ତ୍ତା ଉପସ୍ଥିତ ରହି ସକ୍ରୀୟ ଅଂଶଗ୍ରହଣ କରିଥିଲେ। ଶେଷରେ ଜିଲ୍ଲା ଓକିଲ ସଂଘର ସମ୍ପାଦକ ସିଦ୍ଧେଶ୍ୱର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।



ଭୁବନେଶ୍ୱର ସିଟି

# ଛକ ଛକରେ ବୁଲୁଛନ୍ତି ଦଳଦଳ ଠକ

ଭୁବନେଶ୍ୱର,୨୮।୪(ସମିସ): ପୁଲିସ ଯେତେ ସଜାଗ ହେଲେ ମଧ୍ୟ ଠକଦଳ ସେହି ଅନୁଯାୟୀ ଠକେଇର ଜାଲ ବିଛାଇବାରେ ଲାଗିଛନ୍ତି। ଫଳରେ ଲୋକେ ଠକଙ୍କ ପାଲରେ ପଡ଼ି ଲକ୍ଷଲକ୍ଷ ଟଙ୍କା ହରାଉଛନ୍ତି। କିଏ ଚାକିରି ଦେବା ଆଳ କରି ଲୋକଙ୍କଠାରୁ ଟଙ୍କା ଠକି ନେଉଛି ତ ଆଉ କିଏ ନିବେଶରେ ଆକର୍ଷଣୀୟ ଲାଭର ଲୋଭ ଦେଖାଇ ଲୁଟି ନେଉଛି ଲକ୍ଷାଧିକ ଟଙ୍କା। ଏବେ ସ୍ୱନ୍‌ସର ଯୋଗାଡ଼ ଆଳରେ ମଧ୍ୟ ଠକମାନେ ଅଭିନବ ଉପାରେ ଠକେଇ କରିବା ଭଳି ଅଭିଯୋଗ ଆସୁଛି। ଖୋଦ ଭୁବନେଶ୍ୱରରେ ଏଭଳି ଠକେଇକୁ ନେଇ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି।

## ସ୍ୱନ୍‌ସର୍ ଯୋଗାଡ଼ ଆଳରେ ୩ ଲକ୍ଷ ଠକେଇ; ଜଣେ ଗିରଫ

ସ୍ୱନସର୍ ଯୋଗାଡ଼ କରିବା ନାଁରେ ଟଙ୍କା ଠକି ନେଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ରଘୁନାଥପୁରରେ ରହୁଥିବା ନୟାଗଡ଼ ଲୋକନାଥ ନଗରର କେ ଶୁଭଙ୍କର (୨୩)।



ପୁଲିସ ସୂଚନାନୁସାରେ, ଶୋ' ଆୟୋଜନ କରୁଥିବା ରାଜ ମହାନ୍ତିଙ୍କୁ ବିଭିନ୍ନ କମ୍ପାନୀ ତଥା ସଂଗଠନ ଗୁଡିକରୁ ପ୍ରାୟ ସ୍ୱନସର୍ (ପୃଷ୍ଠପୋଷକତା)ର ଆବଶ୍ୟକ ଥିଲା। ଏମସିଏଲ, ନାଲକୋ, ଡିଅନ ଇତ୍ୟାଦି କମ୍ପାନୀ ଗୁଡ଼ିକରୁ ପୃଷ୍ଠପୋଷକତାର ବ୍ୟବସ୍ଥା କରାଇ ଦେବ ବୋଲି ଶୁଭଙ୍କର ତାଙ୍କୁ ପ୍ରତିଶ୍ରୁତି ଦେଇଥିଲା। ଶୁଭଙ୍କର ଆଇନଗତ ପ୍ରକ୍ରିୟା ପାଇଁ ଆବଶ୍ୟକ ଥିବା ଦର୍ଶାଇ ରାଜଙ୍କ ଠାରୁ ୨ ଲକ୍ଷ ୭୭ ହଜାର ଟଙ୍କା ନେଇଥିଲା। ଟଙ୍କା ନେବା୍ ଗୋଟିଏ ମାସ ପରେ ରାଜ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ଶୁଭଙ୍କର ପୃଷ୍ଠପୋଷକତା ବିବରଣୀ ଦେଇନଥିଲା। ଶୁଭଙ୍କର ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବରେ ଠକିଥିବା ରାଜ୍ ଜାଣିବାକୁ ପାଇଥିଲେ। ରାଜ ଏନେଇ ଇନଫୋସିଟି ଥାନାରେ ଅଭିଯୋଗ କରିଥିଲେ। ଏହା ପରେ ଶୁଭଙ୍କର ଏପ୍ରିଲ ୨୩ ତାରିଖ ସୁଦ୍ଧା ଟଙ୍କା ଫେରାଇବ ବୋଲି ପୁଲିସ ଉପସ୍ଥିତିରେ ଲିଖିତ ପ୍ରତିଶ୍ରୁତି ଦେଇଥିବା ବେଳେ ଏକ ଜାଲ ଏମସିଏଲ ଚିଠି ମଧ୍ୟ ଦେଇଥିଲା। କିନ୍ତୁ ପରେ ଆଉ କୌଣସି ଟଙ୍କା ଫେରସ୍ତ ଦେଇନଥିଲା। ଓଲଟି ଆଉ ସେ ଟଙ୍କା ଫେରସ୍ତ କରିବ ନାହିଁ ବୋଲି ଧମକ ଦେଇଥିଲା। ରାଜଙ୍କ ଅଭିଯୋଗ ଆଧାରରେ ଇନଫୋସିଟି ଥାନା ପୁଲିସ ଏକ ମାମଲା ରୁଜୁ କରି ଶୁଭଙ୍କରକୁ କୋର୍ଟ ଚାଲାଣ କରିଛି।

## ନିବେଶ ଆଳରେ ଠକେଇ; ଜଣେ ଗିରଫ



ନିବେଶ ଆଳରେ ମହିଳାଙ୍କ ଠାରୁ ଠକେଇ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପଟିଆ କାନନ ବିହାର ଫେଜ୍-୧ର ଦେବୀ ପ୍ରସାଦ ବିଶ୍ୱାଳ। ପୁଲିସ ସୂଚନା ମୁତାବକ, ଅଭିଯୋଗକାରିଣୀ ବିଷ୍ଣୁପ୍ରିୟା ସାହୁ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଘୁନାଥ ଏନକ୍ଲେଭରେ ରୁହନ୍ତି। ଦେବୀ ପ୍ରସାଦ ବିଶ୍ୱାଳ ନାମକ ଜଣେ ବ୍ୟକ୍ତି ତାଙ୍କ କାର୍ଯ୍ୟାଳୟରେ ତାଙ୍କୁ ଭେଟି ଆର୍ଥିକ ସୁବିଧା ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ। ସେ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ, ଯଦି ସେ ଟଙ୍କା ନିବେଶ କରନ୍ତି, ତେବେ ସେ ତାଙ୍କୁ ଦୁଇଗୁଣ ଟଙ୍କା ଦେବା ସହ ଏକ ଥର ଗାଡ଼ି ମଧ୍ୟ ଯୋଗାଇ ଦେବେ। ତାଙ୍କ ପ୍ରତିଶ୍ରୁତିରେ ବିଶ୍ୱାସ କରି ଅଭିଯୋଗକାରିଣୀ ଅନଲାଇନ୍ କାରବାର ମାଧ୍ୟମରେ ୬,୭୯,୬୧୬ ଟଙ୍କା ଏବଂ ନଗଦ ଆକାରରେ ୨୫,୦୦୦ ଟଙ୍କା ହସ୍ତାନ୍ତର କରିଥିଲେ। ଯାହା ମୋଟ ୭,୦୪,୬୧୬ ଟଙ୍କା ହୋଇଥିଲା। ଟଙ୍କା ପାଇବା ପରେ ଅଭିଯୁକ୍ତ ଟଙ୍କା ଫେରସ୍ତ କରିନଥିଲେ କିମ୍ବା ଗାଡ଼ି ମଧ୍ୟ ଯୋଗାଇ ଦେଇନଥିଲେ। ସେ ବିଭିନ୍ନ ବାହାନାରେ ମାମଲାକୁ ସ୍ଥଗିତ ରଖିଥିଲେ। ଆଜିକାଲି ଦେବେ ବୋଲି କହି ଅଭିଯୋଗକାରିଣୀଙ୍କୁ ଠକି ଚାଲିଥିଲେ। ଏହା ସହିତ ଗତ ୧୨ ତାରିଖରେ ଅଭିଯୁକ୍ତ ଗାଡ଼ି ହସ୍ତାନ୍ତର କରିବା ବାହାନାରେ ଅଭିଯୋଗକାରିଣୀଙ୍କୁ ଯାଜପୁର ରୋଡକୁ ଡାକିଥିଲେ। ସେ ସେଠାରେ ପ୍ରାୟ ଦୁଇ ଘଣ୍ଟା ଅପେକ୍ଷା କରିବା ପରେ ମଧ୍ୟ ଅଭିଯୁକ୍ତ ଆସି ନଥିଲେ। ପରେ ଅଭିଯୁକ୍ତ ଧମକ ଦେଇଥିଲେ ଯେ, ଯଦି ସେ କୌଣସି ମାମଲା ଦାୟର କରନ୍ତି, ତେବେ ସେ ପୂର୍ବରୁ ନିଆଯାଇଥିବା ଟଙ୍କା ସହ ଆଉ ୭ ଲକ୍ଷ ଟଙ୍କା ବ୍ୟବସ୍ଥା କରି ନିଜକୁ ମୁକ୍ତ କରିନେବେ। ଅଭିଯୋଗକାରିଣୀ ତାଙ୍କ ଟଙ୍କା ଫେରସ୍ତ କରିବାକୁ ବାରମ୍ବାର ଦାବି କରିବାରୁ ଅଭିଯୁକ୍ତ ସ୍ପଷ୍ଟ ଭାବରେ ମନା କରିଦେଇଥିଲେ। କହିଥିଲେ ଯେ ସେ ଟଙ୍କା ଫେରସ୍ତ କରିବେ ନାହିଁ କିମ୍ବା ଗାଡ଼ି ମଧ୍ୟ ଦେବେ ନାହିଁ। ତଦନ୍ତ ସମୟରେ ଅଭିଯୁକ୍ତ ଦେବୀପ୍ରସାଦ ବିଶ୍ୱାଳଙ୍କୁ ଆଜି ଗିରଫ କରାଯାଇଥିଲା। ପଚରାଉଚରାରୁ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ଅପରାଧୀକ ମାମଲା ରହିଛି। ଚନ୍ଦ୍ରଶେଖରପୁର ଥାନା, ଯାଜପୁର ସଦର ଥାନା ଏବଂ ବରୀ ରାମଚନ୍ଦ୍ରପୁର ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଥିବା ଜଣାପଡ଼ିଛି।

## ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର,୨୮।୪(ସମିସ): ବର୍ତ୍ତମାନର କୋଳାହଳ ଭିତରେ ହଜି ଯାଇଥିବା ସହର ଭୁବନେଶ୍ୱର ସମୟ ସହ ଅନେକ ପରିବର୍ତ୍ତନ ଦେଖି ଚାଲିଛି। କିନ୍ତୁ ପଚାଶ ବର୍ଷ ପୂର୍ବେ ସେତେ ଗହଳିପୂର୍ଣ୍ଣ ନଥିଲା ଏ ସହର। ନା ପ୍ରଦୂଷଣର ମାତ୍ରା ସେତେଟା ଛୁଇଁ ପାରି ନ ଥିଲା ଏଇ ରାଜଧାନୀକୁ। ଏବେ ସେହି ସହରକୁ ଧସେଇ ପଶିଛି ପ୍ରଦୂଷଣ। ଶାନ୍ତ ସହର ଏବେ ଗହଳିରେ ପରିପୂର୍ଣ୍ଣ। ସବୁଠି ବଡ ବଡ କୋଠା ସାଙ୍ଗକୁ କଂକ୍ରିଟ ରାସ୍ତା ଲମ୍ବିଛି। ଯିଏ ଦେଖିଛି ସେ ସମୟ, ସିଏ ଅନୁଭବ କରିପାରିଛି ପୁରୁଣା ଦିନକୁ। ସମୟ ସହ ତାଳଦେଇ ପରିବର୍ତ୍ତନର ସୁଅ କାହିଁ କେତେ ଦୂର ମେଲିଛି। ହେଲେ ପୁରୁଣା ଦିନର ଏକ ଝଲକ ପୁଣି ଫେରେଇନେଇଛି ପଛରେ ଛାଡି ଆସିଥିବା ସ୍ମୃତି ପାଖକୁ।

ସାମାଜିକ ଗଣମାଧ୍ୟମରେ ୬୦ ବର୍ଷ ପୁରୁଣା ଏକ ଫଟୋ ଅନେକଙ୍କ ସ୍ମୃତି ତାଜା କରିଛି। ଏହି ଫଟୋଟି ୧୯୬୬ ମସିହାର ବୋଲି ଜଣାପଡିଛି। ସେଥିରେ ରଥ ଦାଣ୍ଡ ସାହିରୁ ବଡେଇବାଙ୍କ ଆଡକୁ ଥିବା ରାସ୍ତାର ଦୃଶ୍ୟ ପରିଲକ୍ଷିତ ହେଉଛି। ଯେଉଁଥିରେ କିଛି ପୁରୁଣା ଘର, ସାଇକଲ ଚାଳକ ଏବଂ ଧୋତି ପିନ୍ଧା କିଛି ଲୋକ ଦୃଶ୍ୟମାନ ହେଉଛନ୍ତି। ସବୁଠୁ ବଡ କଥା ହେଲା ସେଥିରେ ଏକ ଷ୍ଟ୍ରିଟ ଲାଇଟ ସହ ଅଧିକାଂଶ ଘର ଚାଳଛପର ଥିଲା।

## ଝିଅକୁ ଅପହରଣ, ବାପାକୁ ଆକ୍ରମଣ



ଭୁବନେଶ୍ୱର, ୨୮।୪ (ସମିସ): ନାବାଳିକା ଝିଅକୁ ଅପହରଣ ଓ ବାପାକୁ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ତାରିଣୀ ନଗର ବସ୍ତିରେ ରହୁଥିବା ଓଡ଼ଗାଁ ଥାନା ସୁନାମୁହିଁର ରାଜେନ୍ଦ୍ର ବେହେରା (୨୧)।

ପୁଲିସ ସୂଚନା ଅନୁଯାୟୀ, ଜଣେ ବ୍ୟକ୍ତି ୨୦ ବର୍ଷ ଧରି ପରିବାର ସହିତ ତ୍ରିନାଥନଗର ବସ୍ତିରେ ରହି ଆସୁଛନ୍ତି। ନିକଟରେ ଅଷ୍ଟମ ଶ୍ରେଣୀ ସମାପ୍ତ କରିଥିବା ତାଙ୍କ ନାବାଳିକା ଝିଅ ଓ ରାଜେନ୍ଦ୍ର ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ମଙ୍ଗଳବାର ରାଜେନ୍ଦ୍ର ତାଙ୍କର ନାବାଳିକା ଝିଅକୁ ବିଭିନ୍ନ ପ୍ରକାରରେ ପ୍ରଭାବିତ କରି ତାଙ୍କ ଘରକୁ ନେଇଯାଇଥିଲା। ଏହାକୁ ବିରୋଧ କରିବାରୁ, ରାଜେନ୍ଦ୍ର ଓ ତା'ର ଭାଇ ଉପେନ୍ଦ୍ର ମିଶି ନାବାଳିକାର ବାପାଙ୍କୁ ଆକ୍ରମଣ କରିଥିଲେ। ପୁଲିସଉ ସୂଚନା ଦେଲେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ଦେଇଥିଲେ। ପୂର୍ବରୁ ମଧ୍ୟ ରାଜେନ୍ଦ୍ର ତାଙ୍କ ନାବାଳିକା ଝିଅକୁ ପ୍ରଭାବିତ କରି ନିଜ ସହିତ ନେଇଯାଇଥିଲା ଓ କାହା ଆଗରେ କୌଣସି ବୟାନ ଦେବାକୁ ବାରଣ କରିଥିଲା। ଏନେଇ ଅଭିଯୋଗ ପାଇବା ପରେ ଅଭିଯୁକ୍ତ ରାଜେନ୍ଦ୍ରକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ।

## ପୂର୍ବଶତ୍ରୁତାରୁ ଅଟୋ ଚାଳକଙ୍କୁ ଆକ୍ରମଣ; ଜଣେ ଗିରଫ



ଭୁବନେଶ୍ୱର, ୨୮।୪ (ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଅଟୋ ଚାଳକଙ୍କୁ ଆକ୍ରମଣ ହୋଇଛି। ଆଚାର୍ଯ୍ୟ ବିହାର ଛକରେ ଘଟିଥିବା ଏହି ଘଟଣାରେ ଜଣେ ଅଟୋ ଚାଳକକୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଆଚାର୍ଯ୍ୟ ବିହାରରେ ରହୁଥିବା ଯାଜପୁରର ଅଜିତ କୁମାର ସେଠୀ (୩୫)।

ପୁଲିସ ସୂଚନାନୁସାରେ, ଗତ ୧୬ ତାରିଖ ସନ୍ଧ୍ୟାରେ ଅଟୋ ଚାଳକ ପ୍ରଦୀପ କୁମାର ନାୟକ ଆଚାର୍ଯ୍ୟ ବିହାର ଅଟୋ ଷ୍ଟାଣ୍ଡ ନିକଟରେ ବସି ମୋବାଇଲ୍ ଫୋନରେ କଥା ହେଉଥିଲେ। ସେହି ସମୟରେ ଅଜିତ ଓ ସହଯୋଗୀମାନେ ଆସି ଅଟୋ ଭଡ଼ା ସମ୍ପର୍କିତ ପୂର୍ବ ବିବାଦକୁ ନେଇ ତାଙ୍କ ସହିତ ଝଗଡ଼ା କରିଥିଲେ। ପ୍ରଦୀପଙ୍କୁ ଗାଳିଗୁଲଜ କରିବା ସହ ପାଖରେ ଥିବା ବନ୍ଧୁକରେ ତାଙ୍କୁ ହତ୍ୟା କରିଦେବେ ବୋଲି ଧମକ ଦେଇଥିଲେ। ପ୍ରଦୀପ ପଳାଇବାକୁ ଚେଷ୍ଟା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ପିଛା କରି ଥଣ୍ଡା ବୋତଲରେ ମାରି ମୁଣ୍ଡ ଫଟାଇ ଦେଇଥିଲେ। ଫଳରେ ସେ ତଳେ ପଡ଼ିଯାଇଥିଲେ। ପ୍ରଦୀପ ଏନେଇ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଅଜିତକୁ ଗିରଫ କରିବା ସହ ଅଟୋ ଜବତ କରିଛି।

## ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ କରି ଯୁବକ ଗିରଫ

ଭୁବନେଶ୍ୱର, ୨୮।୪ (ସମିସ): ଫେବର୍ ନଦେବାରୁ ଯୁବତୀଙ୍କୁ ଆକ୍ରମଣ କରିଛି ଅସାମାଜିକ ଯୁବକ। ଫୁଲେଶ୍ୱରୀ ବସ୍ତିରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ରୁଗୁମ୍ ଗାଁର ଆକାଶ ନାଏକ (୨୦)। ପୁଲିସ ସୂଚନାନୁସାରେ, ଜଣେ ୧୯ ବର୍ଷୀୟା ଯୁବତୀ ପରିବାର ସହ ରହୁଥିବା ବେଳେ ଆକାଶ ମଧ୍ୟ ପତ୍ନୀ ଓ ମାଆ ସହ ସ୍ଥାନୀୟ ଅଞ୍ଚଳରେ ରହୁଛି। ଗତ ମାର୍ଚ୍ଚ ୧୫ ତାରିଖ ସକାଳେ ଯୁବତୀ ଜଣକ ତାଙ୍କ ସାଙ୍ଗମାନଙ୍କ ସହ କଳିଙ୍ଗବିହାର ଶିବ ମନ୍ଦିରରୁ ଘରକୁ ଫେରୁଥିଲେ। ରାସ୍ତାରେ ଆକାଶ ତାଙ୍କୁ



ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିଥିଲା। ଯୁବତୀ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ଜଣକ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଅସଦାଚରଣ କରିବା ଲାଗି ପ୍ରୟାସ କରିଥିଲେ। ଏଥିସହିତ ଫେବର୍ ମାଗିଥିଲା। ଯୁବତୀ ଜଣକ ବାଧା ଦେବାରୁ ଆକାଶ ଉତକ୍ଷିପ୍ତ ହୋଇ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଯୁବତୀଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ପାଟି ଶୁଣି ସ୍ଥାନୀୟ ଲୋକମାନେ ଆସି ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ଏମ୍ସ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଯୁବତୀ ଜଣକ ଭରତପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିବା ସହ ଆକାଶକୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଆଜାଦ ନଗର ବୋମା ବିସ୍ଫୋରଣ ଘଟଣା

## କ୍ୟାପିଟାଲ ହସ୍ପିଟାଲ୍‌ରୁ ତଥ୍ୟ ଖୋଜୁଛି ଏନ୍‌ଆଇଏ

ଭୁବନେଶ୍ୱର,୨୮।୪(ସମିସ): ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ଆଜାଦ ନଗର ବୋମା ବିସ୍ଫୋରଣ ଘଟଣାରେ ଜାତୀୟ ତଦନ୍ତ ସଂସ୍ଥା ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରିଛି। ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ପଚରାଉଚରା କରିବା ସହ ବିଭିନ୍ନ ସ୍ଥାନରୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ କରୁଛି। ମଙ୍ଗଳବାର ଏନ୍‌ଆଇଏ ଟିମ୍ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ତଥ୍ୟ ନେଇଛି। ୨ ଜଣିଆ ଏନ୍‌ଆଇ ଟିମ୍ ହସ୍ପିଟାଲରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ବିସ୍ଫୋରଣରେ ମୁଖ୍ୟ ଅଭିଯୁକ୍ତ ସେହେନୱାଜ ମଲ୍ଲିକ ଓରଫ ମୁଫି ଓ ତା ମା' ୫୧ ବର୍ଷୀୟା ଲିଜାତୁନ ବିବିର ମୃତ୍ୟୁ ହୋଇଥିବା ବେଳେ ବାନ୍ଧବୀ ତୃପ୍ତିମୟୀ ମହଲା ଓ ସହଯୋଗୀ ଅମିୟ ମଲ୍ଲିକ ଗୁରୁତର ହୋଇଥିଲେ। ବିସ୍ଫୋରଣ ପରେ ପ୍ରଥମେ ସମସ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ





ହେବାରୁ ସମସ୍ତଙ୍କୁ ଘରୋଇ ହସ୍ପିଟାଲ ନିଆଯାଇଥିଲା। ତେବେ ଘଟଣାଦିନ ମୃତାହତମାନେ କେଉଁ ଅବସ୍ଥାରେ ଆସିଥିଲେ, କିଏ କେତେ ପ୍ରତିଶତ ପୋଡ଼ିଯାଇଥିଲେ, ସେମାନଙ୍କୁ କେଉଁ ଡାକ୍ତରମାନେ ଚିକିତ୍ସା ଯୋଗାଇଥିଲେ ଆଦି ସମ୍ପର୍କରେ ଏନ୍‌ଆଇଏ ଟିମ୍ ତଥ୍ୟ ନେଇଛି। ଏଥିସହ ଘଟଣାଦିନର ହସ୍ପିଟାଲର ସିସିଟିଭି ଫୁଟେଜ୍ ମଧ୍ୟ ନେବାକୁ ଏନ୍‌ଆଇଏ ପକ୍ଷରୁ ପ୍ରୟାସ ହୋଇଛି। ତେବେ ବୋମାରେ ଆରଡିଏକ୍ସରେ ବ୍ୟବହୃତ ରସାୟନିକ ପଦାର୍ଥ ବ୍ୟବହାର ହୋଇଥିବା ପ୍ରମାଣ ମିଳିବା ପରେ ଏନ୍‌ଆଇଏ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଖୋଳତାଡ ଜାରି ରଖିଛି। ୪ ଦିନ ତଳେ ଦୁଇ ଯୁବକଙ୍କୁ ପଚରାଉଚରା କରିଥିଲା। ଆଜାଦନଗର ବୋମା ବିସ୍ଫୋରଣ ଘଟଣାରେ ଜଣଙ୍କ ପରେ ଜଣେ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଉଛି। ଏପ୍ରିଲ ୨୩ (ଗୁରୁବାର)ରେ ଭିଏସଏସ୍ ନଗରସ୍ଥିତ ଏନଆଇଏ ବ୍ରାଞ୍ଚ ଅଫିସରେ ଦୁଇ ଜଣ ଯୁବକ ହାଜର ହୋଇଥିଲେ। ଉଭୟ ସେହନେବାଜ୍ ସହ ସମ୍ପର୍କରେ ଥିଲେ। ଏନ୍‌ଆଇଏ ଅଫିସ ଆସି ନିଜର ପକ୍ଷ ରଖିଥିଲେ। ଉଭୟଙ୍କୁ ଏନଆଇଏ ପକ୍ଷରୁ ନୋଟିସ୍ ହୋଇଥିଲା। ବିସ୍ଫୋରଣ ଦିନ ଯୁବକଦ୍ୱୟ ନିଜ ଗାଡ଼ିରେ ଅମୀୟ ମଲ୍ଲିକ ଓ ସେହେନବାଜକୁ ହସ୍ପିଟାଲ ନେଇଥିଲେ।

## ଧାର ଟଙ୍କାକୁ କେନ୍ଦ୍ରକରି ଆକ୍ରମଣ; ଜଣେ ଗିରଫ

ଭୁବନେଶ୍ୱର,୨୮।୪(ସମିସ): ଧାର ଟଙ୍କାକୁ କେନ୍ଦ୍ର କରି ଟାଙ୍ଗିଆରେ ଆକ୍ରମଣ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଅମର ନାୟକ ଓରଫ ପପୁ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଲକ୍ଷ୍ମୀସାଗର ଉପର ସାହିସ୍ଥିତ ତ୍ରିନାଥ ମନ୍ଦିର ମେଳଣ ପଡିଆ ନିକଟରେ ରୁହନ୍ତି। ଅଭିଯୁକ୍ତ ଅମର ନାୟକ ଓରଫ ପପୁ, ତାଙ୍କ ଭାଇ ମୁକେଶ ରାଉତଙ୍କ ନିକଟରୁ ଗତ ୧୦ ମାସ ତଳେ ୨୫ ହଜାର ଟଙ୍କା ଧାର ସୂତ୍ରରେ ନେଇଥିଲେ। ଗତ କାଲି ଅଭିଯୁକ୍ତ ପପୁ ତାଙ୍କ ଭାଇଙ୍କୁ ଟଙ୍କା ଫେରାଇବା ନିମନ୍ତେ ସନ୍ତୋଷ ବିହାର ଅଞ୍ଚଳକୁ ଡାକିଥିଲେ ଏବଂ ୨,୦୦୦ ଟଙ୍କା ନେବାଲାଗି କହିଥିଲେ। ତାଙ୍କ ଭାଇ ସେହି ଦୁଇହଜାର ଟଙ୍କା ନେବା ଲାଗି ମନା କରିବାରୁ ଅଭିଯୁକ୍ତ ଜଣକ ଉତ୍ୟକ୍ତ ହୋଇ ଏକ କୁରାଢୀ ସାହାଯ୍ୟରେ ତାଙ୍କ ମୁଣ୍ଡକୁ ଲକ୍ଷ କରି ମରଣାନ୍ତକ ଆକ୍ରମଣ କରିଥିଲେ। ପୀଡ଼ିତ ଜଣକ ଏହି ଆକ୍ରମଣରୁ ନିଜକୁ ବଞ୍ଚାଇ ନେଇଥିଲେ ମଧ୍ୟ କୁରାଢୀ ଚୋଟ ତାଙ୍କ ହାତରେ ବାଜିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଏହା ବ୍ୟତୀତ ଅଭିଯୁକ୍ତ ପପୁ ପୀଡିତଙ୍କ ପିନ୍ଧା ସୁନାମୁଦି ଏବଂ ଚେନ ଲୁଟି ନେଇଥିବା ଅଭିଯୋଗକାରିଣୀ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ପୁଲିସ ଏହି ମାମଲାର ତଦନ୍ତ କରିବା ସହ ଏକ ବିଶ୍ୱସ୍ତ ସୂତ୍ର ଆଧାରରେ ରେଲୱେ ଷ୍ଟେସନ ନିକଟରୁ ଅଭିଯୁକ୍ତ ପପୁକୁ କାବୁ କରିବାରେ ସକ୍ଷମ ହୋଇଥିଲା।



## ଯୋଗ ଓ ନେଚରପାଥି କେନ୍ଦ୍ର ପାଇଁ ଜବରଦଖଲ ଉଚ୍ଛେଦ

ଯାଁଳା, ୨୮।୪ (ସମିସ): ଯୋଗ ଓ ନେଚରପାଥି କେନ୍ଦ୍ର ପ୍ରକଳ୍ପ ପାଇଁ ଜଟଣୀ ତହସିଲ ଛତାବର ପଞ୍ଚାୟତ ଅଳକର ମୌଜାରେ ସରକାରୀ ଜମିରୁ ମଙ୍ଗଳବାର ଜବର ଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଅଳକର ମୌଜାରେ ଥିବା ସରକାରୀ ଜମିରୁ ଆଜି ପ୍ରାୟ ୧୦ ରୁ ୧୨ ଏକର ଜମି ଉପରୁ ଜବରଦଖଲ ହଟିଛି। ଆଜି ଦୁଇଟି ବୁଲଡୋଜର ଦ୍ୱାରା ୨୦ଟି ଘର ଭଙ୍ଗାଯାଇଛି। ଖୋର୍ଦ୍ଧା ଜିଲାପାଳଙ୍କ



ନିର୍ଦ୍ଦେଶ କ୍ରମେ ଜଟଣୀ ତହସିଲଦାର ଶିବାଶିଷ ପରିଡା ଓ ଅତିରିକ୍ତ ତହସିଲଦାର ଅଶୋକ ସ୍ୱାଇଁ ଏହି ଉଚ୍ଛେଦ କାର୍ଯ୍ୟର ନେତୃତ୍ୱ ନେଇଥିଲେ। ଏହି ଅଞ୍ଚଳରେ ଥିବା ପ୍ରାୟ ୫୦ଟି ଭଙ୍ଗାଜିବ ବୋଲି ତହସିଲ ପକ୍ଷରୁ ସୂଚନା ମିଳିଛି। ସମ୍ପୂର୍ଣ୍ଣ ଜମି ଜବରଦଖଲରୁ ନ ମୁକୁଳିବା ଯାଏଁ ଏହି ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ତହସିଲଦାର କହିଛନ୍ତି। ଆଜିର ଉଚ୍ଛେଦ ବେଳେ ଛତାବର ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗ ଓ ସ୍ଥାନୀୟ ଲୋକ ମାନେ ବିରୋଧ ପ୍ରଦର୍ଶନ କରିଥିଲେ। ଉତ୍ୟକ୍ତ ଲୋକ ଜେସିବି ଆଗରେ ଠିଆ ହୋଇ ଆଗକୁ ଛାଡି ଦେଇ ନଥିଲେ। ଗ୍ରାମର ଖେଳପଡିଆ, କ୍ଲବ ଘର ଓ ପୂଜା ମଣ୍ଡପ ସହ କିଛି ଭୂମିହୀନ ଲୋକଙ୍କ ଥଇଥାନ ଦାବି କରି ଦିନ ତମାମ ବିରୋଧ ଜାରି ରଖିଥିଲେ। ଏହି ଉଚ୍ଛେଦ କାର୍ଯ୍ୟରେ ଏକ ପ୍ଲାଟୁନ ପୁଲିସ ଫୋର୍ସ, ଜୋନ ୩ ଏସିପି, ଇନଫୋଭ୍ୟାଲି ଥାନା ଅଧିକାରୀଙ୍କ ସମେତ ୮ରୁ ଉର୍ଦ୍ଧ୍ୱ ପୁଲିସ ଅଧିକାରୀ ନିୟୋଜିତ ଥିଲେ। ଆଜିର ଉଚ୍ଛେଦ କାର୍ଯ୍ୟରେ ଜଟଣୀ ତହସିଲ କର୍ତ୍ତୃପକ୍ଷ, ଯାଁଳା, ଗଙ୍ଗପଡା ଓ ମଦନପୁର ରାଜସ୍ୱ ବିଭାଗ, ଇନଫୋଭ୍ୟାଲି ଥାନା ପୁଲିସ, ବିଦ୍ୟୁତ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଚୋର ମାତିଛନ୍ତି; ଘରେ ପଶି ଲୁଟୁଛନ୍ତି

ଭୁବନେଶ୍ୱର, ୨୮।୪ (ସମିସ)

ରାଜଧାନୀର ଧଉଳି ଥାନା ଇଲାକା ଏବେ ଅପରାଧୀଙ୍କ ସେଭ୍? ଜୋନ ପାଲଟିଛି। ଲୁଟ, ଛିନତାଇ ଠାରୁ ଆରମ୍ଭ କରି ହତ୍ୟା ଉଦ୍ୟମ ଭଳି ଘଟଣା ପ୍ରାୟ ପ୍ରତିଦିନ ଘଟୁଛି। ବିଶେଷକରି ଚୋର ଗ୍ୟାଙ୍ଗ ଏହି ଥାନା ଇଲାକାରେ ମାତି ଉଠିଛନ୍ତି। ରାତି ଅଧରେ ମୁହଁରେ ମୁଖା ପିନ୍ଧି ଅପରେସନ କରୁଛନ୍ତି। ଯାହା ଯେଉଁଠି ପାଉଛନ୍ତି, ସବୁ ଲୁଟି ନେଉଛନ୍ତି। ଗାଡିରୁ ପେଟ୍ରୋଲ ଠାରୁ ଆରମ୍ଭ କରି ଏସି ପାଇପ ପର୍ଯ୍ୟନ୍ତ ସବୁ ଚୋରି କରି ନେଉଛନ୍ତି।

ସୂଚନା ଅନୁସାରେ, ଧଉଳି ଥାନା ଶିଶୁପାଳଗଡ଼ସ୍ଥିତ ନବଜ୍ୟୋତି କଲେଜ ପାଖରେ ରଘୁନାଥନଗରରେ ଏହି ଚୋର ଗ୍ୟାଙ୍ଗ ଏବେ ଉତ୍ପାତ କରୁଛନ୍ତି। ଗତ ୧୫ ଦିନ ହେଲା ଏକ ଗ୍ୟାଙ୍ଗ ରାତିରେ ଘର ଘର ବୁଲି ଗାଡିରୁ ପେଟ୍ରୋଲ, ଏସି ପାଇପ, ବଲବ ସହିତ ଅନ୍ୟାନ୍ୟ ଜିନିଷ ଚୋରି କରିନେଉଛନ୍ତି। ଏହି ଗ୍ୟାଙ୍ଗର ଚୋରି କରିବାର ଦୃଶ୍ୟ ଏକାଧିକ ସିସିଟିଭିରେ କଏଦ ହୋଇଛି। ଏମାନେ ରାତି ଗୋଟାଏ ପରେ ହେଲମେଟ ଓ ମୁହଁରେ ମୁଖା ପିନ୍ଧି ଘରର ପାଚେଇ ଡେଇଁ ଭିତରକୁ ପଶୁଛନ୍ତି। ଘର ବାହାରେ ଥିବା ଇଲେକ୍ଟ୍ରି ବଲବ,



ଗାଡିରୁ ପେଟ୍ରୋଲ, ବାହାରେ ଥିବା ଚୋଟ ପିଲାଙ୍କ ସାଇକେଲ ସହ ଅନ୍ୟାନ୍ୟ ସାମାଗ୍ରୀ ଚୋରି କରି ନେଉଛନ୍ତି। ପ୍ରାୟ ପ୍ରତିଦିନ ଏଭଳି ଛୋଟମୋଟ ଚୋରି ହେଉଥିବାରୁ ସ୍ଥାନୀୟ ଲୋକେ ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ପୋଲିସ ପେଟ୍ରୋଲିଂ ହେଉ ନ ଥିବାରୁ ଏଭଳି ଛୋଟମୋଟ ଚୋର ମାତି ଉଠିଛନ୍ତି। ଛୋଟମୋଟ ଚୋରଙ୍କ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନ ନହେବା ଓ ପାଟ୍ରୋଲିଂ ଠପ୍ ଯୋଗୁଁ ଏଭଳି ଅପରାଧୀମାନେ ଦିନକୁ ଦିନ ଅଧିକ ସକ୍ରିୟ ହୋଇଉଠୁଛନ୍ତି। ଡିସିପି ଓ ପୋଲିସ କମିଶନର ଏଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।







# ମହିଳା ସଶକ୍ତୀକରଣ ପାଇଁ କେତେ ଲୋଡ଼ା ସଂରକ୍ଷଣ

**ଜନତା ସବୁ ଜାଣନ୍ତି**

ଭୁବନେଶ୍ୱର, ୨୮।୪(ସମିସ): ଆଜିର ନାରୀ ଆଉ ହାଣ୍ଡିଶାଳରେ ସୀମିତ ହୋଇ ରହିନାହାନ୍ତି। ମହିଳା ସମିତି ଗୋଷ୍ଠୀରୁ ନେଇ ପାର୍ଲ୍ୟାମେଣ୍ଟ ପର୍ଯ୍ୟନ୍ତ ସବୁଠି ମହିଳା ନିଜର କାୟା ବିସ୍ତାର କରିଛନ୍ତି। ହେଲେ ଏବେ ବି କିଛି ସ୍ଥାନରେ ମହିଳା ସଶକ୍ତ ହୋଇନାହାନ୍ତି। କିଏ ଘରେ ସଶକ୍ତ ହୋଇପାରିନାହାନ୍ତି ତ ଆଉ କିଏ କର୍ମ କ୍ଷେତ୍ରରେ। ତଥାପି ମହିଳାଙ୍କ ସଶକ୍ତୀକରଣ ଓ ସଂରକ୍ଷଣକୁ ନେଇ ସମସ୍ତେ ଚିନ୍ତିତ। ପାନ ଦୋକାନରୁ ନେଇ ପାର୍ଲ୍ୟାମେଣ୍ଟ ପର୍ଯ୍ୟନ୍ତ ଏବେ ମହିଳା ସଶକ୍ତୀକରଣ ଓ ସଂରକ୍ଷଣର ଚର୍ଚ୍ଚା ଜୋର ଧରିଛି।



ଆଜିର ଯୁଗରେ ମହିଳାମାନେ ପ୍ରତିଟି କ୍ଷେତ୍ରରେ ନିଜକୁ ସଶକ୍ତ କରିପାରିଛନ୍ତି, କିନ୍ତୁ ସମାଜର ମୁଖ୍ୟଧାରାରେ ସମାନ ଅଧିକାର ପାଇବା ପାଇଁ ମହିଳା ସଂରକ୍ଷଣର ଆବଶ୍ୟକତା ଏବେ ବି ରହିଛି। ସଂରକ୍ଷଣ କେବଳ ଏକ ସୁଯୋଗ ନୁହେଁ; ବରଂ ଏହା ସାମାଜିକ ସମାନତା ଆଣିବାର ଏକ ଶକ୍ତିଶାଳୀ ମାଧ୍ୟମ। ମହିଳାମାନେ ସଶକ୍ତ ହେଲେ ହିଁ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନ ସମ୍ଭବ ହୋଇପାରିବ।

-ଦେବୀରାଣୀ ପଣ୍ଡା, ସ୍ନାତୋକତ୍ତର ଛାତ୍ରୀ



ମହିଳା ସଂରକ୍ଷଣ ଓ ସଶକ୍ତୀକରଣ ସମାଜର ସମତା ପାଇଁ ଅତ୍ୟନ୍ତ ଆବଶ୍ୟକ। ଆଜିର ଦିନରେ ମହିଳାମାନେ ଶିକ୍ଷା, କ୍ରୀଡ଼ା, ଚାକିରି ଓ ରାଜନୀତିରେ ଭଲ ପ୍ରଗତି କରୁଛନ୍ତି। ତଥାପି ଅନେକ ସ୍ଥାନରେ ସେମାନେ ଅସମାନତା ଓ ବାଧାର ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ ସଂରକ୍ଷଣ ତାଙ୍କୁ ସମାନ ସୁଯୋଗ ଦେଇ ଆଗକୁ ବଢ଼ିବାରେ ସହାଯ୍ୟ କରିବ। ଶିକ୍ଷା ଓ ଚାକିରିରେ ସଂରକ୍ଷଣ ମହିଳାଙ୍କ ଆତ୍ମବିଶ୍ୱାସ ବଢ଼ାଏ। ଉଦାହରଣ ସ୍ୱରୂପ, ପଞ୍ଚାୟତରେ ସଂରକ୍ଷଣ ଦ୍ୱାରା ଅନେକ ମହିଳା ନେତୃତ୍ୱ ଦେଉଛନ୍ତି। ଏହା ଦ୍ୱାରା ସମାଜରେ ସମତା ଓ ନ୍ୟାୟ ବୃଦ୍ଧି ପାଉଛି। ମହିଳାମାନେ ସଶକ୍ତ ହେଲେ ପରିବାର ଓ ଦେଶ ଉଭୟ ଉନ୍ନତି କରେ। ମୋ ମତରେ, ସଂରକ୍ଷଣ ମହିଳାଙ୍କୁ ସମ୍ମାନ ଓ ସମାନ ଅଧିକାର ଦେବାରେ ଅତ୍ୟନ୍ତ ଜରୁରୀ।

-ପବିତ୍ର ରାଉତ ଅଧିବକ୍ତା (ଅପରାଧିକ ଓ କର ଆଇନ)

ଜଣେ ଛାତ୍ରୀଙ୍କ ଦୃଷ୍ଟିକୋଣରୁ ଏବେର ନାରୀ ସଶକ୍ତ,



ସ୍ୱାଭିମାନୀ ଓ ସ୍ୱାଧୀନ। ସେ ଶିକ୍ଷା, କ୍ରୀଡ଼ା, ବିଜ୍ଞାନ ଓ ପ୍ରତ୍ୟେକ କ୍ଷେତ୍ରରେ ନିଜ ପ୍ରତିଭା ପ୍ରମାଣ କରୁଛନ୍ତି। ମହିଳା ସଂରକ୍ଷଣ ନାରୀମାନଙ୍କୁ ଆଉ ଆଗକୁ ବଢ଼ିବାର ସୁଯୋଗ ଓ ଆତ୍ମବିଶ୍ୱାସ ଦେଇଥାଏ। ଜଣେ ଛାତ୍ରୀ ଭାବେ ମୁଁ ମନେ କରେ, ସଶକ୍ତ ନାରୀ ହେଉଛନ୍ତି ଉଜ୍ଜ୍ୱଳ ଭବିଷ୍ୟତର ପ୍ରେରଣା। ନାରୀଙ୍କ ଶକ୍ତି, ସ୍ୱପ୍ନ ଓ ସଫଳତା ହେଉଛି ଏକ ସୁନ୍ଦର ସମାଜର ଭିତ୍ତି।

-ଶୁଭସ୍ମିତା ସ୍ୱାଇଁ, ପୂର୍ବତନ ଛାତ୍ରୀ, ଓୟୁଏଟି

ମହିଳାମାନେ ନିଶ୍ଚିତଭାବେ ଶିକ୍ଷା, ଚାକିରି, ନେତୃତ୍ୱ ଓ ସିଦ୍ଧାନ୍ତ ନେବା ଭଳି ଅନେକ କ୍ଷେତ୍ରରେ ଆଗକୁ ବଢ଼ିଛନ୍ତି। କିନ୍ତୁ ପୂର୍ଣ୍ଣ ସଶକ୍ତୀକରଣ ଏପର୍ଯ୍ୟନ୍ତ



ସାଧ ହୋଇନାହିଁ, ବିଶେଷକରି ଗ୍ରାମାଞ୍ଚଳ ଓ ନେତୃତ୍ୱମୂଳକ ଭୂମିକାରେ। ସେହିପରି, ସଶକ୍ତୀକରଣ ଆଂଶିକ ଭାବେ ସଫଳ ହୋଇଛି, ସମ୍ପୂର୍ଣ୍ଣ ଭାବେ ନୁହେଁ। ସଂରକ୍ଷଣ ବିଷୟରେ କହିଲେ, ଏହା ସେହି ପୁରୁଣା ଧାରଣାକୁ ଚ୍ୟାଲେଞ୍ଜ କରେ ଯେ ନେତୃତ୍ୱ କେବଳ ପୁରୁଷମାନଙ୍କ ପାଇଁ, ଏବଂ ସମାଜର ଚିନ୍ତାଧାରାକୁ ପରିବର୍ତ୍ତନ କରିବାରେ ସହାୟକ ହୁଏ। କିନ୍ତୁ ଆଜିର ଦିନରେ ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ, କାରଣ ବର୍ତ୍ତମାନ ପ୍ରାୟ ସମସ୍ତ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ଅଧିକ ସୁବିଧା ଓ ସୁଯୋଗ ଉପଲବ୍ଧ ଅଛି।

-ଶ୍ୟାମଳୀ ମହାନ୍ତି, ଗୃହିଣୀ



ଆଜିର ନାରୀ ଆଉ ଦୁର୍ବଳ ନୁହେଁ, ସେ ଶିକ୍ଷିତ, ସଚେତନ ଓ ସଶକ୍ତ। ସେ ଘରୁ ଆରମ୍ଭ କରି କାର୍ଯ୍ୟକ୍ଷେତ୍ର ପର୍ଯ୍ୟନ୍ତ ନିଜ କ୍ଷମତାର ପରିଚୟ ଦେଇଛନ୍ତି। ମହିଳା ସଂରକ୍ଷଣ ନାରୀଙ୍କୁ ଆଗକୁ ବଢ଼ିବା ପାଇଁ ଅଧିକ ସୁଯୋଗ ଓ ସମ୍ମାନ ଦେଇଥାଏ। ସଶକ୍ତ ନାରୀ ହେଉଛନ୍ତି ପରିବାର, ସମାଜ ଓ ଜାତିର ଶକ୍ତି। ନାରୀଙ୍କ ଉନ୍ନତି ହେଉଛି ଦେଶର ଉନ୍ନତିର ସବୁଠାରୁ ସୁନ୍ଦର ପରିଚୟ। ଯେପର୍ଯ୍ୟନ୍ତ ସମାଜରେ ଲିଙ୍ଗ ଅସମାନତା ରହିଛି, ସେପର୍ଯ୍ୟନ୍ତ ମହିଳା ସଂରକ୍ଷଣର ଆବଶ୍ୟକତା ରହିବ। ତେଣୁ ମହିଳା ସଶକ୍ତୀକରଣ ଓ ସଂରକ୍ଷଣ ଉଭୟେ ଏକ ସମାନ, ସୁସ୍ଥ ଓ ଉନ୍ନତ ସମାଜ ଗଠନର ଆଧାର।

-ମାନସ କୁମାର ଲେଙ୍କା, ସ୍ୱାସ୍ଥ୍ୟମିତ୍ର, ସମ୍ପାଦକ



ସମସ୍ତ ସ୍ତରରେ ସମାନ ସୁଯୋଗ ଏବଂ ସ୍ୱୀକୃତି ଏପର୍ଯ୍ୟନ୍ତ ପୂର୍ଣ୍ଣ ଭାବେ ମିଳିନାହିଁ, ତେଣୁ ସଶକ୍ତୀକରଣର ଯାତ୍ରା ଚାଲୁ ଅଛି। ମହିଳା ସଂରକ୍ଷଣ ମହିଳାଙ୍କୁ କେବଳ ସୁଯୋଗ ନୁହେଁ, ସମାଜରେ ନିଜ କ୍ଷମତା ପ୍ରମାଣ କରିବାର ଏକ ମଞ୍ଚ ମଧ୍ୟ ଦେଇଥାଏ। ଏହା ନାରୀଙ୍କ ଅଂଶଗ୍ରହଣ ବଢ଼ାଇ ସମାଜକୁ ଅଧିକ ସମତାମୂଳକ ଓ ପ୍ରଗତିଶୀଳ କରେ। ଆଜି ମହିଳାମାନେ ଅନେକ କ୍ଷେତ୍ରରେ ସଫଳ ହେଉଥିଲେ ମଧ୍ୟ, ସଂରକ୍ଷଣ ସେମାନଙ୍କୁ ଆଉ ଦୃଢ଼ ଭାବେ ଆଗକୁ ବଢ଼ିବାର ସହାୟକ ହୁଏ।

-ଲୋଚନ ବାହାଦୂର ନାୟକ, ଫିଟ୍‌ନେସ୍ ଟ୍ରେନର

## ବିଧାନସଭା ନାଁ 'ମଧୁ ଭବନ' ରଖିବାକୁ ଦାବି



ଭୁବନେଶ୍ୱର,୨୮।୪(ସମିସ): ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାର, ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ମଧୁସୂଦନଙ୍କ ଜୟନ୍ତୀ ପାଳିତ ହୋଇଛି। ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମିଳନୀର ଉପଦେଷ୍ଟା ଶତାୟୁ ପୁରୁଷ ପଦ୍ମଚରଣ ନାୟକ ଅତିଥି ଭାବରେ ଯୋଗଦେଇ ବିଧାନସଭାର ନାମ 'ମଧୁ ଭବନ' ଓ ଉତ୍କଳ ମଣ୍ଡପର ନାମ 'ଉତ୍କଳ ଗୌରବ ମଣ୍ଡପ' ରଖାଯାଉ ବୋଲି ଦାବି କରିଥିଲେ। ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମଧୁ ଜୟନ୍ତୀ ସଭାରେ ସମ୍ମିଳନୀର ରାଜ୍ୟସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱକରି ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟା ବାସନ୍ତୀ ତ୍ରିପାଠୀ, ମଞ୍ଚେଶ୍ୱର ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ମଞ୍ଚେଶ୍ୱର ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ମଧୁସୂଦନଙ୍କ ଜୟନ୍ତୀରେ 'ମୁଁ ମଧୁବାବୁ'



ଭୁବନେଶ୍ୱର, ୨୮ ।୪(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶାଏଁ ଓ ଜେଜେ ଟ୍ରଷ୍ଟର ମିଳିତ ଅନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ବୁଦ୍ଧମନ୍ଦିରର ପରିସରରେ ଆୟୋଜିତ ହୋଇଯାଇଛି "ମୁଁ ମଧୁବାବୁ' କାର୍ଯ୍ୟକ୍ରମ। ପ୍ରଥମରେ ପିଲାମାନଙ୍କ ପାଇଁ ମଧୁବାବୁଙ୍କ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ମଧୁବାବୁଙ୍କ ଜୀବନାଦର୍ଶ ଉପରେ ପିଲାମାନଙ୍କ ପାଇଁ ଯୁବ କଥାକାର ବିକ୍ରମ ନାୟକଙ୍କ "ମଧୁକଥା'ଓ ମଧୁବାବୁଙ୍କ ରଚିତ ସଂଗୀତ ଗାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ଜିଲ୍ଲାର ୧୩ ଜଣ ଯୁବ କବି "ଆଜିର ଆହ୍ୱାନ' ସମ୍ପର୍କିତ କବିତା ପାଠ କରିଥିଲେଫ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ସାହିତ୍ୟକ ଓ ଲେଖକ ଶୁଭ୍ରାଂଶୁ ପଣ୍ଡା, ଯୁବ ଉଦ୍ୟୋଗୀ ସ୍ୱଙ୍ଗ ପ୍ରକାଶ ଜେନା, ଯୁବ ପରିବେଶବିତ ସାଧ୍ୱୀ ସୁନ୍ଦରା ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ସ୍ନେହାଶିଷ ଦାସଙ୍କୁ ଉତ୍ତରଦାୟାଦ ସଂକଳ୍ପ ସମ୍ମାନ ପ୍ରଦାନ କରାଯାଇଥିଲାଫ ବିଭୁତି କାନୁନଗୋ ଚାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା "ଉତ୍କଳ ଗୌରବ' ସମ୍ପର୍କିତ ଚିତ୍ର ପ୍ରଦର୍ଶନୀ ହୋଇଥିଲା। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଆଶାଏଁ ଅନୁଷ୍ଠାନର ଅଧ୍ୟକ୍ଷ ରତ୍ନାକର ସାହୁ ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଗାନ୍ଧିବାଦୀ ପ୍ରହ୍ଲାଦ ସିଂହ, ଭାଷାବିତ ପ୍ରଦ୍ୟୁମ୍ନ ଶତପଥି, ବରିଷ୍ଠ ସାମ୍ବାଦିକ ମନୋଜ ମହାପାତ୍ର, ଲେଖକ ଡଃ ରଜନୀ ରଞ୍ଜନ ଦାସ, ଭାଗବତ ଶୁକ୍ଳା, ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋଡର୍‌ର ପୂର୍ବତନ ସଭାପତି ସଂଗ୍ରାମ ପାଇକରାୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ମନସ୍ୱିନୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସପନ ଜେନା, ରମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୮ ।୪(ସମିସ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଛାତ୍ର ସଂସଦର ୬୩ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନସିଇଆରଟି, ନୂଆଦିଲ୍ଲୀର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଯୋଗଦେଇ ପ୍ରଗତିଶୀଳ ଏବଂ ସମାବେଶୀ ବ୍ୟବସ୍ଥା ନିର୍ମାଣରେ ଶିକ୍ଷକ ଶିକ୍ଷାର ବିକାଶଶୀଳ ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର ନବୋନ୍ମେଷ, ଆନ୍ତଃବିଷୟକ ଶିକ୍ଷା, ଗବେଷଣା ଆଧାରିତ ଶିକ୍ଷା, ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଭୂମିକା ଏବଂ ମତାମତ, ଗୁରୁତ୍ୱପୂର୍ଣ୍ଣ ଚିନ୍ତାଧାରା ଏବଂ ବୈଜ୍ଞାନିକ ସ୍ୱଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଛାତ୍ର ପରିଷଦର ଉପଦେଷ୍ଟା ପ୍ରଫେସର ଲକ୍ଷ୍ମୀଧର ବେହେରା ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ ଏବଂ ଅତିଥିଙ୍କ ଦ୍ୱାରା ପ୍ରତିଷ୍ଠାନର ବାର୍ଷିକ ପତ୍ରିକା 'ପ୍ରତିବିମ୍ବ' ଉନ୍ମୋଚନ କରାଯାଇଥିଲା। ଶିକ୍ଷା, କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକଳାପ ଏବଂ ଶୈକ୍ଷିକ ଗବେଷଣା କ୍ଷେତ୍ରରେ ସଫଳତା ପାଇଁ ଉଲ୍ଲେଖନୀୟ ଶିକ୍ଷାର୍ଥୀ ଓ ଗବେଷକ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରାତନ ଛାତ୍ରସଂସଦଦ୍ୱାରା ବିଏସିବିଏଡ୍, ବିଏଡ୍ ଓ ଏମ୍‌ଏଡ୍‌ର ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରାତନ ଛାତ୍ରସଂସଦର ସଭାପତି ଡ଼ ହାଡ଼ିବନ୍ଧୁ ପଟ୍ଟନାୟକ, ସଂପାଦକ ରମେଶ ଚନ୍ଦ୍ର ପାତାଳସିଂହ ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତଥିଲେ। ଛାତ୍ର ପରିଷଦର ଯୁଗ୍ମ ଉପଦେଷ୍ଟା ପ୍ରଫେସର ରଶ୍ମିରେଖା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ସଂଗ୍ରହାଳୟରେ ମଧୁ ଜୟନ୍ତୀ



ଭୁବନେଶ୍ୱର,୨୮।୪(ସମିସ): ରାଜ୍ୟ ସଂଗ୍ରହାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସଂସ୍କୃତି ବିଭାଗର ପୂର୍ବତନ ସଚିବ ତଥା ଆୟକର ବିଭାଗ ମୁଖ୍ୟ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ସଂଗ୍ରହାଳୟର ପୂର୍ବତନ ଅଧୀକ୍ଷକ ଡ. ଜୟନ୍ତୀ ରଥ, ଲେଖିକା ଡ. ଶକୁନ୍ତଳା ବଳିଆର ସିଂହ ପ୍ରମୁଖ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମକୁ ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍ ପରିଚାଳନା କରିଥିଲେ।

## ଆଧୁନିକ ପ୍ରଜନନ ସମ୍ବନ୍ଧୀୟ ସେବା ପାଇଁ କ୍ୟାପିଟାଲ ହସ୍ପିଟାଲ ପଞ୍ଜୀକୃତ

ଭୁବନେଶ୍ୱର,୨୮।୪(ସମିସ): ପିଜିଆଇଏମ୍‌ଇଆର୍ ଏବଂ କ୍ୟାପିଟାଲ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଜ୍ଞାନ ବିଭାଗକୁ ଏଆର୍‌ଟି (ଆସିଷ୍ଟେଡ ରିପ୍ରଡକ୍ଟିଭ ଟେକ୍ନୋଲୋଜି)ବା ସହାୟକ ପ୍ରଜନନ ପ୍ରଯୁକ୍ତି, କ୍ଲିନକ୍ (ଲେବଲ୍-୧) ଭାବେ ପଞ୍ଜୀକରଣ ସାର୍ଟିଫିକେଟ୍ ମିଳିଛି। ସହାୟକ ପ୍ରଜନନ ପ୍ରଯୁକ୍ତି (ଏଆର୍‌ଟି) ହେଉଛି ଏକ ଆଧୁନିକ ଚିକିତ୍ସା ପ୍ରଣାଳୀ। ଯାହାଦ୍ୱାରା ସନ୍ତାନ ଲାଭରେ ସମସ୍ୟା ଥିବା ଦମ୍ପତିମାନଙ୍କୁ ସହାୟତା କରାଯାଏ। ଏହି ପଞ୍ଜୀକରଣଆସିଷ୍ଟେଡ ରିପ୍ରଡକ୍ଟିଭ ଟେକ୍ନୋଲୋଜି ରେଗୁଲେସନ୍ ଆକ୍ଟ-୨୦୨୧ ଅନୁସାରେ ପ୍ରଦାନ କରାଯାଇଥିବା ବେଳେ ଏହାର ବୈଧତା ଆଗାମୀ ପାଞ୍ଚବର୍ଷ ପର୍ଯ୍ୟନ୍ତ ଅର୍ଥାତ ୨୭ ଏପ୍ରିଲ ୨୦୩୧ ପର୍ଯ୍ୟନ୍ତ ରହିବ। ଏହି କ୍ଲିନିକ ମାଧ୍ୟମରେ ସରକାରୀ ସ୍ତରରେ ଆଧୁନିକ ପ୍ରଜନନ ସମ୍ବନ୍ଧୀୟ ସେବା ସୁଲଭ ହେବା ସହ ନିସନ୍ତାନ ଦମ୍ପତିମାନଙ୍କୁ ଉନ୍ନତ ଚିକିତ୍ସା ସୁବିଧା ମିଳିବ। ଏହା ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେହା ସହ ରାଜ୍ୟରେ ଏଆରଟି ସେବା ପ୍ରଦାନରେ ଗୁଣୋତ୍ତର ବୃଦ୍ଧି ସହ ନିୟମିତତା ଏବଂ ପାରଦର୍ଶିତା ସୁନିଶ୍ଚିତ ହେବ।

**ବିଜେଡି ପକ୍ଷରୁ ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି**

## ଓଡ଼ିଆ ଜାତୀୟତାକୁ ଦେଶ ମାନଚିତ୍ରରେ ପ୍ରତିଷ୍ଠିତ କରିବାରେ ମଧୁବାବୁଙ୍କ ଭୂମିକା ଅନନ୍ୟ



ଭୁବନେଶ୍ୱର, ୨୮।୪(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଅବସରରେ ବିଜୁ ଜନତା ଦଳ ପକ୍ଷରୁ ଭୁବନେଶ୍ୱର ଲୋକଭବନ ଛକରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଓ କର୍ମୀମାନେ ଯୋଗଦେଇ ଏହି ମହାନ ବରପୁତ୍ର ଓ ଆଧୁନିକ ଓଡ଼ିଶାର ସ୍ଥପତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଶଙ୍ଖ ଭବନରେ ଆଧୁନିକ ଓଡ଼ିଶା ନିର୍ମାଣ ଗଠନରେ ମଧୁବାବୁଙ୍କ ଅବଦାନ ସମ୍ବନ୍ଧରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର କହିଥିଲେ ଯେ ମଧୁବାବୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ଏକତ୍ର କରିବା ଆନ୍ଦୋଳନର ପ୍ରମୁଖ ନେତା ଥିଲେ। ଓଡ଼ିଆ ଜାତୀୟତାକୁ ଦେଶ ମାନଚିତ୍ରରେ ପ୍ରତିଷ୍ଠିତ କରିବାରେ ତାଙ୍କର ଭୂମିକା ଅନନ୍ୟ ଥିଲା। ବରିଷ୍ଠ ନେତା ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ ଯେ ଯେତେବେଳେ ଓଡ଼ିଆ ଭାଷା ଅବହେଳିତ ହେବାର ସମ୍ଭାବନାରେ ଥିଲା, ସେତେବେଳେ ମଧୁବାବୁ ଏହାକୁ ସୁରକ୍ଷିତ ଓ ପ୍ରଚାର କରିବା ପାଇଁ ଅନବରତ ପ୍ରୟାସ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବାଚସ୍ପତି ପ୍ରଦୀପ ଅମାତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଶେଷରେ ପ୍ରବକ୍ତା ମିହିର ରାୟ ଧନ୍ୟବାଦ ଜ୍ଞାପନ କରିଥିଲେ।

କାର୍ଯ୍ୟକ୍ରମରେ ସୁଶାନ୍ତ ରାଉତ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବିଜୟ ନାୟକ, ଡ. ପ୍ରିୟବ୍ରତ ମାଝୀ, ସଞ୍ଜିତ ମହାନ୍ତି, ରଘୁନାଥ ସାହୁ, ଦୁର୍ଗା ସାମନ୍ତରାୟ, ରଞ୍ଜୁଲତା ରାୟ, ମହାମାୟା ସ୍ୱାଇଁ, ଅଲ୍ଲିଅଳି ମଲ୍ଲିକ, ପୁଷ୍ପା ସେଠୀ, ପୁଷ୍ପା ରାଉତ, ମାନସୀ ସୁନ୍ଦରରାୟ, ଆସିଆ ବେଗମ, ରିଜ୍ୱାନା ବେଗମ, ଅମରଜିତ ସେନାପତି, ସୋଫିଆ ଆଲମ, କବିତା ସ୍ୱାଇଁ, ମନୋଜ ସେନାପତି, ଅରୂପ ଶ୍ରୀଚନ୍ଦନ, ମନୋରଞ୍ଜନ ସ୍ୱାଇଁ, ମନୋଜ ମହାନ୍ତି, ସୋନାଲି ପ୍ରିୟଦର୍ଶିନୀ, ଲଗ୍ନାଦୀପା ମିଶ୍ର, ତରବେଜ୍ ଆଲମ, ପଦ୍ମଜା ପ୍ରିୟଦର୍ଶିନୀ ଜେନା, ଭରତ ଲେଙ୍କା, ଆଶିଷ ପଟ୍ଟନାୟକ, ସସ୍ମିତା ନନ୍ଦ, ବାସନ୍ତୀ ସିଂ, ଇଲା ସ୍ୱାଇଁ, ପରୱାନ ପରଭିନ, ପ୍ରୀତିନନ୍ଦା ରାଉତରାୟ, ବନଜା ମହାନ୍ତି, ଜ୍ୟୋତ୍ସ୍ନାମୟୀ ପରିଡ଼ା, ସଂଯୁକ୍ତା ମହାନ୍ତି, ଅମରଜିତ ଗଜେନ୍ଦ୍ର, ଭାଗୀରଥି ମଲ୍ଲିକ, ସ୍ନେହାଶିଷ ଜେନା, ଶୁଭମ ଶୁଭଦର୍ଶୀ ଖଟୁଆ, ଦିବ୍ୟସିଂହ ସେଠୀ, ସଚ୍ଚିକାନ୍ତ ସାହୁ, ରବୀନ୍ଦ୍ର ମହାରଣା, ସଞ୍ଜୟ ସେଠୀ, ବିକ୍ରମ ରଞ୍ଜିତ ପଟ୍ଟନାୟକ, ସଞ୍ଜିତ ମହାନ୍ତି, ଶୁଭ୍ରାଂଶୁ ପାଢ଼ୀ, ଶେଖ୍ ନୱାଜ, ଆପ୍ତାବ ଆଲମ ଖାନ, ସୁଦୀପ୍ତ କେଶରୀ ସାମଲ, ଦୀପକ ବେହେରା, ରାଜେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କଳାଦର୍ପଣର ତୃତୀୟ ବାର୍ଷିକ ଉତ୍ସବ 'ପ୍ରତିବିମ୍ବ'

ଭୁବନେଶ୍ୱର,୨୮।୪(ସମିସ): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡିଆ ଭର୍ଚୁଆଲ ଏକାଡେମୀ ସହଯୋଗରେ ଅନନ୍ୟ କଳା ଦର୍ପଣ ତୃତୀୟ ବାର୍ଷିକ ଉତ୍ସବ 'ପ୍ରତିବିମ୍ବ' ଭଞ୍ଜକଳା ମଣ୍ଡପ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଅତିଥି ଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ଡ. ବିଜୟ କୁମାର ଜେନା, ବିଶିଷ୍ଟ ନୃତ୍ୟ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, କଳା ଦର୍ପଣ ଅନୁଷ୍ଠାନର ଅଧ୍ୟକ୍ଷ ଅମୀୟ କୁମାର ଧଳ ପ୍ରମୁଖ ଯୋଗଦେଇଥିଲେ। ଏହାପରେ ଗୁରୁ ମାମା ସ୍ୱାଇଁ ଓଡିଶୀ ସଂଗୀତ ଗାନ କରିଥିଲେ। କବି ବନବାଳି ରଚନାରେ ସେ ଶ୍ୟାମ ନଗର ବର ରାଗ ମିଶ୍ର ଖମାଜ ତାଳ ଖେମଟା ପରିବେଷଣ କରିଥିଲେ। ପରେପରେ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାପରେ କଳା ଦର୍ପଣ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦଳଗତ ବିହୁ ନୃତ୍ୟ, ବ୍ରହ୍ମପୁର ଗଞ୍ଜାମ ଲଳିତ କଲଚରାଲ ଏକାଡେମୀ ଛାତ୍ରଛତ୍ରୀ ମାନଙ୍କ ଦ୍ୱାରା କୁଚୁପୁଡ଼ି ବାରାହୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ଶ୍ରୀ ନିବାସ ଘଟୁଆରୀ।



## ଲାୟନ୍ସ କ୍ଲବ ନୂଆପଲ୍ଲୀ ତରଫରୁ ଚାର୍ଟର ନାଇଟ



ଭୁବନେଶ୍ୱର,୨୮।୪(ସମିସ): ଲାୟନ୍ସ କ୍ଲବ ନୂଆପଲ୍ଲୀ ତରଫରୁ ସାଧାରଣ ସଭା ସହ ଚାର୍ଟର ନାଇଟ ଓ ଇଣ୍ଡକ୍ସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ୧୨୦ରୁ ଅଧିକ ସଦସ୍ୟ ଓ ଅତିଥିମାନେ ଯୋଗ ଦେଇଥିଲେ। ୧୫ଜଣ ନୂତନ ସଦସ୍ୟଙ୍କ ଇଣ୍ଡକ୍ସନ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ୩୨୨ସିଃ୪ର ବିଭିନ୍ନ କ୍ଲବର ପୂର୍ବଜିଲ୍ଲା ଗଭର୍ଣ୍ଣରମାନେ, ବରିଷ୍ଠ ସଦସ୍ୟ ଓ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସେବା କାର୍ଯ୍ୟମାନଙ୍କୁ ମଧ୍ୟ ସାମିଲ୍ କରାଯାଇଥିଲା। ଯେଉଁଥିରେ ଧୂଳିଘରା ସେବା ଫାଉଣ୍ଡେସନ ସହ ଯୁକ୍ତ ହୋଇ ବସ୍ତ୍ର ଓ ଆବଶ୍ୟକ ସାମଗ୍ରୀ ବିତରଣ ଏବଂ 'ଏକ ସଦସ୍ୟ ଏକ ଗଛ' ପରିକଳ୍ପନାର କାର୍ଯ୍ୟକ୍ରମ ସମ୍ମିଳିତ ଥିଲା। ଏହି ପରିକଳ୍ପନା ପାଇଁ ଲାୟନ୍ସ କ୍ଲବ ପୁରୀର ଲାୟନ ରୁଦ୍ର ନାରାୟଣ ରଥଙ୍କ ଦ୍ୱାରା ଯୋଗାଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଲାୟନ ଏ. କେ ଶରଦା, ସଭାପତି ଲାୟନ ସୁବ୍ରତ ଶତପଥୀ, ସମ୍ପାଦକ ଲାୟନ ପ୍ରତୀକ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଆୟୋଜିତ ହୋଇଥିଲା। ୧୪୩ ଜଣ ସଦସ୍ୟଙ୍କ ଶକ୍ତି ସହିତ ଲାୟନ୍ସ କ୍ଲବ ଭୁବନେଶ୍ୱର ନୟାପଲ୍ଲୀ ଜିଲ୍ଲା ୩୨୨ସିଃ୪ର ଏକ ସକ୍ରିୟ ସେବାମୂଳକ କ୍ଲବ ଭାବେ ପରିଗଣିତ ହୋଇଛି।

**ରକ୍ଷଣାବେକ୍ଷଣ ଅଭାବ**

## ସୌନ୍ଦର୍ଯ୍ୟ ହରାଉଛି ଗୋସାଗରେଶ୍ୱର ପୁଷ୍କରିଣୀ

ଭୁବନେଶ୍ୱର,୨୮।୪(ସମିସ): ରାଜଧାନୀରେ ଗଚ୍ଛିତ ହୋଇ ରହିଛି ଓଡିଶାର ପ୍ରମୁଖ ଐତିହ୍ୟସ୍ଥଳୀ। ଏହାକୁ ମନ୍ଦିରମାଳିନୀ ସହର କୁହାଯାଏ ବୋଲି ମଧ୍ୟ ସମସ୍ତଙ୍କୁ ଜଣା। ସେହି ପୁରାତନ ମନ୍ଦିରର ପରିସରରେ ରହିଛି ବିଭିନ୍ନ ଐତିହ୍ୟ ପୁଷ୍କରିଣୀ। କିନ୍ତୁ ଅଧିକାଂଶ ପୁଷ୍କରିଣୀଗୁଡ଼ିକ ନିକଟସ୍ଥ ମନ୍ଦିରର ପୂଜାର୍ଚ୍ଚନା ଓ ବିଧିବିଧାନ ସମ୍ପୃକ୍ତ କିନ୍ତୁ ନିୟମିତ ରକ୍ଷଣାବେକ୍ଷଣର ଅଭାବରୁ ସେସବୁର ଜଳ ଏତେ ଅପରିଷ୍କାର ହୋଇ ଯାଇଛି ଯେ ଜଳ ମନ୍ଦିରରେ ବ୍ୟବହାର ହୋଇପାରୁନାହିଁ।

ସହରରେ ବିଭିନ୍ନ ଐତିହ୍ୟ ମନ୍ଦିର ପରିସର ମଧ୍ୟରେ ଥିବା ପୁଷ୍କରିଣୀ ବା କୁଣ୍ଡ ଏବେ ରକ୍ଷଣାବେକ୍ଷଣ ଅଭାବରୁ ତାର ଐତିହାସିକ ମାନ୍ୟତା ହରେଇବାକୁ ବସିଲାଣି। ଯାହାର ଉଦାହରଣ ଗୋସାଗରେଶ୍ୱର ପୁଷ୍କରିଣୀରେ ଦେଖିବାକୁ ମିଳୁଛି। ଏହି ପୁଷ୍କରିଣୀ ଏବେ ଅବହେଳିତ ଅବସ୍ଥାରେ ପଡିଛି। ଫଳରେ ଜଳସ୍ତର କମିବା ସହ ଏହା ପରିତ୍ୟକ୍ତ ଅବସ୍ଥାରେ ପହଞ୍ଚିଲାଣି। ବହୁ ପ୍ରସିଦ୍ଧ ଓ ପ୍ରାଚୀନ ଶୈବ ପୀଠ ହେଉଛି ଗୋସାଗରେଶ୍ୱର ମହାଦେବଙ୍କ ମନ୍ଦିର। ଏହାକୁ ଲାଗି ରହିଛି ଗୋସାଗରେଶ୍ୱର ତୀର୍ଥ ପୁଷ୍କରିଣୀ। ସେହି ପୁଷ୍କରିଣୀରେ ଶିଉଳି ଓ ଦଳ ଭାସୁଥିବା ବେଳେ ଏଠାରେ ବର୍ଷା ଦିନରେ ସମସ୍ୟା ଆହୁରି ଜଟିଳ ହୋଇଥାଏ। କେବଳ ସେତିକି ନୁହଁ ବରଂ ଗଛର ପତ୍ର, ପ୍ଲାଷ୍ଟିକ ଏବଂ ମନ୍ଦିରର ଅନ୍ୟ ଆବର୍ଜନା ମଧ୍ୟ ପୁଷ୍କରିଣୀରେ ଦୃଶ୍ୟମାନ ହୁଏ। ଫଳରେ ଧୀରେ ଧୀରେ ପାଣିର ରଙ୍ଗ ବଦଳିବା ସହ ଏହା ଆଉ୍ୱନ୍ଦିର କାର୍ଯ୍ୟରେ ବ୍ୟବହାର ଉପଯୋଗୀ ହୋଇ ପାରୁନାହିଁ। ଅନେକ ସମୟରେ ବର୍ଷା ପାଣି ଏହି ପୁଷ୍କରିଣୀ ପାଣିରେ ମିଶିବାରୁ ପାଣି ଅଧିକ ହୋଇ ପାଦୁକା ନଳା ମାଧ୍ୟମରେ ପାଣି ଓଲଟା



ଗର୍ଭଗୃହରେ ପଶି ଜମିଯାଉଥିବା ସ୍ଥାନୀୟ ଲୋକଙ୍କଠାରୁ ଜାଣିବାକୁ ମିଳିଛି। ଏହି ମନ୍ଦିର ପରିସରସ୍ଥିତ ପଦାରେଶ୍ୱର ମନ୍ଦିର ଓ ଐଶାନେଶ୍ୱର ମନ୍ଦିର ରହିଛି। ସ୍ଥାନୀୟ ଲୋକଙ୍କ କହିବା କଥା ମନ୍ଦିର ପାଣି ନିକଟସ୍ଥ ପୁଷ୍କରିଣୀକୁ ଯାଏ। ତେବେ ଡ୍ରେନ୍ ଓ ରାସ୍ତା ଦିନକୁ ଦିନ ଉଚ୍ଚା ହେବାରୁ ଏହି ସମସ୍ୟା ଦେଖା ଦେଉଥିବା କୁହାଯାଉଛି। ତେଣୁ ଏହାର ରକ୍ଷଣାବେକ୍ଷଣପ୍ରତି ଅଧିକ ଯତ୍ନଶୀଳ ହେବା ଆବଶ୍ୟକ ରହିଛି। ନଚେତ୍ ଏହି ଐତିହ୍ୟ ପୁଷ୍କରିଣୀ ତାର ସୌନ୍ଦର୍ଯ୍ୟ ହରେଇବା ସହ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବ।







# ଉତ୍କଳ ଗୌରବଙ୍କ ଜୟନ୍ତୀରେ ରାଜଧାନୀ 'ମଧୁମୟ'

## ବିଜେଡି ପକ୍ଷରୁ ମଧୁବାବୁଙ୍କୁ ମାଲ୍ୟାର୍ପଣ

ଭୁବନେଶ୍ୱର,୨୮।୪(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ କୁଳବୃଦ୍ଧ ମଧୁସୂଦନଙ୍କ ପବିତ୍ର ଜୟନ୍ତୀ ସମାରୋହ ରାଜଭବନ ସମ୍ମୁଖ ମଧୁବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ବିଜେଡି



ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ପରେ ମଧୁସୂଦନଙ୍କ ଜୀବନୀ ଉପରେ ଆଧାରିତ କବିତା ଆବୃତ୍ତି କରିଥିଲେ ଶିକ୍ଷାବିତ୍ କାମଦେବ ମହାପାତ୍ର। ଅନ୍ୟମାନଙ୍କ ମଧ୍ୟରେ ବିଜୟ ପରିଡ଼ା, ସମାଜସେବୀ ମନୋରଞ୍ଜନ ମହାନ୍ତି, ନଗେନ ନାୟକ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଶିଳ୍ପୀ ସୁଦର୍ଶନ ସାହୁ, ଦେବଯାନୀ ଦାଶ, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ବିଜୟ କୁମାର ସାହୁ, ଚୈତନ୍ୟ ତ୍ରିପାଠୀ, ଡ. ଶରତ କୁମାର ବେହେରା ପ୍ରମୁଖ ଯୋଗଦେଇ ମଧୁବାବୁଙ୍କୁ ଶ୍ରଦ୍ଧା ନିବେଦନ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅମିତ୍ ପାତାଳ ସିଂ।

## 'ଦ୍ୱିତୀୟ କୁଳଗୌରବ ସମ୍ମାନ' ସମାରୋହ



ଭୁବନେଶ୍ୱର, ୨୮।୪(ସମିସ): ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ ଟେନିସ୍ ସେଣ୍ଟରଠାରେ ମଧୁ ବାବୁଙ୍କ ଜୟନ୍ତୀ ଅବସରରେ ମର୍ଯ୍ୟାଦାଜନକ 'ଦ୍ୱିତୀୟ କୁଳଗୌରବ ସମ୍ମାନ-୨୦୨୬' ପୁରସ୍କାର ସମାରୋହ ପାଳିତ ହୋଇଯାଇଛି। ବିଶ୍ୱ ଓଡ଼ିଆ ପରିବାରର ସଭାପତି ସଜ୍ଜନ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସାଂସଦ ବୈଜୟନ୍ତ ପଣ୍ଡା, ଶିଳ୍ପପତି ତଥା ଓଡ଼ିଶା ବିଜେପିର କୋଷାଧ୍ୟକ୍ଷ ଅଜୟ ଅଗ୍ରୱାଲ, ମୁଖ୍ୟବକ୍ତା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରି ମଧୁବାବୁଙ୍କ ଉପରେ ନିଜ ନିଜର ମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱ ଓଡ଼ିଆ ପରିବାରର ଉଦ୍ୟୋଗ ବିଭାଗ ପ୍ରମୁଖ ତପନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ମନୋରଂଜନ ଷଡ଼ଙ୍ଗୀ ମଧୁବାବୁଙ୍କ ଉପରେ ଏକ କବିତା ଗାନ କରିଥିଲେ। ସମାରୋହର ସମଗ୍ର ଓଡ଼ିଶାର ବିକାଶ ଦିଗରେ ଅବଦାନ ପାଇଁ ଉଦ୍ୟୋଗୀମାନଙ୍କୁ 'କୁଳଗୌରବ ସମ୍ମାନ-୨୦୨୬'ରେ ଭୂଷିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱ ଓଡ଼ିଆ ପରିବାରର ସୁଜିତ କୁମାର ଦାଶ, ସାଧୁ ଚରଣ ବେହେରା, ସୁରେଶ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ବିଶ୍ୱ ଓଡ଼ିଆ ପରିବାର ଯେପରି ମଧୁବାବୁଙ୍କ ଜନ୍ମ ଦିବସରେ ଓଡ଼ିଶାର ବିକାଶ ଦିଗରେ ଯେଉଁ ଶିଳ୍ପଦ୍ୟୋଗୀମାନଙ୍କର କିଛି ନା କିଛି ଭୂମିକା ରହିଛି ସେମାନଙ୍କୁ ସମ୍ମାନିତ କରିବା ଏକ ପ୍ରଶଂସନୀୟ ଉଦ୍ୟମ ବୋଲି ସମସ୍ତ ଅତିଥିଗଣ ଭାଷଣରେ ବର୍ଣ୍ଣନା କରିଥିଲେ। ସମାଜସେବୀ ଜଗନ୍ନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପିସିସି ପକ୍ଷରୁ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୮।୪(ସମିସ): ମଙ୍ଗଳବାର ପିସିସି ପକ୍ଷରୁ କଂଗ୍ରେସ ଭବନରେ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଥିବା ବେଳେ ଏହି ଅବସରରେ ସକାଳେ ରାଜଭବନ ଛକ ସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ କଂଗ୍ରେସ ଭବନ ଠାରେ ଏକ ସ୍ମୃତିସଭା ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏହି ସଭାକୁ



ଅଧ୍ୟକ୍ଷତା କରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ, ମଧୁବାବୁ ତ୍ୟାଗ ବଳିଦାନ ଓ ଅକଥନୀୟ ପରିଶ୍ରମ ମାଧ୍ୟମରେ ଓଡ଼ିଆଙ୍କୁ ସଂଗଠିତ କରି ନୂତନ ଓଡ଼ିଶା ପାଇଁ ବାଟ ଫିଟାଇଥିଲେ। ମୁଖ୍ୟବକ୍ତା ପ୍ରଫେସର ବିଜୟ କୁମାର ବହିଦାର ମଧୁବାବୁ ଓଡ଼ିଆ ମାନଙ୍କୁ ସ୍ୱାବଲମ୍ବି କରିବାପାଇଁ ଓଡ଼ିଶାର ଦ୍ରବ୍ୟରେ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରିବା ଲକ୍ଷ୍ୟରେ ଚେଷ୍ଟିତ ଥିଲେ ବୋଲି କହିବା ସହ ବିଭିନ୍ନ କ୍ଷେତ୍ରରେ ଅସଫଳ ହେଉଥିଲେ ମଧ୍ୟ କେବେ ପଛଘୁଞ୍ଚା ଦେଉନଥିଲେ ବୋଲି କହିଥିଲେ। ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ପ୍ରସାଦ ହରିଚନ୍ଦନ, ପଞ୍ଚାନନ କାନୁନଗୋ, ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ଶିବାନନ୍ଦ ରାୟ ପ୍ରମୁଖ ମଧୁବାବୁଙ୍କ ପ୍ରଭା ଓ ପ୍ରତିଭା ସମ୍ପର୍କରେ ଅବତାରଣା କରିଥିଲେ। ବିଶିଷ୍ଟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ନଳିନୀ ମହାନ୍ତି ମଧ୍ୟ ନିଜ ବକ୍ତବ୍ୟ ଉପସ୍ଥାପନ କରିବା ସହ ପିସିସି ଲିଗାଲ ବିଭାଗ ସଭାପତି ରତିକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାକୁ ମିଡ଼ିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ପରିଚାଳନା କରିଥିଲେ।

## ବିଜେଡି ଆଇନଜୀବୀ ସାମ୍ମୁଖ୍ୟ

ଭୁବନେଶ୍ୱର,୨୮।୪(ସମିସ): ଭୁବନେଶ୍ୱର ବିଜୁ ଜନତା ଦଳ ଆଇନଜୀବୀ ସାମ୍ମୁଖ୍ୟର ଆଇନଜୀବୀମାନେ ମଧୁବାବୁଙ୍କ ୧୭୮ ତମ ଜନ୍ମ ତିଥିରେ ପୋଖରୀପୁଟସ୍ଥିତ ମଧୁସୂଦନ ପାର୍କରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ



ମଧୁବାବୁଙ୍କ ଆଦର୍ଶ ଓ ନୀତିକୁ ଗ୍ରହଣ କରିବାକୁ ଶପଥ ଗ୍ରହଣ କରିଥିଲେ। ମଧୁବାବୁଙ୍କ ଜନ୍ମତିଥିକୁ ଓକିଲ ଦିବସ ଭାବେ ପାଳନ କରାଯାଇଥିବାରୁ ମଧୁବାବୁ କିପରି ଗରିବ ଲୋକମାନଙ୍କ ପାଇଁ ଓକିଲାତି କରୁଥିଲେ, ଓଡ଼ିଆ ଜାତିକୁ ଭଲ ପାଇବା ସହିତ ସମୃଦ୍ଧ ଓଡ଼ିଶା ଗଠନରେ ତାଙ୍କର ଭୂମିକା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଭୁବନେଶ୍ୱର ବିଜୁ ଜନତା ଦଳ ଆଇନଜୀବୀ ସାମୁଖ୍ୟର ପୂର୍ବତନ ସଭାପତି ଡ. ସୁରେଶ କୁମାର ବାରିକଙ୍କ ନେତୃତ୍ୱରେ ଶତାଧିକ ଆଇନଜୀବୀ, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସଭାରେ ପୂର୍ବତନ କର୍ପୋରେଟର ହୃଦୟ ବଲଭ ସାମନ୍ତରାୟ, ବରିଷ୍ଠ ଆଇନଜୀବୀ ଭକ୍ତ ଚରଣ ଦାସ,ଅଜୟ ହରିଚନ୍ଦନ, ଶରତ ଚହଟରାୟଙ୍କ ସହିତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ।

## ଓଡ଼ିଶା ସୋସାଇଟି ଅଫ କାନାଡ଼ା

ଭୁବନେଶ୍ୱର,୨୮।୪(ସମିସ): ଟରୋଣ୍ଟୋରେ ଓଡିଶା ସୋସାଇଟି ଅଫ କାନାଡ଼ା ତରଫରୁ ଉତ୍କଳ ଦିବସ ପାଳିତ ହୋଇଛି। ଏହି ଅବସରରେ କାନାଡାର ଟରୋଣ୍ଟୋରେ ଅବସ୍ଥିତ ପ୍ରାୟ ୨୦୦ ଓଡ଼ିଆ ପରିବାର ଯୋଗ ଦେଇଥିଲେ। ଓଡ଼ିଆ ସଂସ୍କୃତିକୁ ଓଡିଶା ମାଟିରୁ ଅନତି ଦୂରରେ ଜୀବିତ ରଖିବାରେ ଓଡିଶା ସୋସାଇଟି ଅଫ କାନାଡ଼ାର ଏହି ପ୍ରୟାସ ପ୍ରଶଂସନୀୟ ଥିଲା। ସଭାପତି ବବିତା ମହାନ୍ତି, ଉପସଭାପତି ସୁରେଶ ସାହୁଙ୍କ ସମେତ ସଂସ୍ଥାର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା କୁଳଦୀପ ଦାଶ, ସୌମ୍ୟ ରଞ୍ଜନ ସ୍ୱାଇଁ, ସୁଧୀର ସୁରୁ, ରାଜେଶ କୁମାର ସନ୍ଦୂଲ୍ଲ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ କାନାଡ଼ାରେ ଭାରତ ସରକାରଙ୍କ ତରଫରୁ ଅବସ୍ଥିତ ବାଣିଜ୍ୟ ଦୂତାବାସର ପ୍ରଧାନ



ଅଧିକାରୀ ମହାବୀର ସିଂଭି ଉପସ୍ଥିତ ରହି ପ୍ରାୟ ୫ଶହରୁ ଅଧିକ ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧନ କରିବା ସହିତ ଓଡ଼ିଆ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଓଡିଶାର ପ୍ରସିଦ୍ଧ ବିଶେଷ ସୁସ୍ୱାଦୁ ବ୍ୟଞ୍ଜନ ଛେନା ପୋଡ଼, ଦହିବରା ଆଳୁଦମ, ରସଗୋଲା ଆଦି ପରିବେଷଣ କରାଯାଇଥିଲା।

## ଓଜେସି ରାଜ୍ୟ କାର୍ଯ୍ୟାଳୟରେ ମଧୁ ଜୟନ୍ତୀ

ଭୁବନେଶ୍ୱର,୨୮।୪(ସମିସ): ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ମଙ୍ଗଳବାର ସତ୍ୟନଗର ସ୍ଥିତ ପାର୍ଟିର ମୁଖ୍ୟ କାର୍ଯ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜୟନ୍ତୀ ପାଳିତ ହୋଇଛି। ଏହି



ଅବସରରେ ଓଡ଼ିଶା ଜନତା କଂଗ୍ରେସ ସଭାପତି ମହମ୍ମଦ ମୋକିମ କହିଛନ୍ତି, ଓଡ଼ିଶା ମାଟିକୁ ସ୍ୱତନ୍ତ୍ର କରିବା ପାଇଁ ମଧୁବାବୁ ଯେଉଁଭଳି ଲଢେଇ କରିଥିଲେ, ଓଡ଼ିଆମାନଙ୍କ ଅଧିକାର ପାଇଁ ଓଡ଼ିଶା ଜନତା କଂଗ୍ରେସ ସେହିଭଳି ଲଢେଇ କରିବ। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଜେସିର ବରିଷ୍ଠ ନେତା ବଦ୍ରିନାରାୟଣ ମହାନ୍ତି, କଳାହାଣ୍ଡିର ବରିଷ୍ଠ ସଂଗଠକ ତଥା ଓଜେସି ନେତା ମଧୁ ମହାନ୍ତି, ମନୋଜ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରତିଷ୍ଠାତା ସଦସ୍ୟ ଶୁଭେନ୍ଦୁ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ।

## ଉଷା ପକ୍ଷରୁ ମଧୁ ଜୟନ୍ତୀ




ଯାଁଳା, ୨୮।୪(ସମିସ): ଉତ୍କଳ ସେବା ଅନୁଷ୍ଠାନରେ ଦାତାରାମ ଅଶୋକ କୁମାର ମଙ୍ଗରାଜଙ୍କ ସଭାପତିତ୍ୱରେ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ କୃତି ପ୍ରଧାନ ଶିକ୍ଷକ ବିଦ୍ୟାଧର ସାହୁ, ଶିକ୍ଷାବିତ ମନୋରଞ୍ଜନ ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିବକ୍ତା ନିରଜ କୁମାର ମହାନ୍ତି, ସୁବାସ ଶ୍ରୀଚନ୍ଦନ, ନଳିନ ପଟ୍ଟନାୟକ, ସିମନ ନାୟକ, କବି ରମାକାନ୍ତ ଦାସ, ପ୍ରତିମା ପାଣିଗ୍ରାହୀ, ଝୁମୁରି ସାହୁ, ମୁରଲୀଧର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ କାମିନୀକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜଭବନ ଛକରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୮।୪(ସମିସ): ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ରାଜଭବନ ଛକସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ ପୁଷ୍ପମାଲ୍ୟ ଅର୍ପଣ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶକ ସୁରଜିତ୍ ମିଶ୍ର, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।



## ନୀଳଶୈଳ ପକ୍ଷରୁ ଉତ୍କଳ ଗୌରବଙ୍କ ଜୟନ୍ତୀ

ଭୁବନେଶ୍ୱର, ୨୮।୪(ସମିସ): ନୀଳଶୈଳ ଭୁବନେଶ୍ୱର ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ମଙ୍ଗଳବାର ରାଜଭବନ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଉତ୍କଳ ଗୌରବ କେବଳ ନୁହେଁ, ସେ ଭାରତ ଗୌରବର ଅଧିକାରୀ ମଧ୍ୟ। ତାଙ୍କୁ ସମ୍ମାନିତ କରି ଭାରତରତ୍ନରେ ଭୂଷିତ କରିବାକୁ ନୀଳଶୈଳ ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯାଇଛି।




## ଶନିଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଯାଁଳା, ୨୮।୪(ସମିସ): ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ୍ ପଞ୍ଚୁପଲ୍ଲୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମକୁଣ୍ଡଳ ଗ୍ରାମସ୍ଥ ଶନିଦେବଙ୍କ ପୀଠରେ ତିନିଦିନ ଧରି ଚାଲୁଥିବା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞାଚାର୍ଯ୍ୟ ପ୍ରଭଞ୍ଜନ ମହାପାତ୍ର, ସତ୍ୟରଂଜନ ଦାଶ୍ ଓ ସାଥିଙ୍କ ଦ୍ୱାରା ଅଙ୍କୁରୋପଣ, ଜଳଯାତ୍ରା, ଅଗ୍ନି ସ୍ଥାପନ ସୂର୍ଯ୍ୟପୂଜା, ଗୋପୂଜା, ସର୍ବ ଦେବାଦେବୀଙ୍କ ପୂଜା, ରୁଦ୍ରାଭିଷେକ ଆଦି ସମସ୍ତ ନୀତିକାନ୍ତି ବୈଦିକ ରୀତିରେ ସୁଚାରୁ ରୂପେ ସମ୍ପନ୍ନ କରାଯାଇଛି। ଦେବେନ୍ଦ୍ର ସାମନ୍ତରାୟ ଓ ତାଙ୍କ ସହଧର୍ମିଣୀ କୁନି ସାମନ୍ତରାୟ କର୍ତ୍ତାକର୍ତ୍ତୀ ଦାୟିତ୍ୱ ତୁଲାଇଥିଲେ। ପୂର୍ଣ୍ଣାହୁତି ଦିବସରେ ଆଖପାଖ ଗ୍ରାମର ଅନେକ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇ ଶନିଦେବଙ୍କ ଆଶିଷ ଭିକ୍ଷା କରିଥିଲେ। ସୁକାନ୍ତ ମଙ୍ଗରାଜ, ଜଗନ୍ନାଥ ଜେନା, ବାଉରିବନ୍ଧୁ ରାଉତରାୟ, ବାପି ମଙ୍ଗରାଜ, ଅକ୍ଷୟ ପ୍ରଧାନ, ଜିତେନ୍ଦ୍ର ସାମନ୍ତରାୟ, ଲକ୍ଷ୍ମୀଧର ଧାଉଡ଼ିଆ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ବୁଧବାରଠାରୁ ସୋଆରେ ସାଇବର ସୁରକ୍ଷା ଜାତୀୟ ସମ୍ମିଳନୀ



ଭୁବନେଶ୍ୱର,୨୮।୪(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ବୁଧବାରଠାରୁ 'ସାଇବର ସିକ୍ୟୁରିଟି, ଏଆଇ ଆଣ୍ଡ ଏମର୍ଜିଂ ଟେକ୍ନୋଲଜିସ୍- ସିକ୍ୟୁରିଂ ଟୁମୋରୋସ ଇନ୍‌ଟେଲିଜେନ୍‌ଟ ସିଷ୍ଟମ୍‌ସ' ଶୀର୍ଷକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଆୟୋଜିତ ହେବାକୁ ଥିବା ବେଳେ ପ୍ରଶାସନ, ଶିଳ୍ପ, ଶିକ୍ଷା ଏବଂ ପ୍ରତିରକ୍ଷା କ୍ଷେତ୍ରର ନେତୃବର୍ଗ ଏକତ୍ରିତ ହୋଇ ଏକ ସୁରକ୍ଷିତ ଓ ବୁଦ୍ଧିମତା ସମ୍ପନ୍ନ ଡିଜିଟାଲ୍ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବେ। ସୋଆ ଏବଂ ଅଟଳ ଇନ୍‌କ୍ୟୁବେସନ୍ ସେଣ୍ଟର - ସୋଆ ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀରେ ସାଇବର ସିକ୍ୟୁରିଟି ଆସୋସିଏସନ୍ ଅଫ୍ ଇଣ୍ଡିଆର ସଭାପତି ଡ. ଏନ୍.କେ, ଗୋୟଲ ଓ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ଏନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଡାଟା ସିକ୍ୟୁରିଟି କାଉନ୍‌ସିଲ ଅଫ୍ ଇଣ୍ଡିଆର (ଡିଏସ୍‌ସିଆଇ)ର ସିଇଓ ବିନାୟକ ଗଡଶେ, ପ୍ରାଇସ୍ ୱାଟରହାଉସ୍ କୁପର୍ସ (ପିଡବ୍ଲୁସି) ଇଣ୍ଡିଆର ନିର୍ଦ୍ଦେଶକ ଡ. ଦେବବ୍ରତ ନାୟକ, ଏଆଇସି-ସୋଆ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ଓ ଆଇଟିଇଆରର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ରେଣୁ ଶର୍ମା ଉପସ୍ଥିତ ଥିଲେ।

## ସୋଆରେ ବିହନ ଦିବସ

ଭୁବନେଶ୍ୱର,୨୮।୪(ସମିସ)

ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍)ର ବୀଜ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଆନ୍ତର୍ଜାତିକ ବିହନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଡ.ଦେବରାଜ ଲେଙ୍କା,ପ୍ରଫେସର ସରୋଜ କୁମାର ମହାନ୍ତି, ପ୍ରଫେସର ରବି କୁମାର ପଟ୍ଟନାୟକ ପ୍ରମୁଖ କୃଷକମାନଙ୍କୁ ଉନ୍ନତ ବିହନର ଉପାଦେୟତା, ଗୁଣବତା ବୃଦ୍ଧି ପ୍ରକ୍ରିୟା ଓ ସଂରକ୍ଷଣ ବିଷୟରେ ବୁଝାଇଥିଲେ। ଶିକ୍ଷାନୁଷ୍ଠାନର କୃଷି ସମ୍ପ୍ରସାରଣ ବିଭାଗର ମୁଖ୍ୟ ପ୍ରଫେସର ବିବୁଧ ପରାଶର, କୀଟତତ୍ତ୍ୱ ବିଭାଗର ପ୍ରଫେସର ପ୍ରଭାତ କୁମାର ଷଡଙ୍ଗୀ ଓ ସହକାରୀ ଅଧ୍ୟାପକ ଡ. ସାଇ ଟିମାରାଓ ଉପସ୍ଥିତ ରହି କୃଷକ ମାନଙ୍କର ଫସଲ ଉତ୍ପାଦନରେ ଥିବା ସମସ୍ୟା ଓ ତାର ନିରାକରଣ ଉପାୟ ବିଷୟରେ ବୁଝାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବୀଜ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର କାର୍ଯ୍ୟକାରୀ ବିଭାଗୀୟ ମୁଖ୍ୟ ଡ. ଏସ୍.ପି ମୋନାଲିସା, ସହକାରୀ ଅଧ୍ୟାପକ ଡ. ରାମକୃଷ୍ଣ ବଣ୍ଡିଆ, ଡ. ଚିରଞ୍ଜିବୀ କୁଲକର୍ଣ୍ଣୀ, କଣ୍ଟାବାଡ଼ ଗ୍ରାମ ପଞ୍ଚାୟତର ସମିତି ସଭ୍ୟା ସସ୍ମିତା ବେହେରା ଉପସ୍ଥିତ ରହି କୃଷକମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଗ୍ରାମର ଦୁଇଜଣ ସଫଳ ଚାଷୀ ସମ୍ମାନିତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଉନ୍ନତ ବିହନର ଆବଶ୍ୟକତା ଉପରେ ଏକ ସଚେତନତା ମୂଳକ ନାଟକ ପରିବେଷଣ କରାଯାଇଥିଲା।

## ଆଇଆଇଏମ୍‌ଟି ପକ୍ଷରୁ ଦୁଇଦିନିଆ ଯୋଗ ଶିବିର

ଭୁବନେଶ୍ୱର,୨୮।୪(ସମିସ): ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ପକ୍ଷରୁ ଆୟୋଜିତ 'ୟୁନିଭର୍ସାଲ ହ୍ୟୁମାନ୍ ଭ୍ୟାଲୁସ୍-୧' ବିଷୟକୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ୩ଦିନିଆ ଅଫ୍‌ଲାଇନ୍ ଫେସ୍ ଟୁ ଫେସ୍ ଫ୍ୟାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ୍ ଅନ୍ତର୍ଗତ ଅଟେ। ଏହି ଯୋଗ ଶିବିରକୁ ସେଞ୍ଚୁରିଆନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଓ ମ୍ୟାନେଜମେଣ୍ଟର ଡ. ଜ୍ଞାନେନ୍ଦ୍ର କୁମାର ମିଶ୍ର ପରିଚାଳନା କରିଥିଲେ।



ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ପାଇଁ ଦୁଇଦିନିଆ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଡ. ଶ୍ରୀକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଏବଂ ନିର୍ଦ୍ଦେଶକ ଡ. ଜୟଦେବ କରଙ୍କ ନିର୍ଦ୍ଦେଶନାରେ ଏଥିରେ ଆଇଆଇଏମଟିର ଅଧ୍ୟାପିକା ଅଙ୍କିତା ମହାପାତ୍ର, ଅଧ୍ୟାପକ ଦିବ୍ୟଦର୍ଶନ ବେହେରା ଏବଂ ଦୀପକ ମିଶ୍ର ପ୍ରଶିକ୍ଷକ ଭାବେ ସହଯୋଗ କରିଥିଲେ।

## କିମ୍ସରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୨୮।୪(ସମିସ): ଗୋଡ଼ ସମସ୍ୟା ପାଇଁ ବିଛଣାରେ ପଡ଼ି ରହୁଥିଲେ ଯାଜପୁର ଜିଲ୍ଲାର ୬୨ ବର୍ଷୀୟ ପ୍ରଶାନ୍ତ କୁମାର ମହାନ୍ତି। କିମ୍ସରେ ପ୍ଲାଷ୍ଟିକ୍ ସର୍ଜନ ଡ. ସୁନୀଲ ରାଉତଙ୍କ ସହ କିମ୍ସ ଶଲ୍ୟଚିକିତ୍ସା ଦଳ ତିନୋଟି ଜଟିଳ ଅସ୍ତ୍ରୋପଚାର କରିଥିଲେ। ଦୀର୍ଘ ଚାରିମାସର ଚିକିତ୍ସା ପରେ ଏବେ ପ୍ରଶାନ୍ତ ସୁସ୍ଥ ଅନୁଭବ କରୁଛନ୍ତି। ପ୍ରଥମେ ପ୍ରଶାନ୍ତଙ୍କ ଶରୀରରୁ ୪୦ କିଲୋଗ୍ରାମରୁ ଅଧିକ ଅତିରିକ୍ତ ଟିସ୍ୟୁ ବାହାର କରିଥିଲେ। ଯାହାକି ଡାକ୍ତରୀ ଟିମ୍ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। କାରଣ ଅସ୍ତ୍ରୋପଚାର ସମୟରେ ଓ ପରେ ରୋଗୀଙ୍କ ରକ୍ତ ସଂଚାଳନ ଏବଂ ହେମୋଡାଇନାମିକ୍ ସ୍ଥିରତା ବଜାୟ ରଖିବା ଏକ ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଥିଲା। କିମ୍ସ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ସହକାରୀ ପ୍ରଫେସର ଡ. ଜୟନ୍ତ ଲେଙ୍କା ସମଗ୍ର ଶଲ୍ୟଚିକିତ୍ସା ପ୍ରକ୍ରିୟାରେ ଡ. ରାଉତଙ୍କୁ ସହାୟତା କରିଥିବା ବେଳେ ଡ. ଲିଙ୍ଗରାଜ ସାହୁ ଆନାସ୍ଥସିଆ ଦଳର ନେତୃତ୍ୱ ନେଇଥିଲେ। ଏହି ଅସ୍ତ୍ରୋପଚାର ଅତ୍ୟନ୍ତ ଚ୍ୟାଲେଞ୍ଜିଂ ଥିଲେ ମଧ୍ୟ କିମ୍ସରେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ପାଇଁ ଏହି ଅସ୍ତ୍ରୋପଚାର ସଫଳ ହୋଇଥିବା ବେଳେ ଏଥିପାଇଁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇବା ସହ ପ୍ରଶାନ୍ତଙ୍କ ଆରୋଗ୍ୟ କାମନା କରିଛନ୍ତି।

## ଓଡ଼ିଶା ସିନେକ୍ରିଟିକ୍ସ ଆସୋସିଏସନ୍ ପକ୍ଷରୁ 'ସୀତା ବିବାହ'




ଭୁବନେଶ୍ୱର,୨୮।୪(ସମିସ): ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ମୁକ୍ତିଲାଭ କରିବାର ୯୦ ବର୍ଷ ଅତିକ୍ରମ କରିସାରିଛି। ଓଡ଼ିଆ ଚଳଚ୍ଚିତ୍ର ପାଇଁ ସମର୍ପିତ ଅନୁଷ୍ଠାନ ଓଡ଼ିଶା ସିନେକ୍ରିଟିକ୍ସ ଆସୋସିଏସନ ପକ୍ଷରୁ ବୁଦ୍ଧମନ୍ଦିରରେ 'ସୀତା ବିବାହ' ପାଳିତ ହୋଇଯାଇଛି। ଏହି ଅବସରରେ 'ଓଡ଼ିଆ ଚଳଚ୍ଚିତ୍ରର ଗତି, ପ୍ରଗତି ଓ ଅଧୋଗତି' ଶୀର୍ଷକ ଏକ ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଓଡ଼ିଆ ଚଳଚ୍ଚିତ୍ର ଉପରେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଓଡ଼ିଆ ଚଳଚ୍ଚିତ୍ରର ଜନକ ପ୍ରଭୁପାଦ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିବା ପରେ ଓଡ଼ିଆ ଚଳଚ୍ଚିତ୍ରର ସ୍ଥିତି ଓ ପ୍ରଗତିକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଓଡ଼ିଶା ସିନେକ୍ରିଟିକ୍ସ ଆସୋସିଏସନର ସଭାପତି ପ୍ରେମାଞ୍ଜନ ପରିଡ଼ା, ହାଡୁ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ପ୍ରଯୋଜକ ଲିଟୁ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆସୋସିଏସନର ସମ୍ପାଦକ ଦିଲ୍ଲୀପ ହାଲି ଅତିଥି ପରିଚୟ ପ୍ରଦାନ କରିବା ସହ ସୀତା ବିବାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡ. ସୌରେନ୍ ମହାପାତ୍ର, ଫଟୋଗ୍ରାଫର ଓ ନିର୍ଦ୍ଦେଶକ ରାଜଗୋପାଳ ସିଂ, ସାମ୍ବାଦିକ ମାଧବ ବେହୁରା, ରବୀନ୍ଦ୍ର ବିଶ୍ୱାଳ, ତନ୍ମୟ ସ୍ୱାଇଁ, ପ୍ରଯୋଜକ ଅତିଶ ରାଉତ, ନିମାଇଁ ଚରଣ ନାୟକ ପ୍ରମୁଖ ଯୋଗଦେଇ ଓଡ଼ିଆ ଚଳଚ୍ଚିତ୍ର ପ୍ରଗତି ଉପରେ ମତବ୍ୟକ୍ତ କରିଥିଲେ। ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜାତୀୟସ୍ତରରେ ପୁରସ୍କୃତ ନିର୍ଦ୍ଦେଶକ ପ୍ରଣବ ଦାସ, ଅଭିନେତା

### ଚଳଚ୍ଚିତ୍ର ଦିବସ ଭାବେ ପାଳନ କରିବାକୁ ଦାବି

ଓଡ଼ିଆ ଚଳଚ୍ଚିତ୍ରକୁ ୯୦ ବର୍ଷ ପୂରଣ ହେବା ଅବସରରେ ଆଜିର ଦିନକୁ ଚଳଚ୍ଚିତ୍ର ଦିବସ ଭାବେ ପାଳନ କରିବାକୁ ସିନେ କଳାକାର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ବହୁ ବରିଷ୍ଠ ନିର୍ଦ୍ଦେଶକ, ପ୍ରଯୋଜକ, ସିନେ କଳାକାର, ଟେକ୍ନିସିଆନ୍ସ ତଥା ସିନେପ୍ରେମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସୂର୍ଯ୍ୟ ଦେଓଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

